# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ' ୭/୨୦୨୩ (୧୪ ପୃଷ୍ଠା+ ଛୁଟିଦିନ) | Bhubaneswar, Sunday, May 7/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୧୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 161 | ମୂଲ୍ୟ₹୭/-




**ମଥିଶା ପଥିରାନାଙ୍କ ପ୍ରଭାବୀ ବୋଲିଂ**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ ତରଫରୁ ପ୍ରଭାବୀ ବୋଲିଂ ସହ ୩ ଉଇକେଟ ନେଇଛନ୍ତି ମଥିଶା ପଥିରାନା।

୧୪

୧୦

**ସାମନ୍ଥାଙ୍କୁ ପ୍ରଶଂସା କଲେ ନାଗା**

ବିବାହ ବିଚ୍ଛେଦ ପରେ ବି ନିକଟରେ ସାଉଥ୍ ଅଭିନେତା ନାଗା ଚୈତନ୍ୟ ଏକ ସାକ୍ଷାତକାରରେ ପୂର୍ବତନ ସ୍ତ୍ରୀ ସାମନ୍ଥାଙ୍କୁ ପ୍ରଶଂସା କରିଛନ୍ତି।



# ଚାହିଦା ଅଛି, ପ୍ରୋତ୍ସାହନ ନାହିଁ

**୧୯୮୦ରେ ପ୍ରତିଷ୍ଠିତ ନୟାଗଡ଼ ସମବାୟ ଚିନିକଳ ଏକଦା ଏହି ଜିଲାର କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିଥିଲା । ଚିନିକଳର ଉତ୍ପାଦନ କ୍ଷମତା ୧.୨ ଲକ୍ଷ ଟନ୍ ଥିବାବେଳେ ଏହା ଉପରେ ୩୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରି ଚଳୁଥିଲେ। କିନ୍ତୁ ୨୦୧୫ରେ ଚିନିକଳ ବନ୍ଦ ହେବା ପରଠାରୁ ଆଖୁଚାଷୀ ମୁଣ୍ଡରେ ହାତ ଦେଇବସିଛନ୍ତି। ତଥାପି ଚିନି ବଦଳରେ ଗୁଡ଼ର ଚାହିଦା ବଢୁଥିବାରୁ ଅନେକ କୃଷକ ପାରମ୍ପରିକ ଆଖୁଚାଷରୁ ମୁହଁ ଫେରାଇ ନାହାନ୍ତି। ପ୍ରୋତ୍ସାହନ ମିଳିପାରିଲେ ଚାଷୀମାନେ ଅଧିକ ପରିମାଣର ଆଖୁ ଉତ୍ପାଦନ କରି ଗୁଡ଼ର ଚାହିଦାକୁ ମେଣ୍ଟାଇବାରେ ସକ୍ଷମ ହୁଅନ୍ତେ। ଫଳରେ ଚାଷୀଙ୍କ ଲାଭ ବଢ଼ନ୍ତା ଓ ଲୋକେ ମଧ୍ୟ ଉଚିତ ମୂଲ୍ୟରେ ଚିନିର ବିକଳ୍ପ ଭାବେ ଗୁଡ଼କୁ ଆଦରିପାରନ୍ତେ।**

ଲୋକନାଥ ମିଶ୍ର

ନୟାଗଡ଼ ଅଫିସ,୬।୫

ନୟାଗଡ଼ର ଆଖୁ ଅଧିକ ଦୋରୁଅ ଓ ଶର୍କରାଯୁକ୍ତ ଥିବାରୁ ଗୁଡ଼ର ଚାହିଦା ବଢ଼ିବାରେ ଲାଗିଛି। ହେଲେ ଏଥିପାଇଁ ସରକାରୀ ପ୍ରୋତ୍ସାହନ ନାହିଁ। ଫଳରେ ଚାଷୀମାନେ କେବଳ ନିଜ ଶ୍ରମ ବିନିଯୋଗ କରି ଏହି ବ୍ୟବସାୟ ଚଳାଇଛନ୍ତି। ନୟାଗଡ଼ ଚିନି କଳ ବନ୍ଦ ହେବା ପରେ ଆଖୁ ଚାଷ କମିଛି। ତଥାପି କେତେଜଣ ଚାଷୀ ନିଜର ପାରମ୍ପରିକ ଗୁଡ଼ ବ୍ୟବସାୟ ଜାରି ରଖିଛନ୍ତି। ଚିନି ପରିବର୍ତ୍ତେ ଗୁଡ଼ ପ୍ରତି ସାଧାରଣ ଲୋକଙ୍କ ଆଗ୍ରହ ବଢ଼ିଛି। ଏହା ବିଭିନ୍ନ ବ୍ୟଞ୍ଜନ, ପିଠା, ମୁଆଁ, ଉଖୁଡା, ଆଚାର ପ୍ରସ୍ତୁତିରେ ବ୍ୟବହାର ହେଉଛି।



ନୂଆ କଣ୍ଟାବଣିଆ ଗାଁରେ ଜଣେ ମହିଳା ପାରମ୍ପରିକ ପଦ୍ଧତିରେ ଗୁଡ଼ ପ୍ରସ୍ତୁତ କରୁଛନ୍ତି।

ନୟାଗଡ଼ର ଗୁଡ଼ ଏବେ ଢେଙ୍କାନାଳ, ଅନୁଗୋଳ, କଟକ, ଭୁବନେଶ୍ୱର, ଗଞ୍ଜାମରେ ବିକ୍ରି ହେଉଛି।

ନୟାଗଡ଼ ବ୍ଲକ ବାଲୁଗାଁ ପଞ୍ଚାୟତ ନୂଆ କଣ୍ଟାବଣିଆ ଗାଁର ଚାଷୀ ଦୁର୍ଯ୍ୟୋଧନ ପ୍ରଧାନ କୁହନ୍ତି, ମୁଁ ୨୦ ମାଣ (୫ଏକର) ଜମିରେ ଆଖୁ ଚାଷ କରୁଛି। ମୋତେ ମୋ ପରିବାର ଓ ବଡ଼ଭାଇ ବୃନ୍ଦାବନଙ୍କ ପରିବାର ଆଖୁଚାଷଠାରୁ ଗୁଡ଼ ତିଆରି କରି ବିକ୍ରି ପର୍ଯ୍ୟନ୍ତ ସହଯୋଗ କରୁଛନ୍ତି। ପ୍ରତିଦିନ ୪ରୁ ୬ଜଣ ଲୋକ ଆଖୁଶାଳରେ ଦରକାର। ବିଦ୍ୟୁତ୍ ବ୍ୟବସ୍ଥା ସହିତ ଜେନେରେଟର ଦ୍ୱାରା ଆଖୁ ପେଡ଼ା ହେଉଛି। ଆଖୁ ରସ ପାଇପ୍ ଯୋଗେ ଶାଳରେ ପହଞ୍ଚୁଛି। ସେଠାରେ ଗୁଡ଼ ତିଆରି ହେଉଛି। ୬ ଓ ୮ ବର୍ଷ ବୟସରେ ଆମେ ଦୁଇ ଭାଇ ବାପାଙ୍କୁ ଆଖୁ ଫସଲରେ ସହଯୋଗ କରୁଥିଲୁ। ୧୦ ଓ ୧୨ ବର୍ଷ ବୟସରୁ ଆମେ ଆଖୁ ଫସଲ ସାଙ୍ଗକୁ ଗୁଡ଼ କରି ଆସୁଛୁ। ପ୍ରାୟ ୩୫ ବର୍ଷ ହେଲା ଆଖୁ ଚାଷ କରି ଆସୁଛୁ। ନୟାଗଡ଼ ଚିନିକଳ କାମ କରୁଥିବା ସମୟରେ ୧ରୁ ୨ମାଣ ଜମିରେ

## ନୟାଗଡ଼ ଗୁଡ଼

ହେଉଥିବା ଆଖୁରସରୁ କେବଳ ଗୁଡ଼ କରୁଥିଲୁ। ଅବଶିଷ୍ଟ ୧୮ ମାଣ ଜମିର ଆଖୁ ଚିନିକଳ ନେଇଯାଉଥିଲା। ଚିନିକଳ ବନ୍ଦ ପରେ ୨୦୨୧ ପର୍ଯ୍ୟନ୍ତ ୧୫ ମାଣ ଜମିର ଆଖୁ ଢେଙ୍କାନାଳ ଚିନିକଳକୁ ଦେଉଥିଲୁ। ହେଲେ କ୍ଷତି ହେଉଥିବାରୁ ଆଉ ଦେଉନାହିଁ। ଚିନିକଳ ବନ୍ଦ ପରେ ଆମ ଜିଲାରେ ଆଖୁ ଚାଷ ହ୍ରାସ ହୋଇଛି। ତେବେ ଆମ ଉପରେ ଏହାର ପ୍ରଭାବ ପଡ଼ିନି। ସବୁ ବର୍ଷ ଆମେ ୨୦ରୁ ୨୨ ମାଣ ଜମିରେ ଆଖୁ ଫସଲ କରି ଆସୁଛୁ। ଅନ୍ୟପକ୍ଷରେ ଗୁଡ଼ ପ୍ରସ୍ତୁତ କରୁଥିବାରୁ କ୍ଷତିର ହିସାବ ଆମ ପାଖରେ ନାହିଁ। ନିଜ ଜମି ୩ ମାଣ ଓ ଭାଗ ଜମି ୧୭ମାଣରେ ଯାହା ରୋଜଗାର ହୁଏ ଜମି ମାଲିକ, ଋଣ ଟଙ୍କା ପରିଶୋଧ ଓ ଦୁଇ ପରିବାର ଚଳେ। ଗୋଟିଏ ବର୍ଷରେ ଅତିକମ୍‌ରେ ୨ ଲକ୍ଷ ଟଙ୍କା ଲାଭ ମିଳେ। ଆମ୍ଭ ପରିବାର ପକ୍ଷରୁ ପ୍ରସ୍ତୁତ ଗୁଡ଼କୁ ବ୍ୟବସାୟୀମାନେ କେଜି ପ୍ରତି ୩୩ ଟଙ୍କାରେ କିଣନ୍ତି। ଢେଙ୍କାନାଳ, ଅନୁଗୋଳ ଓ ତାଳଚେରର ବ୍ୟବସାୟୀମାନେ ଗୁଡ଼ କିଣି ନିଅନ୍ତି। ଖୁଚୁରାରେ ଆମ ଗାଁରେ ୪୫ ଟଙ୍କାରେ ଗୁଡ଼ ବିକ୍ରି ହେଉଛି।

ନୂଆଗାଁ ବ୍ଲକ ଶିମିଳିସାହି ଗାଁର ଗୁଲୁବାସ ପ୍ରଧାନ କୁହନ୍ତି, ୬ ବର୍ଷରୁ ଆରମ୍ଭ କରିଥିବା ଆଖୁ ଚାଷ ୬୦ ବର୍ଷରେ ପହଞ୍ଚିଲାଣି। ବାପାଙ୍କୁ ଆଖୁ ଚାଷରେ ସହଯୋଗ କରୁ କରୁ ମୁଁ ଅଜାଣତରେ ଚାଷୀ ହୋଇଗଲି। ମୁଁ ପାଠ ପଢ଼ିନି କି ସ୍କୁଲ ଦେଖିନି। ତେବେ ନିଜ ନାମ ଦସ୍ତଖତ କରିବା ଶିଖିଛି। ଚାଷରେ କ୍ଷତି ହେଉ କି ଲାଭ ହେଉ ଆଉ ପଛକୁ ଫେରି ଦେଖିନି। ଚାଷ କରି ଝିଅ, ପୁଅ ବାହାଘର କରାଇଛି। ମୋ ପୁଅକୁ ପାଠ ପଢ଼ାଇଛି। ପୁଅ ଦୋକାନ କରିଛି। ମୋ ଝିଅ, ଜ୍ୱାଇଁ, ପୁଅ, ବୋହୂ ଚାଷରେ ☞ପୃଷ୍ଠା–୪

# ଅନ୍ଧାରରେ ଭାଷଣ ଦେଲେ ରାଷ୍ଟ୍ରପତି

ବାରିପଦା ଅଫିସ,୬।୫

୩ ଦିନିଆ ମୟୂରଭଞ୍ଜ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଶନିବାର ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବର ଦୀକ୍ଷାନ୍ତ ଅଭିଭାଷଣ ସମୟରେ ଦେଖାଦେଇଛି ଗୁରୁତର ତ୍ରୁଟି। ରାଷ୍ଟ୍ରପତି ଅଭିଭାଷଣ ଆରମ୍ଭ କରିବା ମାତ୍ରେ ଅଡିଟୋରିୟମରୁ ଆଲୁଅ ଚାଲିଗଲା। ଜେନେରେଟର ମଧ୍ୟ ଠିକ୍‌ରେ ଚାଲିଲାନି। ରାଷ୍ଟ୍ରପତି ଅନ୍ଧାରରେ ୯ ମିନିଟ୍ ପର୍ଯ୍ୟନ୍ତ ନିଜର ଅଭିଭାଷଣ ଦେବା ପରେ କରେଣ୍ଟ ଆସିଥିଲା। ଦେଶର ପ୍ରଥମ ନାଗରିକଙ୍କ କାର୍ଯ୍ୟକ୍ରମରେ ଏଭଳି ସାଂଘାତିକ ତ୍ରୁଟିକୁ ସବୁ ମହଲରୁ ନିନ୍ଦା କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ତ୍ରୁଟିକୁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରିଥିବାବେଳେ ବିଦ୍ୟୁତ୍ ଯୋଗାଣକାରୀ ସଂସ୍ଥା ଏହାକୁ ବିଶ୍ୱବିଦ୍ୟାଳୟର ଇଣ୍ଟରନାଲ ଫଲ୍ଟ ବୋଲି କହି ନିଜ ଉପରୁ ଦୋଷ ଛଡ଼ାଇ ଦେଇଛି। ତେବେ ଏଭଳି ଘଟଣା



ଏମ୍‌ଏସ୍‌ସିବି ଅଡିଟୋରିୟମ ହଲ୍‌ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ପରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବୈଠକ ଡକାଇ ଜିଲା ପ୍ରଶାସନଠାରୁ ରିପୋର୍ଟ ମଗାଇଛନ୍ତି। ଅପରପକ୍ଷରେ ବିଶ୍ୱବିଦ୍ୟାଳୟର ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଜଣେ କର୍ମଚାରୀଙ୍କୁ କେବଳ ନିଲମ୍ବନ କରାଯାଇଛି। ପ୍ରକାଶ ଯେ, ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ☞ପୃଷ୍ଠା–୪


ଝାରସୁଗୁଡ଼ା ଉପନିର୍ବାଚନ: ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ, ଧର୍ମେନ୍ଦ୍ର | ପୃଷ୍ଠା ୩

ଆଜିର ସମ୍ପାଦକୀୟ | ଚିନ୍ତାଧାରା ବଦଳୁ


# ମଣିପୁର ହିଂସା: ମୃତ୍ୟୁ ୫୪କୁ ବୃଦ୍ଧି

ଇମ୍ଫାଲ, ୬।୫

ମଣିପୁର ହିଂସାଜନିତ ମୃତ୍ୟୁସଂଖ୍ୟା ଶନିବାର ସୁଦ୍ଧା ୫୪ରେ ପହଞ୍ଚିଥିବା ସରକାରୀ ଭାବେ କୁହାଯାଇଛି। ରାଜ୍ୟର ହିଂସାପ୍ରବଣ ଅଞ୍ଚଳକୁ ସୈନ୍ୟବାହିନୀ ନିୟନ୍ତ୍ରଣକୁ ନେବା ପରେ ଇମ୍ଫାଲ ଉପତ୍ୟକାରେ ଜୀବନଯାତ୍ରା ସ୍ୱାଭାବିକ ହୋଇଛି। ଦୋକାନ ବଜାର ଖୋଲିବା ସହ ରାସ୍ତାରେ ଯାନବାହନ ଚଳାଚଳ ଆରମ୍ଭ ହୋଇଛି। ଶନିବାର ସକାଳେ ଇମ୍ଫାଲ ଓ ଅନ୍ୟ ସହରରେ ଦୋକାନ ବଜାର ଖୋଲିବା ପରେ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣିରେ ବ୍ୟସ୍ତ ରହିଥିବା ଦେଖାଯାଇଛି। ହିଂସାପ୍ରବଣ ଅଞ୍ଚଳରେ ଅଧିକ ସେନା ଯବାନ, ରାପିଡ୍ ଆକ୍ସନ ଫୋର୍ସ ଏବଂ କେନ୍ଦ୍ରୀୟ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ମୋଟ ୧୩,୦୦୦ ☞ପୃଷ୍ଠା–୪

# ନ୍ୟାୟିକ ପ୍ରକ୍ରିୟାକୁ ସରଳ କରିଛି ପ୍ରଯୁକ୍ତି: ସିଜେଆଇ

କଟକ ଅଫିସ,୬।୫

ଆଧୁନିକ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଲୋକଙ୍କୁ ଦ୍ରୁତ ନ୍ୟାୟ ଯୋଗାଇ ପାରିଛି। ଏଥିସହ ଏହାଦ୍ୱାରା ନ୍ୟାୟିକ ପ୍ରକ୍ରିୟା ଅଧିକ ସରଜ, ସରଳ, ସ୍ୱଚ୍ଛ ଓ ପାରଦର୍ଶୀ ହୋଇପାରିଛି ବୋଲି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। କଟକ ଜୁଡିସିଆଲ ଏକାଡେମୀରେ ଆୟୋଜିତ ଦୁଇଦିନିଆ ଜାତୀୟ କର୍ମଶାଳାକୁ ଶନିବାର ପ୍ରଧାନ ବିଚାରପତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଆଧୁନିକ ସୂଚନା ଓ ପ୍ରଯୁକ୍ତିବିଦ୍ୟା କିଭଳି ଦୂରଦୂରାନ୍ତରେ ଥିବା ସାଧାରଣ ଲୋକଙ୍କୁ ନ୍ୟାୟପ୍ରଦାନ କରିବାରେ ସହାୟକ ହୋଇପାରିଛି ସେ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। 'ଡିଜିଟାଇଜେଶନ, ପେପରଲେସ୍ କୋର୍ଟସ୍ ଏବଂ ଇ-ଇନିସିଏଟିଭ୍' ଶୀର୍ଷକ ପ୍ରସଙ୍ଗରେ ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ କହିଛନ୍ତି, ଆଜିଦିନରେ ଭର୍ଚୁଆଲ ମାଧ୍ୟମରେ ଆମେ ସମସ୍ତଙ୍କ ଦ୍ୱାରଦେଶରେ ନ୍ୟାୟ



ସିଜେଆଇ ଡି. ୱାଇ. ଚନ୍ଦ୍ରଚୂଡ଼

ପହଞ୍ଚାଇପାରୁଛନ୍ତି। ଆଇନଜୀବୀମାନେ ଟେକ୍ନୋଲୋଜି ଜରିଆରେ ହାଇକୋର୍ଟର ମାମଲା ଭର୍ଚୁଆଲ କୋର୍ଟ ଜରିଆରେ ପରିଚାଳନା କରିପାରୁଛନ୍ତି। ଓଡ଼ିଶାର ୨୦ଟି ଜିଲାକୁ ହାଇକୋର୍ଟ ସହ ଭର୍ଚୁଆଲ ମାଧ୍ୟମରେ ଯୋଡ଼ାଯାଇ ପାରିଛି, ଯାହାକି ଅତ୍ୟନ୍ତ ଖୁସିର ବିଷୟ। ଆଗାମୀ ଦିନରେ ଏହାକୁ ସବୁ ଜିଲା ସହ ସଂଯୋଗ କରିବା ଉପରେ ପ୍ରଧାନବିଚାରପତି ଗୁରୁତ୍ୱାରୋପ କରିଛନ୍ତି।

ସୁପ୍ରିମକୋର୍ଟରେ କରୋନା ସମୟରେ ଭର୍ଚୁଆଲ କୋର୍ଟର ଉପଯୋଗ ବେଶ୍ ସଫଳ ହୋଇଥିଲା। ସୁପ୍ରିମକୋର୍ଟ କେବଳ ଦିଲ୍ଲୀ ନୁହେଁ ସମଗ୍ର ଭାରତର, ଭାରତ ପାଇଁ ଓ ଭାରତୀୟମାନଙ୍କ ବୋଲି ଚନ୍ଦ୍ରଚୂଡ଼ କହିଥିଲେ। ଏହାର ନ୍ୟାୟିକ ଲାଭ ପ୍ରତିଟି ଭାରତୀୟଙ୍କ ନିକଟରେ ସହଜରେ ପହଞ୍ଚାଇବାରେ ବୈଷୟିକ ଜ୍ଞାନ ବେଶ୍ ସହାୟକ ହୋଇପାରିଛି। ପୂର୍ବରୁ ସୁପ୍ରିମକୋର୍ଟରେ ଦୁଇଦିନ ଭର୍ଚୁଆଲ ମାଧ୍ୟମରେ ମାମଲା ପରିଚାଳନା କରାଯାଉଥିବାବେଳେ ଏବେ ଏହାକୁ ୫ ଦିନ ପାଇଁ କରାଯିବ ବୋଲି ସେ କହିଛନ୍ତି। ଡିଜିଟାଇଜେଶନ୍ ଓ ଇ-କୋର୍ଟର ଦୂରଦୃଷ୍ଟି ସମ୍ପର୍କରେ ପ୍ରଧାନ ବିଚାରପତି ଏହାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଆଧୁନିକ ଜ୍ଞାନକୌଶଳ ଉପଯୋଗକୁ ଗୁରୁତ୍ୱ ☞ପୃଷ୍ଠା–୪

# ଖାର୍ଗେଙ୍କୁ ହତ୍ୟା ପାଇଁ ଭାଜପା ପ୍ରାର୍ଥୀଙ୍କ ଯୋଜନା: କଂଗ୍ରେସ

ବେଙ୍ଗାଲୁରୁ, ୬।୫

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ତାଙ୍କ ସ୍ତ୍ରୀ ଓ ପୂରା ପରିବାରକୁ ହତ୍ୟା କରିବା ପାଇଁ ଜଣେ ଭାଜପା ପ୍ରାର୍ଥୀ ଯୋଜନା କରୁଥିବା ଅଭିଯୋଗ ହୋଇଛି। କର୍ନାଟକରେ କଂଗ୍ରେସ ପ୍ରଭାରୀ ଥିବା ଦଳର ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା ଏହି ଅଭିଯୋଗ ଆଣିଥିବାବେଳେ ଶାସକ ଭାଜପା ଏହାକୁ ଖଣ୍ଡନ କରିଛି। କଂଗ୍ରେସ ନେତା ଖବରଦାତା ସମ୍ମିଳନୀରେ ହତ୍ୟା ଷଡ଼ଯନ୍ତ୍ରର ଏକ ଅଡିଓ ଉପସ୍ଥାପନ କରିଛନ୍ତି। ସେଥିରେ କାଲାବୁରାଗି ଜିଲା ଚିତ୍ତପୁର ଆସନର ଭାଜପା ପ୍ରାର୍ଥୀ ମଣିକାନ୍ତ ରାଠୋଡ୍ କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଓ ତାଙ୍କ ପରିବାରକୁ ନିଶ୍ଚିହ୍ନ କରିଦେବେ ବୋଲି କହୁଥିବା ଶୁଣାଯାଇଛି।

ମେ' ୧୦ରେ କର୍ନାଟକ ବିଧାନସଭାର ୨୨୪ ଆସନ ପାଇଁ



ମଲ୍ଲିକାର୍ଜୁନ ଖାର୍ଗେ

ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ଭାଜପା ଏବଂ କଂଗ୍ରେସ ମଧ୍ୟରେ ବାକ୍ୟୁଦ୍ଧ ଜାରି ରହିଛି। କଂଗ୍ରେସ ପ୍ରତି କନ୍ନଡିଗାମାନଙ୍କ ସମର୍ଥନ ବଢୁଥିବାବେଳେ ଶାସକ ଦଳ ନିର୍ବାଚନ ହାରିବାକୁ ଯାଉଥିବାରୁ ଖାର୍ଗେ ଓ ତାଙ୍କ ପରିବାରକୁ ହତ୍ୟା କରିବା ପାଇଁ ☞ପୃଷ୍ଠା–୪

# ଚାର୍ଲ୍ସ ବ୍ରିଟେନ୍‌ର ୪୦ତମ ରାଜା

**ବ୍ରିଟେନକୁ ମିଳିଲା ନୂଆ ରାଜା। ଶନିବାର ବିଧିବଦ୍ଧ ଭାବେ କିଙ୍ଗ୍ ଚାର୍ଲ୍ସ ତୃତୀୟ ବ୍ରିଟେନ ରାଜା ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲଣ୍ଡନ ୱେଷ୍ଟମିନଷ୍ଟରସ୍ଥିତ ଆବେ ଚର୍ଚ୍ଚରେ କିଙ୍ଗ୍ ଚାର୍ଲ୍ସ ଓ କୁଇନ୍ କାମିଲାଙ୍କ ରାଜ୍ୟାଭିଷେକ କରାଯାଇଛି। ରାଜପରିବାର ସମେତ ଦେଶ ବିଦେଶରୁ ଆସିଥିବା ବହୁ ଭିଆଇପି ଅତିଥି ଏହି ବିଶାଳ ସମାରୋହରେ ସାମିଲ ହୋଇଛନ୍ତି। ଚାର୍ଲ୍ସଙ୍କ ପ୍ରଶେସନ ଦେଖିବା ପାଇଁ ଅନେକ ସଂଖ୍ୟାରେ ଲୋକ ରାସ୍ତାକଡ଼ରେ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାର ଦେଖାଯାଇଥିଲା।**

ଲଣ୍ଡନ, ୬।୫

କିଙ୍ଗ୍ ଚାର୍ଲ୍ସ ତୃତୀୟ ବ୍ରିଟେନ୍‌ର ନୂଆ ରାଜା। ଏଥିପାଇଁ ସାରା ବ୍ରିଟେନ୍ ଏବେ ଉତ୍ସବମୁଖର। ଶନିବାର ଲଣ୍ଡନର ୱେଷ୍ଟମିନଷ୍ଟର ଆବେଠାରେ କିଙ୍ଗ୍ ଚାର୍ଲ୍ସ ଓ କୁଇନ୍ କାମିଲାଙ୍କ ଐତିହାସିକ ରାଜ୍ୟାଭିଷେକ ବେଶ୍ ଆଡମ୍ବର ସହକାରେ କରାଯାଇଛି। କିଙ୍ଗ୍ ଚାର୍ଲ୍ସ ବ୍ରିଟେନର ୪୦ତମ ରାଜା ହୋଇଛନ୍ତି। ରାଜ୍ୟାଭିଷେକ ସମାରୋହରେ ହିନ୍ଦୁ, ଶିଖ୍, ମୁସଲମାନ ଏବଂ ବୌଦ୍ଧ ସମ୍ପ୍ରଦାୟର



ଲଣ୍ଡନର ୱେଷ୍ଟମିନ୍‌ଷ୍ଟର ଆବେରେ ଶନିବାର ରାଜ୍ୟାଭିଷେକ ପରେ ସେଣ୍ଟ ଏଡ୍‌ୱାର୍ଡଙ୍କ କ୍ରାଉନ୍ ପିନ୍ଧିଥିବା ବ୍ରିଟେନ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ସହ କୁଇନ୍ କାମିଲା ଏବଂ ରାଜପରିବାର ସଦସ୍ୟମାନେ।

ଧର୍ମଗୁରୁମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଚାର୍ଲ୍ସଙ୍କୁ ସେଣ୍ଟ ଏଡୱାର୍ଡଙ୍କ ରାଜ ମୁକୁଟ ପିନ୍ଧାଯାଇଛି। ୭୦ ବର୍ଷ ପରେ ବ୍ରିଟେନରେ ରାଜ୍ୟାଭିଷେକ ସମାରୋହ ଅନୁଷ୍ଠିତ ହୋଇଛି। ସମାରୋହ ଲାଗି କିଙ୍ଗ୍ ଚାର୍ଲ୍ସ ଏବଂ କୁଇନ୍ କାମିଲା, ବଡ଼ପୁଅ ପ୍ରିନ୍ସ ୱିଲିୟମ୍, ବୋହୂ କେଟ୍ ମିଡିଲଟନ୍‌ଙ୍କ ସହ ବକିଂହାମ ପ୍ୟାଲେସ୍‌ରୁ ଆବେ ଚର୍ଚ୍ଚ ଅଭିମୁଖେ ବାହାରିଥିଲେ। ବର୍ଷା ପାଗ ସତ୍ତ୍ୱେ ଚାର୍ଲ୍ସଙ୍କୁ ଦେଖିବା ପାଇଁ ରାସ୍ତାକଡ଼ରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜପରିବାର ସଦସ୍ୟଙ୍କ ସମେତ ଦେଶ ବିଦେଶରୁ ପ୍ରାୟ ୨,୦୦୦ରୁ ଊର୍ଦ୍ଧ୍ୱ ଅତିଥି ସମାରୋହରେ ଯୋଗଦେଇଛନ୍ତି। ବହୁ ନ୍ୟୁଜ୍ ଚ୍ୟାନେଲରେ ରାଜ୍ୟାଭିଷେକର ସିଧା ପ୍ରସାରଣ କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ ସାଧାରଣ ଲୋକଙ୍କ ପାଇଁ ପ୍ରୋଜେକ୍ଟର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ରାଜ୍ୟାଭିଷେକ ଲାଗି ବ୍ରିଟେନ୍‌ର ୧୩ଟି ସ୍ଥାନରେ ଗନ୍ ସାଲ୍ୟୁଟ୍ ଦିଆଯାଇଛି। ଏହି ଅବସରରେ ପ୍ରିନ୍ସ ୱିଲିୟମ୍ କିଙ୍ଗ୍ ଚାର୍ଲ୍ସଙ୍କୁ 'ଦ ଷ୍ଟୋନ୍ ରୟାଲ୍' ଦେଇଥିଲେ, ଯାହା ରାଜ୍ୟାଭିଷେକରେ ବ୍ୟବହାର ହୋଇଥିବା ଏକମାତ୍ର ନୂଆ ଅଳଙ୍କାର। ଗତବର୍ଷ ସେପ୍ଟେମ୍ବରରେ ମହାରାଣୀ ଏଲିଜାବେଥ୍‌ଙ୍କ ବିୟୋଗ ପରେ ୭୪ ବର୍ଷୀୟ ଚାର୍ଲ୍ସଙ୍କ ନାମ ବ୍ରିଟେନ୍‌ର ନୂଆ ରାଜା ଭାବେ ଘୋଷଣା କରାଯାଇଥିଲା। ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଏସୀୟ ବଂଶୋଦ୍ଭବ ଋଷି ସୁନକ ସମାରୋହରେ ବାଇବେଲ୍ ପାଠ କରିଥିଲେ। ଏହାଛଡ଼ା ସୁନକ ଓ ସ୍ତ୍ରୀ ଅକ୍ଷରା ମୂର୍ତ୍ତି ଚାର୍ଲ୍ସଙ୍କ ପ୍ରଶେସନରେ ଭାଗନେଇଥିଲେ। ଭାରତରୁ ଉପରାଷ୍ଟ୍ରପତି ଜଗଦୀପ ଧନକର ଓ ତାଙ୍କ ସ୍ତ୍ରୀ ସୁଦେଶ ଧନକର ଏହି ରାଜକୀୟ ସମାରୋହରେ ଯୋଗଦେଇଛନ୍ତି। ବଲିଉଡ୍ ଅଭିନେତ୍ରୀ ସୋନମ କପୁରଙ୍କ ସମେତ ବହୁ ଭାରତୀୟ ରାଜ୍ୟାଭିଷେକ ସମାରୋହରେ ସାମିଲ ହୋଇଛନ୍ତି।




# ହଜାରେ ବର୍ଷର ରାଜକୀୟ ପରମ୍ପରା



କିଙ୍ଗ ଚାର୍ଲ୍ସ ୩ୟଙ୍କୁ ସେଣ୍ଟ ଏଡଓ୍ୱାର୍ଡଙ୍କ ମୁକୁଟ ପିନ୍ଧାଯିବା ପରର ଦୃଶ୍ୟ।

ହଜାରେ ବର୍ଷ ପୁରୁଣା ରାଜକୀୟ ପରମ୍ପରା ଅନୁସାରେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ରାଜ୍ୟାଭିଷେକ ୱେଷ୍ଟମିନ୍ଷ୍ଟର ଆବେରେ ଶନିବାର ସମ୍ପନ୍ନ ହୋଇଛି। ୭୦ ବର୍ଷ ପରେ ଲଣ୍ଡନର ଆବେ ଚର୍ଚ୍ଚରେ କିଙ୍ଗ୍ ଚାର୍ଲ୍ସ ଓ କୁଇନ୍ କାମିଲାଙ୍କ ଐତିହାସିକ ରାଜ୍ୟାଭିଷେକ ବେଶ୍ ଆଡମ୍ବର ସହକାରେ କରାଯାଇଛି। ଏଥିରେ ଭାରତର ଉପରାଷ୍ଟ୍ରପତି ଜଗଦୀପ୍ ଧନକରଙ୍କ ସମେତ ଦେଶ ବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସମାରୋହରେ ବିଭିନ୍ନ ସମ୍ପ୍ରଦାୟର ଧର୍ମଗୁରୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ଚାର୍ଲ୍ସଙ୍କୁ ସେଣ୍ଟ ଏଡଓ୍ୱାର୍ଡଙ୍କ ରାଜ ମୁକୁଟ ପିନ୍ଧାଯାଇଛି। ରାଜ୍ୟାଭିଷେକ ପରେ କିଙ୍ଗ୍ ଚାର୍ଲ୍ସ ବ୍ରିଟେନର ୪୦ତମ ରାଜା ହୋଇଛନ୍ତି। ରାଜ୍ୟାଭିଷେକରେ ଅନେକ ବର୍ଷ ପୁରୁଣା ସୁନା ଓ ରୁପା ନିର୍ମିତ ଆଭୂଷଣ ବ୍ୟବହାର କରାଯାଇଛି, ଯେଉଁଥିରେ ସୁନାରେ ତିଆରି କିଙ୍ଗ୍ସ ଅର୍ବ, ସେପ୍ଟ୍ରେସ୍, ଆମ୍ପୁଲା, ଚାମଚ ଇତ୍ୟାଦି ରହିଛି।

## ‘ଈଶ୍ୱର ରାଜାଙ୍କୁ ରକ୍ଷା କରନ୍ତୁ’

ଲଣ୍ଡନ, ୬।୫

ଗତବର୍ଷ ସେପ୍ଟେମ୍ବର ୮ରେ ବ୍ରିଟେନର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ପରଲୋକ ଘଟିଥିଲା। ଏଲିଜାବେଥଙ୍କ ପରେ କିଙ୍ଗ୍ ଚାର୍ଲ୍ସ ତୃତୀୟ ହିଁ ଥିଲେ ବ୍ରିଟେନ୍ ରାଜା ହେବା ପାଇଁ ଦାବିଦାର। ପ୍ରିନ୍ସ ଅଫ୍ ୱେଲ୍ସର ଭାବେ ବହୁ ବର୍ଷ ଦାୟିତ୍ୱରେ ରହିବା ପରେ ଏଲିଜାବେଥଙ୍କ ପରେ ଚାର୍ଲ୍ସ ୩ୟଙ୍କ ନାମ ରାଜା ଭାବେ ଘୋଷଣା କରାଗଲା। ଏହାପରଠାରୁ ଚାର୍ଲ୍ସଙ୍କ ନାମ ପୂର୍ବରୁ ଯୋଡ଼ି ହୋଇଗଲା କିଙ୍ଗ୍। ସ୍ତ୍ରୀ କାମିଲା ହୋଇଗଲେ କୁଇନ୍ ଅଫ୍ କନ୍ସର୍ଟ। ପାଖାପାଖି ୭ ମାସ ବ୍ରିଟେନ୍ ରାଜକାର୍ଯ୍ୟ ତୁଲାଇବା ପରେ ଶନିବାର ୱେଷ୍ଟମିନ୍ଷ୍ଟର ଆବେଠାରେ ରାଜା ଚାର୍ଲ୍ସ ତୃତୀୟ ଏବଂ ରାଣୀ କାମିଲାଙ୍କ ରାଜ୍ୟାଭିଷେକ କରାଯାଇଛି। ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଦେଶବ୍ୟାପୀ ଚାଲିବ। ରାଜ୍ୟାଭିଷେକ ସାରି ବକିଂହାମ ପ୍ୟାଲେସକୁ ଫେରିବା ସମୟରେ ରାସ୍ତାକଡ଼ରେ ଛିଡ଼ା ରହିଥିବା ଚାର୍ଲ୍ସଙ୍କ ପ୍ରଶଂସକ ‘ଈଶ୍ୱର ରାଜାଙ୍କୁ ରକ୍ଷା କରନ୍ତୁ’ ବୋଲି ନାରା ଦେଇଥିଲେ।



ରାଜ୍ୟାଭିଷେକ ପରେ ଗୋଲ୍ଡ ଷ୍ଟେଟ୍ ଘୋଡ଼ାଗାଡ଼ିରେ ବସି ବକିଂହାମ ପ୍ୟାଲେସ୍ ଫେରୁଛନ୍ତି ରାଜା ଚାର୍ଲ୍ସ ଓ ରାଣୀ କାମିଲା।



## ୩୬୦ ବର୍ଷ ପୁରୁଣା ରାଜମୁକୁଟ

ରାଜ୍ୟାଭିଷେକ ଅବସରରେ ସେଣ୍ଟ ଏଡ୍ୱାର୍ଡଙ୍କ ରାଜମୁକୁଟ ଚାର୍ଲ୍ସଙ୍କୁ ପିନ୍ଧାଯାଇଛି। ତାଙ୍କ ପୂର୍ବରୁ ମୁକୁଟକୁ ତାଙ୍କ ମା’ ତଥା ବ୍ରିଟେନ୍ର ଦିବଂଗତ ମହାରାଣୀ ଏଲିଜାବେଥ ଦ୍ୱିତୀୟ ୧୯୫୩ ନିଜ ରାଜ୍ୟାଭିଷେକରେ ପରିଧାନ କରିଥିଲେ। ଏଲିଜାବେଥ୍ଙ୍କ ପୂର୍ବରୁ ୧୯୩୭ରେ କିଙ୍ଗ୍ ଜର୍ଜ ଷଷ୍ଠଙ୍କ ରାଜ୍ୟାଭିଷେକ ସମୟରେ ସେ ଏହାକୁ ପିନ୍ଧିଥିଲେ। ୧୬୬୧ରେ କିଙ୍ଗ୍ ଚାର୍ଲ୍ସ ଦ୍ୱିତୀୟଙ୍କ ଦ୍ୱାରା ଏହି ମୁକୁଟ ନିର୍ମାଣ କରାଯାଇଥିଲା। ୨ କିଲୋଗ୍ରାମ ଓଜନର ସୁନାରେ ତିଆରି ମୁକୁଟକୁ ୬ ଜଣ ରାଜା ପିନ୍ଧି ସାରିଛନ୍ତି। ୩୬୦ ବର୍ଷ ପୁରୁଣା ରାଜମୁକୁଟରେ ମାଣିକ ସାଙ୍ଗକୁ ବହୁ ମୂଲ୍ୟବାନ୍ ରତ୍ନପଥର ଖଚିତ କରାଯାଇଛି। ଅନ୍ୟପକ୍ଷେ କାମିଲାଙ୍କୁ ପିନ୍ଧା ଯାଇଥିବା କୁଇନ୍ ମ୍ୟାରିଙ୍କ ମୁକୁଟ ଡିଜାଇନ୍ରେ ସାମାନ୍ୟ ପରିବର୍ତ୍ତନ କରାଯାଇ କୋହିନୁର ହୀରାକୁ କାଢ଼ି ଦିଆଯାଇଛି। ୧୯୧୧ରେ ଏହି ରୁପା ମୁକୁଟକୁ ତିଆରି କରାଯାଇଥିଲା। ୨,୨୦୦ ହୀରାରେ ଖଚିତ ଏହି ମୁକୁଟର ଓଜନ ୫୯୦ ଗ୍ରାମ୍।



ରାଜ୍ୟାଭିଷେକ ଚୌକିରେ କିଙ୍ଗ୍ ଚାର୍ଲ୍ସ।

## ୧୩୦୦ ଖ୍ରୀଷ୍ଟାବ୍ଦରେ ନିର୍ମାଣ ହୋଇଥିଲା ରାଜ୍ୟାଭିଷେକ ଚୌକି

କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କୁ ଯେଉଁ ସ୍ୱତନ୍ତ୍ର ଚୌକିରେ ବସାଇ ରାଜ୍ୟାଭିଷେକ କରାଯାଇଛି, ତାହା ୧୩୦୦ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଥିଲା। ଏହାକୁ ସେଣ୍ଟ ଏଡ୍ୱାର୍ଡଙ୍କ ଚେୟାର ବୋଲି କୁହାଯାଏ। ଚୌକିର ଉଚ୍ଚତା ୬ ଫୁଟ୍ ୯ ଇଞ୍ଚ। ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ଏହି ଚୌକିରେ ଷ୍ଟୋନ୍ ଅଫ୍ ଡେଷ୍ଟିନି (ଭାଗ୍ୟଶିଳା) ଖଞ୍ଜା ଯାଇଛି। ତେବେ ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୭୨୭ରେ ଚୌକିର ଦୁଇ ପାର୍ଶ୍ୱରେ ବିପରୀତ ଦିଗକୁ ମୁଖ କରିଥିବା ଦୁଇଟି ସିଂହ ଲଗାଯାଇଛି। ହଜାରେ ବର୍ଷ ପୁରୁଣା ରୀତିନୀତି ଅନୁସାରେ କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ ରାଜ୍ୟାଭିଷେକ ହୋଇଥିବାବେଳେ ଏଥିରେ ବହୁ ବର୍ଷ ପୁରୁଣା ଅଳଙ୍କାର ବ୍ୟବହାର କରାଯାଇଛି ।



ବ୍ରିଟେନ୍ କିଙ୍ଗ୍ ଚାର୍ଲ୍ସ ୩ୟ ଏବଂ କୁଇନ୍ କାମିଲା ଡାଇମଣ୍ଡ ଜୁବିଲି ଷ୍ଟେଟ୍ କୋଚ୍ରେ ବସି ବକିଂହାମ ପ୍ୟାଲେସ୍ରୁ ୱେଷ୍ଟମିନ୍ଷ୍ଟର ଆବେ ଅଭିମୁଖେ ଯାଉଛନ୍ତି।

## ଡାଇମଣ୍ଡ ଜୁବିଲି ଷ୍ଟେଟ୍ ଘୋଡ଼ାଗାଡ଼ି

ମହାରାଣୀ ଏଲିଜାବେଥ୍ଙ୍କ ୮୦ତମ ଜନ୍ମବାର୍ଷିକୀ ଅବସରରେ ଏହି ଘୋଡ଼ାଗାଡ଼ି ନିର୍ମାଣ କରାଯାଇଥିଲା। ୨୦୧୪ ଜୁନ୍ ୪ରେ ଷ୍ଟେଟ୍ ଓପନିଙ୍ଗ୍ ଅଫ୍ ପାର୍ଲାମେଣ୍ଟ ସମୟରେ ଏହାକୁ ପ୍ରଥମ କରି ବ୍ୟବହାର କରାଯାଇଥିଲା। ବିଶେଷ ଭାବେ ୬ଟି ଘୋଡ଼ା ଏହି ଗାଡ଼ିକୁ ଟାଣିଥାନ୍ତି। ଅଷ୍ଟ୍ରେଲିଆର ଘୋଡ଼ାଗାଡ଼ି ନିର୍ମାତା ଡବ୍ଲ୍ୟୁ. ଜେ. ଫ୍ରେଙ୍କ୍ଲିଙ୍ଗଟନ୍ ଏହାକୁ ନିର୍ମାଣ କରିଛନ୍ତି। ଏହାର ଓଜନ ୪ ଟନ୍।

# ସେନା ନିୟନ୍ତ୍ରଣରେ ହିଂସାପ୍ରବଣ ଅଞ୍ଚଳ

ଇମ୍ଫାଲ, ୬।୫

■ମଣିପୁରରେ ସ୍ୱାଭାବିକ ହେଉଛି ଜୀବନଯାତ୍ରା
■ଦୋକାନ ବଜାର ଖୋଲିଲା
■ଏନ୍ଇଇଟି-ୟୁଜି ସ୍ଥଗିତ



ମଣିପୁର ହିଂସାଜନିତ ମୃତ୍ୟୁସଂଖ୍ୟା ୫୪ରେ ପହଞ୍ଚିଥିବା ସରକାରୀ ଭାବେ କୁହାଯାଇଛି। କିନ୍ତୁ ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ଯଥେଷ୍ଟ ଅଧିକ ବୋଲି ବେସରକାରୀ ସୂତ୍ରରୁ ଜଣାପଡ଼ିଛି। ସୈନ୍ୟବାହିନୀ ହିଂସାପ୍ରବଣ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେବା ପରେ ଶନିବାର ଇମ୍ଫାଲ ଉପତ୍ୟକାରେ ଜୀବନଯାତ୍ରା ସ୍ୱାଭାବିକ ସ୍ଥିତିକୁ ଫେରିଛି। ଦୋକାନ ବଜାର ଖୋଲିଥିବାବେଳେ ରାସ୍ତାରେ ଗାଡ଼ିମୋଟର ଚଳାଚଳ ଆରମ୍ଭ ହୋଇଛି। ଶନିବାର ସକାଳେ ଇମ୍ଫାଲ ଓ ଅନ୍ୟ ସହରରେ ଦୋକାନ ବଜାର ଖୋଲିବା ସହ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀ କିଣାକିଣିରେ ବ୍ୟସ୍ତ ରହିଥିବା ଦେଖାଯାଇଛି। ମଣିପୁରରେ ଆଇନ ଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ରବିବାର ହେବାକୁ ଥିବା ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍ଇଇଟି-ୟୁଜିକୁ ସ୍ଥଗିତ ରଖିଛି। ମଣିପୁରରେ ଯେଉଁ ପରୀକ୍ଷାର୍ଥୀଙ୍କ ପରୀକ୍ଷା କେନ୍ଦ୍ର ଥିଲା ସେମାନଙ୍କ ପାଇଁ ପରୀକ୍ଷା ତାରିଖ ଖୁବ୍ଶୀଘ୍ର ଘୋଷଣା କରାଯିବ ବୋଲି ଏନ୍ଟିଏ କହିଛି।

ଶୁକ୍ରବାର ରାତିରେ ଚୁରାଚାନ୍ଦପୁର ଜିଲାରେ ଦୁଇଟି ଏନ୍କାଉଣ୍ଟରରେ ୫ ଜଣ ଉଗ୍ରପନ୍ଥୀ ନିହତ ହୋଇଥିବାବେଳେ ଇଣ୍ଡିଆ ରିଜର୍ଭ ବାଟାଲିୟନର ୨ ଯବାନ ଆହତ ହୋଇଛନ୍ତି। ମୋଟ ୧୩,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ସେନା କ୍ୟାମ୍ପରେ ଆଶ୍ରୟ ନେଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଚୁରାଚାନ୍ଦପୁର ସମେତ ମୋରେହ, କାକ୍ଚିଙ୍ଗ ଏବଂ କାଙ୍ଗପୋକ୍ପି ଜିଲା ସେନାର ଦୃଢ଼ ନିୟନ୍ତ୍ରଣରେ ରହିଛି।

ଇମ୍ଫାଲ ଇଷ୍ଟ ଏବଂ ୱେଷ୍ଟ ଜିଲାରେ ଶୁକ୍ରବାର ଏକାଧିକ ପୋଡ଼ାଜଳା ଘଟଣା ଘଟିଛି। ମଣିପୁର ହିଂସାରେ ବହୁସଂଖ୍ୟାରେ ଲୋକଙ୍କ ଜୀବନ ଯିବା ସହ ଶତାଧିକ ଆହତ ହୋଇଥିବା ଭିନ୍ନ ସୂତ୍ରରୁ ଜଣାପଡ଼ିଛି। ଗୁଲିମାଡ଼ରେ ଆହତ ଅନେକ ଆଇଆଇଏମ୍ଏସ୍ ଏବଂ ଜବାହରଲାଲ ନେହେରୁ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଚିକିତ୍ସିତ ହେଉଛନ୍ତି। ବୁଧବାରଠାରୁ ମେଇତି ସମ୍ପ୍ରଦାୟ ବିରୋଧରେ ସଂଘର୍ଷ ଲାଗି ରହିଥିବାବେଳେ ରାଜ୍ୟରେ ସେନା ଏବଂ ଆସାମ ରାଇଫଲ୍ସରୁ ପାଖାପାଖି ୧୦,୦୦୦ ସୈନ୍ୟଙ୍କୁ ମୁତୟନ କରାଯାଇଛି। ସୂଚନାଯୋଗ୍ୟ, ମଣିପୁରରେ ମେଇତିମାନଙ୍କୁ ଏସ୍ଟି ତାଲିକାରେ ୧୦ ବର୍ଷ ପର୍ଯ୍ୟନ୍ତ ସାମିଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଏହାକୁ ବିରୋଧ କରି ନାଗା ଓ କୁକି ସମୁଦାୟ ଆନ୍ଦୋଳନ କରୁଛନ୍ତି। ବୁଧବାର ଅଲ୍ ଟ୍ରାଇବାଲ୍ ଷ୍ଟୁଡେଣ୍ଟ ୟୁନିୟନ୍ ମଣିପୁର (ଏଟିଏସ୍ୟୁଏମ୍) ପକ୍ଷରୁ ‘ଟ୍ରାଇବାଲ୍ ସୋଲିଡାରିଟି ମାର୍ଚ୍ଚ’ର ଆୟୋଜନ କରାଯାଇଥିଲା। ହିଂସାତ୍ମକ ଆନ୍ଦୋଳନର ନିଆଁ ରାଜଧାନୀ ଇମ୍ଫାଲକୁ ବ୍ୟାପିବା ପରେ ରାଜ୍ୟ ସରକାର ଉପଦ୍ରବୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ପ୍ରଧାନମନ୍ତ୍ରୀ ମଣିପୁର ଆସିବାକୁ ଶର୍ମିଳାଙ୍କ ଅପିଲ୍



ଇରୋମ ଶର୍ମିଳା ଚାନୁ

ମଣିପୁରରେ ହିଂସା ଜାରି ରହିଥିବାବେଳେ ଶାନ୍ତି ରକ୍ଷା ପାଇଁ ଧର୍ମମତ ନିର୍ବିଶେଷରେ ସବୁ ମହିଳା ଆଗେଇ ଆସିବାକୁ ସିଭିଲ ରାଇଟ୍ସ କର୍ମୀ ଇରୋମ ଶର୍ମିଳା ଚାନୁ ଶନିବାର ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଣିପୁର ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହ ତାହାର ସମାଧାନ କରିବାକୁ ଶର୍ମିଳା ଅନୁରୋଧ କରିଛନ୍ତି। ଆଇରନ୍ ଲେଡି ଶର୍ମିଳା କହିଛନ୍ତି, ମଣିପୁର ଜଳୁଥିବାବେଳେ ଲୋକଙ୍କ ଦୁର୍ଦ୍ଦଶାରେ ସେ ମର୍ମାହତ। ସବୁ ମେଇତି ଏବଂ ଆଦିବାସୀ ଏକାଠି ହୋଇ ହିଂସା ବନ୍ଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସବୁ ମହିଳାମାନେ ସେମାନଙ୍କ ମାତୃତ୍ୱ ଗୁଣରେ କାର୍ଯ୍ୟ କରି ଶାନ୍ତି ଫେରାଇ ଆଣିବାକୁ ଶର୍ମିଳା କହିଛନ୍ତି।

## ରୁଷିଆ କ୍ଷେପଣାସ୍ତ୍ରକୁ ଖସାଇଲା ୟୁକ୍ରେନ୍

କିଭ୍, ୬।୫

ରୁଷିଆର ହାଇପରସୋନିକ୍ ମିଶାଇଲକୁ ୟୁକ୍ରେନ୍ ବାୟୁସେନା ଖସାଇଦେଇଥିବା ଶନିବାର ଦାବି କରିଛି। ଆମେରିକାର ପାଟ୍ରିଅଟ୍ ଡିଫେନ୍ସ ସିଷ୍ଟମ ସହାୟତାରେ ୟୁକ୍ରେନ୍ ପ୍ରଥମ ଥର ପାଇଁ ମସ୍କୋର ଅତ୍ୟାଧୁନିକ କ୍ଷେପଣାସ୍ତ୍ରକୁ ପ୍ରତିହତ କରିବାକୁ ସମର୍ଥ ହୋଇଛି। ୟୁକ୍ରେନ୍ ରାଜଧାନୀରେ ରୁଷିଆ ଗୁରୁବାର ରାତିଅଧିଆ କ୍ଷେପଣାସ୍ତ୍ର ଆକ୍ରମଣ କରିବାକୁ ଉଦ୍ୟମ ଚଳାଇଥିବାବେଳେ ଏହାର କିନ୍ଝାଲ-ଟାଇପ୍ ବାଲିଷ୍ଟିକ୍ ମିଶାଇଲ୍କୁ ପ୍ରତିହତ କରାଯାଇଥିବା ୟୁକ୍ରେନ୍ ବାୟୁସେନା କମାଣ୍ଡର ମିକୋଲା ଓଲେଶ୍ଚୁକ୍ କହିଛନ୍ତି। ୟୁକ୍ରେନ୍ ପ୍ରଥମ ଥର ପାଇଁ ପାଟ୍ରିଅଟ୍ ଡିଫେନ୍ସ ସିଷ୍ଟମ ବ୍ୟବହାର କରିଛି। କିନ୍ଝାଲ ହେଉଛି ରୁଷିଆର ସଦ୍ୟତମ ଅତ୍ୟାଧୁନିକ କ୍ଷେପଣାସ୍ତ୍ର। ବିମାନରୁ ଏହି ବାଲିଷ୍ଟିକ୍ ମିଶାଇଲକୁ ନିକ୍ଷେପ କରାଯାଇପାରିବ। ଏହାର ଲକ୍ଷ୍ୟଭେଦ କ୍ଷମତା ୨,୦୦୦ କିଲୋମିଟରୁ ଅଧିକ ହୋଇଥିବାବେଳେ ବାୟୁବେଗର ୧୦ ଗୁଣ ଅଧିକ ବେଗରେ ଗତି କରିଥାଏ।

## ବାଇଡେନ୍ଙ୍କ ଘରୋଇ ନୀତି ଉପଦେଷ୍ଟା ହେଲେ ଭାରତୀୟ ବଂଶୋଦ୍ଭବ ନୀରା ଟଣ୍ଡେନ

ୱାଶିଂଟନ, ୬।୫



ନୀରା ଟଣ୍ଡେନ

ଭାରତୀୟ ବଂଶୋଦ୍ଭବ ନୀରା ଟଣ୍ଡେନ୍ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ପ୍ରଶାସନର ଘରୋଇ ନୀତି ଉପଦେଷ୍ଟା ଭାବେ ନିଯୁକ୍ତ ହୋଇଛନ୍ତି। ଭାରତୀୟ-ଆମେରିକୀୟ ପବ୍ଲିକ୍ ପଲିସୀ ବିଶେଷଜ୍ଞ ୫୨ ବର୍ଷୀୟା ଟଣ୍ଡେନ୍ ସୁସାନ ରାଇସ୍ଙ୍କ ସ୍ଥାନ ନେଇଛନ୍ତି। ହ୍ୱାଇଟ୍ ହାଉସ୍ର ୩ ମୁଖ୍ୟ ନୀତି ପରିଷଦ ମଧ୍ୟରୁ କୌଣସିର ନେତୃତ୍ୱ ନେବାରେ ସେ ପ୍ରଥମ ଏସୀୟ-ଆମେରିକୀୟ। ୨୦୨୧ରେ ଟଣ୍ଡେନ୍ ଆମେରିକା ପ୍ରଶାସନରେ ଜଣେ ବରିଷ୍ଠ ଉପଦେଷ୍ଟା ଭାବେ ଯୋଗ ଦେଇଥିଲେ। ତାଙ୍କର ପବ୍ଲିକ୍ ପଲିସୀ ଉପରେ ୨୫ ବର୍ଷର ଅଭିଜ୍ଞତା ରହିଛି।

# ଝାରସୁଗୁଡ଼ା ଉପନିର୍ବାଚନ: ଆଜି ପ୍ରଚାରକୁ ଓହ୍ଲାଇବେ ନବୀନ, ଧର୍ମେନ୍ଦ୍ର

ଭୁବନେଶ୍ୱର,୬।୫(ବ୍ୟୁରୋ)

ଆସନ୍ତା ୧୦ ତାରିଖରେ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ମତଦାନ ହେବ। ହାତରେ ଆଉ ମାତ୍ର ୨ ଦିନ ଥିବାରୁ ନିର୍ବାଚନ ପ୍ରଚାର ଶେଷସୀମାରେ ପହଞ୍ଚିଛି। ରାଜ୍ୟର ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ଘରଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଶେଷ ମୁହୂର୍ତ୍ତରେ ଭୋଟରଙ୍କ ହୃଦୟ ଜିତିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଦଳର ଷ୍ଟାର କ୍ୟାମ୍ପେନରଙ୍କ ସହିତ ବିଭିନ୍ନ ସ୍ଥାନରେ ସମାବେଶ କରିବା ସାଙ୍ଗକୁ ଗାଁ ଗାଁ ବୁଲି ପ୍ରଚାର କରୁଛନ୍ତି। ଅନ୍ୟପକ୍ଷରେ ରବିବାର ଝାରସୁଗୁଡ଼ାରେ ହାଇ ଭୋଲ୍ଟେଜ ପ୍ରଚାର ହେବ। ବିଜେଡି ଓ ଭାଜପା ନିଜର ଶକ୍ତି ପ୍ରଦର୍ଶନ କରିବେ। ବିଜେଡି ପ୍ରାର୍ଥୀ ଦୀପାଳି ଦାସଙ୍କ ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇବେ। ଏଥିପାଇଁ ଅମିଲିପାଲି ପଡ଼ିଆରେ ବିଜେଡି ପକ୍ଷରୁ ଏକ ବିରାଟ ସମାବେଶର ଆୟୋଜନ କରାଯାଇଛି। ବିଜେଡି ପର୍ଯ୍ୟବେକ୍ଷକଙ୍କଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶା ନେତାମାନେ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ଦୀପାଳିଙ୍କୁ ଜିତାଇବା ପାଇଁ ନବୀନ ଭୋଟ ଭିକ୍ଷା କରିବେ।

ଅନ୍ୟପକ୍ଷରେ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ପ୍ରଚାର ମଇଦାନକୁ ଓହ୍ଲାଇବେ। ଧର୍ମେନ୍ଦ୍ର କୋଲାବିରା ବ୍ଲକରେ ଦଳ ପକ୍ଷରୁ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେବା ସହ ଝାରସୁଗୁଡ଼ା ବସ୍‌ଷ୍ଟାଣ୍ଡରେ ରୋଡ୍ ଶୋ କରିବେ। ଗୋଟିଏ ଦିନରେ ଦୁଇ ଦଳର ହେଭିୱେଟ ନେତାଙ୍କ ଗସ୍ତ ଝାରସୁଗୁଡ଼ା ଉପନିର୍ବାଚନକୁ ସରଗରମ କରିଛି। ଉପନିର୍ବାଚନରେ ବିଜେଡି ନିଜ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପୂରା ଦମ ଲଗାଇ ଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପାଇଁ ପଶ୍ଚିମ ଓଡ଼ିଶା ଏମ୍‌ପି, ରାଜ୍ୟ ସଭାପତି, ଜାତୀୟ ସ୍ତରର ନେତା ଓ କେନ୍ଦ୍ରମନ୍ତ୍ରୀମାନେ ଜୋର ଲଗାଇଛନ୍ତି।



ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ ଓ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ।

**ଡବ୍ଲ୍ୟୁଏଚ୍‌ଓର ଘୋଷଣା: କୋଭିଡ୍-୧୯ ବିଶ୍ୱ ମହାମାରୀ ନୁହେଁ**




# ନାରୀ ଶିକ୍ଷା ବିକାଶର ମୁଖ୍ୟ ଉପାଦାନ: ରାଷ୍ଟ୍ରପତି

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

ବାରିପଦା ଅଫିସ,୬।୫

ନାରୀ ଶିକ୍ଷା ଦେଶ ବିକାଶର ଏକ ମୁଖ୍ୟ ଉପାଦାନ। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଅଧିକ ସଂଖ୍ୟାରେ ଶିକ୍ଷାଲାଭ କରୁଥିବା ବେଳେ ଝିଅମାନଙ୍କୁ ପ୍ରୋତ୍ସାହିତ କରିବା ସମସ୍ତଙ୍କ ଦାୟିତ୍ୱ ବୋଲି ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ବିକାଶର ଲାଭ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବା ଦରକାର। ଦେଶ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଅନେକ ଲୋକଙ୍କ ପାଖରେ ବିକାଶ ବର୍ତ୍ତମାନ ସୁଦ୍ଧା ଅପହଞ୍ଚ। ସରକାର ଏହାକୁ ମିଶନ ମୋଡ୍‌ରେ ନେଇ ଆଗେଇ ଚାଲିଥିବା ବେଳେ ଏଥିରେ ସହଯୋଗ କରିବା ସମସ୍ତଙ୍କର ଦାୟିତ୍ୱ ବୋଲି ରାଷ୍ଟ୍ରପତି କହିଥିଲେ। ସେହିପରି ପ୍ରତିଯୋଗିତା ଜୀବନର ଏକ ଅବିଚ୍ଛେଦ ଅଙ୍ଗ। ଛାତ୍ରୀଛାତ୍ର ଆଗକୁ ବଢ଼ିବା ସମୟରେ ପଛକୁ ଚାହିଁବାକୁ ପଡ଼ିବ। ସମାଜର କେତେକ ବର୍ଗର ପିଲାମାନେ ପ୍ରତିଯୋଗିତାରେ ସକ୍ଷମ ହୋଇପାରୁନାହାନ୍ତି। ସାମାଜିକ, ଶୈକ୍ଷିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ଥିବା ଛାତ୍ରୀଛାତ୍ରଙ୍କ ହାତ ଧରି ପ୍ରତିଯୋଗିତାରେ ସାମିଲ କରିବାକୁପଡ଼ିବ ବୋଲି ରାଷ୍ଟ୍ରପତି କହିଥିଲେ। ପ୍ରାରମ୍ଭରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ରାଷ୍ଟ୍ରପତି। ଓଡ଼ିଶା ଗଠନରେ ମହାରାଜାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୟୂରଭଞ୍ଜର ଝୁମର ଲୋକଗୀତ ଓ ଅନ୍ୟାନ୍ୟ ଆଦିବାସୀ ନୃତ୍ୟ, ସଙ୍ଗୀତର ଆକର୍ଷଣ ଖୁବ୍ ନିଆରା ବୋଲି ଉଲ୍ଲେଖ କରିଥିଲେ। ୟୁନିସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ମାନ୍ୟତା ପାଇଥିବା ଶିମିଳିପାଳ ଅଭୟାରଣ୍ୟ ଜୈବ ବିବିଧତା ଦୃଷ୍ଟିରୁ ପୃଥିବୀ ଭୂଗୋଳରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପିକା, ଅଧ୍ୟାପକମାନେ ଉଚ୍ଚତର ଗବେଷଣା ମାଧ୍ୟମରେ ଏଠାରେ ବସବାସ କରୁଥିବା ବନ୍ୟପ୍ରାଣୀ ଓ ବୃକ୍ଷଲତାର ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଡ.ଗଣେଶୀ ଲାଲଙ୍କ ପୌରୋହିତ୍ୟରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପ୍ରାଣୀ ସମ୍ପଦ ବିକାଶ, ପଞ୍ଚାୟତିରାଜ ତଥା ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗ ଦେଇଥିଲେ। ଏହି ଅବସରରେ ଖ୍ୟାତନାମା କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀ, ଝୁମର ଗବେଷିକା ଡ. ବୀଣାପାଣି ମହାନ୍ତ, ରାଜଯୋଗିନୀ ବ୍ରହ୍ମାକୁମାରୀ କମଳେଶ, ସାନ୍ତାଳୀ ସାହିତ୍ୟିକ ଅର୍ଜୁନ ଚରଣ ହେମ୍ବ୍ରମଙ୍କୁ ସମ୍ମାନସୂଚକ ଡି.ଲିଟ୍ ଏବଂ ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଦାସଙ୍କୁ ସମ୍ମାନସୂଚକ ଡିଏସ୍‌ସି ପ୍ରଦାନ କରାଯାଇଥିଲା। ୯୦ ଜଣଙ୍କୁ ପିଏଚ୍.ଡି. ଡିଗ୍ରୀ ଓ ୩୪ ଜଣଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥୀ, କୁଳସଚିବ ସହଦେବ ସମାଧିଆ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଲକ୍ଷ୍ମୀଧର ଗିରି, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ସିଣ୍ଡିକେଟ ଓ ଏକାଡେମିକ କାଉନସିଲ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ

## ୭ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୬।୫(ବ୍ୟୁରୋ)

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳରେ ଶନିବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ୮ ତାରିଖ ସକାଳ ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୯ ତାରିଖ ବେଳକୁ ତାହା ଅବପାତରେ ପରିଣତ ହେବ। ଏହାପରେ ଅବପାତ କେନ୍ଦ୍ରୀୟ ବଙ୍ଗୋପସାଗରରେ ଉତ୍ତର ଦିଗକୁ ଗତି କରିବା ସହ ବାତ୍ୟାରେ ରୂପାନ୍ତରିତ ହେବ ବୋଲି ଆଇଏମ୍‌ଡି(ଭାରତୀୟ ପାଣିପାଗ ବିଭାଗ) ପୂର୍ବାନୁମାନ କରିଛି। ତେବେ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ ବୋଲି ଆଇଏମ୍‌ଡି ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ସେ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପକୁ ଦୃଷ୍ଟିରେ ରଖି ଦକ୍ଷିଣ-ପୂର୍ବ ବଙ୍ଗୋପସାଗର, ଏହା ନିକଟ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରକୁ ମତ୍ସ୍ୟଜୀବୀମାନେ ୭ ତାରିଖରୁ ଯିବା ଉଚିତ ନୁହେଁ। ଯେଉଁ ମତ୍ସ୍ୟଜୀବୀମାନେ ସେହି ଅଞ୍ଚଳରେ ପୂର୍ବରୁ ଅଛନ୍ତି, ସେମାନେ ଶୀଘ୍ର ଫେରି ଆସିବା ଉଚିତ। ଲଘୁଚାପ କ୍ଷେତ୍ର ସୃଷ୍ଟି ହେଲେ ବାତ୍ୟାର ଗତିପଥ, ତୀବ୍ରତା, କେଉଁ ଅଞ୍ଚଳକୁ ଗତି କରିବ, କେଉଁ ସ୍ଥାନରେ ସ୍ଥଳଭାଗ ଛୁଇଁବ ସେ ବିଷୟରେ ବିଶେଷ ସୂଚନା ଦିଆଯିବ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି।

ଗତ କିଛିବର୍ଷ ହେବ ଲଗାତର ଭାବେ ମେ' ମାସରେ ବାତ୍ୟା ହେଉଛି। ଚଳିତ ବର୍ଷ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ମଧ୍ୟ ସରକାର ଆଗୁଆ ପ୍ରସ୍ତୁତି ଚଳାଇଛନ୍ତି। ସତର୍କ ରହିବାକୁ ସମସ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଜିଲାପାଳଙ୍କୁ ଆଲର୍ଟ ରଖାଯାଇଛି। ଜିଲା ଓ ରାଜ୍ୟ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବାକୁ ପରାମର୍ଶ ଦିଆଯାଇଛି। ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ଲାଗି ପ୍ରାୟ ୧ ହଜାର ବାତ୍ୟା ଆଶ୍ରୟ ସ୍ଥଳ ପ୍ରସ୍ତୁତ କରାଯାଉଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଏନ୍‌ଡିଆର୍‌ଏଫ୍ ଏବଂ ଓଡ୍ରାଫ୍ ଟିମ୍‌କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି।

ଅନ୍ୟପକ୍ଷରେ ଆସନ୍ତା ୭ ତାରିଖରୁ ୧୨ ତାରିଖ ଯାଏ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେବ। ପାରଦ ଉପରମୁହାଁ ହେବା ସହ ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସକୁ ଟପିଯିବା ସମ୍ଭାବନା ରହିଛି।

# ବୟନିକା ମାର୍କେଟ ବିଲ୍ଡିଂ ଶାଖାରେ ରେକର୍ଡ ବିକ୍ରି

ଭୁବନେଶ୍ୱର,୬।୫(ବ୍ୟୁରୋ)

ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ 'ବୟନିକା' ଶୁକ୍ରବାର ୬୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ରାଜ୍ୟର ସମସ୍ତ ବୟନିକା ଶାଖାରେ ୧ କୋଟି ୨୦ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି। ଏଥିମଧ୍ୟରୁ ମାର୍କେଟ ବିଲ୍‌ଡିଂ ଶାଖାରେ ୩୨ଲକ୍ଷ ଟଙ୍କାର ବିକ୍ରି ହୋଇଛି, ଯାହା ଗୋଟିଏ ଦିନରେ ହୋଇଥିବା ବିକ୍ରିର ସର୍ବକାଳୀନ ରେକର୍ଡ। ସାବିତ୍ରୀକୁ ଆଖି ଆଗରେ ରଖି ବୟନିକା ଏହାର ସମସ୍ତ ଶାଖାରେ ନୂଆ ଡିଜାଇନ୍ ତଥା ରଙ୍ଗର ଶାଢ଼ି, ଡ୍ରେସ୍ ସେଟ୍ ତଥା ଅନ୍ୟାନ୍ୟ ଜିନିଷ ଭରପୂର କରି ରଖିଛି।

# ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସକୁ ସଂଘବଦ୍ଧ ଆକ୍ରମଣ

- ୨ ମହିଳା ପୋଲିସ ଅଧିକାରୀ ଆହତ
- ଆକ୍ରମଣ କରିଥିବା ୫ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

ତିର୍ତ୍ତୋଲ,୬।୫(ଡି.ଏନ.ଏ.)

ଏକ ମାମଲାରେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବା ପୋଲିସକୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଫଳରେ ୨ ଜଣ ମହିଳା ପୋଲିସ ଅଧିକାରୀ ଆହତ ହୋଇଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଗରେଇ ପଞ୍ଚାୟତ ଅନ୍ତର୍ଗତ ଶିରୋଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଆହତମାନେ ହେଲେ ଏସ୍‌ଆଇ ନିଲମ ସୋରେନ ଏବଂ ଏଏସ୍‌ଆଇ ସୁଷମା ମୁଦୁଲି। ଉଭୟଙ୍କୁ ଚିକିତ୍ସା ନିମନ୍ତେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଏଏସ୍‌ଆଇ ମୁଦୁଲିଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଥାନାରେ ମାମଲା (ନଂ.୨୧୭/୨୩)ରୁଜୁ କରାଯାଇ ଶନିବାର ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଉକ୍ତ ଗ୍ରାମର ଦେବାଶିଷ ବାରିକ, ଦୀପକ ବାରିକ, ଭାଗବତ ବାରିକ, ପ୍ରସନ୍ନ ବାରିକ ଓ ଅଲେଖ ବାହାଲିଆ।


କଟକ ବଡ଼ ଡାକ୍ତରଖାନାରେ ଏଏସ୍‌ଆଇ ସୁଷମା ମୁଦୁଲି ଚିକିତ୍ସିତ ହେଉଛନ୍ତି।

ସୂଚନା ମୁତାବକ, ଏହି ଗ୍ରାମର ଶ୍ମଶାନ ରାସ୍ତା ତିଆରି ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯିବା ପରେ ଏପ୍ରିଲ ୬ ତାରିଖରେ ତହସିଲ କାର୍ଯ୍ୟାଳୟର ଅମିନ ଆସି ମାପଚୁପ କରିଥିଲେ। ଅଶୋକ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଇଥିଲା। ଏହି ରାସ୍ତାକୁ ଲାଗିଥିବା ଏକ ସରକାରୀ ଜମିରେ ଗ୍ରାମର ପ୍ରସନ୍ନ କୁମାର ଲେଙ୍କା ଚାଷକାର୍ଯ୍ୟ କରୁଥିଲେ। ମାପଚୁପ ସମୟରେ ଉକ୍ତ ଜମି ଶ୍ମଶାନ ରାସ୍ତାରେ ଚିହ୍ନଟ ହୋଇଥିଲା। ଏନେଇ ପ୍ରସନ୍ନ ପ୍ରତିକ୍ରିୟାଶୀଳ ହୋଇଉଠିଥିଲେ। ମାପ ସ୍ଥାନରୁ ଲୋକେ କିଛି ସମୟ ପରେ ଦୂରକୁ ଚାଲିଯିବା ପରେ ପ୍ରସନ୍ନ ଏବଂ ତାଙ୍କ ପୁଅ ଅନିଲ ମିଶି ଅଶୋକଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଅଶୋକଙ୍କ ପରିବାର ସଦସ୍ୟ ଏନେଇ ପୋଲିସରେ ମାମଲା ରୁଜୁ କରିଥିଲେ। ଅପରପକ୍ଷେ ଏହାକୁ କେନ୍ଦ୍ର କରି ଗ୍ରାମର କେତେଜଣ ଲୋକ ଅଭିଯୁକ୍ତଙ୍କ ଘରେ ଭଙ୍ଗାରୁଜା ଓ ଜଳାପୋଡା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣା ପରଠୁ ଅଭିଯୁକ୍ତମାନେ ଫେରାର ଥିଲେ। ପୋଲିସ ଅଭିଯୁକ୍ତମାନଙ୍କୁ ଧରିବାକୁ ସଦଳବଳ ଶିରୋଳ ଗ୍ରାମକୁ ଯାଇଥିବାବେଳେ ସେମାନଙ୍କୁ ଆକ୍ରମଣ କରାଯାଇଛି।

# ୫ ଜିଲାର ୩୨୩ ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**୫-ଟି ସ୍କୁଲ ରୂପାନ୍ତରଣ ତୃତୀୟ ପର୍ଯ୍ୟାୟର ପଞ୍ଚମ ଦିବସ**

- ଜୀବନର ସବୁ କ୍ଷେତ୍ରରେ ସାଧୁତା ରକ୍ଷା କରିବାକୁ ପିଲାଙ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ
- ରୂପାନ୍ତର ଯୋଗୁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ: ଛାତ୍ରୀଛାତ୍ର

ଭୁବନେଶ୍ୱର,୬।୫(ବ୍ୟୁରୋ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ତୃତୀୟ ପର୍ଯ୍ୟାୟର ପଞ୍ଚମ ଦିନରେ ଶନିବାର ୫ ଜିଲାର ୩୨୩ ରୂପାନ୍ତରିତ ହାଇସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ଖୋର୍ଦ୍ଧା ଜିଲାର ୬୨ ହାଇସ୍କୁଲ, ବରଗଡ଼ ଜିଲାର ୬୨, ମୟୂରଭଞ୍ଜ ଜିଲାର ୧୦୦, ବୌଦ୍ଧ ଜିଲାର ୨୩ ହାଇସ୍କୁଲ ଏବଂ ନବରଙ୍ଗପୁର ଜିଲାର ୭୬ଟି ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହାଦ୍ୱାରା ତୃତୀୟ ପର୍ଯ୍ୟାୟର ପଞ୍ଚମ ଦିନରେ ରାଜ୍ୟରେ ସମୁଦାୟ ୧୮୧୬ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହୋଇଛି। ସୂଚନାଯୋଗ୍ୟ, ଗତ ୨ ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ ସ୍କୁଲ ରୂପାନ୍ତରିତ ହୋଇଥିଲା। ତିନୋଟି ପର୍ଯ୍ୟାୟ ସମ୍ପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬୧୩୨ ସ୍କୁଲ ରୂପାନ୍ତରିତ ହେବ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍କୁଲ ରୂପାନ୍ତରର ପ୍ରତ୍ୟେକ ସ୍ତରରେ ଜନସାଧାରଣ ସାମିଲ ହୋଇଛନ୍ତି। ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ରୂପାନ୍ତରିତ ସ୍କୁଲର ପରିକଳ୍ପନାଠାରୁ ଆରମ୍ଭ କରି ରୂପାୟନର ସବୁ ସ୍ତରରେ ସଂଶ୍ଳିଷ୍ଟ ହୋଇଛନ୍ତି। କେଉଁ କାର୍ଯ୍ୟରେ କେତେ ଖର୍ଚ୍ଚ ହେଉଛି, ସେ ବିଷୟରେ ମଧ୍ୟ ସେମାନେ ଜାଣନ୍ତି। ତେଣୁ ସ୍କୁଲ ରୂପାନ୍ତର ହେଉଛି, ଜନ ଭାଗୀଦାରିର ଏକ ପ୍ରକୃଷ୍ଟ ଉଦାହରଣ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଗଣ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇ ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ୫-ଟି ହେଉଛି ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପରେନ୍ସି ବା ସ୍ୱଚ୍ଛତା ଏବଂ ଟାଇମ୍ ବା ସମୟ। ଏସବୁର ପ୍ରୟୋଗରେ ଟ୍ରାନ୍ସଫର୍ମେଶନ ବା ରୂପାନ୍ତର ଆସିଥାଏ। ଟେକ୍ନୋଲୋଜିର ପ୍ରୟୋଗରେ ସ୍କୁଲରେ ସ୍ମାର୍ଟକ୍ଲାସ ରୁମ୍, କମ୍ପ୍ୟୁଟର ଓ ଆଧୁନିକ ଲାବୋରେଟୋରିର ବିକାଶ କରାଯାଇଛି। ସେହିପରି ଏହି ରୂପାନ୍ତର କାମକୁ ସମସ୍ତଙ୍କ ମିଳିତ ଉଦ୍ୟମରେ କରାଯାଇଛି, ଯାହା ଟିମ୍‌ୱାର୍କର ପ୍ରତୀକ। ସମୟକୁ ଗୁରୁତ୍ୱ ଦିଆଯାଇ ସମସ୍ତ କାମ ମଧ୍ୟ ଠିକ୍ ସମୟରେ ଶେଷ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଡ଼ି ହୋଇଥିବା ସ୍କୁଲଗୁଡ଼ିକରେ ଉପସ୍ଥିତ ଥିବା ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୫-ଟିର ଉପଯୋଗ ସମ୍ପର୍କରେ ବୁଝାଇ କହିଛନ୍ତି ଯେ ବର୍ତ୍ତମାନ ଯୁଗ ହେଉଛି ଟେକ୍ନୋଲୋଜିର ଯୁଗ। ଜୀବନର ସବୁ କ୍ଷେତ୍ରକୁ ଟେକ୍ନୋଲୋଜି ପ୍ରଭାବିତ କରୁଛି। ତେଣୁ ପିଲାମାନେ ନୂଆ ନୂଆ ଟେକ୍ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ। ଏହାଦ୍ୱାରା ସେମାନେ ଆଧୁନିକ ଯୁଗରେ ସବୁ କ୍ଷେତ୍ରରେ ଆଗରେ ରହିପାରିବେ। ସେହିପରି ସମୟ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଛାତ୍ରୀଛାତ୍ରମାନଙ୍କ ସଫଳତା ହେଉଛି ଓଡ଼ିଶାର ସଫଳତା। ୫-ଟି ସ୍କୁଲଗୁଡ଼ିକରେ ପିଲାମାନଙ୍କୁ ସବୁପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି। ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ, ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ହେବା ସହିତ ସାରା ଓଡ଼ିଶାର ଗୌରବ ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ୫-ଟି ସ୍କୁଲ ରୂପାନ୍ତର ସମ୍ପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରି ଖୋର୍ଦ୍ଧା ଜିଲାର ଛାତ୍ରୀ ରୂପାଲି ଲୋପାମୁଦ୍ରା ପଣ୍ଡା, ବରଗଡ଼ର ଛାତ୍ରୀ ଚଞ୍ଚଳା ଧାରୁଆ, ମୟୂରଭଞ୍ଜର ସୋହାନୀ ଧଳ, ବୌଦ୍ଧର ସ୍ୱାତୀ ସିମରନ ଚିନାର ଓ ନବରଙ୍ଗପୁରର ବୈଷ୍ଣବୀ ହରିଜନ ପ୍ରମୁଖ ୫-ଟି ସ୍କୁଲ ରୂପାନ୍ତର କେବଳ ଆମ ବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ଉନ୍ନତ କରିଛି। ଏହାଦ୍ୱାରା ଆମେ ଜୀବନରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବୁ ବୋଲି ଦୃଢ଼ ନିଶ୍ଚିତ ହୋଇଛୁ। ଏହାସହିତ ଆମ ରାଜ୍ୟ ଓଡ଼ିଶା ପାଇଁ ମଧ୍ୟ ନିଜର ଅବଦାନ ରଖିପାରିବୁ ବୋଲି ଭାବୁଛୁ। ସବୁ କ୍ଷେତ୍ରରେ ଓଡ଼ିଶାକୁ ଶ୍ରେଷ୍ଠ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ପିଲାମାନେ କହିଥିଲେ ଯେ ଆମେ ନିଶ୍ଚୟ ପଢ଼ିବୁ, ବଢ଼ିବୁ ଓ ସବୁ କ୍ଷେତ୍ରରେ ଶ୍ରେଷ୍ଠ ହେବୁ।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାରେ ଉପସ୍ଥିତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ପଣ୍ଡା, ବରଗଡ଼ରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ମୟୂରଭଞ୍ଜରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ବୌଦ୍ଧରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ନବରଙ୍ଗପୁରରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ସେମାନଙ୍କ ମତାମତ ରଖି କହିଥିଲେ, ସ୍କୁଲ ରୂପାନ୍ତର ଦ୍ୱାରା ଶିକ୍ଷା ବାତାବରଣରେ ଉନ୍ନତି ଆସିବା ସହିତ ପିଲାମାନଙ୍କୁ ଡିଜିଟାଲ ଦୁନିଆ ସହିତ ଯୋଡ଼ିପାରିଛି। ଏହାଦ୍ୱାରା ସେମାନେ ଆଧୁନିକ ଯୁଗର ଟେକ୍ନୋଲୋଜି ସହିତ ନିଜକୁ ସାମିଲ କରିବାରେ ଅଧିକ ସହଜ ହୋଇପାରିବ।

କାର୍ଯ୍ୟକ୍ରମକୁ ପରିଚାଳନା କରି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ, ସ୍କୁଲ ରୂପାନ୍ତରରେ ଯେଉଁସବୁ ସମ୍ପତ୍ତି ବା ଆସେଟ୍ ସୃଷ୍ଟି ହୋଇଛି, ସେ ସବୁ ସାରା ଓଡ଼ିଶାବାସୀଙ୍କ ଟଙ୍କାରେ ନିର୍ମିତ ହୋଇଛି। ମୁଖ୍ୟମନ୍ତ୍ରୀ ସ୍କୁଲର ଆସେଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆପଣମାନେ ନିଜର ସମ୍ପତ୍ତି ଭଳି ସ୍କୁଲର ସମ୍ପତ୍ତିର ରକ୍ଷଣାବେକ୍ଷଣ କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ଆଶା ଓ ଭରସା ରହିଛି। ଡିସେମ୍ବର ସୁଦ୍ଧା ରାଜ୍ୟର ସବୁ ସ୍କୁଲ ରୂପାନ୍ତରଣରେ ସାମିଲ ହେବ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର-ତଥା-ଶାସନ ସଚିବ ଅଶ୍ୱଥୀ ଏସ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**

“କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ରାଜ୍ୟ କଂଗ୍ରେସ ସଭାପତି ଡି.କେ. ଶିବକୁମାର ହେଉଛନ୍ତି ଟିପୁ ସୁଲତାନଙ୍କ ପରିବାର ସଦସ୍ୟ। ସେମାନେ ପାକିସ୍ତାନ ଯାଇ ଟିପୁ ଜୟନ୍ତୀ ପାଳନ କରନ୍ତୁ। **-ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାନ୍ଦୁଥିବ,**
**ଯାହା ପାଇବ ତାହା ବାନ୍ଧୁଥିବ।**

ମଣିଷର ଆଶା ଅନେକ ସମୟରେ ଅପୂରଣୀୟ ହୋଇ ରହିଯାଏ। ଆଶାନୁରୂପ ନ ମିଳିଲେ ବା ନ ପାଇଲେ ମନ ବିରସ ହୋଇଯାଏ। ତେବେ ମନ ଊଣା ନ କରି ଯେତିକି ମିଳିଲା ସେତିକିରେ ସନ୍ତୁଷ୍ଟ ହେବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାହା କରମରେ ଖିରି ଖିରିସା,**
**କାହା କରମରେ ଲଡ୍ଡୁ;**
**କାହା କରମରେ ଖାରିଆ ଖଡ଼ା,**
**ଚୋବାଇ ଚୋବାଇ ମରୁ।**

ନିଜ ଜୀବଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡ଼ିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଆଇନର ଆଶ୍ରୟ ନେବ ଶିକ୍ଷକ ସଂଘ

### ଛୁଟି ଦିନରେ କାର୍ଯ୍ୟ କରିବାକୁ ବିରୋଧ : ବ୍ୟବସ୍ଥାର ପରିବର୍ତ୍ତନ ଦାବି ତେଜୁଛି

ଭୁବନେଶ୍ୱର,୬।୫(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଚାକିରି କରୁଥିବା ସମସ୍ତ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ରହିଥିବା ଛୁଟି ବ୍ୟବସ୍ଥାକୁ ନେଇ ଅସନ୍ତୋଷ ଲାଗି ରହିଛି। ବିଶେଷକରି ଛୁଟି ଦିନରେ କାର୍ଯ୍ୟ କରିବାକୁ ବିରୋଧ କରି ଶିକ୍ଷକମାନେ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ସରକାର ଶିକ୍ଷକଙ୍କ ଅଧିକାରକୁ ଛଡାଇ ନେଉଥିବାରୁ ସେମାନେ ଆଇନର ଆଶ୍ରୟ ନେବେ ବୋଲି ନୂତନ ପେନସନ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ଚେତାବନୀ ଦେଇଛି। ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି, ସରକାରୀ କର୍ମଚାରୀଙ୍କ ଛୁଟି ନିର୍ଦ୍ଧାରଣ କରାଯାଇଛି। ବିଭିନ୍ନ ବିଭାଗ କର୍ମଚାରୀଙ୍କ ଛୁଟି ନିମନ୍ତେ ବାର୍ଷିକ କ୍ୟାଲେଣ୍ଡର ପ୍ରସ୍ତୁତ କରୁଛନ୍ତି। ଏହି ଆଧାରରେ ସମସ୍ତ ସରକାରୀ କର୍ମଚାରୀଙ୍କୁ ପ୍ରାୟତଃ ସମାନ ଛୁଟି ମିଳିଥାଏ। ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଚାକିରି କରୁଥିବା ଶିକ୍ଷୟିତ୍ରୀଶିକ୍ଷକ ସେମାନଙ୍କ ଛୁଟି ଅଧିକାରରୁ ସବୁବେଳେ ବଞ୍ଚିତ ହେଉଛନ୍ତି। ଛୁଟି ଦିନରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅବକାଶକାଳୀନ ଶିକ୍ଷା ଦେବାଠାରୁ ଆରମ୍ଭ କରି ଆଇରନ ବଟିକା ବାଣ୍ଟିବା, ବହି ବାଣ୍ଟିବା, ବିଭିନ୍ନ ପ୍ରକାର ସର୍ଭେ, ଟ୍ରେନିଂ ଆଦି ବିଭିନ୍ନ କାର୍ଯ୍ୟ କରିବାକୁ ପଡୁଛି। ଛୁଟିରେ ବିଭିନ୍ନ କାର୍ଯ୍ୟଭାର ଲଦିଦେଇ ସରକାର ମାନବିକ ଅଧିକାର ଆଇନକୁ ଉଲ୍ଲଂଘନ କରୁଛନ୍ତି। ଯଦି ଜିଲାର ଶିକ୍ଷାଧିକାରୀମାନେ ଏଥିରୁ ନିବୃତ୍ତ ନ ହୁଅନ୍ତି, ତେବେ ସଂଘ ଆଇନ ଓ ମାନବାଧିକାର କମିଶନରଙ୍କ ଆଶ୍ରୟ ନେବ ବୋଲି ସଭାପତି ପ୍ରଧାନ ଚେତାବନୀ ଦେଇଛନ୍ତି।

ସଂଘର ଅଭିଯୋଗ ଅନୁସାରେ, ଗଣଶିକ୍ଷା ବିଭାଗ ଶିକ୍ଷକମାନଙ୍କୁ ୮୨ଦିନ ଛୁଟି ପ୍ରଦାନ କରିଛି। ଖରା ଛୁଟି ୩୮, ପାଳନ ହେଉଥିବା ୮ଟି ଦିବସ ଓ ଅବଶିଷ୍ଟ ସାପ୍ତାହିକ ଛୁଟି (ରବିବାର) ରହିଛି। ତେବେ ରବିବାରରେ ବିଭିନ୍ନ ପରୀକ୍ଷା ଅନୁଷ୍ଠିତ ହେଉଥିବାବେଳେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଛୁଟି ବାତିଲ କରାଯାଉଛି। ସେହିପରି ଖରା ଛୁଟିରେ ମଧ୍ୟ ଶିକ୍ଷୟିତ୍ରୀଶିକ୍ଷକ ରୋଷ୍ଟର ଡ୍ୟୁଟି କରୁଛନ୍ତି। ବର୍ତ୍ତମାନ ମେ ୫ରୁ ଖରାଛୁଟି ହେବା ସତ୍ତ୍ୱେ କିଛି ଜିଲାର ଜିଲା ଶିକ୍ଷା ଅଧିକାରୀ ଫିଜିକାଲ ରିମେଡିଆଲ କ୍ଲାସ୍ କରିବାକୁ ଚିଠି କରିଛନ୍ତି। ସେହିପରି କିଛି ଜିଲାର ଶିକ୍ଷାଧିକାରୀ ବିଭିନ୍ନ ହ୍ୱାଟ୍‌ସଆପ୍ ଗ୍ରୁପ୍ ଓ ଭର୍ଚୁଆଲ୍‌ରେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କାର୍ଯ୍ୟ କରିବାକୁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି। କୌଣସି ଶିକ୍ଷୟିତ୍ରୀଶିକ୍ଷକ ହେଡ୍‌କ୍ୱାର୍ଟର ଛାଡିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସଂଘ ସମ୍ପାଦକ ଅମରେନ୍ଦ୍ର ସ୍ୱାଇଁ, ମହାସଚିବ ବିଶ୍ୱଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ପଞ୍ଚାନନ ଜେନା, ମିଡିଆ ସମ୍ପାଦକ ଚନ୍ଦ୍ରକାନ୍ତ ପଣ୍ଡା ଏବଂ ଆବାହକ ନିରୋଦ ରଥ ପ୍ରମୁଖ ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି।

# ଗ୍ୟାସ୍ ଦୁର୍ଘଟଣାରେ ଯୁବକ ମୃତ

ଚିକିଟି,୬।୫(ଡି.ଏନ.ଏ.)

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଚିକିଟି ଗଡ଼ କୁମ୍ଭାରସାହିରେ ଗୁରୁବାର ରାତିରେ ଅଚଳ ହୋଇଥିବା ଗ୍ୟାସ ଚୁଲା ମରାମତି ଚାଲିଥିବା ବେଳେ ନିକଟରେ ହେଉଥିବା ରୋଷେଇରୁ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୩ ଜଣ ଗୁରୁତର  ହୋଇଥିଲେ। ଶୁକ୍ରବାର ଅପରାହ୍ନ ୨ଟାରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ଜଣକ ହେଲେ ଚିକିଟି କୁମ୍ଭାରସାହିର କାହ୍ନୁଚରଣ ବେହେରା (୨୫)। ପ୍ରକାଶ ଯେ, ଗ୍ୟାସ ଚୁଲା ଖରାପ ଯୋଗୁ ସୁଭାଷିନୀ କାଠରେ ରୋଷେଇ କରୁଥିବା ବେଳେ ମରାମତି କରୁଥିବା ସମୟରେ ହଠାତ ନିଆଁ ଧରି ଦୁର୍ଘଟଣା ଘଟି ବାପା ବିଶ୍ୱନାଥ ବେହେରା, ମା’ ସୁଭାଷିନୀ ଓ ପୁଅ କାହ୍ନୁଚରଣ ବେହେରା ଗୁରୁତର ହୋଇଥିଲେ। ଆହତଙ୍କୁ ଚିକିଟିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଥିମଧ୍ୟରୁ ବିଶ୍ୱନାଥ ଓ କାହ୍ନୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସୁଭାଷିନୀ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ପିତା ବିଶ୍ୱନାଥ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଶୁକ୍ରବାର କାହ୍ନୁଚରଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

# ୨ ଗଞ୍ଜେଇ ବ୍ୟବସାୟୀଙ୍କୁ ପଳାତକ ଘୋଷଣା

କାଳିମେଳା/ଚିତ୍ରକୋଣ୍ଡା, ୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଳିମେଳା ଥାନା ଅନ୍ତର୍ଗତ ଏମ୍‌ଭି-୯୪ ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କୁ  ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଶନିବାର କୋର୍ଟଙ୍କ ନିର୍ଦ୍ଦେଶରେ ପୋଲିସ ପଳାତକ ଘୋଷଣା କରିଛି। ଉଭୟେ ଦୀର୍ଘଦିନ ଧରି ଫେରାର ଥିବାରୁ କୋର୍ଟ ଏପରି ନିର୍ଦ୍ଦେଶ ଦେଇଥିବା କାଳିମେଳା ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ କହିଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ପୋଲିସର ଏକ ଟିମ୍ ଏମ୍‌ଭି-୯୪ ଗ୍ରାମରେ ଉଭୟଙ୍କୁ ପଳାତକ ଘୋଷଣା କରାଯାଇଥିବା ଡାକବାଜି ଯନ୍ତ୍ରରେ ପ୍ରଚାର କରି ସମସ୍ତଙ୍କୁ ଅବଗତ କରାଇଛି।  ୨୦୧୯ରେ ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ  ଏମ୍‌ଭି-୯୪ ଗ୍ରାମର ଅମର ମିସ୍ତ୍ରୀଙ୍କ ପୁଅ ଅନୁପ  ଏବଂ ସୁମନ୍ତ ମଣ୍ଡଳଙ୍କ ପୁଅ ମହାନନ୍ଦ  ଦୀର୍ଘଦିନ ହେଲା ଫେରାର ଥିଲେ। ସେମାନଙ୍କ ନାମରେ କାଳିମେଳା ଥାନାରେ ଅଭିଯୋଗ ରହିଥିଲା। ସେମାନଙ୍କର କୌଣସି ସନ୍ଧାନ ପୋଲିସ ପାଇପାରି ନ ଥିଲା।  ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ୨ ଅଭିଯୁକ୍ତଙ୍କୁ ବାରମ୍ବାର କୋର୍ଟରେ ହାଜର ହେବାକୁ ନୋଟିସ ଜାରି କରାଯାଇଥିଲେ ମଧ୍ୟ ସେମାନେ ଏହାକୁ ଅବମାନନା କରି ଚାଲିଥିଲେ। ଶେଷରେ ଜିଲା ସ୍ୱତନ୍ତ୍ର ଅଦାଲତ ଅନୁପ  ଏବଂ ମହାନନ୍ଦଙ୍କୁ  ପଳାତକ ଘୋଷଣା କରିଛନ୍ତି। କୋର୍ଟ ଦେଇଥିବା ନିର୍ଦ୍ଦିଷ୍ଟ ତାରିଖରେ ଯଦି ଉଭୟେ କୋର୍ଟରେ ହାଜର ନ ହୁଅନ୍ତି ତେବେ ସେମାନଙ୍କ ଥିବା ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ  କରାଯିବ ବୋଲି ସେମାନଙ୍କ ଘର କାନ୍ଥରେ ମରାଯାଇଥିବା ନୋଟିସରୁ ଜଣାପଡିଛି। ଏନଡିପିଏସ୍ କେସ ନଂ. ୧୧୮/୨୦୨୦ରେ ମାମଲା ରୁଜୁ ହୋଇଛି।


ଅନୁପଙ୍କ ଘର କାନ୍ଥରେ ପୋଲିସ ନୋଟିସ୍ ମାରୁଛି।

**ପ୍ରଥମ ପୃଷ୍ଠାରୁ...**

## ନ୍ୟାୟିକ ପ୍ରକ୍ରିୟାକୁ ସରଳ ...

ଦେଇଛନ୍ତି। ଏହା କମ୍ ଖର୍ଚ୍ଚରେ ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଉପଯୋଗୀ ହୋଇପାରିଥିବା କହିଛନ୍ତି। ବିଶେଷକରି ଲାଇଭ୍ ଷ୍ଟ୍ରିମିଂ ନେଟ୍‌ୱାର୍କକୁ କିପରି ବ୍ୟାପକ କରିହେବ ସେଥିପାଇଁ ଭିତ୍ତିଭୂମି ସୁଦୃଢ଼ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ବ୍ଲକଚେନ୍ ଟେକ୍ନୋଲୋଜି, ହାର୍ଡୱେର, ସଫ୍ଟୱେର, କ୍ଲାଉଡ୍ କମ୍ପ୍ୟୁଟିଂ ଆଦିର ଜ୍ଞାନକୌଶଳକୁ ଅଧିକ ପ୍ରୟୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସୁପ୍ରିମକୋର୍ଟ ବିଚାରପତି ରାଜେଶ ବିନ୍ଦାଲ ଯୋଗଦେଇ ହାଇକୋର୍ଟ ବେଞ୍ଚ କେବଳ ମହାନଗରୀରେ ସୀମିତ ନ ରହି ଭର୍ଚୁଆଲ କୋର୍ଟ ଓ ଟେକ୍ନୋଲୋଜି ଜରିଆରେ ଏହା ରାଜ୍ୟର ବିଭିନ୍ନ କୋଣ ଅନୁକୋଣ ସହ ଯୋଡ଼ି ହେବା ଜରୁରୀ ବୋଲି କହିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ଡକ୍ଟର ଏସ୍. ମୁରଲୀଧର ସ୍ୱାଗତ ଭାଷଣ ମାଧ୍ୟମରେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ୨୦ଟି ଜିଲା ଅଦାଲତ ସହ ହାଇକୋର୍ଟକୁ ଭର୍ଚୁଆଲ ଜରିଆରେ ଯୋଡ଼ା ଯାଇପାରିଥିବା ସୂଚନା ଦେଇଥିଲେ। ଓଡ଼ିଶା ହାଇକୋର୍ଟର ଅନ୍ୟତମ ବିଚାରପତି ଜଷ୍ଟିସ୍ ସୁବାଶିଷ ତାଳପତ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ବିଚାରପତିମାନେ ଯୋଗ ଦେଇଛନ୍ତି।



କଟକ ଜୁଡିସିଆଲ ଏକାଡେମୀରେ ଆୟୋଜିତ ଦୁଇଦିନିଆ ଜାତୀୟ କର୍ମଶାଳାର ଶନିବାର ଉଦ୍‌ଘାଟନୀ ଉତ୍ସବରେ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, ସୁପ୍ରିମକୋର୍ଟ ବିଚାରପତି  ରାଜେଶ ବିନ୍ଦାଲ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଓ ବିଚାରପତି ସୁବାଶିଷ ତାଳପତ୍ର।

## ଚାହିଦା ଅଛି, ପ୍ରୋତ୍ସାହନ ...

ସହଯୋଗ କରୁଛନ୍ତି। ପୂର୍ବରୁ ବଳଦ ଓ ପୋଢ଼ ଦ୍ୱାରା ଆଖୁ ପେଡ଼ା ହେଉଥିଲା। ଏବେ ବଳଦ ଓ ପୋଢ଼ ମିଳୁ ନାହାନ୍ତି। ସେମାନଙ୍କ ସହଯୋଗରେ ଆଖୁ ପେଡ଼ିଲେ କ୍ଷତି ହେଉଛି। ଏଣୁ ଟ୍ରାକ୍ଟର ଯୋଗେ ଆଖୁଶାଳ ବୁଲୁଛି। ଜଣେ ଅଥବା ୨ଜଣ ହେଲେ ଶାଳ ବୁଲିବାରେ ଅସୁବିଧା ନାହିଁ। ମୁଁ ୪ ମାଣ ଆଖୁ ଫସଲ କରିଛି। ସବୁ ଗୁଡ଼ ବିକ୍ରି କରୁଛି। ଗୁଡ଼ କେଜି ପ୍ରତି ୩୦ରୁ ୩୫ ଟଙ୍କାରେ ବ୍ୟବସାୟୀମାନେ କିଣି କଟକ, ଭୁବନେଶ୍ୱର ଓ ପୁରୀରେ ବିକ୍ରି କରୁଛନ୍ତି। ଗାଁ ଗହଳିରେ ମଧ୍ୟ କେଜି ପ୍ରତି ୩୫ରୁ ୪୦ ଟଙ୍କାରେ ବିକ୍ରି ହେଉଛି।

ପାଣିପୋଇଲା ଛକର ଆଖୁ ଚାଷୀ ପ୍ରମୋଦ କୁମାର କୁଣ୍ଡଙ୍କ ନୟାଗଡ଼ର ଆଖୁରେ ଭଲ ଚିନି ହୁଏ। ନୟାଗଡ଼ ଜିଲାର ୧ଟନ(୧୦ କୁଇଣ୍ଟାଲ) ଆଖୁ ଚିନିକଳରେ ପେଡ଼ାଗଲେ ୧ କୁଇଣ୍ଟାଲ ୫ କେଜି ଚିନି ମିଳୁଥିଲା।  ଅନ୍ୟ ଜିଲାର ସମ ପରିମାଣର ଆଖୁ ପେଡ଼ିଲେ ୮୫ କେଜି ଚିନି ମିଳୁଥିଲା। ଚିନି ପରି ଗୁଡ଼ର ମାନ ରହୁଛି। ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ନୟାଗଡ଼ର ମାଟି ଆଖୁ ଚାଷ ପାଇଁ ଉପଯୁକ୍ତ। ଆଖୁ ଭଲ ହେଉଥିବାରୁ ଗୁଡ଼ ଭଲ ହେଉଛି। କେମିକାଲ ବଦଳରେ ପାରମ୍ପରିକ ପଦ୍ଧତିରେ ଗୁଡ଼ ତିଆରି ହେଉଥିବାରୁ ଏହାର ସ୍ୱାଦ ବଜାୟ ରହିପାରୁଛି। ନୟାଗଡ଼, ରଣପୁର, ଓଡ଼ଗାଁ, ନୂଆଗାଁ ବ୍ଲକ ଅଞ୍ଚଳରେ ଆଖୁ ଚାଷ ଅଧିକ ହେଉଛି। ସମ୍ପୃକ୍ତ ଅଞ୍ଚଳରୁ ଗୁଡ଼କୁ ପ୍ରସ୍ତୁତ କରାଯାଇ ବିଭିନ୍ନ ଜିଲାକୁ ପଠାଯାଉଛି। ତେବେ କେତେଜଣ ବ୍ୟବସାୟୀ ଅନ୍ୟ ଜିଲାର ଗୁଡ଼କୁ ନୟାଗଡ଼ର ଗୁଡ଼ କହି ବିକ୍ରି କରୁଛନ୍ତି। ପ୍ରଶାସନିକସ୍ତରରେ ଧରପଗଡ଼ ନ ଥିବାରୁ ସେହି ଗୁଡ଼ ଯାଞ୍ଚ ହେଉନାହିଁ। ପୁଣି ଜିଲାରେ ଆଖୁ ଚାଷୀଙ୍କୁ ପ୍ରୋତ୍ସାହନ ନାହିଁ। ଯେଉଁମାନେ ଗୁଡ଼ ପ୍ରସ୍ତୁତ କରି ଜୀବିକା ବଞ୍ଚାଇ ରଖିଛନ୍ତି ସେମାନଙ୍କୁ ମଧ୍ୟ ସରକାରୀ ସହାୟତା ମିଳୁନାହିଁ। ଜିଆଇ ଟ୍ୟାଗ୍‌ର ମାନ୍ୟତା ମିଳିଲେ ଆମକୁ ଫାଇଦା ମିଳନ୍ତା ବୋଲି ଦଳବେହେରା କହିଛନ୍ତି। ବାରବାଟୀ ଗାଁର ଗୁଡ଼ ବ୍ୟବସାୟୀ ବିରଞ୍ଚି ନାରାୟଣ ସାହୁ କୁହନ୍ତି, ଆମ ଗୁଡ଼ ‘ମା ଗୁଡ଼’ ବ୍ରାଣ୍ଡରେ କଟକ, ଭୁବନେଶ୍ୱର, ପୁରୀ, ଗଞ୍ଜାମ ଜିଲା ଓ ଆଖପାଖ ଅଞ୍ଚଳରେ  ବିକ୍ରି ହେଉଛି। ୧ କେଜି ଡବା ମୂଲ୍ୟ ୮୦ ଟଙ୍କା ଓ  ୫୦୦ ଗ୍ରାମ ଡବା ୫୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଗୁଡ଼ରେ ପ୍ରସ୍ତୁତ ଖଜା ମଧ୍ୟ ବିକ୍ରି ହେଉଛି। ପୁଣି ଟିଣରେ ଗୁଡ଼ ଭର୍ତ୍ତିକରି ବିକ୍ରି କରାଯାଉଛି। ନୟାଗଡ଼ରୁ ଚାହିଦା ମୁତାବକ ଗୁଡ଼ ମିଳୁ ନ ଥିବାରୁ ବାହାର ରାଜ୍ୟରୁ ଗୁଡ଼ ଆଣିବାକୁ ପଡୁଛି। ଏହି ବ୍ୟବସାୟରେ ମୋର ବର୍ଷକୁ ଦେଢ଼ରୁ ଦୁଇ ଲକ୍ଷ ଟଙ୍କା ଲାଭ ହେଉଛି ବୋଲି ସେ ସୂଚନା ଦେଇଛନ୍ତି।

ନୟାଗଡ଼ ପାଣିପୋଇଲାସ୍ଥିତ ଆଖୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ପ୍ରମୋଦ କୁମାର ନାୟକ କୁହନ୍ତି, ନୟାଗଡ଼ର ଆଖୁ ଉତ୍କୃଷ୍ଟ ଧରଣର। ଗୁଡ଼ ପ୍ରସ୍ତୁତି ବେଳେ ଚାଷୀ ଭେଣ୍ଡି ଗଛ ରସ ଓ ବାଦାମ ରସ ପକାଇ ମଇଳା ସଫା କରୁଛନ୍ତି। ଏଥିପାଇଁ କେମିକାଲ ବ୍ୟବହାର ହେଉନାହିଁ। ପାରମ୍ପରିକ ପଦ୍ଧତିରେ ଗୁଡ଼ ପ୍ରସ୍ତୁତ କରାଯାଉଥିବାରୁ ତାହା ସ୍ୱାଦିଷ୍ଟ ଲାଗୁଛି। ଏଥିପାଇଁ ନୟାଗଡ଼ ଗୁଡ଼କୁ ଜିଆଇ ଟ୍ୟାଗ୍‌ର ମାନ୍ୟତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅତିରିକ୍ତ ଜିଲା ମୁଖ୍ୟ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର କୁହନ୍ତି, ନୟାଗଡ଼ ଜିଲା ଏକ କୃଷି ପ୍ରଧାନ ଅଞ୍ଚଳ। ମହାନଦୀ, କୁସୁମୀ, କୁଆଁରିଆଁ, ଡାହୁକା, ବୃତ୍ତଙ୍ଗ, ବାଘମାରୀ ପରି ନଦୀକୂଳିଆ ଅଞ୍ଚଳରେ ଆଖୁଚାଷ ହୋଇ ଆସୁଛି। ତେବେ ଚିନିକଳ ବନ୍ଦ ପରେ ଆଖୁ ଫସଲ ହ୍ରାସ ପାଇଛି। ଚିନିକଳ ବନ୍ଦ ପୂର୍ବରୁ ଜିଲାରେ ୬ ହଜାର ହେକ୍ଟର ଜମିରେ ଆଖୁ ଫସଲ ହେଉଥିଲା। ଏବେ ଜିଲାରେ ମାତ୍ର ୧୨୦୫ ହେକ୍ଟର ଜମିରେ ଆଖୁ ଚାଷ ହେଉଛି।

## ଅନ୍ଧାରରେ ଭାଷଣ ...

ଅଡିଟୋରିୟମରେ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ମୁର୍ମୁ ଯୋଗଦେଇ ନିଜର ଦୀକ୍ଷାନ୍ତ ଅଭିଭାଷଣ ଆରମ୍ଭ କରିଥିଲେ। ଏହି ସମୟରେ ପୂର୍ବାହ୍ନ ୧୧ଟା ୫୬ରୁ ୧୨ଟା ୫ମିନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ଅଡିଟୋରିୟମ  ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଇଥିଲା। ଭିତରେ ବସିଥିବା ଅତିଥି ଓ ଛାତ୍ରୀଛାତ୍ରମାନେ ପରସ୍ପରକୁ ଦେଖିପାରି ନ ଥିଲେ। ପୋଡିୟମ ଲାଇଟରେ ରାଷ୍ଟ୍ରପତିଙ୍କ କେବଳ ମୁହଁ ଦେଖାଯାଉଥିବା ବେଳେ ଅନ୍ୟ ସମସ୍ତେ ଅନ୍ଧାର ମଧ୍ୟରେ ବସି ରହିଥିଲେ। ରାଷ୍ଟ୍ରପତି ଅନ୍ଧାରକୁ ଖାତିର ନ କରି ଭାଷଣ ଜାରି ରଖିଥିଲେ। ‘ଅନ୍ଧାର ଯେତିକି ଆଲୁଅ ସେତିକି ଏହି ଯେ ଗହନ ବନ...’ ପଂକ୍ତି ଉଲ୍ଲେଖ କରି ଉଭୟ ଆଲୋକ ଓ ଅନ୍ଧାରକୁ ସମାନ ଭାବରେ ଗ୍ରହଣ କରିବା ଉଚିତ ବୋଲି କହିଥିଲେ। ଏପରି କି ବିଶ୍ୱବିଦ୍ୟାଳୟର ପ୍ରଶଂସା ସମୟରେ ବିଜୁଳିର ଲୁଚକାଳି ଖେଳକୁ ବିଦ୍ୟୁତ୍‌ର ଈର୍ଷା ବୋଲି ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ।

ତେବେ ଶକ୍ତି ବିଭାଗ ଏହାକୁ ଏକ ଅନିଚ୍ଛାକୃତ ତ୍ରୁଟି ବୋଲି କହି କଦୁଃଖ ପ୍ରକାଶ କରିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ମଧ୍ୟ ଦୋଷ ସ୍ୱୀକାର କରିଛି। ଅପରପକ୍ଷରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରେ ବିଦ୍ୟୁତ୍ ବିଭ୍ରାଟକୁ ସାଧାରଣ ଜନତା ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଘଟଣାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାଞ୍ଚଳ ଆରଡ଼ିସି ଡ. ସୁରେଶ ଚନ୍ଦ୍ର ଦଳେଇ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ ବିନୀତ ଭରଦ୍ୱାଜ ବିଧିବଦ୍ଧ ଭାବେ ମୁଖ୍ୟ ଶାସନ ସଚିବଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବା ସହ ତଦନ୍ତ ହେବ ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଥିବା ବେଳେ ଯାହା କାର୍ଯ୍ୟାନୁଷ୍ଠାନ ହେବ ତାହାକୁ ସେ ଗ୍ରହଣ କରିବେ ଓ ଦରକାର ପଡ଼ିଲେ ତାଙ୍କ ପଦବୀରୁ ଇସ୍ତଫା ଦେଇଦେବେ ବୋଲି କହିଛନ୍ତି। କାର୍ଯ୍ୟରେ ଅବହେଳା ପାଇଁ ଦାୟିତ୍ୱରେ ଥିବା ବିଦ୍ୟୁତ୍ କର୍ମଚାରୀ ଜୟନ୍ତ କୁମାର ତ୍ରିପାଠୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସ୍ନାତକୋତ୍ତର ବିଭାଗର ଅଧ୍ୟକ୍ଷ, କୁଳସଚିବ ଓ ଡେଭଲପମେଣ୍ଟ ଅଫିସରଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରାଯାଇଛି। ଘଟଣାର ତଦନ୍ତ କରି କମିଟି ଆସନ୍ତା ୧୨ତାରିଖ ମଧ୍ୟରେ ରିପୋର୍ଟ ପ୍ରଦାନ କରିବା ପରେ ଏକ୍ସପର୍ଟଙ୍କ ଦ୍ୱାରା ତର୍ଜମା କରାଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁଳପତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ୍ ବିତରଣ ସଂସ୍ଥା ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର କହିଛନ୍ତି, ଟାଟା ପାୱାର ପକ୍ଷରୁ କୌଣସି ତ୍ରୁଟି କରାଯାଇନାହିଁ। ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି।

## ଖାର୍ଗେଙ୍କୁ ହତ୍ୟା ପାଇଁ ଭାଜପା ...

ଭାଜପା ନେତା ଯୋଜନା ଚଳାଇଥିବା ସୁର୍ଜେୱାଲା କହିଛନ୍ତି। ରାଠୋଡ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କର ସ୍ୱତନ୍ତ୍ର ଅନୁଗତ ବୋଲି ସୁର୍ଜେୱାଲା ଦାବି କରିଛନ୍ତି। ସେ କହିଛନ୍ତି, ମୁଁ ଜାଣେ ଏହି ଘଟଣାରେ ପ୍ରଧାନମନ୍ତ୍ରୀ, କର୍ନାଟକ ପୋଲିସ ଏବଂ ନିର୍ବାଚନ କମିଶନ ନୀରବ ରହିବେ। ତେବେ କର୍ନାଟକବାସୀ ଚୁପ୍ ରହିବେ ନାହିଁ। ସେମାନେ ଏହାର ଠିକଣା ଜବାବ ଦେବେ ବୋଲି ସୁର୍ଜେୱାଲା କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗର ତଦନ୍ତ କରାଯିବ ଏବଂ ଆଇନ ତା’ ବାଟରେ ଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ରାଠୋଡ୍ ଅଭିଯୋଗ କରିଛନ୍ତି, କଂଗ୍ରେସ ନକଲି ଅଡିଓ କ୍ଲିପ୍ ପ୍ରସ୍ତୁତ କରି ତାଙ୍କୁ ବଦନାମ କରିବାକୁ ଉଦ୍ୟମ ଚଳାଇଛି। ଖାର୍ଗେ କିମ୍ବା ତାଙ୍କ ପରିବାରକୁ କୌଣସି କ୍ଷତି କରିବା ତାଙ୍କର ଉଦ୍ଦେଶ୍ୟ ନୁହେଁ। ରାଠୋଡ୍ ନିର୍ବାଚନରେ ନିଶ୍ଚିତ ଜିତିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ମଣିପୁର ହିଂସା: ମୃତ୍ୟୁ ...

ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଆଶ୍ରୟସ୍ଥଳରେ ରଖାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ସେନା କ୍ୟାମ୍ପରେ ଆଶ୍ରୟ ନେଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଚୁରାଚାନ୍ଦପୁର ସମେତ ମୋରେହ, କାକ୍‌ଚିଙ୍ଗ ଏବଂ କାଙ୍ଗପୋକ୍‌ପି ଜିଲା ସେନାର ଦୃଢ଼ ନିୟନ୍ତ୍ରଣରେ ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ରବିବାର ହେବାକୁ ଥିବା ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିକୁ ସ୍ଥଗିତ ରଖିଛି। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍‌ଟି) ମାନ୍ୟତା ପ୍ରଦାନ ନେଇ ମଣିପୁର ହାଇକୋର୍ଟଙ୍କ ରାୟକୁ ବିରୋଧ କରି ବୁଧବାରଠାରୁ ହିଂସାତ୍ମକ ସଂଘର୍ଷ ଲାଗି ରହିଥିବାବେଳେ ରାଜ୍ୟରେ ସେନା ଏବଂ ଆସାମ ରାଇଫଲ୍ସରୁ ପାଖାପାଖି ୧୦,୦୦୦ ସୈନ୍ୟଙ୍କୁ ମୁତୟନ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ସହ ରାଜ୍ୟର ସ୍ଥିତି ସମୀକ୍ଷା କରିଥିଲେ। ମଣିପୁର ଜଳୁଥିବାବେଳେ ଶାନ୍ତିରକ୍ଷା ପାଇଁ ଧର୍ମମତ ନିର୍ବିଶେଷରେ ସବୁ ମହିଳା ଆଗେଇ ଆସିବାକୁ ଲୌହ ମାନବୀ ଇରମ ଶର୍ମିଳା ଚାନୁ ଆହ୍ୱାନ ଦେଇଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ତାଙ୍କ ରାଜ୍ୟକୁ ଆସି ଜନସାଧାରଣଙ୍କ ସମସ୍ୟା ବୁଝି ସମାଧାନ କରନ୍ତୁ ବୋଲି ଶର୍ମିଳା ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ମନକାରକ ଚନ୍ଦ୍ର ନୀଚଭାବସ୍ଥ ଯୋଗୁ ଅନ୍ୟମନସ୍କତା ସହ ବ୍ୟସ୍ତତା ମଧ୍ୟରେ ସମୟ କଟାଇବେ। ଯାତ୍ରା, ବାଣିଜ୍ୟ, ପରିବହନ, ସଙ୍ଗଠନ, ରାଜନୀତି ପାଇଁ ବହୁତ ଭଲ। ମାତ୍ର କର୍ମ କ୍ଷେତ୍ରରେ କେତେକ ବ୍ୟତିକ୍ରମ କାରଣରୁ ଟେନ୍‌ସନ ପିଛା ଛାଡ଼ିବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି  ଦ୍ରୁତ ହେବ।

**ବୃଷ** – ସ୍ୱଗୃହୀ କର୍ମାଧିପତି ଯୋଗୁ ଆଜି ଦିନଟିରେ ପ୍ରତ୍ୟେକ କାର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସଫଳତା ପ୍ରାପ୍ତ କରାଇବ। ସାମୂହିକ କାମରେ ବନ୍ଧୁଙ୍କ ପ୍ରଶଂସାସୂଚକ ବାକ୍ୟ ଭାବ ବିଭୋର କରାଇବ। ପରିବାରରେ ପିଲାମାନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ। ଅବୁଝା ବ୍ୟକ୍ତିଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କାମ ହାସଲ କରିବାକୁ ପଡ଼ିପାରେ।

**ମିଥୁନ** – ତୃତୀୟାଧିପ ଏକାଦଶସ୍ଥ ହୋଇ ଯୋଗକାରକ ହେତୁ ଅଭିଳଷିତ ଜିନିଷ ପ୍ରାପ୍ତିରେ ଅସୁବିଧା ରହିବ ନାହିଁ। ଟିକିଏ ହସ ମିଶ୍ରିତ ମଧୁର କଥା ସକାଶେ ଲକ୍ଷ୍ୟହୀନ ଭ୍ରମଣ ମଧ୍ୟ କରିପାରନ୍ତି। ପୁନର୍ବସୁ ନକ୍ଷତ୍ର ଦେବଗୁରୁଙ୍କ କୃପାରୁ ସଭା ସମିତିରେ ବୁଦ୍ଧିଜୀବୀଙ୍କ ଦ୍ୱାରା ସମ୍ମାନିତ ହେବେ। ଦୀର୍ଘ ଦିନର ଶତ୍ରୁତା ବିବାଦର କାରଣ ହୋଇପାରେ।

**କର୍କଟ** – ଏକାଧିକ ଗ୍ରହଜନିତ କର୍ମକ୍ଷେତ୍ରରେ ସ୍ୱ ଇଚ୍ଛାରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ପରିବାର ସକାଶେ ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ୍ ଦ୍ରବ୍ୟ ଆଣିପାରନ୍ତି। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିପାରେ। ଆର୍ଥିକ ବାଣିଜ୍ୟ, ବ୍ୟବସାୟରେ ଲାଭ ମିଳିବ।

**ସିଂହ** – ରାଶି ପ୍ରତି ଶନିଙ୍କ ଦୃଷ୍ଟି କାରଣରୁ ସ୍ୱାସ୍ଥ୍ୟହାନିଜନିତ ସାମୟିକ ମନ ମାନ୍ଦା ରହିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ବିରୋଧୀ ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟା ବଢ଼ାଇ ଦେବେ। ବନ୍ଧୁଙ୍କ ନିକଟରୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ପାଇ ଖୁସି ହେବେ। ସହକର୍ମୀମାନେ ଅସହଯୋଗ ମନୋଭାବ ପୋଷଣ କରିବେ।

**କନ୍ୟା** – ଆଜି କର୍ମକ୍ଷେତ୍ରରେ ଚାଲାକ୍ କାମ କରି ସମସ୍ୟାକୁ ସୁଧାରି ନେବେ। ବୃହସ୍ପତି ବ୍ୟୟାଧିପ ଦୃଷ୍ଟିରେ ଥିବାରୁ ପୁରାତନ ଗାଡ଼ିଟି ବିକ୍ରି ହୋଇଯିବା ହେତୁ ଚିନ୍ତିତ ହୋଇପାରନ୍ତି। ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ସାଧାରଣ କଥାରେ ବିତର୍କ ଜନିତ ପଡ଼ୋଶୀଙ୍କ ସହ ସମ୍ପର୍କ ହାନି ଯୋଗୁ ବିରସ ମନରେ ରହିବେ।

**ତୁଳା** – ମଙ୍ଗଳ ସ୍ୱଭାବରୁ ଦୁଃସ୍ଥାନସ୍ଥ ଯୋଗୁ ଅସୁବିଧାକୁ ପ୍ରକାଶ ନ କରି  ମାନସିକ କଷ୍ଟ ପାଇବେ। ପାରିବାରିକ ଜୀବନ, ରାଜନୈତିକ ସ୍ଥିତି ଓ ଆନୁଷ୍ଠାନିକ କାମରେ ପ୍ରଗତି ହେତୁ ଖୁସି ରହିବେ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ, କିନ୍ତୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମମୁଖର ହେବେ। ଚିତ୍ରା ନକ୍ଷତ୍ର ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**ବିଛା** – ଶନିଙ୍କ ପ୍ରଭାବରେ ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜେ କ୍ଷତିରେ ପଡ଼ିବେ। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ସାଲିସ୍ କରି ଚଳିବା ଠିକ୍ ହେବ। ଆୟ ବହୁମୁଖୀ ହେବ, କିନ୍ତୁ ଖର୍ଚ୍ଚ ମଧ୍ୟ କିଛି କମିବାର ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜିବୀମାନଙ୍କ ପ୍ରଶଂସାଭାଜନ ହେବେ।

**ଧନୁ** – ମାନସିକ ଅସ୍ଥିରତା ଓ ଅସଂଯମ ଜୀବନଚର୍ଯ୍ୟାରୁ ଅନ୍ୟମନସ୍କ କିମ୍ବା ଅସାବଧାନତା ଜନିତ ସମସ୍ୟାଗ୍ରସ୍ତ ହେବେ। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ହଜି ଯାଇଥିବା ବନ୍ଧୁଙ୍କ ଖୋଜ ଖବର ପାଇପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ ହେବ।

**ମକର** – ମୁଖ୍ୟ ଭାବରେ ଶନି ହେତୁ ସମସ୍ୟା ଓ ପ୍ରତିବନ୍ଧକକୁ ନୀରବଦ୍ରଷ୍ଟା ଭାବରେ ଅତିକ୍ରମ ଚିନ୍ତା କରିପାରନ୍ତି। ସତ୍‌ସଙ୍ଗ, ସଭାସମିତିରେ ବକ୍ତୃତା, ପ୍ରବଚନ, ଆନୁଷ୍ଠାନିକ କାମ ଓ ପ୍ରତିଯୋଗିତାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ  ବଢ଼ିଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ।

**କୁମ୍ଭ** – ଆଜି କୋଣଭାବସ୍ଥ ଶୁକ୍ରଙ୍କ ସୁପ୍ରଭାବରୁ ଯେଉଁ କାମରେ ହାତ ଦେବେ ସଫଳତା ମିଳିବ। ଉତ୍ତର ଭାଦ୍ରବ ନକ୍ଷତ୍ର ସତର୍କରେ ନ ଚଳିଲେ ବିଭିନ୍ନ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ। ସାନ୍ଧ୍ୟ ଭ୍ରମଣର ଜନଗହଳିପୂର୍ଣ୍ଣ ପରିବେଶରେ ପାଟିତୁଣ୍ଡ ହୋଇପାରନ୍ତି। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** – ଶୁକ୍ର ଓ ମଙ୍ଗଳଙ୍କ ସ୍ଥିତିରୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଆଲୋଚନା, ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ଘରର ବରାଦ ଅନୁସାରେ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ପରିସ୍ଥିତି ପ୍ରତି ସଚେତନ ନ ହୋଇ କାମ କଲେ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ରବିବାର, ମେ’ ୭ ତାରିଖ, ବିଶ୍ୱ ହାସ୍ୟଦିବସ, (ମେ’ ମାସର ପ୍ରଥମ ରବିବାର) ରାଶି ନକ୍ଷତ୍ର- ଅନୁରାଧା/ବିଛା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୮ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୨ ଗତେ ଘ.୦୬।୦୮ ମଧ୍ୟେ ରାହୁକାଳ।

ଯେଉଁମାନେ ଶାସନକ୍ଷମତାର ଅଧିକାରୀ– ସେମାନଙ୍କର ସାମାଜିକ ସ୍ଥିତିର ଉଚ୍ଚତା ଯାହା ହେଉନା କାହିଁକି– ସେମାନଙ୍କୁ ଯଥାର୍ଥ ସତ୍ୟଦ୍ରଷ୍ଟାମାନଙ୍କ ନିକଟରୁ ଅନୁପ୍ରେରଣା ଗ୍ରହଣ କରିବାକୁ ହେବ। ସେହି ସତ୍ୟ ଦ୍ରଷ୍ଟାମାନଙ୍କ ସଂକଳ୍ପ ଏବଂ ଭଗବତ୍ ସଂକଳ୍ପ ଏକ। –ଶ୍ରୀମା

# ଚିନ୍ତାଧାରା ବଦଳୁ



ଆକାର ପଟେଲ

ଗୋଆରେ ଏସ୍‌ସିଓ ବିଦେଶ ମନ୍ତ୍ରୀମାନଙ୍କ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ସହ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଯୋଗଦେଇଥିଲେ। ଏହି ଯୁବମନ୍ତ୍ରୀ ଜଣେ କ୍ଷମତାଶାଳୀ ପରିବାର ସଦସ୍ୟ ଭାବେ ଭାରତରେ ଜଣାଶୁଣା। ତାଙ୍କ ମା' ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ, ଯିଏ ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଥିଲେ। ଏ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କର ପାକିସ୍ତାନ ସୃଷ୍ଟ ବିପର୍ଯ୍ୟୟ ତଥା ସମସ୍ୟାଭିତ୍ତିକ ସ୍ଥିତି ଉପରେ ପ୍ରତ୍ୟକ୍ଷ ଅଭିଜ୍ଞତା ଅଛି। ଗୋଆରେ ଆୟୋଜିତ ବୈଠକରେ ଆମେ ତାଙ୍କ ପ୍ରତି ଅତ୍ୟନ୍ତ ରୁକ୍ଷ ଶାରୀରିକ ଭାଷା ପ୍ରଦର୍ଶନ କଲୁ। ଆମ ବୈଦେଶିକ ମନ୍ତ୍ରୀ ତାଙ୍କ ସହ କରମର୍ଦ୍ଦନ ନ କରି କେବଳ ନମସ୍କାର କଲେ। ଏହା ଆୟୋଜିତ ବୈଠକରେ ଜଣେ ବ୍ୟକ୍ତିଙ୍କୁ ସହେ ଯେମିତି ଅବାଞ୍ଛିତ ମନେ କରିବା ଭଳି ଥିଲା। ଅନ୍ୟପକ୍ଷରେ ଏହି ଯୁବ ମନ୍ତ୍ରୀ ନିଜର କର୍ତ୍ତବ୍ୟ ଭଲ ଭାବେ ନିଭାଉଥିବା ମେସେଜ ସୋସିଆଲ ମିଡିଆରେ ଚାଲୁଛି, ଯଦିଓ ସେ ଦେଇଥିବା କୌଣସି ସାକ୍ଷାତକାର ମୁଁ ଦେଖିନାହିଁ। ଆମ ସାମ୍ବାଦିକମାନଙ୍କ ପ୍ରଶ୍ନରେ ସେ ନିଜର ସ୍ୱରୂପକୁ ପ୍ରକାଶ କରିଦେଲେ ଯାହା କେବେ ଆମ ନେତାମାନେ କରିନାହାନ୍ତି। ଏବେ ଆମେ ବିଷୟବସ୍ତୁକୁ ଆସିବା। ଆମେ କେମିତି ଆମ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି କରିବା। ପ୍ରଥମ ପ୍ରଶ୍ନ, ଆମର କୌଣସି ଏଜେଣ୍ଡା କିମ୍ବା ବ୍ୟବସ୍ଥା ଅଛି କି ନାହିଁ ତା' ଉପରେ ବିଚାର କରିବା ଉଚିତ। କାରଣ ସେମାନେ ଯାହା କରୁଛନ୍ତି ତାହା ବନ୍ଦ ନ କରିବା ଯାଏ ସାମାନ୍ୟ ସ୍ଥିତି ଫେରିପାରିବ ନାହିଁ ବୋଲି ଆମର ଧାରଣା ଅଛି। ସନ୍ତ୍ରାସବାଦ ଯୋଗୁ କଶ୍ମୀରରେ ମୃତ୍ୟୁ ସମ୍ପର୍କିତ ତଥ୍ୟକୁ ନେଇ ମୁଁ ଏକ ପୁସ୍ତକ ଲେଖିଥିଲି। ଦୁଇ ଦଶନ୍ଧି ପୂର୍ବେ ସଂଗ୍ରହ କରିଥିବା ତଥ୍ୟ ଅନୁଯାୟୀ ମୃତ୍ୟୁ ସଂଖ୍ୟା ଥିଲା ୪୦୦୦ରୁ ଊର୍ଦ୍ଧ୍ୱ। ପରେ ଅଟଳ ବିହାରୀ ବାଜପେୟୀ ଏବଂ ମନମୋହନ ସିଂଙ୍କ ଶାସନ କାଳରେ ପ୍ରତିବର୍ଷ ଏହା କମିବାରେ ଲାଗିଥିଲା। ଏବେ ଆମ ସରକାରଙ୍କ ଦୃଷ୍ଟିକୋଣରୁ ଜଣାପଡୁଛି, କଶ୍ମୀରରେ ସମସ୍ତ ହିଂସା ବାହାର ପ୍ରାୟୋଜିତ ଏବଂ ଏଥିରେ କୌଣସି ସ୍ଥାନୀୟ ତତ୍ତ୍ୱ ନାହିଁ। ତେବେ ଆମ ନିକଟରେ ଥିବା ବିକଳ୍ପଗୁଡ଼ିକ ଥିବାବେଳେ ସାମାନ୍ୟ ସ୍ଥିତି ଫେରାଇବାରେ ସଫଳ ହେବା ଲାଗି ବିଚାର କରିବା ଦରକାର। ପୂର୍ବତନ କୂଟନୀତିଜ୍ଞ ସତିନ୍ଦର ଲାମ୍ବା 'ଶାନ୍ତିର ସନ୍ଧାନରେ: ୬ ଜଣ ପ୍ରଧାନମନ୍ତ୍ରୀଙ୍କ ସମୟରେ ଭାରତ–ପାକିସ୍ତାନ ସମ୍ପର୍କ' ନାମକ ପୁସ୍ତକ ନିକଟରେ ପ୍ରକାଶ କରିଥିଲେ। ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶରଫ କଶ୍ମୀରରେ ସାମାନ୍ୟ ସ୍ଥିତି ଫେରାଇବାର ୪ ସୂତ୍ରୀ ଫର୍ମୁଲାକୁ ସେ ସେଥିରେ ସ୍ଥାନିତ କରିଛନ୍ତି। ଏହା ଥିଲା ପର୍ଯ୍ୟାୟକ୍ରମେ ସୈନ୍ୟ ପ୍ରତ୍ୟାହର ମାଧ୍ୟମରେ ଅଞ୍ଚଳକୁ ସେନାମୁକ୍ତ କରିବା, କଶ୍ମୀର ସୀମାରେ କୌଣସି ପରିବର୍ତ୍ତନ ନ ହେବା, କଟକଣାରେ ନିୟନ୍ତ୍ରଣ ରେଖା ଦେଇ କଶ୍ମୀରମାନଙ୍କ ମୁକ୍ତ ଚଳପ୍ରଚଳ ଏବଂ ଭାରତ, ପାକିସ୍ତାନ ଓ କଶ୍ମୀରକୁ ନେଇ ଜମ୍ମୁ–କଶ୍ମୀରରେ ମିଳିତ ପର୍ଯ୍ୟବେକ୍ଷଣ କରିବା। କିନ୍ତୁ ଏହା ସଫଳ ହୋଇପାରିଲା ନାହିଁ। ପରେ ମନମୋହନଙ୍କ ସରକାର ସମୟରେ ଭାରତ ପକ୍ଷରୁ ଆଉ କିଛି ଗାଇଡ୍‌ଲାଇନ ଜାରି କରାଗଲା। ଏଥିରେ ମୁଶରଫଙ୍କ ୪ଟି ପଏଣ୍ଟ ସମେତ ଅଧିକ କିଛି ଯୋଡ଼ା ଯାଇଥିଲା। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଦେଇ ବାଣିଜ୍ୟକୁ ଉତ୍ସାହିତ କରିବା, ସବୁ ସ୍ଥାନୀୟ ଉତ୍ପାଦ ଦ୍ରବ୍ୟ ଉପରେ ଥିବା ନନ୍ ଟାରିଫ ବାଧା ଦୂର କରିବା, ବାଣିଜ୍ୟ ବୃଦ୍ଧି କରିବା ପାଇଁ ପଦକ୍ଷେପ ନେବା ସହ ଅଧିକ ପଥ ଖୋଲିବା ଭଳି ବାଣିଜ୍ୟ ସମ୍ପର୍କିତ ବିଷୟଗୁଡ଼ିକ ସାମିଲ କରାଯାଇଥିଲା। ଏହା ମଧ୍ୟ ସଫଳ ହେଲା ନାହିଁ। ଭାରତ ଯେଉଁ ଦ୍ରବ୍ୟ ଉତ୍ପାଦନ କରେ ପାକିସ୍ତାନ ତାହା କରେ ନାହିଁ। କିନ୍ତୁ ବାଣିଜ୍ୟିକ ବାଧା ସକାଶେ ଆମେ ତାହାକୁ ବିକ୍ରି କରିପାରୁନାହୁଁ ଏବଂ ସ୍ୱାଭାବିକ ବା ସାମାନ୍ୟସ୍ଥିତି ଫେରାଇବା ପ୍ରତି ଅନିଚ୍ଛୁକ ହୋଇଛୁ। ଦୁଇ ଦଶ ମଧ୍ୟରେ କିମ୍ବା ଅତି କମ୍‌ରେ କଶ୍ମୀରରେ ସାମାନ୍ୟ ସ୍ଥିତି ଫେରାଇବା ପ୍ରତି ଆଗଭର ହେବା ଆମ ପାଇଁ ତଥା ଆମ ଅର୍ଥ ବ୍ୟବସ୍ଥା ଲାଗି ଲାଭଦାୟକ ହେବ। କିନ୍ତୁ ପୂର୍ବରୁ ଏଥିପ୍ରତି ଯେଭଳି ସରକାରଙ୍କ ଆଗ୍ରହ ନ ଥିଲା ଏବକାର ସରକାରଙ୍କର ମଧ୍ୟ ସେଭଳି ଇଚ୍ଛା ଥିବା ଜଣାପଡୁନାହିଁ।

ଆମେ ଗୋଆରେ ପୁନର୍ବାର ଆମ ସ୍ଥିତିର ପୁନରାବୃତ୍ତି କଲୁ ଓ ଏହା ଭବିଷ୍ୟତରେ ଲାଗି ରହିବ। ଲାମ୍ବାଙ୍କ ଅନୁଯାୟୀ ସରକାର ସେତେବେଳେ ଯାହା ବିଚାର କରୁଥିଲେ ତାହା ବେଶି ସମୟ ଆମ ଚିନ୍ତାଧାରାରେ ରହି ନାହିଁ। ତେବେ ସମସ୍ୟାର ସମାଧାନ ଲାଗି ଦ୍ୱିତୀୟ ବାଟ ଅଛି କି ନାହିଁ ତାହା ଦେଖିବାକୁ ହେବ। ପାକିସ୍ତାନକୁ ବାଦ୍ ଦେଇ ବିଶେଷକରି କଶ୍ମୀରରେ ସମସ୍ୟା ସମାଧାନ ହୋଇପାରିବ କି ନାହିଁ ସେ ସମ୍ପର୍କରେ ବିଚାର କରିବାକୁ ପଡ଼ିବ। ସେଠାରେ ପହଞ୍ଚିବାକୁ ହେଲେ ଆମକୁ ଗ୍ରହଣ କରିବାକୁ ହେବ କିମ୍ବା ଅତି କମ୍‌ରେ ଏକ ସିଦ୍ଧାନ୍ତ ଉପରେ ବିଚାର କରିବାକୁ ପଡ଼ିବ ଯେ, ଯଦି ଆମେ ଆମ ଅଭ୍ୟନ୍ତରୀଣ ସମସ୍ୟା ସମାଧାନ କରିଦେବା ତେବେ ବାହାରର କ୍ଷତିକାରକ ପ୍ରଭାବ ସୀମିତ ହୋଇଯିବ। କିନ୍ତୁ ଏହା ଆମ ବିଚାରଧାରାରେ ନ ଥିବା ଜଣାପଡୁଛି। ଆମେ ଧରିନେଇଛୁ, ଯଦି ପାକିସ୍ତାନ ଆମ ବିରୋଧରେ ତା' କାର୍ଯ୍ୟ ବନ୍ଦ କରିଦେବ କିମ୍ବା ପୃଥିବୀରୁ ଆଜି କୌଣସି ପ୍ରକାରେ ଅନ୍ତର୍ଦ୍ଧାନ ହୋଇଯିବ ତେବେ ଆସନ୍ତା କାଲିଠାରୁ କଶ୍ମୀରରେ ବ୍ୟାପକ ସେନା ଏବଂ ଅର୍ଦ୍ଧସାମରିକ ବଳ ମୁତୟନର ଆବଶ୍ୟକ ପଡ଼ିବ ନାହିଁ। ଏଭଳି ଭାବିବା ମୂର୍ଖାମୀର ପରିଚୟ। ଯାହା ହେଉ ଏହା ହିଁ ଏବକାର ସରକାରଙ୍କ ସ୍ଥିତି ଓ ଚିନ୍ତାଧାରା। ଯେ ପର୍ଯ୍ୟନ୍ତ ସରକାର ଏହିଭଳି ଚିନ୍ତାଧାରାରେ ରହିବେ, ସେଯାଏ ଆମ ପଡ଼ୋଶୀ ସହ ସମ୍ପର୍କରେ ଅଗ୍ରଗତି ହେବ ନାହିଁ। ଆମକୁ କୁହାଯାଇଛି, ସେମାନଙ୍କ(ପାକିସ୍ତାନ) ପାଖରେ ସମାଧାନର ଚାବିକାଠି ଅଛି ଏବଂ ସେମାନେ ଏହାକୁ ବ୍ୟବହାର କରିବାକୁ ମନା କରି ଦେଉଛନ୍ତି। ସେମାନେ ମନା କରୁଥିବାରୁ ଆମେ ସେମାନଙ୍କ ସହ ଆଲୋଚନା କରିବୁ ନାହିଁ ବୋଲି କୁହାଯାଉଛି। ଆମ ଏଜେଣ୍ଡାକୁ ଆମେ ଦୂରେଇ ଦେଇଥିବାରୁ ଆମର ମୂଳ ବିଷୟ ଉପରେ ଧ୍ୟାନ ରହୁନାହିଁ। କିନ୍ତୁ କିଭଳି ଆମେ କରମର୍ଦ୍ଦନ କଲୁ ନାହିଁ ଏବଂ କିଭଳି କ୍ରୋଧିତ ହେଲୁ ତାହା ପ୍ରଚାର କରୁଛୁ। ଏହା ହିଁ ଏବକାର ଭାରତର ବୈଦେଶିକ ନୀତିର ସ୍ଥିତି।

Email:aakar.patel@gmail.com

# ନକଲି ସାର୍ଟିଫିକେଟ ଓ ବ୍ୟବସ୍ଥାଗତ ତ୍ରୁଟି



ଅଧ୍ୟାପକ ଗୋପବନ୍ଧୁ

ସୁଶାସନ ପାଇଁ ଶାସନଗତ ଦୃଢ଼ତା ଅତ୍ୟନ୍ତ ଜରୁରୀ। ଶାସନ ବ୍ୟବସ୍ଥା ହୁଗୁଳି ଗଲେ ଅରାଜକତା ଦେଖାଦିଏ। ଚାରିଆଡ଼େ ମାଫିଆମାନଙ୍କ ପ୍ରାଦୁର୍ଭାବ ବଢ଼ିଯାଏ। ବ୍ୟବସ୍ଥା ବିରୋଧୀ ଅରାଜକ ତତ୍ତ୍ୱ ଆତ୍ମପ୍ରକାଶ କରନ୍ତି। ନିଜ ସ୍ୱାର୍ଥପାଇଁ ଏମାନେ ସମାନ୍ତରାଳ ବ୍ୟବସ୍ଥା ଚାଲୁ କରିବାକୁ ଚେଷ୍ଟା କରନ୍ତି। ଏହା ରାଷ୍ଟ୍ରସତ୍ତାକୁ ଆଞ୍ଚ ପହଞ୍ଚାଏ। ରାଷ୍ଟ୍ର ସ୍ୱଚ୍ଛ ଓ ନିର୍ମଳ ଶାସନ ଦେଇପାରେ ନାହିଁ। ନାଗରିକମାନେ ନ୍ୟାୟ ପାଇ ପାରନ୍ତି ନାହିଁ। ସରଳ ଓ ଶୃଙ୍ଖଳିତ ଲୋକଙ୍କ ଉପରେ ଅତ୍ୟାଚାର ବଢ଼େ। ସମସ୍ତ କ୍ଷେତ୍ରରେ ସେମାନେ ବଞ୍ଚିତ ହୁଅନ୍ତି। ରାଷ୍ଟ୍ରର ଗୋଟିଏ ବ୍ୟବସ୍ଥା ଦୁର୍ବଳ ହେଲେ ଅନ୍ୟ ବ୍ୟବସ୍ଥାକୁ ଏହା ପ୍ରଭାବିତ କରେ। ଏହା ଅଧିକ ପରିବ୍ୟାପ୍ତ ହେଲେ ରାଷ୍ଟ୍ରସତ୍ତା ଅରାଜକ ତତ୍ତ୍ୱ ହାତକୁ ଚାଲିଯାଏ। ଏମାନେ ନିଜ ସ୍ୱାର୍ଥପାଇଁ ରାଷ୍ଟ୍ରକୁ ବିପଦରେ ପକାଇବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। ଅଣାୟତ୍ତ ପରିସ୍ଥିତିକୁ ସୁଧାରିବାକୁ ପୁଣି ଅନେକ ସମୟ ଲଗିଯାଏ। କାରଣ ଏଥିପାଇଁ ପ୍ରବଳ ଜନମତର ଆବଶ୍ୟକତା ପଡ଼େ। ରାଷ୍ଟ୍ରବାଦୀମାନଙ୍କୁ ଆଗକୁ ଆସିବାକୁ ପଡ଼େ।

ଗୋଟିଏ ରାଷ୍ଟ୍ରର ବିକାଶ ପାଇଁ ଏକ ଦୃଢ଼ ଶିକ୍ଷାବ୍ୟବସ୍ଥା ଅପରିହାର୍ଯ୍ୟ। ଦେଶରେ ଶିକ୍ଷାବ୍ୟବସ୍ଥାର ଦାୟିତ୍ୱ ହେଉଛି ଏକ ସୁସ୍ଥ ଓ ପାରଦର୍ଶୀ ଶୈକ୍ଷିକ ବାତାବରଣ ବଜାୟ ରଖିବା ଓ ସ୍ୱଚ୍ଛ ମୂଲ୍ୟାୟନ ଜରିଆରେ ଛାତ୍ରୀଛାତ୍ରମାନଙ୍କ ପ୍ରତିଭାକୁ ପ୍ରମାଣପତ୍ର ବା ସାର୍ଟିଫିକେଟ ମାଧ୍ୟମରେ ସ୍ୱୀକୃତି ଦେବା। ଏହି ପ୍ରମାଣପତ୍ର ପାଇବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼େ। ମାଟ୍ରିକୁଲେଶନ ସାର୍ଟିଫିକେଟ ପାଇଁ ଜଣକୁ ଅନ୍ୟୂନ ଦଶବର୍ଷ ପଢିବାକୁ ହୁଏ। ପରୀକ୍ଷାରେ କୃତକାର୍ଯ୍ୟ ହେଲେ ତାକୁ ପାସ୍ ପ୍ରମାଣପତ୍ର ମିଳେ। ଫେଲ୍ ହେଲେ ପୁଣି ଅଧିକ ବର୍ଷ ପଢ଼ିବାକୁ ହୁଏ। ସେହିପରି ଯୁକ୍ତ୨ ପାଇଁ ଅନ୍ୟୂନ ଦୁଇ ବର୍ଷ, ଯୁକ୍ତ୩ ପାଇଁ ଅନ୍ୟୂନ ତିନି ବର୍ଷ, ପୋଷ୍ଟ ଗ୍ରାଜୁଏଶନ ପାଇଁ ଅନ୍ୟୂନ ଦୁଇବର୍ଷ, ଏହିପରି ପ୍ରତି ସ୍ତରର ପର୍ଯ୍ୟାୟକ୍ରମ ପାଇଁ ସମୟସୀମା ନିର୍ଦ୍ଧାରଣ କରାଯାଇଛି। ହିସାବ କଲେ ହାଇସ୍କୁଲ ସାର୍ଟିଫିକେଟ ପାଇଁ ଅନ୍ୟୂନ ଦଶ ବର୍ଷ, ଯୁକ୍ତ୨ ପାଇଁ ଅନ୍ୟୂନ ବାର ବର୍ଷ, ଯୁକ୍ତ ୩ ସାର୍ଟିଫିକେଟ ପାଇଁ ଅନ୍ୟୂନ ପନ୍ଦର ବର୍ଷ ଓ ଆହୁରି ଉଚ୍ଚତର ଡିଗ୍ରୀ ପାଇଁ ଆହୁରି ଅଧିକ ବର୍ଷ ପଢିବାକୁ ହୁଏ।

ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରମାନେ ପୂର୍ଣ୍ଣ ସମୟ ଭଲ ପରୀକ୍ଷା ଫଳ ପାଇବା ପାଇଁ ଲଗାଇ ଦିଅନ୍ତି। ଏକ ମାତ୍ର ଲକ୍ଷ୍ୟ ଭଲ ନମ୍ବର ରଖି ଭଲ ଡିଭିଜନରେ ପାସ୍ କରିବା। ଏହି ରେଜଲ୍ଟ ତା'ର ସ୍ୱପ୍ନକୁ ସାକାର କରିବ। ଭଲ ଚାକିରିଟିଏ କରିବାରେ ସହାୟକ ହେବ। ବହୁ କଷ୍ଟ ସ୍ୱୀକାର କରି ପରିବାର ଯେଉଁ ପାଠ ପଢ଼ାଇଛନ୍ତି, ସେ ରୋଜଗାର କଲେ ପରିବାର ପ୍ରତି ସହାୟକ ହେବ। ଏ ସମସ୍ତ ବିଷୟ ଆମ ଅନୁଭୂତିରେ। ଆମେ ସମସ୍ତେ ଏହି ସୋପାନ ଦେଇ ଆସିଛୁ। ପଢି ସାରିଲା ପରେ ଜଣେ ଯେଉଁ ଶିକ୍ଷା ପ୍ରମାଣପତ୍ର ପାଏ, ତାହା ତା'ର ତପସ୍ୟାର ଫଳ। ଏହି ପ୍ରମାଣପତ୍ର ସାରା ଜୀବନ ତା'ର ବ୍ୟକ୍ତିତ୍ୱର ପ୍ରମାଣ ଦିଏ। ମଲା ପରେ ବି ପରବର୍ତ୍ତୀ ବଂଶଧରମାନେ ଏହାକୁ ନେଇ ଗର୍ବ କରନ୍ତି। ଆଲୋଚନା ବି କରନ୍ତି। ତେଣୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ପରୀକ୍ଷାର ଯେଉଁପରି ସ୍ୱତନ୍ତ୍ର ମହତ୍ତ୍ୱ ଥାଏ, ସେଠାରୁ ଯେଉଁ ଶିକ୍ଷା ପ୍ରମାଣପତ୍ର ମିଳେ ତାହାର ମହତ୍ତ୍ୱ ଆହୁରି ଅଧିକ ଥାଏ।



ଏହିପ୍ରକାର ଶୃଙ୍ଖଳିତ ବ୍ୟବସ୍ଥା ଭୂଲୁଣ୍ଠିତ ହୁଏ, ଯେତେବେଳେ ଏହାର ଏକ ଭ୍ରଷ୍ଟ ଓ ବିରୋଧୀ ବ୍ୟବସ୍ଥା କାୟାବିସ୍ତାର କରେ। ଶ୍ରେଣୀଶିକ୍ଷା ଉପରୁ ଗୁରୁତ୍ୱ ହ୍ରାସ କରାଯାଏ। ପରୀକ୍ଷା ପଦ୍ଧତିରେ ଅସ୍ୱଚ୍ଛତା ଆସେ। ସାର୍ଟିଫିକେଟ ହାସଲ କରିବା କେବଳ ମାତ୍ର ଲକ୍ଷ୍ୟ ହୋଇଯାଏ। ଛାତ୍ରୀଛାତ୍ରୀମାନେ ନକଲ ଉପରେ ଗୁରୁତ୍ୱ ଦିଅନ୍ତି। କାର୍ଯ୍ୟରତ କର୍ମଚାରୀମାନେ ପରୀକ୍ଷାରେ ଅସାଧୁ ଉପାୟର ଅବଲମ୍ବନକୁ ପ୍ରୋତ୍ସାହିତ କରନ୍ତି। କପି ମାଫିଆମାନେ ସକ୍ରିୟ ହୋଇଯାଆନ୍ତି ଓ ବ୍ୟବସ୍ଥା ସହିତ ବୁଝାମଣା କରି ପ୍ରଶ୍ନପତ୍ର ଲିକ୍ ସହିତ, କପି ଯୋଗାଣ, ମୂଲ୍ୟାୟନରେ ହେରଫେର, ଟାବୁଲେଶନ ବେଳେ ନମ୍ବର ହେରଫେର ପରି ଅସାଧୁ କାର୍ଯ୍ୟ ବିନା ପ୍ରତିବନ୍ଧକରେ କରିଚାଲନ୍ତି। ଏପରି ସ୍ଥଳେ ପରୀକ୍ଷା ନିୟାମକର ବିରୋଧରେ ଏକ ଭ୍ରଷ୍ଟ ସମାନ୍ତରାଳ ବ୍ୟବସ୍ଥା କାର୍ଯ୍ୟକରେ। ଗୋଟିଏ ରାଷ୍ଟ୍ରର ଶିକ୍ଷାବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳିତ କରିବା ପାଇଁ ଯେଉଁସବୁ ନିୟମର ପ୍ରବର୍ତ୍ତନ ହୋଇଥାଏ, ତାହା କ୍ରମେ ମୂଲ୍ୟହୀନ ହୋଇଯାଏ ଏବଂ ମାଫିଆ ଓ ଭ୍ରଷ୍ଟାଚାରୀଙ୍କ ଇଙ୍ଗିତରେ ଦେଶର ବ୍ୟବସ୍ଥା ପରିଚାଳିତ ହୁଏ।

ବ୍ୟବସ୍ଥାରେ ଚରମ ବିଶୃଙ୍ଖଳା ଦେଖାଦିଏ, ଯେତେବେଳେ ସାର୍ଟିଫିକେଟ ବା ପାସ୍ ପ୍ରମାଣପତ୍ର ବଜାରରେ କିଣିବାକୁ ମିଳେ। ଶିକ୍ଷା ମାଫିଆ ଓ କଳାବଜାରକାରୀମାନେ ଏହାକୁ ସବୁଠାରୁ ସହଜ ମାଧ୍ୟମ ଭାବେ ଗ୍ରହଣକରି ନେଇଛନ୍ତି। ଏଥିରେ ଶ୍ରେଣୀ ଶିକ୍ଷା ଲାଭକରିବାର ଆବଶ୍ୟକତା ନ ଥାଏ। ଦଶପନ୍ଦର ବର୍ଷ ପର୍ଯ୍ୟନ୍ତ ପାଠ ପଢିବାର ଝମେଲା ଏବଂ ଅର୍ଥ ଓ ସମୟ ବ୍ୟୟର ଆବଶ୍ୟକତା ପଡେନାହିଁ। କେଉଁ ସ୍କୁଲ ବା କଲେଜରେ ନାମ ଲେଖାଇବାକୁ ପଡ଼େ ନାହିଁ। କେହି ଯଦି ନାମ ଲେଖାଇ ଥାଏ, ତେବେ ସେ ଫେଲ୍ ହୋଇଥିଲେ ବି ତାକୁ ଅଧିକ ନମ୍ବର ରଖିଥିବା ପାସ୍ ସାର୍ଟିଫିକେଟ ଓ ନମ୍ବର ଫର୍ଦ୍ଦ ବା ମାର୍କଶିଟ ମିଳିଯାଏ। ଏହାକୁ ନେଇ ସେ ଭଲ ଚାକିରି ପାଇଯାଏ। ଯିଏ ଜାଲ୍ ସାର୍ଟିଫିକେଟ ଯୋଗାଡ଼ କରିପାରେ ତାକୁ ଚାକିରି ଯୋଗାଡ଼ କରିବା କେଉଁ କଷ୍ଟକର କାମ? କେତେଜଣ ରାଜନେତାଙ୍କ ପାଇଁ ନିଜର ରାଜନୈତିକ ପ୍ରଭାବ ବିସ୍ତାର ଉଦ୍ଦେଶ୍ୟରେ ସାଧାରଣ ଜନତାଙ୍କୁ ନିଜର ଉଚ୍ଚଶିକ୍ଷା ଯୋଗ୍ୟତାର ପ୍ରଦର୍ଶନ କରିବା ଦିଗରେ ଏହା ଏକ ସହଜ ମାଧ୍ୟମ। ଏପରିକି ନିର୍ବାଚନ ଅଧିକାରୀଙ୍କ ନିକଟରେ ଏବାବଦକୁ ଆଫିଡାଭିଟ୍ ଦେବାକୁ ସେମାନେ କୁଣ୍ଠାବୋଧ କରନ୍ତି ନାହିଁ। ଯଦି ଏପରି ବ୍ୟକ୍ତି ଉଚ୍ଚପଦ ପଦବୀରେ ଅଧିଷ୍ଠିତ ହୋଇଯାଆନ୍ତି ଓ ତାଙ୍କ ବିରୋଧରେ ଅଭିଯୋଗ ଆସେ, ତେବେ ସେ ନିଜର କ୍ଷମତା ବଳରେ ଏପ୍ରକାର ଅଭିଯୋଗକୁ ଚାପିଦେବା ପାଇଁ ଭରପୂର ଚେଷ୍ଟା କରନ୍ତି।

ନିକଟରେ ଓଡ଼ିଶାରେ ହଜାର ହଜାର ସଂଖ୍ୟାରେ ଜାଲ୍ ସାର୍ଟିଫିକେଟ ଓ ମାର୍କଶିଟ ବିକ୍ରି ହେବାର ତଥ୍ୟ ପ୍ରଘଟ ହୋଇଛି। ଏପ୍ରକାର ଚେରର ଗଭୀରତା ବହୁତ ବେଶିବୋଲି ପ୍ରମାଣ ମିଳିଛି। ଅନେକେ ଏହିପ୍ରକାର ପ୍ରମାଣପତ୍ର ଜରିଆରେ ଚାକିରି କରୁଥିବାର ଜଣାପଡିଛି। କେତେଜଣ ଧରାପଡିଲେଣି। ଏହା ଉପରେ ଖୋଳତାଡ଼ ଚାଲିଛି। ଅନେକଙ୍କ ଧାରଣା ଯେ ଏହା ପଛରେ ରାଜନୈତିକ ନେତାଙ୍କ ପୃଷ୍ଠପୋଷକତା ଥାଇପାରେ। ଏପ୍ରକାର ବ୍ୟବସ୍ଥା ଦୀର୍ଘବର୍ଷ ଧରି ଚାଲିଛି। ଏ ସବୁ ସମୁଦ୍ରକୁ ଶଙ୍ଖେ। ଠିକ୍‌ଭାବେ ଇନକ୍ୱାରି କଲେ ଅନେକ କଥା ସାମ୍ନାକୁ ଆସିବ ଓ ଅନେକଙ୍କ ମୁଖା ଖୋଲିବ। ତେବେ ସାଧାରଣରେ ଏହାବି ସନ୍ଦେହରେ ରହିଛି ଯେ ଯେଉଁମାନେ ଏତେ କରିତ୍‌କର୍ମା, ଯେଉଁମାନେ ପାଠ ନ ପଢି ଜାଲ୍ ସାର୍ଟିଫିକେଟ ସଂଗ୍ରହ କରି ଚାକିରି କରିପାରୁଛନ୍ତି, ସେମାନେ ଇନକ୍ୱାରିକୁ ବି କିଣି ନେବେନିତ? କାରଣ ଦେଶର ଗୋଟିଏ ବ୍ୟବସ୍ଥାରେ ଘୁଣ ଲାଗିଲେ ତାହା ଅନ୍ୟ ବ୍ୟବସ୍ଥାକୁ ମଧ୍ୟ ସଂକ୍ରମିତ ହୁଏ।

ରାଜନେତାମାନେ ଦେଶର ଦିଗ୍‌ଦର୍ଶକ। କେତେଜଣ ରାଜନେତାଙ୍କ ବିରୋଧରେ ଜାଲ୍ ଶିକ୍ଷାଗତ ଯୋଗ୍ୟତା ରହିଛି ବୋଲି ଗମ୍ଭୀର ଅଭିଯୋଗ ଆସିଛି। ଅତୀତରେ ଦିଲ୍ଲୀର ଆଇନ ମନ୍ତ୍ରୀଙ୍କ ବିରୋଧରେ ଏପରି ଅଭିଯୋଗ ଆସିଥିଲା ଓ ତାଙ୍କୁ ଇସ୍ତଫା ଦେବାକୁ ପଡିଥିଲା। ଆହୁରି ଅନେକ ନେତାଙ୍କ ବିରୋଧରେ ଏପରି ଅଭିଯୋଗ ଆସୁଛି। କେବଳ ଏତିକି ନୁହେଁ ଜାଲ୍ ଜାତି ସାର୍ଟିଫିକେଟ, ଜାଲ୍ ଜନ୍ମ ସାର୍ଟିଫିକେଟ, ଜାଲ୍ ସମ୍ପତ୍ତି ପ୍ରମାଣ ପରି ଅଭିଯୋଗ ମଧ୍ୟ ଆସୁଛି। ରାଜନୈତିକ ନେତାମାନେ ଏ ସମସ୍ତ ଅଭିଯୋଗରୁ ମୁକ୍ତ ହେବା ଉଚିତ। ଅନ୍ୟଥା ଏମାନଙ୍କ ହାତରେ ଦେଶ ସୁରକ୍ଷିତ ରହିବ କିପରି?

ଏହିପ୍ରକାର କାରବାରରେ ଲିପ୍ତଥିବା କଳାବଜାରକାରୀ ଓ ମାଫିଆମାନଙ୍କୁ କଠୋର ହସ୍ତରେ ଦମନ କରାଯିବା ଉଚିତ। ଆଉ ସମ୍ପୃକ୍ତ ରାଜନୈତିକ ନେତାମାନେ ତ ଆଦୌ କ୍ଷମାର ପାତ୍ର ନୁହନ୍ତି। ତାଙ୍କୁ ଯେତେ ଭର୍ତ୍ସନା କଲେ ବି କମ୍ ହେବ।

(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ
ମୋ– ୭୦୦୮୯୭୬୧୮୦

# ବାଫ୍‌ଟା ବିଜୟିନୀ

ବ୍ୟକ୍ତିତ୍ୱ



ମୀରା ସାୟଲ

ବ୍ରିଟିଶ ଏକାଡେମୀ ଅଫ୍ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଆର୍ଟ୍ସ (ବାଫ୍‌ଟା)। କଳାର ପ୍ରସାର କରୁଥିବା ବିଶ୍ୱର ଏହି ଅଗ୍ରଣୀ ସ୍ୱାଧୀନ ଦାତବ୍ୟ ସଂସ୍ଥାର ପୁରସ୍କାର ଉତ୍ସବ ଉପରେ ସମସ୍ତଙ୍କ ନଜର ଥାଏ। ପୁରସ୍କାର ସମାରୋହ ସହିତ ବର୍ଷବ୍ୟାପୀ କଳା ଦ୍ୱାରା ଅନୁପ୍ରେରିତ ବିଶ୍ୱର ଶ୍ରେଷ୍ଠ ପ୍ରତିଭାଙ୍କୁ ବାଛି ସେମାନଙ୍କ ପାଇଁ କର୍ମଶାଳା, ମାଷ୍ଟରକ୍ଲାସେସ୍, ଲେକ୍‌ଚର୍ସ ଆୟୋଜନ କରି ଅନ୍ତର୍ଜାତୀୟସ୍ତରୀୟ ପ୍ରଶିକ୍ଷଣ ଦେବା ସହ ମେଧାବୃତ୍ତି ପ୍ରଦାନ କରୁଥିବା ବାଫ୍‌ଟା ନୂତନ ତଥା ଅଜଣା ମେଧାବୀଙ୍କ ପାଇଁ ଆଲୋକବର୍ତ୍ତିକା ପାଲଟିଯାଇଛି। ଚଳଚ୍ଚିତ୍ର, ଗେମ୍ସ ଓ ଟେଲିଭିଜନ ଶିଳ୍ପର ଭବିଷ୍ୟତ କଳାକାର ଓ କଳା ସମ୍ବନ୍ଧୀୟ ଉଚ୍ଚକୋଟୀର ବ୍ୟକ୍ତିତ୍ୱ ସୃଷ୍ଟି ଦିଗରେ ଏହି ସଂସ୍ଥାର ଉଦ୍ୟୋଗ ସର୍ବଦା ପ୍ରଶଂସନୀୟ। କଳା ଜଗତରେ ଖ୍ୟାତ ଏଭଳି ଅନନ୍ୟ ସଂସ୍ଥାର ଆୟ ଏହାର ସଦସ୍ୟତା ଗ୍ରହଣ, ବ୍ୟକ୍ତିଗତ ଦାନ, ଟ୍ରଷ୍ଟ, ଫାଉଣ୍ଡେଶନ ଏବଂ କର୍ପୋରେଟ୍ ସହଯୋଗରୁ ମିଳିଥାଏ। କଳାର ଏକ ମହାର୍ଘ ଆଭିମୁଖ୍ୟ ରଖି ଅନବରତ ପ୍ରତିଭା ଅନ୍ୱେଷଣ କରୁଥିବା ବାଫ୍‌ଟାର ସମ୍ମାନ, ଫେଲୋଶିପ୍(ଅଧିସଦସ୍ୟତା) ଲାଭ କରୁଥିବା ବ୍ୟକ୍ତି ନିଜକୁ ଧନ୍ୟ ମନେକରିବା ସ୍ୱାଭାବିକ। ବ୍ରିଟେନ୍‌ରେ ରହୁଥିବା ଭାରତୀୟ କଳାକାର ତଥା ଲେଖକ ମୀରା ସାୟଲ ବାଫ୍‌ଟା ଫେଲୋଶିପ୍ ପାଇବେ ବୋଲି ମେ' ପହିଲାରେ ଘୋଷଣା ହେବା ପରେ ସେ ଅତ୍ୟନ୍ତ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। କାରଣ ଚଳିତବର୍ଷର ସମ୍ମାନ ମେଣ୍ଟରମାନଙ୍କ ପାଇଁ ସୁଯୋଗ ଆଣିଦେବା ଓ ବାଫ୍‌ଟାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଉଥିବା ଅଂଶଗ୍ରହଣକାରୀଙ୍କୁ ସମର୍ଥନ କରିବାର ଏକ ଯୁଗଳ ଅବସର ସୃଷ୍ଟି କରିବାକୁ ଯାଉଛି। ଆଗାମୀ ସମାରୋହରେ ଚଳଚ୍ଚିତ୍ର ଓ ଟେଲିଭିଜନ୍ କ୍ଷେତ୍ରକୁ ଉଲ୍ଲେଖନୀୟ ବ୍ୟକ୍ତିଗତ ଅବଦାନ ସକାଶେ ମିଳିବାକୁ ଥିବା ମାନ୍ୟତା 'ବାଫ୍‌ଟା ଫେଲୋଶିପ୍'ର ଅଧିକାରୀ ହେବେ ମୀରା।

ଇଂଲିଶ କମେଡିଆନ୍, ଔପନ୍ୟାସିକା, ନାଟ୍ୟକାର, ଗାୟିକା, ସାମ୍ବାଦିକା ତଥା ଅଭିନେତ୍ରୀ ଭାବେ ପରିଚିତ ମୀରା ସାୟଲ ୨୭ ଜୁନ୍ ୧୯୬୧ରେ ବ୍ରିଟେନ୍‌ର ୱଲଭରହାମ୍ପଟନ୍‌ଠାରେ ଜନ୍ମ ଗ୍ରହଣ କରିଥିବା ବେଳେ ଷ୍ଟାଫୋର୍ଡଶାୟାର ଅନ୍ତର୍ଗତ ଏକ ଖଣି ଅଞ୍ଚଳ ଏସିଙ୍ଗଟନ୍‌ଠାରେ ବଢ଼ିଥିଲେ। ପଞ୍ଜାବୀ ପିତା ସୁରିନ୍ଦର ସାୟଲ ଓ ମାତା ସୁରିନ୍ଦର କୌର ନୂଆଦିଲ୍ଲୀରୁ ବ୍ରିଟେନ୍‌କୁ ଯାଇଥିଲେ। ଏସିଙ୍ଗଟନ୍‌ରେ ବାସ କରୁଥିବା ବର୍ଗଙ୍କ ମଧ୍ୟରେ ମୀରାଙ୍କ ପରିବାର ଗୋଟିଏ ମାତ୍ର ଏସୀୟ ପରିବାର ଥିଲା। ସେଠାରେ କଟିଥିବା ସମୟ ଓ ଭୌଗୋଳିକ ସ୍ଥିତି ଆଧାରରେ ରଚିତ 'ଅନିତା ଆଣ୍ଡ୍ ମି' ହେଉଛି ମୀରାଙ୍କ ଅନ୍ୟତମ ଶ୍ରେଷ୍ଠ କୃତି। ୨୦୦୩ରେ ବିବିସିକୁ ଏକ ସାକ୍ଷାତକାର ଦେବାବେଳେ ଏହି ପୁସ୍ତକକୁ ସେ ତାଙ୍କର ଏକ ଅଧା ଆତ୍ମଜୀବନୀ ବୋଲି ଉଲ୍ଲେଖ କରିଥିଲେ। ତାଙ୍କ ପାଠପଢ଼ା ଜୀବନ କହିଲେ ସେ ୱାଲ୍‌ସାଲର କୁଇନ୍ ମେରୀ ହାଇସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ଶେଷ କରିଥିଲେ। ତା' ପରେ ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟରୁ ଇଂଲିଶ ସାହିତ୍ୟ ଓ ଡ୍ରାମାରେ ଦୁଇଟି ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ଡ୍ରାମା ବିଷୟରେ ପଢୁଥିବାବେଳେ ମୀରା ଷ୍ଟିଫେନ୍ ଯୋଶେଫ୍ ଷ୍ଟୁଡିଓରେ ଯୋଗଦେଇଥିଲେ। ସେଠାରେ ସେ ଅଭିନୟରେ କ୍ୟାରିୟର ଗଢ଼ିବା ସହ ମଞ୍ଚ ନାଟକ ଲେଖିବା ଆରମ୍ଭ କରିଥିଲେ। ସ୍ନାତକବେଳେ କଳା ପ୍ରତି ଗଭୀର ମନନଶୀଳ ଓ ଦକ୍ଷତା ପ୍ରଦର୍ଶନ ତାଙ୍କୁ ୟୁନିଭର୍ସିଟି ଅଫ୍ ଲିଡ୍‌ସରେ ଡ୍ରାମା ଓ ସାଇକୋଥିରାପିରେ ସ୍ନାତକୋତ୍ତର ପଢ଼ିବା ଲାଗି ଯୋଗ୍ୟ କରାଇଦେଇଥିଲା। ଏହାପରେ କଳା ପ୍ରଶିକ୍ଷଣ ଦେବା ସକାଶେ ପୋଷ୍ଟଗ୍ରାଜୁଏଟ୍ ସାର୍ଟିଫିକେଟ୍ ଅଫ୍ ଏଜୁକେଶନ (ପିଜିସିଇ) ପଢ଼ିଥିଲେ। ସେହି ସମୟରେ ସେ ଜାକି ସାପିରୋଙ୍କ ସହ ମିଶି ଜଣେ ମହିଳାଙ୍କ ଜୀବନୀ ଉପରେ ଆଧାରିତ– ୱାନ୍ ଅଫ୍ ୟୁ'ଜ୍– ରଚନା କରିଥିଲେ। ଏଥିରେ ୱେଷ୍ଟ ମିଡ୍‌ଲାଣ୍ଡସରେ ଜନ୍ମିତ ଜଣେ ଭାରତୀୟ ଝିଅ ଅଭିନେତ୍ରୀ ହେବା ପାଇଁ ଘର ଛାଡ଼ି ପଳାଇଯାଇଥିବା ଚରିତ୍ରକୁ ଚିତ୍ରଣ କରାଯାଇଥିଲା। ମୀରା ସମୁଦାୟ ୧୫ଟି ଏପିସୋଡ୍‌ରେ ମଧ୍ୟ ଅଭିନୟ କରିଥିଲେ। ପ୍ରଥମେ ଷ୍ଟିଫେନ୍ ଯୋଶେଫ୍ ଷ୍ଟୁଡିଓ ଏବଂ ପରେ ତାହାକୁ ସେ ନ୍ୟାଶନାଲ ଷ୍ଟୁଡେଣ୍ଟ ଡ୍ରାମା ଫେଷ୍ଟିଭାଲରେ ପ୍ରଦର୍ଶନ କରିଥିଲେ। ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ତାଙ୍କୁ ଦୁଇଟି ଅନ୍ତର୍ଜାତୀୟ ପୁରସ୍କାର ମିଳିଥିଲା। ଫଳସ୍ୱରୂପ ମୀରାଙ୍କୁ ରୟାଲ କୋର୍ଟ ଥିଏଟରର ନିର୍ଦ୍ଦେଶକ ଯୋଗାଯୋଗ କରି ତାଙ୍କ ସଂସ୍ଥାରେ କାର୍ଯ୍ୟ କରିବା ଲାଗି ୩ ବର୍ଷ ପାଇଁ ଚୁକ୍ତି କରିଥିଲେ। ଏହାପରେ ତାଙ୍କ ପ୍ରତିଭା ଆହୁରି ବିକଶିତ ହୋଇଥିଲା। ୧୯୯୩ରେ ସେ ବ୍ରିଟିଶ ଫିଲ୍ମ ନିର୍ଦ୍ଦେଶକ ଗୁରିନ୍ଦର ଚଢାଙ୍କ ନିର୍ଦ୍ଦେଶିତ 'ଭାଜି ଅନ୍ ଦି ବିଚ୍'ର ଚିତ୍ରନାଟ୍ୟ କରିଥିଲେ। ବିବିସିର ଲୋକପ୍ରିୟ କମେଡି ଶୋ 'ଗୁଡ୍‌ନେସ୍ ଗ୍ରେସିଅସ୍ ମି' (୧୯୯୬ରୁ ୨୦୦୧)ର ଲେଖକ ଟିମ୍‌ରେ ମୀରା ଥିବାବେଳେ ଅଭିନୟ ମଧ୍ୟ କରିଥିଲେ। ଏହା ପ୍ରଥମେ ରେଡିଓ ଏବଂ ପରେ ଟେଲିଭିଜନରେ ତାହା ପ୍ରଦର୍ଶିତ ହୋଇଥିଲା। ଏ. ଆର୍. ରହମନ ଓ ଆଣ୍ଡ୍ରିଲୟଡ୍ ୱେବରଙ୍କ 'ବମ୍ବେ ଡ୍ରିମ୍ସ'ର ସଂଳାପ ଲେଖକ ରହିବା ସହ ସେଥିରେ ସେ ଅଭିନୟ କରିଥିଲେ। ଅନ୍ତର୍ଜାତୀୟ ଏମ୍ମି ପୁରସ୍କାର ପାଇଥିବା ଏହି ସିରିଜ୍‌ରେ ତାଙ୍କ ଅଭିନୟ କଳା ଜଗତର ଦୃଷ୍ଟି ଆକର୍ଷଣ କରିଥିଲା। ମୀରା ମଧ୍ୟ ସାମୟିକ ଗାୟିକା ଭାବେ କାର୍ଯ୍ୟ କରିଛନ୍ତି। ସାମ୍ବାଦିକା ଭାବେ 'ଗାର୍ଡିଆନ୍'ରେ ତାଙ୍କ ଲେଖା ପ୍ରକାଶ ପାଇ ପ୍ରଶଂସିତ ହୋଇଛି। କଳାର ବିବିଧ ବିଭାଗରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିଥିବାରୁ ସେ ଅନେକ ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

ବ୍ୟକ୍ତିଗତ ଜୀବନରେ ସେ ୧୯୮୯ରେ ସାମ୍ବାଦିକ ଶେଖର ଭାଟିଆଙ୍କୁ ବିବାହ କରିଥିଲେ ହେଁ ୨୦୦୨ରେ ବିଚ୍ଛେଦ ଘଟିଥିଲା। ସେମାନଙ୍କଠାରୁ ଝିଅ ମିଲି ଭାଟିଆ ଅଛନ୍ତି, ଯିଏ ରୟାଲ କୋର୍ଟ ଥିଏଟରରେ ଆସୋସିଏଟ୍ ଡାଇରେକ୍ଟର ଭାବେ କାର୍ଯ୍ୟରତ। ତେବେ ୨୦୦୫ରେ ମୀରା ବ୍ରିଟିଶ ଅଭିନେତା ସଞ୍ଜୀବ ଭାସ୍କରଙ୍କୁ ବିବାହ କରିଥିଲେ। ସେମାନଙ୍କଠାରୁ ପୁଅଟିଏ ଅଛି। ମୀରାଙ୍କ ଭାଇ ରାଜୀବ ସାୟଲ 'ଦି ଗାର୍ଡିଆନ୍'ର ଜଣେ ଅନୁସନ୍ଧାୟୀ ସାମ୍ବାଦିକ ଭାବେ ଜଣାଶୁଣା। ଦେଖିବାକୁ ଗଲେ ପରିବାରର ସଦସ୍ୟମାନେ କଳାନୁଗ୍ରାହୀ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବୟସ ୬୦। କିନ୍ତୁ ବେଙ୍ଗାଲୁରୁରେ ଏକ ଶୁଷ୍କ ହ୍ରଦକୁ ପୁନରୁଦ୍ଧାର କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ରେବତୀ କମାଥ। ସେ ଜଳ ସମସ୍ୟା ସୁଧାରିବା ଲାଗି ସଂଗ୍ରାମ ଜାରି ରଖିବା ସହ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରୁଛନ୍ତି। ବେଙ୍ଗାଲୁରୁର ୨୫ ଏକର ପରିମିତ ସୋମାନହାଲ୍ଲି ହ୍ରଦ ଶୁଖିଯିବା ଫଳରେ ତା'କଡ଼ରେ ଥିବା ରାଜା କେନାଲ ବନ୍ଦ ହୋଇଯାଇଥିଲା। ଏବେ ଏହି ହ୍ରଦର ପୁନରୁଦ୍ଧାର ହେବା ଫଳରେ କେନାଲରେ ପାଣିଯାଉଛି ଓ କୃଷକମାନେ ଉପକୃତ ହେଉଛନ୍ତି। ୪୫ ବର୍ଷ ପରେ ସ୍ଥାନୀୟ ଲୋକେ ହ୍ରଦରୁ ପାନୀୟ ଜଳ ପାଇପାରୁଛନ୍ତି। ଆର୍ଥମୁଭର ଦ୍ୱାରା ଏହି କାର୍ଯ୍ୟ କରିବାକୁ ରେବତୀଙ୍କୁ ୬ ମାସ ଲାଗିଥିଲା। ସେ ମଧ୍ୟ ନଦୀ ସଂରକ୍ଷଣ ପାଇଁ ଏକ ପ୍ରୋଜେକ୍ଟ ଚଳାଉଛନ୍ତି। ଏହି ପ୍ରୋଜେକ୍ଟକୁ ସ୍ୱୀକୃତି ମିଳିବା ପରେ ସେ ଏଯାବତ ୪,୦୦୦ ଗଛ ଲଗାଇ ସାରିଲେଣି। ଆଗକୁ ପିଲାମାନଙ୍କୁ ପରିସଂସ୍ଥା ସୁରକ୍ଷା ଲାଗି ସଚେତନ କରିବା ସହ ପ୍ରଶିକ୍ଷିତ କରିବା ସକାଶେ ଯୋଜନା ପ୍ରସ୍ତୁତ କରୁଥିବା କହନ୍ତି ରେବତୀ।

## ୨୫ ବର୍ଷ ତଳର ଧରିତ୍ରୀ

୭ ମେ ୧୯୯୮

- ଉତ୍ତର–ପୂର୍ବ ପେରୁର ଏକ ଜଙ୍ଗଲ ଅଞ୍ଚଳରେ ବୋଇଂ ୭୩୭ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୮୭ ଯାତ୍ରୀ ନିହତ।
- କାସ୍ପାରୋଭଙ୍କୁ ପଛରେ ପକାଇ ଭାରତୀୟ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଅନ୍ତର୍ଜାତୀୟ ସ୍ତରର ମର୍ଯ୍ୟାଦାଜନକ ବେସ୍ ଓସ୍କାର ପୁରସ୍କାର ଲାଭ କରିଛନ୍ତି।
- ମହାରାଷ୍ଟ୍ର ଜଳସେଚନ ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ଗୁଲାବ ରାଓ ଘାୱାଣ୍ଡେଙ୍କ ରାଜ୍ୟ ମନ୍ତ୍ରିମଣ୍ଡଳ ଓ ବିଧାନସଭାର ସଦସ୍ୟ ପଦରୁ ଇସ୍ତଫା ପ୍ରଦାନ।
- ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମୁକ୍ତ କରାଯିବାକୁ ଦାବି କରି ଚୌଦ୍ୱାରସ୍ଥିତ ସର୍କଲ ଜେଲ୍‌ର ୭୭ଜଣ କଏଦୀଙ୍କ ଆମରଣ ଅନଶନ।

## ଚିରନ୍ତନୀ

ଅତି ପ୍ରିୟ ପଥ ତବ ହେଲା ଯେବେ
କଣ୍ଟକେ ଆକୀର୍ଣ୍ଣ
ଦିଅ ଅନୁମତି ନିଜ ପଥ ନିଜେ
ଖୋଜୁ ହେ ନବୀନ!

(ପ୍ରାଚୀନ ଓ ନବୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | 1 | |
| | 9 | 3 | 6 | | | | | 2 |
| 8 | | | | 3 | | | | |
| 2 | | 6 | 8 | | | | | 4 |
| | | | | | | | 9 | |
| | 1 | 7 | | | | 5 | | |
| | | | | 8 | | 4 | | 1 |
| | 6 | | 5 | 4 | | | 7 | |
| 1 | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 7 | 1 | 2 | 5 | 6 | 9 | 8 |
| 5 | 2 | 9 | 8 | 7 | 6 | 3 | 4 | 1 |
| 6 | 1 | 8 | 9 | 3 | 4 | 2 | 7 | 5 |
| 3 | 4 | 1 | 6 | 9 | 7 | 8 | 5 | 2 |
| 8 | 6 | 2 | 5 | 4 | 1 | 7 | 3 | 9 |
| 9 | 7 | 5 | 3 | 8 | 2 | 4 | 1 | 6 |
| 7 | 9 | 6 | 2 | 5 | 3 | 1 | 8 | 4 |
| 2 | 5 | 3 | 4 | 1 | 8 | 9 | 6 | 7 |
| 1 | 8 | 4 | 7 | 6 | 9 | 5 | 2 | 3 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାବରଙ୍ଗ–ଚରମ୍ପା ରାସ୍ତା ମରାମତି କରାଯାଉ

ମହାଶୟ,

ସାବରଙ୍ଗରୁ ଚରମ୍ପା ଯାଇଥିବା ପକ୍କାରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଲାଣି। ସ୍ଥାନେ ସ୍ଥାନେ ଅତି ଗଭୀର ଖାଲ ହୋଇଛି ଯେ ଗାଡ଼ିଘୋଡ଼ା ଦୂରେଥାଉ, ଖାଲିପାଦରେ ମଧ୍ୟ ଚାଲିଯାଇ ହେବନି। ରାସ୍ତାରୁ ଗେଟି, ପିଚୁ ସବୁ ଉପରକୁ ବାହାରି ପଡ଼ିଲାଣି। ଝୁଣ୍ଟିପଡ଼ି ଲୋକେ ଖଣ୍ଡିଆଖାବରା ହେଉଛନ୍ତି। ସାଇକେଲ, ରିକ୍ସା, ଅଟୋ ଯିବା ଆସିବା ସମୟରେ ଲୋକେ ତଳକୁ ଖସି ପଡୁଛନ୍ତି। ଅଳ୍ପଦିନ ତଳେ ବାଇକରେ ବସିଥିବା ଲୋକଟିଏ ତଳକୁ ଖସିପଡ଼ି ଲହୁଲୁହାଣ ହୋଇ ଡାକ୍ତରଖାନା ଯାଇଥିଲେ। ତେବେ ଶୀଘ୍ର ଏହି ରାସ୍ତାଟିକୁ ମରାମତି କରାଯାଇ ଲୋକଙ୍କୁ ମରଣଯନ୍ତାରୁ ରକ୍ଷା କରାଯିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ।

– ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନଦୀରେ ବୁଡ଼ି ବାଳକ ମୃତ

ଭବାନୀପାଟଣା,୬।୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଧୀନ କାର୍ନିବେର ଗ୍ରାମରେ ନଦୀରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ସେହି ଗାଁର ଦାନ ମାଝୀଙ୍କ ପୁଅ ଦୀପକ (୮)। ସେ ଗାଧୋଇବାକୁ ନିକଟ ନାଗାବଳୀ ନଦୀକୁ ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ବାପା ମା' ତୁରନ୍ତ ନଦୀ କୂଳକୁ ଯାଇଥିଲେ। ସେଠାରେ ପୁଅର ଚପଲ ଥିବା ଦେଖିବା ପରେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରେ ପାଣିରେ ବୁଡ଼ିଯାଇଥିବା ଆଶଙ୍କା କରି ବାପା ଦାନ ନଦୀରେ ପଶି ଖୋଜିବା ପରେ ପୁଅକୁ ଉଦ୍ଧାର କରିଥିଲେ। ତୁରନ୍ତ କାଣିଗୁମା ସ୍ୱାସ୍ଥ୍ୟ ସ୍ୱରାଜ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୂଆପଡା ଅଫିସ, ୬।୫ : ନୂଆପଡା ସଦର ବ୍ଲକ ଟାନୱାଟ ଗାଁରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେରମେଶ ଶବର(୩୬) । ଶନିବାର ସକାଳେ ରମେଶ ଜଙ୍ଗଲକୁ ଯାଇଥିବା ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ସେଠାକୁ ଆସ ଭାଲୁକୁ ଜଙ୍ଗଲକୁ ଘଉଡାଇଥିଲେ। ପରେ ରମେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ପତିତପାବନ ମନ୍ଦିରରେ ଛପନ ଭୋଗ

ଖଡ଼ିଆଳ,୬।୫(ଡି.ଏନ.ଏ)-ନୂଆପଡ଼ା ଜିଲା ଖଡ଼ିଆଳ ସହରର ୧୦ ନମ୍ବର ୱାର୍ଡ଼ରେ ଥିବା ପତିତପାବନ ମନ୍ଦିରରେ ଅକ୍ଷୟ ତୃତୀୟା ଠାରୁ ପ୍ରଭୁ ଜଗନ୍ନାଥଙ୍କୁ ପଖାଳ ଭୋଗ ଲାଗି ରହିଥିବାବେଳେ ବୈଶାଖ ପୂର୍ଣ୍ଣିମା ଉପଲକ୍ଷେ ଛପନ ଭୋଗ ଲାଗିଛି। ପଖାଳ ଭୋଗ ପ୍ରଦାନରେ ସହର ଅନେକ ଭକ୍ତ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନ ପୁରାଣ ପାଠ ଓ ସନ୍ଧ୍ୟା ସମୟରେ ସତସଙ୍ଗ ସଭା ଆୟୋଜନ ହେଉଛି। ବ୍ରତୀ ମହିଳାମାନଙ୍କ ମଧରେ ଭଜନ କୀର୍ତ୍ତନ ହେଉଥିବାରୁ ଶହଶହ ଭକ୍ତଙ୍କ ସମାଗମ ହେଉଛି। ଭକ୍ତମାନେ ପଖାଳ ଭୋଗ ଗ୍ରହଣ କରୁଛନ୍ତି। ପତିତପାବନ ମନ୍ଦିର କମିଟି ପକ୍ଷରୁ ସମସ୍ତ ସହଯୋଗ କରୁଥିବାବେଳେ କମିଟିର ସଭାପତି ପ୍ରଦୀପ ମିଶ୍ର, ଉପସଭାପତି ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ସମ୍ପାଦକ ଚନ୍ଦନ ସାହୁ, ସଦସ୍ୟ ଖୁସିରାମ ଭୋଇ, ରବିକାନ୍ତ ଠେଲା, ଜଙ୍କେଶ ମହାଉତି, ହରେକୃଷ୍ଣ ଶବର, ନମେଶ ବାରିକ, ନିର୍ମଳ ଦଣ୍ଡସେନା, ଚିନ୍ତାମଣି ଭୋଇ, ନୀଳ ଭୋଇ, ମାନସରଞ୍ଜନ ସାହୁ, ମନମୋହନ ଶବର ସମେତ ସମସ୍ତେ ସହଯୋଗ କରୁଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

କର୍ଲାମୁଣ୍ଡା,୬।୫(ଡି.ଏନ୍.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ତଥା ପ୍ରଫେସର ଦିଲୀପ କୁମାର ଦାସ ଓ କିରାଣି ଚନ୍ଦନ ରଣାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ଭାରପ୍ରାପ୍ତ ଅଧକ୍ଷ ହେମନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ରିଷିଡ଼ା ସରପଞ୍ଚ ସେବତୀ ରଣା, ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଡ. ଦାଶରଥୀ ଆଚାର୍ଯ୍ୟ ଯୋଗଦେଇଥିଲେ। ପୁରାତନ ଛାତ୍ର ନରୋତ୍ତମ ସେଲମା ସଂଯୋଜନା କରିଥିଲେ। ଅଧାପକ ଗିରିରାଜ ଗହୀର, ଅଶୋକ ତ୍ରିପାଠୀ, ନୈମିଚାନ୍ଦ ଜୈନ, ଅନ୍ତର୍ଯ୍ୟାମୀ ମଲ୍ଲିକ, ଭାଜଶ୍ୟାମ ସାହୁ, କମ୍ବୁପାଣି ସାହୁ, ମନୋଜ ଦାଶଙ୍କ ସମେତ ବିଦ୍ୟାଳୟ କର୍ମଚାରୀ ଚିନ୍ମୟ ରଣା, ସୌମ୍ୟ ରଞ୍ଜନ ତ୍ରିପାଠୀ, ପାଣ୍ଡବ ହରିଜନ, କଳ୍ପନା ରଣା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ଅଧାପନ୍ତରିଆ

## ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ

କେସିଙ୍ଗା,୬।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ପ୍ରାଣୀ ଚିକିତ୍ସାଳୟରେ ପ୍ରକୋଷ୍ଠ ଅଭାବରୁ ଗୋରୁଙ୍କ ଚିକିତ୍ସା କ୍ଷେତ୍ରରେ ସମସ୍ୟା ଦେଖାଦେଉଛି। ଏନେଇ ଅଞ୍ଚଳବାସୀ ରାଜ୍ୟ ସରକାର ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶା ଷ୍ଟେଟ ଇନ୍‌ଫ୍ରାଷ୍ଟ୍ରାକ୍ଚର ଅଫ୍ କନଷ୍ଟ୍ରଶନ ବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ କଟକର ଜଣେ ଠିକାଦାରଙ୍କୁ ଟେଣ୍ଡର ଦିଆଯାଇଥିଲା। ୧୧ଟି ପ୍ରକୋଷ୍ଠ ନିର୍ମାଣ ପାଇଁ ପ୍ରସ୍ତାବ ହୋଇଥିଲା। ଠିକାଦାର ଜଣକ ଶ୍ରମିକ ଓ ମୁନ୍ସୀଙ୍କ ଦ୍ୱାରା ଫାଉଣ୍ଡେଶନଠାରୁ ସ୍ଲାପ୍ ଲେବୁଲ୍ ଯାଏ ଅତି ନିମ୍ନମାନର ସିମେଣ୍ଟ, ଲୁହାଛଡ଼ କାର୍ଯ୍ୟାଳୟରେ ଲଗାଇବା ସହ ବାଲିରେ ବହୁତ କମ ପରିମାଣର ସିମେଣ୍ଟ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ନିର୍ମିତ ପ୍ରକୋଷ୍ଠରେ ପାଣି ମଧ ସିଞ୍ଚନ କରାଯାଉନାହିଁ। ଉକ୍ତ ପ୍ରକୋଷ୍ଠ କାମ ଜୁନ ମାସରେ ଶେଷ ହେବାର କଥା। କିନ୍ତୁ ପରିତାପର ବିଷୟ ଠିକାଦାର କି ଉକ୍ତ ବିଭାଗର ଯନ୍ତ୍ରୀଙ୍କ ଦେଖା ମିଳୁନାହିଁ। କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ତାହା ଜଣାପଡ଼ିନାହିଁ। ଏଥିସହ ସୂଚନା ଫଳକ ଲେଖାଯାଇ ନ ଥିବାରୁ ଏହାର ଅଟକଳ କେତେ ଲୋକେ ଜାଣିପାରୁନାହାନ୍ତି। ଏହି ସବୁ ସମସ୍ୟାକୁ ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ନିକଟରେ ସହରର ବୁଦ୍ଧିଜୀବୀ ଅଭିଯୋଗ କରିଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ହେମନ୍ତ ପ୍ରଧାନଙ୍କୁ ପଚାରିବାରୁ ମୁଁ ଏହାର ତଦନ୍ତ କରିବି ବୋଲି କହିଛନ୍ତି। କେସିଙ୍ଗା ପ୍ରାଣୀ ଚିକିତ୍ସାଳୟର ବିଭିଓ ଡ.ପରମାନନ୍ଦ ନାୟକଙ୍କୁ ପଚାରିବାରୁ, ଆସନ୍ତା ଜୁନ୍ ମାସରେ କାର୍ଯ୍ୟ ଶେଷ ହେବା କଥା, ବିଭାଗୀୟ ଯନ୍ତ୍ରୀ କି ଠିକାଦାରଙ୍କ ଦେଖା ମିଳୁନାହିଁ ବୋଲି ସେ ପ୍ରକାଶ କରିଛନ୍ତି।


ଅର୍ଦ୍ଧନିର୍ମିତ ହୋଇ ପଡ଼ି ରହିଥିବା ନୂତନ ପ୍ରାଣୀ ଚିକିତ୍ସାଳୟ।

# ନାବାଳିକା ଅପହରଣ, ବଳାତ୍କାର ମାମଲାର ରାୟ ପ୍ରକାଶ

## ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

ଭବାନୀପାଟଣା,୬।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ୨୦୧୨ରେ ଜଣେ ନାବାଳିକାଙ୍କୁ ପ୍ରଥମେ ଅପହରଣ ଓ ପରେ ବଳାତ୍କାର କରାଯାଇଥିବା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି(ପୋକ୍‌ସୋ) ଶୁଭଞ୍ଜନ ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଜୟପାଟଣା ଥାନା ବାଞ୍ଜିବାହାଲ ଗ୍ରାମର ରସିକ ହରିଜନ ଓରଫ୍ ଠାକୁର(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲ ଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ୬ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏପଟେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୨ ଅକ୍ଟୋବର ୧୪ରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ଜବରଦସ୍ତି ବାଇକ୍‌ରେ ଅପହରଣ କରି ନେଇ ବିଭିନ୍ନ ସ୍ଥାନରେ ରଖିଥିଲେ। ପରେ ନିଜ ଘରେ ରଖିବା ସହ ଅନେକ ଥର ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ବାପା ଜୟପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରୁ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

# ୨ ଚେକ୍‌ଡ୍ୟାମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ

ବଲାଙ୍ଗୀର ଅଫିସ, ୬।୫

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବରକାନୀ ଗାଁ ନିକଟରେ ବହି ଯାଉଥିବା ମଠଖାଇ ନାଳର ଦୁଇଟି ସ୍ଥାନ ଯଥା ବରକାନୀ ଓ ବରପଦରଠାରେ ଶନିବାର ଦୁଇଟି ଚେକ୍‌ଡ୍ୟାମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ବିଧାୟକ ନରସିଂହ ମିଶ୍ର ଏହି ଦୁଇ ଚେକଡ୍ୟାମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଦୁଇ ଚେକ୍‌ଡ୍ୟାମରେ ଗଚ୍ଛିତ ହେବାକୁ ଥିବା ପାଣି ଅଞ୍ଚଳର ଜମି ଆଦ୍ରତା ବଢାଇବା ସହ ୧୦୦ ଏକରରୁ ଊର୍ଦ୍ଧ୍ୱଚାଷ ଜମିକୁ ଜଳସେଚିତ କରିବ ବୋଲି ବିଧାୟକ ମିଶ୍ର କହିଥିଲେ। ବରକାନୀ ଓ ବରପଦରଠାରେ ହେବାକୁ ଥିବା ଏହି ଉଭୟ ଚେକ୍‌ଡ୍ୟାମର ବ୍ୟୟ ଅଟକଳ ଯଥାକ୍ରମେ ୩୭ ଲକ୍ଷ ଓ ୩୬ ଲକ୍ଷ ଟଙ୍କା ରହିଛି। ପ୍ରକଳ୍ପ ନିର୍ମାଣ କାମର ସମୟସୀମା ଦୁଇମାସ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣରେ ଯେମିତି କୌଣସି ଅବହେଳା କରା ନ ଯିବ ସେ ଦିଗରେ ବିଭାଗୀୟ ଯନ୍ତ୍ରୀ ବେହେରାଙ୍କୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ସଭାରେ ସ୍ଥାନୀୟ ସରପଞ୍ଚ ବଳଦେବ ସାହୁ ବିଧାୟକ ମିଶ୍ରଙ୍କୁ କୃତଜ୍ଞତା ଜଣାଇଥିଲେ । ସଭାରେ ଗାଁର ବରିଷ୍ଠ ନାଗରିକମାନେ ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବିଧାୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦାବି କରିଥିଲେ। ଏହା ସହିତ ଏହି ଅଞ୍ଚଳରେ ଅନେକ ନାମକରା ଫୁଟବଲ ଖେଳାଳି ରହିଥିବାରୁ ଏକ ମିନି ଷ୍ଟାଡିୟମର ଆବଶ୍ୟକତା ଉପରେ ଗ୍ରାମବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଧାୟକ ପ୍ରତିନିଧି କିଶୋର ସିଂ ନିନା, ଶିବରାଜ ସିଂ ମାଝି, ଧ୍ରୁବ ପ୍ରସାଦ ସାହୁ, ଶରତ ଚନ୍ଦ୍ର ଭୋଇ, ଚନ୍ଦନ ବିଶ୍ୱାଳ, ପଲଟୁ ସିଂ ମାଝି, ଗଣ୍ଡାରାମ ପ୍ରଧାନଙ୍କ ସମେତ ଅନେକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।


ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଚେକ୍‌ଡ୍ୟାମ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ବ୍ୟାପୁଛି ଫାଟୁଆ ରୋଗ

ନୂଆପଡା ଅଫିସ,୬।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ଗାଁରେ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ଶହଶହ ଗୋରୁ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି। ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଜଟଗଡ ଗାଁରେ ଗୋରୁଙ୍କୁ ଫାଟୁଆ ରୋଗ ଲାଗିଛି । ଗୋରୁଙ୍କ ଖୁରାରେ ଘା ହୋଇ ରକ୍ତସ୍ରାବ ହେଉଥିବା ବେଳେ ପାଟିରୁ ଲାଳ ବାହାରି ଜିଭ ଫୁଲି ଯାଉଛି। ଗୋଡରେ ଘା ହୋଇଥିବାରୁ ଗୋରୁ ଚଲାବୁଲା କରି ପାରୁନାହାନ୍ତି। ଜିଭଫୁଲି ଯାଇଥିବାରୁ ଖାଇବାରେ କଷ୍ଟ ଅନୁଭବ କରୁଛନ୍ତି। ଚଳିତବର୍ଷ ଅଦିନିଆ ବର୍ଷା ହେଉଥିବାରୁ ହଳ କରିବା ସମୟ। ହେଲେ ଫାଟୁଆ ରୋଗ ଯୋଗୁଁ ବଳଦ ହଳ କରି ପାରୁନାହିଁ। ଗାଈ କ୍ଷୀର ଦେଉ ନଥିବାରୁ ଦୁଗ୍ଧଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେଇ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି ।

# ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ


ଶିଶକେଲା ଗ୍ରାମବାସୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଟିଟିଲାଗଡ, ୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଶିଶକେଲା ଗ୍ରାମ ପଞ୍ଚାୟତର ସିଙ୍ଗବହାଲି ଗ୍ରାମକୁ ରାଜସ୍ୱ ଗାଁ ମାନ୍ୟତା ଦାବି ହୋଇଛି। ହେଲେ ଏହାକୁ ବିରୋଧ କରି ଶିଶକେଲା ଜୟ ଜଗନ୍ନାଥ ଗ୍ରାମ୍ୟ କମିଟି ସଭାପତି ତ୍ରିଲୋଚନ ରଣାଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଟିଟିଲାଗଡ ଉପଜିଲାପାଳଙ୍କୁ ଶନିବାର ପ୍ରଦାନ କରିଛନ୍ତି। ଶିଶକେଲା ଗ୍ରାମର ଜମି, ଉଠା ଜଳସେଚନ, ମଣ୍ଡି, ମଶାଣି ଭୂମି, ଖେଳ ପଡିଆ, ୨ଟି ବନ୍ଧ ଓ ଗୋଚର ଜମିକୁ ଦର୍ଶାଇ ସିଙ୍ଗବାହିଲି ପଡ଼ା ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଗ୍ରାମବାସୀ ସରକାରଙ୍କଠାରେ ନିୟମିତ ଦାବି କରିଆସୁଛନ୍ତି। ଗ୍ରାମର ବିଭାଜନୀକରଣକୁ ଗ୍ରାମବାସୀ ବିରୋଧ କରିବା ସହ ସେମାନେ ବର୍ଷ ବର୍ଷ ଧରି ପରମ୍ପରାକୁ ପାଳନ କରିଆସୁଥିବା ବେଳେ ସ୍ୱତନ୍ତ୍ର ଗ୍ରାମ ଘୋଷଣା ଫଳରେ ଏହା ଲୋପ ପାଇଯିବ ବୋଲି କହିଛନ୍ତି। ଗ୍ରାମର ପାଖାପାଖି ନବେ ପ୍ରତିଶତ ଚାଷୀଙ୍କ ଚାଷ ଜମି ମଧ ଏଥିଯୋଗୁଁ ପ୍ରଭାବିତ ହେଉଥିବାରୁ ଗ୍ରାମବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଲାଞ୍ଜିଗଡ଼ ପଞ୍ଚାୟତ ସମିତର ୫ମ ବୈଠକ


ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ ଓ ନିର୍ବାଚିତ ଜନ ପ୍ରତିନିଧି।

ଲାଞ୍ଜିଗଡ଼,୬।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଶନିବାର ପଞ୍ଚାୟତ ସମିତିର ୫ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଏମ୍‌ପି ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷ ରାୟ, ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାୟକ, ଲାଞ୍ଜିଗଡ଼ ଜୋନ୍-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାୟକ, ଏଇ ସାଲକୁ ହେମ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଜିପିଓ ସରୋଜ ପ୍ରଧାନ ବୈଠକରେ ପୂର୍ବ ବୈଠକ ବିବରଣୀ ପଠନ ପରେ ଅନୁମୋଦନ ହୋଇଥିଲା। ଏହି ବୈଠକରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ବ୍ଲକର ଲାଖବାହିଲି ପଞ୍ଚାୟତ ଘାଟିକୁଣ୍ଡ ଗାଁ ରାସ୍ତା କାମରେ ୨ ଲକ୍ଷ ୩୦ ହଜାର ଟଙ୍କା ହଡପ, ବେନଗାଁ ପଞ୍ଚାୟତ ଲିଟିବୁଣ୍ଡେଲ ଗାଁରେ ରାସ୍ତା ନ ହୋଇ ଶ୍ରମିକଙ୍କ ବ୍ୟାଙ୍କ ଖାତାରେ ପଇସା ଜମା ହେବା, ବିଶ୍ୱନାଥପୁର ବନାଞ୍ଚଳ ସିକେରକୁପା ଭିଏସଏସ କମିଟି ଅଧୀନରେ ବନ ବିଭାଗ ପକ୍ଷରୁ କାମ ନ ହୋଇ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଅର୍ଥ ହରିଲୁଟ ଘଟଣା ସାଂସଦ ପ୍ରତିନିଧି ରାୟ ପ୍ରକାଶ କରିବା ସହ ଦୁର୍ନୀତି ଗ୍ରସ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରାଯାଇଥିଲା। ବୈଠକରେ ବ୍ଲକର ବିଭିନ୍ନ ବିଭାଗର କର୍ମଚାରୀ ଅନୁପସ୍ଥିତ ଥିବା ଯୋଗୁଁ ସରପଞ୍ଚ ଓ ସମିତି ସଭ୍ୟମାନେ ନିଜ ନିଜ ପଞ୍ଚାୟତର ସମସ୍ୟା ସମ୍ପର୍କରେ କହିଥିଲେ ମଧ ସନ୍ତୋଷଜନକ ଉତ୍ତର ସେମାନଙ୍କୁ ମିଳିନଥିଲା। ଅନୁପସ୍ଥିତ ଅଧିକାରୀଙ୍କୁ ନୋଟିସ ଜାରି କରି କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଡିଓ ମିଶ୍ରଙ୍କୁ ଜିଲା ପରିଷଦ ସଦସ୍ୟ ନାୟକ କହିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ଗୋଷ୍ଠୀ ଶୌଚାଳୟ ଅଧକ୍ଷା କମଳା ପାତ୍ର ଉଦ୍‌ଘାଟନ କରିଥିଲେ।

# ପୌରାଧକ୍ଷାଙ୍କୁ ଭେଟିଲେ ସାମ୍ବାଦିକ ସଂଘ ପ୍ରତିନିଧି ମଣ୍ଡଳୀ

ବଲାଙ୍ଗୀର ଅଫିସ, ୬।୫

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ସଂଘ ସଭାପତି ଶିବପ୍ରସାଦ ପରିଡାଙ୍କ ନେତୃତ୍ୱରେ ଶନିବାର ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାମ୍ବାଦିକ ସଂଘର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସଂଘର ପୂର୍ବତନ ସଭାପତି ଦିଲୀପ କୁମାର ପୁରୋହିତ ନିଜ ପଟୁ ପ୍ରସ୍ତାବ ରଖି ସାମ୍ବାଦିକ ଭବନର ଉନ୍ନତିକରଣ ପାଇଁ ପଦକ୍ଷେପ ନେବାକୁ ପୌରାଧକ୍ଷାଙ୍କୁ ଅନୁରୋଧ କରିଥିଲେ। ସଂଘ ପକ୍ଷରୁ ଶରତ ମହାକୁର, ପ୍ରଦୀପ୍ତ ମିଶ୍ର, ବିଶ୍ୱଜିତ ଦାଶ ପୌରାଧକ୍ଷାଙ୍କୁ ସଂଘର ସମସ୍ୟା ଅବଗତ କରିବା ସହ ଯଥାସମ୍ଭବ ପୌରପାଳିକା ଯାହା ସହାୟତା କରିପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ପୌରାଧକ୍ଷା ସାହୁ ସାମ୍ବାଦିକ ସଂଘକୁ ଯଥାସମ୍ଭବ ପୌରପାଳିକା ସହାୟତା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବିକାଶ ଡିଗ୍ରୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା


ବିଦାୟ କାଳୀନ ସମର୍ଦ୍ଧନା ରେ ଅତିଥିଗଣ ଛାତ୍ରୀଛାତ୍ର ।

ଭବାନୀପାଟଣା,୬।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ବିଏସ୍‌ସି, ବିବିଏ, ବିସିଏ ବିଭାଗର ତୃତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଶୁକ୍ରବାର ରାତିରେ ବିଦାୟ କାଳୀନ ସମର୍ଦ୍ଧନା ଫିଏରଇଓ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ନିର୍ଦ୍ଦେଶକ ଡି.ଶ୍ୟାମ , ଅନ୍ୟତମ ନିର୍ଦ୍ଦେଶକ ଡି.ରାମ କୁମାର, ଏକାଡେମୀକ ଇନ୍‌ଚାର୍ଜ ଡି. ବିଜୟା ଓ ମ୍ୟାନେଜ୍‌ମେଣ୍ଟ ମେମ୍ବର ଡି.ପଦ୍ମିନୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ଅତିଥିଭାବେ ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଏହି ସଭାରେ ବିଏସ୍‌ସି ବିଭାଗ ଅଧକ୍ଷ ଡ. ଆଦିତ୍ୟ ପଟ୍ଟନାୟକ, ବିଏସ୍‌ସି ନର୍ସିଂ ଅଧକ୍ଷା ସୁଶ୍ରୀ କେ.ଜୟଶ୍ରୀ ବିବିଏ ଓ ବିସିଏ ବିଭାଗ ଅଧକ୍ଷ ଡ. ସୁଦୀପ୍ତ କୁମାର ଜେନା ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ଶୁଭାଶିଷ ପ୍ରଦାନ କରିଥିଲେ। ପରିଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଅଧାପିକାଅଧାପକ, ପ୍ରଥମ ଓ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।

# ସିଭିଲ କୋର୍ଟକୁ ନେଇ ଜିଲା ସେସନ ଜଜ୍‌ଙ୍କୁ ଭେଟିଲା ଓକିଲ ସଂଘ

କୋକସରା,୬।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୟପାଟଣାଠାରେ ସିଭିଲ ଜଜ୍ କୋର୍ଟ (ସିନିଅର ଡିଭିଜନ) ଖୋଲିବା ପାଇଁ ଅନୁମତି ମିଳିଛି। ଏଥିରେ କୋକସରା ତହସିଲ ଅଞ୍ଚଳକୁ ସାମିଲ କରାଯାଇଛି। ପୂର୍ବରୁ ଧର୍ମଗଡ଼ ସିଭିଲ ଡିଭିଜନ କୋର୍ଟ ଅଧୀନରେ କୋକସରା ତହସିଲ ଅଞ୍ଚଳ ରହିଥିଲା। ଏବେ ତାହା ଜୟପାଟଣା ସିଭିଲ କୋର୍ଟରେ ସାମିଲ ହେବା ପରେ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନାନ୍ତରକୁ ପ୍ରତିବାଦ କରି ଗତ ମଙ୍ଗଳବାର କୋକସରା ସଚେତନ ନାଗରିକ ମଞ୍ଚ ଓ ଜନପ୍ରତିନିଧିଙ୍କ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜୟପାଟଣା ସ୍ଥାନାନ୍ତର ହେଲେ ଲୋକଙ୍କ ପାଇଁ ଗମନାଗମନ ସୁବିଧା ସୁଯୋଗ ନ ଥିବାରୁ ହଇରାଣ ହେବାକୁ ପଡ଼ିବ ବୋଲି ଜନ ଅସନ୍ତୋଷ ଦେଖାଦେଇଛି। ଏହାକୁ ବିରୋଧ କରି ଶୁକ୍ରବାର କୋକସରା ଓ ଧର୍ମଗଡ଼ ଓକିଲ ସଂଘ ପକ୍ଷରୁ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ସେସନ ଜଜ୍‌ଙ୍କୁ ସାକ୍ଷାତ କରି ମୁଖ୍ୟ ବିଚାରପତି ଓଡ଼ିଶାଙ୍କ ଉଦ୍ଦେଶ୍ୟରେ ପୁନଃବିଚାର କରି କୋକସରା ତହସିଲ ଅଞ୍ଚଳକୁ ପୂର୍ବଭଳି ଧର୍ମଗଡ଼ ସିଭିଲ କୋର୍ଟରେ ରଖିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଧର୍ମଗଡ଼ ଓକିଲ ସଂଘ ସଭାପତି ପ୍ରସନ୍ନ ଅଗସ୍ତି, ସମ୍ପାଦକ ବିଶ୍ୱରଞ୍ଜନ ମୁଣ୍ଡ, ବିନୋଦ ବିହାରୀ ନାୟକ, ଭବାନୀ ଶଙ୍କର ପଣ୍ଡା, କୋକସରା ଓକିଲ ସଂଘ ପକ୍ଷରୁ ମନୋଜ କୁମାର ନାୟକ, ରସିକରାଜ ଦୁର୍ଗା, ମାନସ ରଞ୍ଜନ ସିଂ, ଅଜିତ କୁମାର ପଟ୍ଟନାୟକ, ଲଳିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।


ଜିଲା ସେସନ ଜଜ୍‌ଙ୍କୁ ଭେଟିବାକୁ ଆସିଥିବା ଓକିଲ ସଂଘ କର୍ମକର୍ତ୍ତା।

# 'ସାମ୍ପ୍ରତିକ ପରିସ୍ଥିତିରେ ବୁଦ୍ଧଙ୍କ ବାଣୀ ଅଧିକ ପ୍ରାସଙ୍ଗିକ'

ବଲାଙ୍ଗୀର ଅଫିସ, ୬।୫

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ଶିବ ପ୍ରସାଦ ନନ୍ଦ ଯୋଗଦେଇ ବୁଦ୍ଧ ପ୍ରଦର୍ଶିତ ଅହିଂସା ମାଧମରେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଭଗବାନ ବୁଦ୍ଧ ସାମ୍ୟବାଦର ସୂତ୍ରଧର ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ମଧୁସୂଦନ ପତି ଯୋଗଦେଇ ସବୁ ସମୟ ଓ ପରିସ୍ଥିତିରେ ବୁଦ୍ଧଙ୍କ ବାଣୀ ବେଶ ପ୍ରାସଙ୍ଗିକ ବୋଲି କହିଥିଲେ। ବୁଦ୍ଧଙ୍କ ସଂଘ ଗଣତାନ୍ତ୍ରିକ ଉପାୟରେ ପରିଚାଳିତ ହେଉଥିଲା ବୋଲି ସେ କହିଥିଲେ । ନାଗରିକ କମିଟି ସଭାପତି ବେଲାର ସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସମ୍ପାଦକ ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ । ଏହି ଅବସରରେ ଦୁଇଜଣ ଜଣାଶୁଣା ପ୍ରତିଭା ବାଦ୍ୟଶିଳ୍ପୀ ପଦ୍ମଶ୍ରୀ କୈଳାସ ମେହେର ଏବଂ ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ। କମିଟିରେ ନୂତନ ସଭ୍ୟଭାବେ ସରୋଜ ଚୋପଦାର ଓ ଅଶୋକ କୁମାର ସାହୁଙ୍କୁ ଗ୍ରହଣ କରାଯାଇ ସ୍ୱାଗତ କରାଯାଇଥିଲା। କମିଟି ବରିଷ୍ଠ ସଭ୍ୟ ଗୋପଭୂଷଣ ନାଥ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଦିବାକର ହୋତା ଧନ୍ୟବାଦ ଦେଇଥିଲେ । କମିଟି ପୂର୍ବତନ ସଭାପତି ଡ. ଲକ୍ଷ୍ମୀକାନ୍ତ ମହାପାତ୍ର ଉପସ୍ଥିତ ଥିବା ବେଳେ ନିତ୍ୟାନନ୍ଦ ମିଶ୍ର, ଚକ୍ରପାଣି ଦାଶ, ପୀତବାସ ପଣ୍ଡା, ମନୋରଞ୍ଜନ ପୁରୋହିତ, ମାଳିଆ ଗଡ୍ଡଆ, ଦୁର୍ଗାପ୍ରସନ୍ନ ଛୁରିଆ, ଶ୍ରୀକାନ୍ତ ଶର୍ମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଅତିଥି ପ୍ରଫେସର ମଧୁସୂଦନ ପତି ବାଲୁକା ଶିଳ୍ପୀ ଓମ୍‌ପ୍ରକାଶ ସାହୁଙ୍କୁ ସମ୍ମାନିତ କରୁଛନ୍ତି।

## ସଂକ୍ଷେପରେ

### ନଦୀରେ ବୁଡ଼ି ବାଳକ ମୃତ

ଭବାନୀପାଟଣା,୬।୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଧୀନ କାର୍ନିବେର ଗ୍ରାମରେ ନଦୀରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ସେହି ଗାଁର ଦାନ ମାଝୀଙ୍କ ପୁଅ ଦୀପକ (୮)। ସେ ଗାଧୋଇବାକୁ ନିକଟ ନାଗାବଳୀ ନଦୀକୁ ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ବାପା ମା' ତୁରନ୍ତ ନଦୀ କୂଳକୁ ଯାଇଥିଲେ। ସେଠାରେ ପୁଅର ଚପଲ ଥିବା ଦେଖିବା ପରେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରେ ପାଣିରେ ବୁଡ଼ିଯାଇଥିବା ଆଶଙ୍କା କରି ବାପା ଦାନ ନଦୀରେ ପଶି ଖୋଜିବା ପରେ ପୁଅକୁ ଉଦ୍ଧାର କରିଥିଲେ। ତୁରନ୍ତ କାଣିଗୁମା ସ୍ୱାସ୍ଥ୍ୟ ସ୍ୱରାଜ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୂଆପଡା ଅଫିସ, ୬।୫ : ନୂଆପଡା ସଦର ବ୍ଲକ ଟାନୱାଟ ଗାଁରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ରମେଶ ଶବର(୩୬) । ଶନିବାର ସକାଳେ ରମେଶ ଜଙ୍ଗଲକୁ ଯାଇଥିବା ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ସେଠାକୁ ଆସ ଭାଲୁକୁ ଜଙ୍ଗଲକୁ ଘଉଡାଇଥିଲେ। ପରେ ରମେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ପତିତପାବନ ମନ୍ଦିରରେ ଛପନଭୋଗ

ଖଡ଼ିଆଳ,୬।୫(ଡି.ଏନ.ଏ)-ନୂଆପଡ଼ା ଜିଲା ଖଡ଼ିଆଳ ସହରର ୧୦ ନମ୍ବର ୱାଡ଼ରେ ଥିବା ପତିତପାବନ ମନ୍ଦିରରେ ଅକ୍ଷୟ ତୃତୀୟା ଠାରୁ ପ୍ରଭୁ ଜଗନ୍ନାଥଙ୍କୁ ପଖାଳ ଭୋଗ ଲାଗି ରହିଥିବାବେଳେ ବୈଶାଖ ପୂର୍ଣ୍ଣିମା ଉପଲକ୍ଷେ ଛପନ ଭୋଗ ଲାଗିଛି। ପଖାଳ ଭୋଗ ପ୍ରଦାନରେ ସହର ଅନେକ ଭକ୍ତ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନ ପୁରାଣ ପାଠ ଓ ସନ୍ଧ୍ୟା ସମୟରେ ସତସଙ୍ଗ ସଭା ଆୟୋଜନ ହେଉଛି। ବ୍ରତୀ ମହିଳାମାନଙ୍କ ମଧରେ ଭଜନ କୀର୍ତ୍ତନ ହେଉଥିବାରୁ ଶହଶହ ଭକ୍ତଙ୍କ ସମାଗମ ହେଉଛି। ଭକ୍ତମାନେ ପଖାଳ ଭୋଗ ଗ୍ରହଣ କରୁଛନ୍ତି। ପତିତପାବନ ମନ୍ଦିର କମିଟି ପକ୍ଷରୁ ସମସ୍ତ ସହଯୋଗ କରୁଥିବାବେଳେ କମିଟିର ସଭାପତି ପ୍ରଦୀପ ମିଶ୍ର, ଉପସଭାପତି ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ସମ୍ପାଦକ ଚନ୍ଦନ ସାହୁ, ସଦସ୍ୟ ଖୁସିରାମ ଭୋଇ, ରବିକାନ୍ତ ଠେଲା, ଜଙ୍କେଶ ମହାଉତି, ହରେକୃଷ୍ଣ ଶବର, ନମେଶ ବାରିକ, ନିର୍ମଳ ଦଣ୍ଡସେନା, ଚିନ୍ତାମଣି ଭୋଇ, ନୀଳ ଭୋଇ, ମାନସରଞ୍ଜନ ସାହୁ, ମନମୋହନ ଶବର ସମେତ ସମସ୍ତେ ସହଯୋଗ କରୁଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

କର୍ଲାମୁଣ୍ଡା,୬।୫(ଡି.ଏନ୍.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ତଥା ପ୍ରଫେସର ଦିଲୀପ କୁମାର ଦାସ ଓ କିରାଣି ଚନ୍ଦନ ରଣାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ଭାରପ୍ରାପ୍ତ ଅଧକ୍ଷ ହେମନ୍ତ ଚୌଧୁରୀଙ୍କ ସଭାପତିତ୍ୱରେ ରିଷିଡ଼ା ସରପଞ୍ଚ ସେବତୀ ରଣା, ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଡ. ଦାଶରଥୀ ଆଚାର୍ଯ୍ୟ ଯୋଗଦେଇଥିଲେ।

# ମଣ୍ଡି ଖୋଲିଲାନି, ରାସ୍ତା ଉପରେ ଧାନ

- ଚାଷୀନେତାଙ୍କ ଦାବି ରଖିଲୁ କହିଲେ ସିଏସ୍‌ଓ
- ନେତାମାନଙ୍କ ଭୂମିକାକୁ ନେଇ ଦ୍ୱନ୍ଦ୍ୱରେ ଚାଷୀ

ବରଗଡ଼ ଅଫିସ୍/ଭେଡ଼େନ,୬।୫





ଗୋଡ଼ଭଗା-ତୁରୁମ ରାସ୍ତାର କେଶ୍ରିପାଲି ରାସ୍ତାରେ ଚାଷୀମାନେ ଅମଳ ଧାନ ରଖିଛନ୍ତି । ଭେଡ଼େନ ବ୍ଲକ ମହୁଲପାଲି ମଣ୍ଡିରେ ତାଲା ଝୁଲୁଛି ।

ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ନିଷ୍ପତ୍ତି ଅନୁଯାୟୀ ଶନିବାରଠାରୁ ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡି ଗୁଡ଼ିକ ଖୋଲିଥାନ୍ତା ଏବଂ ଧାନ ସଂଗ୍ରହ ଆରମ୍ଭ ହୋଇଥାନ୍ତି। ତେବେ ବୈଠକର ସେହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନାହିଁ। ଜିଲାର ଅତାବିରା ଆରଏମସି ଅଧୀନ କୌଣସି ମଣ୍ଡି ଖୋଲିନାହିଁ। ମଣ୍ଡିଗୁଡ଼ିକରେ ତାଲା ଝୁଲୁଛି। ଅନ୍ୟପଟେ ଏହି ଆର୍‌ଏମ୍‌ସି ଅଧୀନ ଅତାବିରା ଏବଂ ଭେଡ଼େନ ବ୍ଲକରେ ଚାଷୀଙ୍କ ଧାନ ଅମଳ ଆରମ୍ଭ ହୋଇଯାଇଥିବା ବେଳେ ଧାନ କ୍ଷେତ, ଖଳା ଏବଂ ରାସ୍ତା ଉପରେ ଖୋଲା ଆକାଶତଳେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ସେହିପରି ଚାଷୀଙ୍କୁ ଟୋକନ ମଧ୍ୟ ମିଳିନାହିଁ । ଫଳରେ ସେମାନେ ମଣ୍ଡିକୁ ଧାନ ନେଇ ପାରୁନାହାନ୍ତି। ଅନ୍ୟପକ୍ଷେ ସେମାନଙ୍କୁ ବର୍ଷା ଚିନ୍ତା ଘାରିଛି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ) ଦାଶରଥି ସୋରେନଙ୍କୁ ପଚାରିବାରୁ ସେ କହିଥିଲେ, ଅତାବିରା ଅଞ୍ଚଳର ଚାଷୀ ପ୍ରତିନିଧିମାନେ ୬ତାରିଖ ବଦଳରେ ୧୦ତାରିଖରୁ ମଣ୍ଡି ଖୋଲିବାକୁ ଦାବି କରିଥିଲେ। ସେମାନଙ୍କ ଦାବି ଅନୁଯାୟୀ ଶନିବାର ମଣ୍ଡି ଖୋଲିନାହିଁ ଏବଂ ଆସନ୍ତା ୧୦ତାରିଖରୁ ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡି ଗୁଡ଼ିକରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସିଏସ୍‌ଓ ସୋରେନ କହିଛନ୍ତି । ଅନ୍ୟପଟେ ଚାଷୀନେତାଙ୍କ ସେଭଳି ଦାବି ଏବଂ ଭୂମିକାକୁ ନେଇ ଅଞ୍ଚଳର ଅନେକ ଚାଷୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ।

ଅତାବିରା ଆର୍‌ଏମ୍‌ସି ଅଧୀନ ଭେଡ଼େନ ବ୍ଲକ ମହୁଲପାଲି ଗ୍ରାମର ଚାଷୀ କୃଷ୍ଣଚନ୍ଦ୍ର ମିଶ୍ର କହିଛନ୍ତି, ଆମେ ପରିଶ୍ରମ କରି ଚାଷବାସ କରୁଛୁ। ଧାନ ଅମଳ କରିଛୁ। ଆମେ କୌଣସି ଚାଷୀନେତାଙ୍କୁ ଚିହ୍ନିନାହୁଁ । ଯଦି କେହି ଚାଷୀନେତା ଭାବେ ୬ତାରିଖ ବଦଳରେ ୧୦ତାରିଖରେ ମଣ୍ଡି ଖୋଲିବାକୁ ଦାବି କରିଛନ୍ତି, ସେ ଭୁଲ କରିଛନ୍ତି ବୋଲି ମିଶ୍ର ପ୍ରକାଶ କରିଛନ୍ତି। ଏହି ଗ୍ରାମର ଅନ୍ୟ ଜଣେ ଚାଷୀ ଆର୍ତ୍ତତ୍ରାଣ ତ୍ରିପାଠୀ କହିଛନ୍ତି, ଆମେ ଧାନ ଅମଳ କରିସାରିଲୁଣି। ମଣ୍ଡି ଖୋଲିଲେ ବିକ୍ରି ପାଇଁ ଧାନ ସେଠାକୁ ନେବୁ ବୋଲି ଭାବିଥିଲୁ। ମଣ୍ଡି ତ ଖୋଲିଲା ନାହିଁ, ବର୍ଷା ମାଡ଼ି ଆସୁଥିବା ସୂଚନା ମିଳୁଛି। ଆମେ କୌଣସି ଚାଷୀନେତାଙ୍କ କଥାରେ ପଡ଼ିବୁନାହିଁ। ଅମଳ ଧାନ କିଭଳି ସୁରକ୍ଷିତ ଏବଂ ସୁରୁଖୁରୁରେ ଉଠିବ, ପ୍ରଶାସନ ଚିନ୍ତା କରୁ। ସେହିପରି ପପଙ୍ଗାର ଚାଷୀ ସାଗର ମହାକୁର କହିଛନ୍ତି, ମଣ୍ଡି ବିଳମ୍ବରେ ଖୋଲାଯିବା ପ୍ରଶାସନର ଏକ ଚାଲ୍ ଅଟେ। ମିଲର୍ସଙ୍କ ଇଙ୍ଗିତରେ ସେଭଳି କରାଯାଉଛି। ମଣ୍ଡି ଖୋଲିବା ବିଳମ୍ବ ହେଲେ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହେବ ଏବଂ ମିଲର୍ସମାନେ କଟନୀଛଟନୀ ଆଳ ଦେଖାଇବେ। ଏପର୍ଯ୍ୟନ୍ତ ଚାଷୀଙ୍କୁ ଟୋକନ ସୁଦ୍ଧା ମିଳି ନ ଥିବା ସେ କହିଛନ୍ତି ।

ଏ ସମ୍ପର୍କରେ କୃଷକ ନେତା ରମେଶ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ସରକାରଙ୍କ ଗାଇଡ୍‌ଲାଇନ୍ ଅନୁସାରେ ରବିଧାନ ସଂଗ୍ରହ ପ୍ରକ୍ରିୟା ମେ ୧ରୁ ଜୁନ ୩୦ତାରିଖ ପର୍ଯ୍ୟନ୍ତ ଚାଲିବା କଥା। ସେହି ଅବଧିରେ ସରକାର ଧାନ ସଂଗ୍ରହ ପାଇଁ ଉଦ୍ଦିଷ୍ଟ ସବୁ ବ୍ୟବସ୍ଥା କରିବା ଦରକାର। କିନ୍ତୁ ସେହି ବ୍ୟବସ୍ଥା କରି ପାରି ନ ଥିବା ଯୋଗୁ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଧାନକିଣା ବିଳମ୍ବ କରୁଛି। ଧାନକିଣା ଯେତେ ବିଳମ୍ବିତ ହେବ ଅଭାବୀ ବିକ୍ରି ସମସ୍ୟା ସେତେ ବଢ଼ି ଚାଲିବ ବୋଲି ମହାପାତ୍ର କହିଛନ୍ତି। ବରଗଡ଼ର ଅନ୍ୟ ଜଣେ ଚାଷୀନେତା ସୁରେଶ ନେକାଣ୍ଟି କହିଛନ୍ତି, ମଣ୍ଡି କେବଳ ନିର୍ଦ୍ଦିଷ୍ଟ କେତେଦିନ ଖୋଲିବା ତାହା ଠିକ୍ ନୁହେଁ । ସବୁଦିନ ମଣ୍ଡି ଖୋଲା ରହୁ ବୋଲି ଆମେ ସବୁବେଳେ ଦାବି କରିଆସୁଛୁ।

## ଚୋରି ସାମଗ୍ରୀ ଜବତ, ୨ ଗିରଫ

ରାଉରକେଲା ଅଫିସ,୬।୫

ସେକ୍ଟର-୭ ଥାନା ଅଞ୍ଚଳରେ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୬ ବିମ୍‌ବସ୍ତିର ଆସିକ ଡିନ୍(୨୦) ଓ ଅନ୍ୟ ଜଣେ ନାବାଳକ। ପୋଲିସ ଅଭିଯୁକ୍ତଙ୍କଠାରୁ ବ୍ୟାଟେରୀ, ଗାଡି ରିମ୍ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଏକ ଖଣ୍ଡାକୁ ଜବତ କରିଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ,କ ମାମଲା (ନଂ.୬୯ ।୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ବିମ୍‌ବସ୍ତିର ଉକ୍ତ ନାବାଳକ ଓ ଆସିକ ଶୁକ୍ରବାର ବିଳମ୍ବିତ ରାତିରେ ସେକ୍ଟର-୬ ଅଞ୍ଚଳରେ ଥିବା ଏକ ଗ୍ୟାରେଜରୁ ଚୋରି କରୁଥିଲେ। ଏହି ସମୟରେ ନାଇଟ ପୋଟ୍ରୋଲିଂ କରୁଥିବା ପୋଲିସ ଉଭୟଙ୍କୁ କାବୁ କରିଥିଲା।

## ଟ୍ରେନ୍‌ରେ ଯୁବକଙ୍କ ମୃତ୍ୟୁ

ରାଉରକେଲା ଅଫିସ,୬।୫

ରାଉରକେଲା ଜିଆରପି ପୋଲିସ ଟ୍ରେନରୁ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତ ଯୁବକ ବୋକାରୋ ଅଞ୍ଚଳର ଦୁରେଶ କୁମାର ସାଗର(୩୨) ବୋଲି ଜଣାପଡିଛି। ଏ ନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୪।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମେଳା ସରିଲା, ସରିନି ଜନଗହଳି



ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିଗଣ।

ପାଇକମାଳ, ୬।୫(ଡି.ଏନ.ଏ.)

ପାଇକମାଳ ବ୍ଲକ ନୃସିଂହନାଥରେ ବୈଶାଖ ମେଳା ଶେଷ ହୋଇଥିଲେ ମଧ ଜନଗହଳି କମିନାହିଁ। ଶନିବାର ମଧ ନୃସିଂହନାଥ ପୀଠକୁ ଭକ୍ତମାନଙ୍କ ଯିବା ଆସିବା ଦେଖିବାକୁ ମିଳିଛି। ଶନିବାର ଦିନସାରା ଦୋକାନମାନଙ୍କରେ ଭିଡ଼ ଲାଗିଥିଲା। ଶୁକ୍ରବାର ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା। ପୂର୍ବତନ ବିଧାୟକ ସତ୍ୟଭୁଷଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉପ ଜିଲାପାଳ ସଦାକର କୁମ୍ଭାର, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଆଲୋକ ନାୟକ, ମନ୍ଦିର ଟ୍ରଷ୍ଟି ତଥା ବିଡିଓ ସୁରେନ୍ଦ୍ର କୁମାର ସାହୁ ଓ ମେଳା କମିଟି ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ସୁଶାନ୍ତ ମିଶ୍ର ଓ ମୁଗ୍ଧା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗଞ୍ଜାମ ଦିଗପହଣ୍ଡିର ପଶୁମୁଖା ନୃତ୍ୟ, ବଲାଙ୍ଗୀର ଟିଟିଲାଗଡର ସମ୍ବଲପୁରୀ ଲୋକନୃତ୍ୟ, ବରପାଲିର ଘୁଡୁକା ନୃତ୍ୟ, ଖରାମାଲର ଡାଲଖାଇ ନୃତ୍ୟ, ଆଭାରାଣୀ ସାହୁ ଓ କଳାକାରଙ୍କ ସମ୍ବଲପୁରୀ ନୃତ୍ୟ, ଜମୁଡାର କୃଷ୍ଣଗୁରୁ ସମେତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ନାବାଳିକା ଅପହରଣ, ବଳାତ୍କାର ମାମଲାର ରାୟ ପ୍ରକାଶ

**ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ**

ଭବାନୀପାଟଣା,୬।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ୨୦୧୨ରେ ଜଣେ ନାବାଳିକାଙ୍କୁ ପ୍ରଥମେ ଅପହରଣ ଓ ପରେ ବଳାତ୍କାର କରାଯାଇଥିବା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି(ପୋକ୍‌ସୋ) ଶୁଭାଞ୍ଜନ ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଜୟପାଟଣା ଥାନା ବାଞ୍ଜିବାହାଲ ଗ୍ରାମର ରସିକ ହରିଜନ ଓରଫ୍ ଠାକୁର(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲ ଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ୬ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏପଟେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୨ ଅକ୍ଟୋବର ୧୪ରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ଜବରଦସ୍ତି ବାଇକ୍‌ରେ ଅପହରଣ କରି ନେଇ ବିଭିନ୍ନ ସ୍ଥାନରେ ରଖିଥିଲେ। ପରେ ନିଜ ଘରେ ରଖିବା ସହ ଅନେକ ଥର ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ବାପା ଜୟପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରୁ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ରୋହିତ କୁମାର ମିଶ୍ର ପରିଚାଳନା କରିଥିଲେ।

## ବୀରମହାରାଜପୁର ଏସ୍‌ଡିଜେଏମ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଅମରପାଲି,୬।୫(ଡି.ଏନ.ଏ.)

ବୀରମହାରାଜପୁରରେ ଏସ୍‌ଡିଜେଏମ ଭାବେ କାର୍ଯ୍ୟରତ ଥିବା ସଂଘମିତ୍ରା ବିଶ୍ୱାଳଙ୍କ ପଦୋନ୍ନତି ହୋଇ ପୁରୀ ଜିଲା ନିମାପଡାକୁ ବରିଷ୍ଠ ଦେୱାନୀ ଜଜ୍ ଭାବେ ବଦଳି ହୋଇଛି। ଏଥିପାଇଁ ବୀରମହାରାଜପୁର ଓକିଲ ସଂଘ ତରଫରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ଶନିବାର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ସଂଘ ସଭାପତି ରାଧାକାନ୍ତ ମହାକୁରଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ସଭାରେ ବରିଷ୍ଠ ଦେୱାନୀ ଜଜ୍ ସରୋଜିନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଶ୍ରୀଧର ଦାସ, ସରକାରୀ ଓକିଲ ମଧୁସୂଦନ ଆଚାର୍ଯ୍ୟ, ବଳଦେବ ପ୍ରସାଦ ବେଦବାକ, ଯତିନ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଏସ୍‌ଡିଜେଏମ ବିଶ୍ୱାଳଙ୍କ କାର୍ଯ୍ୟକାଳ ସମୟର ସ୍ମୃତିଚାରଣ କରିଥିଲେ । ସଂଘର ଉପସଭାପତି ରାଧାକାନ୍ତ ବାଘ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ସମ୍ପାଦକ ଉମାଶଙ୍କର ପଣ୍ଡା, ଛବିଳ କର୍ଣ୍ଣ, ବିଷ୍ଣୁଚରଣ ପଣ୍ଡା, ସବିତା ପଣ୍ଡା, କୁନ୍ଦନ ପଧାନ, ସଞ୍ଜୀବ ପଧାନ, ସମୀର ସ୍ୱାଇଁ, ଯୁଧିଷ୍ଠିର ସାହୁ, ପ୍ରଫୁଲ୍ଲ ଗୁରୁ, ହିମାଂଶୁ ଭୋଇ, ପ୍ରଦିପ ରଥଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଏସ୍‌ଡିଜେଏମଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ଏସ୍‌ଡିଜେଏମ ବିଶ୍ୱାଳ ଅଞ୍ଚଳର ଜନସାଧାରଣ ଏବଂ ସଂଘର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଇଥିଲେ ।



ବିଦାୟକାଳୀନ ସମ୍ବର୍ଦ୍ଧନାରେ ମଞ୍ଚାସୀନ ଅତିଥି ।

# ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଟିଟିଲାଗଡ, ୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଶିଶକେଲା ଗ୍ରାମ ପଞ୍ଚାୟତର ସିଙ୍ଗବହାଲି ଗ୍ରାମକୁ ରାଜସ୍ୱ ଗାଁ ମାନ୍ୟତା ଦାବି ହୋଇଛି। ହେଲେ ଏହାକୁ ବିରୋଧ କରି ଶିଶକେଲା ଜୟ ଜଗନ୍ନାଥ ଗ୍ରାମ୍ୟ କମିଟି ସଭାପତି ତ୍ରିଲୋଚନ ରଣାଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଟିଟିଲାଗଡ ଉପଜିଲାପାଳଙ୍କୁ ଶନିବାର ପ୍ରଦାନ କରିଛନ୍ତି। ଶିଶକେଲା ଗ୍ରାମର ଜମି, ଉଠା ଜଳସେଚନ, ମଣ୍ଡି, ମଶାଣି ଭୂମି, ଖେଳ ପଡିଆ, ୨ଟି ବନ୍ଧ ଓ ଗୋଚର ଜମିକୁ ଦର୍ଶାଇ ସିଙ୍ଗବାହିଲି ପଡ଼ା ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଗ୍ରାମବାସୀ ସରକାରଙ୍କଠାରେ ନିୟମିତ ଦାବି କରିଆସୁଛନ୍ତି। ଗ୍ରାମର ବିଭାଜନୀକରଣକୁ ଗ୍ରାମବାସୀ ବିରୋଧ କରିବା ସହ ସେମାନେ ବର୍ଷ ବର୍ଷ ଧରି ପରମ୍ପରାକୁ ପାଳନ କରିଆସୁଥିବା ବେଳେ ସ୍ୱତନ୍ତ୍ର ଗ୍ରାମ ଘୋଷଣା ଫଳରେ ଏହା ଲୋପ ପାଇଯିବ ବୋଲି କହିଛନ୍ତି। ଗ୍ରାମର ପାଖାପାଖି ନବେ ପ୍ରତିଶତ ଚାଷୀଙ୍କ ଚାଷ ଜମି ମଧ ଏଥିଯୋଗୁଁ ପ୍ରଭାବିତ ହେଉଥିବାରୁ ଗ୍ରାମବାସୀ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ବ୍ୟାପୁଛି ଫାଟୁଆ ରୋଗ

ନୂଆପଡା ଅଫିସ,୬।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ଗାଁରେ ଫାଟୁଆ ରୋଗ ବ୍ୟାପିବାରେ ଲାଗିଛି। ଏଥିରେ ଶହଶହ ଗୋରୁ ଆକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି। ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେବ ଜଟଗଡ ଗାଁରେ ଗୋରୁଙ୍କୁ ଫାଟୁଆ ରୋଗ ଲାଗିଛି । ଗୋରୁଙ୍କ ଖୁରାରେ ଘା ହୋଇ ରକ୍ତସ୍ରାବ ହେଉଥିବା ବେଳେ ପାଟିରୁ ଲାଳ ବାହାରି ଜିଭ ଫୁଲି ଯାଉଛି। ଗୋଡରେ ଘା ହୋଇଥିବାରୁ ଗୋରୁ ଚଲାବୁଲା କରି ପାରୁନାହାନ୍ତି। ଜିଭଫୁଲି ଯାଇଥିବାରୁ ଖାଇବାରେ କଷ୍ଟ ଅନୁଭବ କରୁଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେଇ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି ।

## ସୁବର୍ଣ୍ଣପୁର କମିଟିର ଦାୟିତ୍ୱ ବଲାଙ୍ଗୀର ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର

ସୋନପୁର,୬।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶିଶୁ ମଙ୍ଗଳ କମିଟିର ନଥିପତ୍ର ଇନଭେନଟ୍ରି କରାଯାଇ ବଲାଙ୍ଗୀର ଶିଶୁ ମଙ୍ଗଳ କମିଟିକୁ ଶନିବାର ଦାୟିତ୍ୱ ହସ୍ତାନ୍ତର କରାଯାଇଛି । ପୋଲିସ ସହାୟତାରେ ସୁବର୍ଣ୍ଣପୁର ଶିଶୁ ମଙ୍ଗଳ କମିଟି ଅଫିସ୍‌ରେ ତାଲା ଭଙ୍ଗା ଯାଇଥିଲା। ମାଜିଷ୍ଟ୍ରେଟ୍ ତଥା ଡେପୁଟି କଲେକ୍ଟର ଆନନ୍ଦ କୁମାର ପଣ୍ଡାଙ୍କ ଉପସ୍ଥିତିରେ ସମସ୍ତ ନଥିପତ୍ର, ରେକର୍ଡ ଓ ରେଜିଷ୍ଟର ବଲାଙ୍ଗୀର ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ଲମ୍ବୋଦର ଦୀପଙ୍କୁ ହସ୍ତାନ୍ତର କରାଯାଇଥିଲା । ପ୍ରକାଶ ଯେ, ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସୁବର୍ଣ୍ଣପୁର ଶିଶୁ ମଙ୍ଗଳ କମିଟିର ଦାୟିତ୍ୱ ବଲାଙ୍ଗୀର ଜିଲା ଅଧୀନରେ ରହିଥିଲା । କିନ୍ତୁ ସୁବର୍ଣ୍ଣପୁର କମିଟିର ପ୍ରାକ୍ତନ ଅଧକ୍ଷ ମଧୁସୂଦନ ପ୍ରଧାନ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ । ସେ ଅଫିସ ଆଲମିରାରେ ଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ରେଜିଷ୍ଟର ତାଲା ମାରି ରଖିଥିଲେ । ଫଳରେ କମିଟି ସମ୍ମୁଖରେ ଶିଶୁମାନଙ୍କ ଉପସ୍ଥାପନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା ।



ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଅଫିସ ଆଲମିରାର ତାଲା ଭଙ୍ଗାଯାଉଛି ।

# ଡିସିପିଓଙ୍କ ଚିଠିକୁ ବିଡିଓ, ସିଡିପିଓ ଦେଇଥିଲେ ଅଧିକ ଗୁରୁତ୍ୱ

ସୋନପୁର,୬।୫(ନି.ପ୍ର.)

**ସଚେତନତା ନମ୍ବର ପ୍ଲେଟ ନାଁରେ ଠକେଇ ଘଟଣା**




ଲୋକଙ୍କୁ ପ୍ରଦାନ କରାଯାଇଥିବା ରସିଦ ।

ସୁବର୍ଣ୍ଣପୁର ଜିଲାର ଗ୍ରାମାଞ୍ଚଳରେ ସଚେତନତା ନମ୍ବର ପ୍ଲେଟ୍ ପ୍ରଦାନ ନାଁରେ ବଡ ଧରଣର ଠକେଇ ହୋଇଛି। ବିହାରର ରୋହତସ ଜିଲା ବହୁଆରା ଅଞ୍ଚଳର ମନୋଜ କୁମାର ଗୁପ୍ତା ନାମକ ବ୍ୟକ୍ତି ଜିଲା ପ୍ରଶାସନର ସହଯୋଗରେ ଲୋକଙ୍କୁ ଠକିଛନ୍ତି । ପ୍ରତ୍ୟେକ ଘରେ ବିଭିନ୍ନ ସଚେତନତତା ମୂଳକ ସ୍ଲୋଗାନ ସହ ନିଜ ଘର ନମ୍ବର ଉଲ୍ଲେଖ ଥିବା ନମ୍ବର ପ୍ଲେଟ୍ ପ୍ରଦାନ କରି ଗ୍ରାମାଞ୍ଚଳର ନିରୀହ ଲୋକଙ୍କୁ ଠକିବାରେ ସକ୍ଷମ ହୋଇଛନ୍ତି। ସେ ଏବେ ଫେରାର ଅଛନ୍ତି। ଏହି ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଲୋକେ ଠକାମିର ଶିକାର ହେବା ପରେ ସ୍ଥାନୀୟ ସରପଞ୍ଚ ଓ ଅଙ୍ଗନୱାଡି କର୍ମୀଙ୍କୁ ଦୋଷ ଦେଉଛନ୍ତି। କିନ୍ତୁ ଏହି ଘଟଣାରେ ଚିଠି ଲେଖିଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ, ବିଡିଓ ଓ ସିଡିପିଓଙ୍କ ଭୂମିକା ଏବେ ସନ୍ଦେହ ଘେରରେ ରହିଛି। ସବୁଠୁ ବଡ କଥା ହେଲା ନମ୍ବର ପ୍ଲେଟ୍ ଲଗାଇବା ଘଟଣାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜିଲାର ସମସ୍ତ ବିଡିଓ ଓ ସିଡିପିଓମାନଙ୍କୁ ଏଥିରେ ସହଯୋଗ କରିବାକୁ ଚିଠି ମାଧ୍ୟମରେ କହିଥିଲେ । ତେବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବା ବେଳେ ବିଡିଓ ଓ ସିଡିପିଓମାନେ ଚିଠିକୁ ଅତ୍ୟଧିକ ଗୁରୁତ୍ୱ ଦେଇ ସରପଞ୍ଚ, ଅଙ୍ଗନୱାଡି ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀଙ୍କୁ ସହଯୋଗ ପାଇଁ କହିଥିଲେ। ଫଳରେ ଲୋକଙ୍କୁ ଠକିବା ପାଇଁ ବିହାରର ମନୋଜଙ୍କୁ ସୁଯୋଗ ମିଳିଥିଲା। ତେଣୁ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଆମ ଆଦ୍‌ମୀ ପାର୍ଟି(ଆପ୍) ସୁବର୍ଣ୍ଣପୁର ଜିଲା ଶାଖା ସମେତ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ଜିଲାର ସରପଞ୍ଚ ଓ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ମନୋଜ ଗ୍ରାମାଞ୍ଚଳର ଲକ୍ଷାଧିକ ଲୋକଙ୍କୁ ଜଣ ପ୍ରତି ୩୦ରୁ ୫୦ ଟଙ୍କା ବିନିମୟରେ ପ୍ଲାଷ୍ଟିକ୍ ନମ୍ବର ପ୍ଲେଟ୍ ପ୍ରଦାନ କରିଛନ୍ତି। ଏହି ନମ୍ବର ପ୍ଲେଟ୍‌ରେ ଭୋଟରଙ୍କ ନାମ, ୱାର୍ଡ ନମ୍ବର ଓ ଘର ନମ୍ବର ଉଲ୍ଲେଖ ଅଛି । ସ୍ୱଚ୍ଛ ଗାଁ ନିର୍ମାଳ ଗାଁ, ଝିଅ ପଢାନ୍ତୁ-ଝିଅ ବଞ୍ଚନ୍ତୁ, ସ୍କୁଲ ଯିବାକୁ ହଁ କହିବା ବାଲ୍ୟ ବିବାହକୁ ନାଁ କହିବା, ଘରେ ଥିଲେ ପାଇଖାନା ଝିଅ ବୋହୁଙ୍କୁ ବାହାର ମନା ଓ ଦୋ ଗଜ ଦୁରୀ ମାସ୍କ ଜରୁରୀ ଭଳି ସଚେତନତା ବାର୍ତ୍ତା ମଧ ଏହି ନମ୍ବର ପ୍ଲେଟ୍‌ରେ ଉଲ୍ଲେଖ ରହିଛି। ଉକ୍ତ ସଚେତନତା ନମ୍ବର ପ୍ଲେଟ୍‌ର ବହୁତ ଆବଶ୍ୟକତା ଥିବା ଅଙ୍ଗନୱାଡି କର୍ମୀମାନେ ଲୋକଙ୍କୁ ବୁଝାଇବାରେ ସକ୍ଷମ ହୋଇଥିଲେ। ଏପରି କି ସେମାନେ ଲୋକଙ୍କ ନିକଟରୁ ଟଙ୍କା ଆଦାୟ କରି ନମ୍ବର ପ୍ଲେଟ ପ୍ରଦାନକାରୀ ସଂସ୍ଥାର କର୍ମଚାରୀଙ୍କୁ ପ୍ରଦାନ କରିଥିଲେ। ମାର୍ଚ୍ଚ ଓ ଏପ୍ରିଲ ମାସରେ ଜିଲାର ସୋନପୁର, ବିନିକା, ବୀରମହାରାଜପୁର, ଉଲୁଣ୍ଡା, ଡୁଙ୍ଗୁରିପାଲି ଓ ତରଭା ବ୍ଲକର ଗ୍ରାମାଞ୍ଚଳରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲା । ତେବେ ଖାରୀ ପଞ୍ଚାୟତର ସତ୍ୟନାରାୟଣ ରଥଙ୍କୁ ପ୍ରଦାନ କରାଯାଇଥିବା ନମ୍ବର ପ୍ଲେଟ୍‌ର ତଥ୍ୟରେ ତାଳମେଳ ନ ଥିଲା। ରଥ ଏଥିରେ ସନ୍ଦେହ ପ୍ରକାଶ କରି ଆପ୍‌ର ସୁବର୍ଣ୍ଣପୁର ଜିଲା ସଭାପତି ସୁରେଶ କଲତାଙ୍କୁ ଜଣାଇଥିଲେ । କଲତା ଏସମ୍ପର୍କରେ ଖୋଳତାଡ କରିବା ପରେ ଦୁର୍ନୀତି ଲୋକ ଲୋଚନକୁ ଆସିପାରିଛି ।

## ସଂକ୍ଷେପରେ

### ଚୋରି ସାମଗ୍ରୀ ଜବତ, ୨ ଗିରଫ

**ରାଉରକେଲା ଅଫିସ,୬।୫:** ସେକ୍ଟର-୭ ଥାନା ଅଞ୍ଚଳରେ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୬ ବିମ୍‌ବସ୍ତିର ଆସିକ ଡିନ୍(୨୦) ଓ ଅନ୍ୟ ଜଣେ ନାବାଳକ। ପୋଲିସ ଅଭିଯୁକ୍ତଙ୍କଠାରୁ ବ୍ୟାଟେରୀ, ଗାଡି ରିମ୍ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଏକ ଖଣ୍ଡାକୁ ଜବତ କରିଛି। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ,କ ମାମଲା (ନଂ.୬୯।୨୩) ରୁଜୁ କରିଛି। ସୂଚନାଯୋଗ୍ୟ, ବିମ୍‌ବସ୍ତିର ଉକ୍ତ ନାବାଳକ ଓ ଆସିକ ଶୁକ୍ରବାର ବିଳମ୍ବିତ ରାତିରେ ସେକ୍ଟର-୬ ଅଞ୍ଚଳରେ ଥିବା ଏକ ଗ୍ୟାରେଜରୁ ଚୋରି କରୁଥିଲେ। ଏହି ସମୟରେ ନାଇଟ ପୋଟ୍ରୋଲିଂ କରୁଥିବା ପୋଲିସ ଉଭୟଙ୍କୁ କାବୁ କରିଥିଲା।

### ନଦୀରେ ବୁଡ଼ି ବାଳକ ମୃତ

ଭବାନୀପାଟଣା,୬।୫(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅଧୀନ କାର୍ନିବେର ଗ୍ରାମରେ ନଦୀରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ସେ ହେଲେ ସେହି ଗାଁର ଦାନ ମାଝୀଙ୍କ ପୁଅ ଦୀପକ (୮)। ସେ ଗାଧୋଇବାକୁ ନିକଟ ନାଗାବଳୀ ନଦୀକୁ ଯାଇଥିଲେ। ବହୁ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ବାପା ମା’ ତୁରନ୍ତ ନଦୀ କୂଳକୁ ଯାଇଥିଲେ। ସେଠାରେ ପୁଅର ଚପଲ ଥିବା ଦେଖିବା ପରେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ପରେ ପାଣିରେ ବୁଡ଼ିଯାଇଥିବା ଆଶଙ୍କା କରି ବାପା ଦାନ ନଦୀରେ ପଶି ଖୋଜିବା ପରେ ପୁଅକୁ ଉଦ୍ଧାର କରିଥିଲେ। ତୁରନ୍ତ କାଣିଗୁମା ସ୍ୱାସ୍ଥ୍ୟ ସ୍ୱରାଜ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

### ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ନୂଆପଡା ଅଫିସ, ୬।୫ : ନୂଆପଡା ସଦର ବ୍ଲକ ଟାନୱାଟ ଗାଁରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେରମେଶ ଶବର(୩୬) । ଶନିବାର ସକାଳେ ରମେଶ ଜଙ୍ଗଲକୁ ଯାଇଥିବା ସମୟରେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ସେଠାକୁ ଆସ ଭାଲୁକୁ ଜଙ୍ଗଲକୁ ଘଉଡାଇଥିଲେ। ପରେ ରମେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ପତିତପାବନ ମନ୍ଦିରରେ ଛପନ ଭୋଗ

**ଖଡ଼ିଆଳ,୬।୫(ଡି.ଏନ.ଏ):** ନୂଆପଡ଼ା ଜିଲା ଖଡ଼ିଆଳ ସହରର ୧୦ ନମ୍ବର ୱାଡ଼ରେ ଥିବା ପତିତପାବନ ମନ୍ଦିରରେ ଅକ୍ଷୟ ତୃତୀୟା ଠାରୁ ପ୍ରଭୂ ଜଗନ୍ନାଥଙ୍କୁ ପଖାଳ ଭୋଗ ଲାଗି ରହିଥିବାବେଳେ ବୈଶାଖ ପୂର୍ଣ୍ଣିମା ଉପଲକ୍ଷେ ଛପନ ଭୋଗ ଲାଗିଛି। ପଖାଳ ଭୋଗ ପ୍ରଦାନରେ ସହର ଅନେକ ଭକ୍ତ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ପୁରାଣ ପାଠ ଓ ସନ୍ଧ୍ୟା ସମୟରେ ସତସଙ୍ଗ ସଭା ଆୟୋଜନ ହେଉଛି। ବ୍ରତୀ ମହିଳାମାନଙ୍କ ମଧରେ ଭଜନ କୀର୍ତ୍ତନ ହେଉଥିବାରୁ ଶହଶହ ଭକ୍ତଙ୍କ ସମାଗମ ହେଉଛି। ଭକ୍ତମାନେ ପଖାଳ ଭୋଗ ଗ୍ରହଣ କରୁଛନ୍ତି। ପତିତପାବନ ମନ୍ଦିର କମିଟି ପକ୍ଷରୁ ସମସ୍ତ ସହଯୋଗ କରୁଥିବାବେଳେ କମିଟିର ସଭାପତି ପ୍ରଦୀପ ମିଶ୍ର, ଉପସଭାପତି ଶୈଳେନ୍ଦ୍ର ମୋହନ ପାଣିଗ୍ରାହୀ, ସମ୍ପାଦକ ଚନ୍ଦନ ସାହୁ ମନମୋହନ ଶବର ପ୍ରମୁଖ ସହଯୋଗ କରୁଛନ୍ତି।

# ୨ ମାସ ହେଲା ଡାକ୍ତର, କର୍ମଚାରୀଙ୍କୁ ମିଳୁନି ଦରମା

- ସୁନ୍ଦରଗଡ଼ ଅତ୍ୟାଧୁନିକ ଭୌତିକ ଚିକିତ୍ସାକେନ୍ଦ୍ର
- ଜିଲାପାଳଙ୍କୁ ଭେଟିଲେ ସାଧାରଣ ନାଗରିକ

ସୁନ୍ଦରଗଡ଼,୬।୫(ଡି.ଏନ.ଏ.)

ସୁନ୍ଦରଗଡ଼ରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ପରିଚାଳିତ ଅତ୍ୟାଧୁନିକ ଭୌତିକ ଚିକିତ୍ସା କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀ ଗତ ୨ ମାସ ହେବ ଦରମା ନ ପାଇ ହନ୍ତସନ୍ତ ହେଉଛନ୍ତି। ଏନେଇ ପୂର୍ବରୁ ଜିଲା ପ୍ରଶାସନ ନିକଟରେ ଦାବି ଓ ଅପ୍ରେଲ ମାସରେ ୩ଦିନ କାର୍ଯ୍ୟ ବନ୍ଦ ଆନ୍ଦୋଳନ ସତ୍ତ୍ୱେ ମଧ ଦରମା ମିଳିନାହିଁ। ଫଳରେ ଶନିବାର ଏଠାରେ ଚିକିତ୍ସିତ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ତଥା ସ୍ଥାନୀୟ ଜନସାଧାରଣ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲିଙ୍କୁ ଭେଟି ଆଲୋଚନା କରିଛନ୍ତି। ସମାଜସେବୀ ଡାକ୍ତର ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ସହିତ ଆଲୋଚନା ବେଳେ ଏହାର ପ୍ରତିକାର ସହ ଏହି କେନ୍ଦ୍ରରୁ ଠିକ ଭାବେ ନିୟମିତ ସେବା ଯୋଗାଇଦେବାକୁ ଦାବି କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ସୁନ୍ଦରଗଡ ସରକାରୀ ମେଡ଼ିକାଲ କଲେଜ ଏବଂ ହସପିଟାଲ ପରିସରରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ସହାୟତାରେ ଏହି ଅତ୍ୟାଧୁନିକ ଭୌତିକ ଚିକିତ୍ସା କେନ୍ଦ୍ର ପରିଚାଳିତ ହେଉଛି। ଏହାର ପରିଚାଳନା ଦାୟିତ୍ୱ ଦିଲ୍ଲୀର ଏକ ଆଉଟ ସୋର୍ସିଙ୍ଗ ସଂସ୍ଥା ନେଇଛି। ଏହି କେନ୍ଦ୍ରରେ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ପ୍ରତିନିଧି ମଣ୍ଡଳୀ।

କାର୍ଯ୍ୟରତ ୨୧ଜଣ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଦରମା ତଥା ପରିଚାଳନା ବାବଦରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ପ୍ରତିମାସରେ ୨୫ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ହେଲେ ଏହି ସଂସ୍ଥା ଏଆରସି ଅନୁମୋଦିତ ହାରରେ ଡାକ୍ତର ଓ କର୍ମଚାରୀଙ୍କୁ ଦରମା ନ ଦେଇ କମ ଦରମା ଦେଉଛି। ଏହା ମଧ ନିୟମିତ ଭାବେ ନ ଦେବାର ଅଭିଯୋଗ ହୋଇଛି। ନିୟମିତ ଦରମା ପ୍ରଦାନ କରା ନ ଯିବା ଓ ଅନ୍ୟାନ୍ୟ ଦାବି ନେଇ ବିଭିନ୍ନ ସମୟରେ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଯୋଗୁ ଏଠାକୁ ଆସୁଥିବା ରୋଗୀମାନେ ହଇରାଣ ହେଉଛନ୍ତି। ପ୍ରତ୍ୟେହ ସୁନ୍ଦରଗଡ, ଝାରସୁଗୁଡା ଓ ରାଜଗାଙ୍ଗପୁର ତଥା ପଡୋଶୀ ଛତିଶଗଡ଼ ଓ ଝାଡଖଣ୍ଡ ରାଜ୍ୟ ଅଞ୍ଚଳରୁ ଆସୁଥିବା ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ରୋଗୀ ତଥା ଜନସାଧାରଣ ଏହି କେନ୍ଦ୍ରରୁ ଭୌତିକ ଚିକିତ୍ସା ସେବା ପାଉଛନ୍ତି। ପ୍ରକାଶ ଯେ, ଗତ ୩ ଜାନୁଆରୀ ୨୦୨୨ରୁ ଏଠାରେ ଖୋଲିଥିବା ଏହି ଅତ୍ୟାଧୁନିକ ଭୌତିକ ଚିକିତ୍ସା କେନ୍ଦ୍ର ଓଡିଶା ତଥା ଦେଶର ଏକ ଅଗ୍ରଣୀ କେନ୍ଦ୍ର। ଏଠାରେ କୋଟି କୋଟି ଟଙ୍କାର ଅତ୍ୟାଧୁନିକ ମେସିନ ସହାୟତାରେ ଲୋକମାନଙ୍କୁ ନିଶୁଳ୍କ ସେବା ଯୋଗାଇ ଦିଆଯାଉଛି। ଏଠାରେ ବର୍ତ୍ତମାନ ଅଭିଜ୍ଞ ଫିଜିଓଥୋରାପିଷ୍ଟ ଡାକ୍ତର ଓ କର୍ମଚାରୀଙ୍କୁ ମିଶାଇ ୧୮ ଜଣ ରହିଛନ୍ତି। ଦିଲ୍ଲୀର ଏକ ସଂସ୍ଥା ବି.ଆର ବାୟୋମେଡ଼ିକାଲ ଏହି କେନ୍ଦ୍ରର ପରିଚାଳନା ଦାୟିତ୍ୱ ନେଇଛି। ହେଲେ ଡାକ୍ତର ଓ କର୍ମଚାରୀମାନଙ୍କୁ ନିୟମିତ ଭାବେ ମାସିକ ଦରମା ପ୍ରଦାନ କରାଯାଉନାହିଁ। ଏ ନେଇ କୌଣସି କର୍ମଚାରୀ କିମ୍ବା ଡାକ୍ତର ମୁହଁ ଖୋଲିଲେ ସେମାନଙ୍କୁ ଛଟେଇର ଧମକ ଦିଆଯାଉଛି। ଏଠାରେ ନିଯୁକ୍ତ ଅଭିଜ୍ଞ ଡାକ୍ତରଙ୍କୁ ଦରମା ବାବଦରେ ୧ ଲକ୍ଷ ୯୦ ହଜାର ଟଙ୍କା ଉଠାଉଥିବାବେଳେ ମାତ୍ର ୫୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ସେହିଭଳି ଅନ୍ୟ କର୍ମଚାରୀମାନଙ୍କ ପାଇଁ ଥିବା ଦରମାରୁ ଅଧା ଲେଖାଏଁ ଦିଆଯାଉଛି। ଏଥିସହିତ କେନ୍ଦ୍ର ପରିଚାଳନା ବାବଦ ଅର୍ଥ ମଧ ଖୋଲାଖୋଲି ହରିଲୁଟ ହେଉଛି। ମିଳିଥିବା ତଥ୍ୟ ଅନୁଯାୟୀ,ଏହି ସଂସ୍ଥାକୁ ଜିଲା ଖଣିଜ ପାଣ୍ଠିରୁ ଏହି କେନ୍ଦ୍ରର ପରିଚାଳନା ଏବଂ ଡାକ୍ତର ଓ କର୍ମଚାରୀଙ୍କ ଦରମା ବାବଦରେ ମାସିକ ଦିଆଯାଉଥିବା ୨୫ ଲକ୍ଷ୨୦ହଜାର ଟଙ୍କା ମଧ୍ୟରୁ ୧୯.୫ଲକ୍ଷ ଏଆରସି ଅନୁମୋଦିତ ଦରମା ରହିଛି। ହେଲେ ଏହି ସଂସ୍ଥା ଏବାଦ ଅର୍ଥରୁ କମ ପରିମାଣର ଦରମା ଦେଉଛି। ମାତ୍ର ୪ଲକ୍ଷ ଟଙ୍କା ଦରମା ବାବଦରେ ଖର୍ଚ୍ଚ କରୁଛି। ଏପରିକି କେନ୍ଦ୍ରର ବିଭିନ୍ନ ଯନ୍ତ୍ରପାତି ଖରାପ ହେଲେ ଠିକ ସମୟରେ ଆବଶ୍ୟକ ମରାମତି ମଧ ହେଉ ନାହିଁ। ଏହି କେନ୍ଦ୍ରର ପରିଚାଳନା କାର୍ଯ୍ୟ ତଦାରଖ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନର ଜଣେ ନୋଡାଲ ଅଫିସରଙ୍କୁ ନିଯୁକ୍ତି ମିଳିଥିଲେ ମଧ ସେ ନିୟମିତ ତଦାରଖ କରୁ ନ ଥିବାର ଅଭିଯୋଗ ହେଉଛି।

## ନାବାଳିକା ଅପହରଣ, ବଳାତ୍କାର ମାମଲାର ରାୟ ପ୍ରକାଶ

**ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ**

ଭବାନୀପାଟଣା,୬।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳରେ ୨୦୧୨ରେ ଜଣେ ନାବାଳିକାଙ୍କୁ ପ୍ରଥମେ ଅପହରଣ ଓ ପରେ ବଳାତ୍କାର କରାଯାଇଥିବା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ଜିଲା ସ୍ୱତନ୍ତ୍ର ବିଚାରପତି(ପୋକ୍‌ସୋ) ଶୁଭଞ୍ଜନ ମହାନ୍ତି ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଜୟପାଟଣା ଥାନା ବାଞ୍ଜିବାହାଲ ଗ୍ରାମର ରସିକ ହରିଜନ ଓରଫ୍ ଠାକୁର(୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲ ଦଣ୍ଡ ସହ ୨୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ୬ମାସ ଅଧିକ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏପଟେ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୨ ଅକ୍ଟୋବର ୧୪ରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କୁ ଜବରଦସ୍ତି ବାଇକ୍‌ରେ ଅପହରଣ କରି ନେଇ ବିଭିନ୍ନ ସ୍ଥାନରେ ରଖିଥିଲେ। ପରେ ନିଜ ଘରେ ରଖିବା ସହ ଅନେକ ଥର ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ବାପା ଜୟପାଟଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳରୁ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଆରମ୍ଭ ହେଲା ଗଛକଟା

କୁତ୍ରା, ୬।୫(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଡାକଟା ଛକଠାରୁ ମାତ୍ର ୧୦୦ ମିଟର ଦୂରତାରେ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ବହୁ ବର୍ଷର ପ୍ରତୀକ୍ଷା ପରେ ଶନିବାରଠାରୁ ଜଙ୍ଗଲ ବିଭାଗ ପକ୍ଷରୁ ଗଛକଟା କାର୍ଯ୍ୟ ଆରମ୍ଭ ହୋଇଛି। କୁତ୍ରାରେ ୨୦୦୮ ମସିହା ଅଗଷ୍ଟ ମାସରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ନିଜସ୍ୱ ଗୃହ ନ ଥିବାରୁ କୁତ୍ରା ବସଷ୍ଟାଣ୍ଡ ନିକଟ ପ୍ରାଥମିକ ବିଦ୍ୟାଳୟକୁ ପ୍ରଶାସନ ପକ୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ବିଦ୍ୟାଳୟ ଆରମ୍ଭ ପାଇଁ ହସ୍ତାନ୍ତର କରାଯାଇଥିଲା। ବିଦ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ପାଇଁ


କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଗଛକଟା ଯାଉଛି।

ବୁଡାକଟା ଛକ ନିକଟରେ ଜମି ଚିହ୍ନଟ କରାଯାଇ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଆବଶ୍ୟକ ୧୦ ଏକର ଜମି କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ପ୍ରଦାନ କରାଯାଇଥିଲା। ସେହି ସମୟରେ ଏଠାରେ ବିଦ୍ୟାଳୟ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହେବାରୁ ସ୍ଥାନୀୟ କିଛି ଲୋକ ଏହାର ନିର୍ମାଣକୁ ବିରୋଧ କରିଥିଲେ। ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଥିଲା। ପରେ ପ୍ରଶାସନ, ବିଦ୍ୟାଳୟ କର୍ତ୍ତୃପକ୍ଷ, ଅଭିଭାବକ କମିଟି ପକ୍ଷରୁ ବିରୋଧ କରୁଥିବା ଲୋକଙ୍କୁ ବୁଝାସୁଝା କରିଥିଲେ। ଶନିବାର ବିଧିବଦ୍ଧ ଭାବେ ଜଙ୍ଗଲ ବିଭାଗ ପକ୍ଷରୁ ଜିଲା ଏଫ୍‌ଡିସି ସହଯୋଗରେ ଏହି ୧୦ଏକର ଜମିରେ ଥିବା ୩୨୬ ଟି ଚାକୁଣ୍ଡା ତଥା କିଛି ଆକାଶିଆ ଗଛ କାଟିବା କାମ ଆରମ୍ଭ କରାଯାଇଛି। ଗଛକଟା ଆରମ୍ଭ ସମୟରେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ, ବିରିଙ୍ଗାଟୋଲି ସରପଞ୍ଚ ମୁକ୍ତା ନାଏକ, ବନବିଭାଗର ଅଧିକାରୀ, ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଦ୍‌ଘାଟିତ

ବଡ଼ଗାଁ, ୬।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଇତମା ଗ୍ରାମରେ ଉତ୍ତର ଉତ୍କଳ ତୈଳିକ ବୈଶ ସମାଜ ଇତମା ଗ୍ରୁପ ଆନୁକୂଲ୍ୟରେ ଏକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଏମ୍‌ପି ଜୁଏଲ ଓରାମ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ନାୟକ, ରାଜକୁମାର ଶର୍ମା ଅତିଥି ଭାବେ ଯୋଗଦେଇଥିଲେ। ତୈଳିକ ସମାଜ କେନ୍ଦ୍ର କମିଟି ଭାରପ୍ରାପ୍ତ ସଭାପତି ଧନୁର୍ଯ୍ୟ ବେହେରା ସ୍କୁଲ ଖୋଲିବାର ଉଦ୍ଦେଶ୍ୟ ଉପରେ ବୁଝାଇବା ସହ ଶିକ୍ଷା ଓ ସଂସ୍କାର ଉପରେ ଆଲୋଚନା ରଖିଥିଲେ। କେନ୍ଦ୍ର କମିଟି ସାଧାରଣ ସମ୍ପାଦକ ଜୟକୃଷ୍ଣ ସାହୁ ସଭା ପରିଚାଳନା କରିଥିଲେ। ସେ ସମାଜ ସଙ୍ଗଠନ ଓ ପରିଚାଳନା ସମ୍ବନ୍ଧରେ ଆଲୋଚନା କରିବା ସହିତ ଭବିଷ୍ୟତରେ ଗାଁଗୁଡିକରେ ଥିବା ସମାଜର ପ୍ରତ୍ୟେକ ଗ୍ରୁପ ଅଧୀନରେ ବିଦ୍ୟା ମନ୍ଦିର ଖୋଲି ଉନ୍ନତମାନର ଶିକ୍ଷା, ବୌଦ୍ଧିକ ଓ ଆଧ୍ୟାତ୍ମିକ ବିକାଶ, ମାନବୃଦ୍ଧି କରିବା ଉପରେ ମତବ୍ୟକ୍ତ କରିଥିଲେ। ସଭାରେ ତୈଳିକ ସମାଜ ଇତମା ଗ୍ରୁପ ସଭାପତି ନରେନ୍ଦ୍ର ବେହେରା, ବଡ଼ଗାଁ ଗ୍ରୁପ ସଭାପତି ଅଚ୍ୟୁତ ସାହୁ, ଫକିର ପୃଷେଟ, କେନ୍ଦ୍ର କମିଟି ସହସମ୍ପାଦକ ପିତାମ୍ବର ବେହେରା, ବଣାଇ ଅଞ୍ଚଳର ଉପସଭାପତି ବିରଞ୍ଚି ନାରାୟଣ ସାହୁଙ୍କ ସହିତ ସମାଜ କର୍ମକର୍ତ୍ତା ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। କେନ୍ଦ୍ର କମିଟି ଆଇନ ପରାମର୍ଶଦାତା ରବୀନ୍ଦ୍ର ବେହେରା ସମାଜ ସଙ୍ଗଠନ ଓ ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ।


ଶିଶୁ ବିଦ୍ୟା ମନ୍ଦିର ଉଦ୍‌ଘାଟନ କରିବାକୁ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ ଯାଉଛନ୍ତି।

## ୩୭ ବର୍ଷ ହେଲା ସିଙ୍ଗରମୁଣ୍ଡାରେ ହୋଇଆସୁଛି ନାମ ସଂକୀର୍ତ୍ତନ

ବଡ଼ଗାଁ, ୬।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମରେ ୩୭ ବର୍ଷ ହେଲା ନାମ ସଙ୍କୀର୍ତ୍ତନ ହୋଇଆସୁଛି। ବୟୋଜ୍ୟେଷ୍ଠମାନେ ଆରମ୍ଭ କରିଥିବା ଏହି ନାମ ସଙ୍କୀର୍ତ୍ତନକୁ ଗ୍ରାମବାସୀ ପାରମ୍ପରିକ ଭାବେ କରିଆସୁଛନ୍ତି। ଗତ ୩ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ସଙ୍କୀର୍ତ୍ତନ ଶୁକ୍ରବାର ସମାପନ ହୋଇଛି। ସଙ୍କୀର୍ତ୍ତନରେ ଉମେଶ ରାଉତ ଓ ତାଙ୍କ ପତ୍ନୀ ଲିଜ ରାଉତ କର୍ତ୍ତା ହୋଇଥିଲାବେଳେ ବଡ଼ଗାଁର ଶାଶ୍ୱତ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଆୟୋଜକ କମିଟିର ସଭାପତି ଭରତ ଚନ୍ଦ୍ର ରାଉତ, ସମ୍ପାଦକ ଭବ ସାଗର ରାଉତଙ୍କ ସହିତ ସନ୍ତୋଷ ରାଉତ, ସାଗର ବାରସତିଆ, ହିରାଚାନ୍ଦ ସାରପଟିଆ, ଗଣେଶ ରାଉତ, ମୂରଲୀଧର ରାଉତ, ଭୂଲେଶ୍ୱର୍ ସାରପଟିଆ, ମନୋଜ ସାରପଟିଆ, ନବୀନ ସାରପଟିଆ, ଅଚ୍ୟୁତ


ସିଙ୍ଗାରମୁଣ୍ଡାରେ ଶ୍ରଦ୍ଧାଳୁ ନାମ ସଙ୍କୀର୍ତ୍ତନ କରୁଛନ୍ତି।

ରାଉତ ପ୍ରମୁଖ ଯୁବକମାନେ ନାମ ସଙ୍କୀର୍ତ୍ତନ ପରିଚାଳନାରେ ସହଯୋଗ କରୁଛନ୍ତି। ଗ୍ରାମବାସୀଙ୍କ ଠାରୁ ଜଣାପଡିଛି ଯେ ୧୯୮୬ ମସିହାରେ ଗଜେନ୍ଦ୍ର ରାଉତ, ଶେଷଦେବ ଖୁଣ୍ଟିଆଙ୍କ ସହିତ ସ୍ୱର୍ଗତ ଅନିରୁଦ୍ଧ ରାଉତ, ସ୍ୱର୍ଗତ ଗୁଲବଦନ ବାରସତିଆ, ସ୍ୱର୍ଗତ ଦୁଃଶାସନ ରାଉତ, ସ୍ୱର୍ଗତ ଜଗବନ୍ଧୁ ରାଉତଙ୍କ ପ୍ରଚେଷ୍ଟାରେ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ସିଙ୍ଗାରମୁଣ୍ଡା ଗ୍ରାମର ସ୍ୱର୍ଗତ ଜଗବନ୍ଧୁ ରାଉତ ଗାଁର ଯୁବକମାନଙ୍କୁ ମୃଦଙ୍ଗ ବାଦନ ଶିଖାଇଥିଲେ। ସେ ସମୟରେ ନାମ ସଙ୍କୀର୍ତ୍ତନରେ ବଡ଼ଗାଁ ନିକଟ ବରପାଲି ଗ୍ରାମର ସ୍ୱର୍ଗତ ରାଜେନ୍ଦ୍ର ବିଶି , ବଡ଼ଗାଁର ସ୍ୱର୍ଗତ ସୁରେନ୍ଦ୍ର ପୁରୋହିତ, ବିରଞ୍ଚି ପୁରୋହିତ ପୂଜା କାର୍ଯ୍ୟ ତୁଲାଇଥିଲେ। ବର୍ତ୍ତମାନ ବଡ଼ଗାଁର ଶାଶ୍ୱତ ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଉଛନ୍ତି। ଏହି ଗ୍ରାମର ମହାକୁଡ ସମାଜ ଲୋକେ ପ୍ରତି ବର୍ଷ ମାଘ ପୂର୍ଣ୍ଣିମାରେ ମାଧବ ଯାତ୍ରା, ଆଶ୍ୱିନ ମାସରେ ଗଜଲକ୍ଷ୍ମୀ ପୂଜା ଓ ବୈଶାଖ କିମ୍ବା ଜ୍ୟେଷ୍ଠ ମାସରେ ନାମ ସଙ୍କୀର୍ତ୍ତନ କରିଆସୁଛନ୍ତି।

## ପୌରାଧ୍ୟକ୍ଷାଙ୍କୁ ଭେଟିଲେ ସାମ୍ବାଦିକ ସଂଘ ପ୍ରତିନିଧି ମଣ୍ଡଳୀ

ବଲାଙ୍ଗୀର ଅଫିସ, ୬।୫

ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ସଂଘ ସଭାପତି ଶିବପ୍ରସାଦ ପରିଡାଙ୍କ ନେତୃତ୍ୱରେ ଶନିବାର ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାମ୍ବାଦିକ ସଂଘର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ସଂଘର ପୂର୍ବତନ ସଭାପତି ଦିଲୀପ କୁମାର ପୁରୋହିତ ନିଜ ପଟୁ ପ୍ରସ୍ତାବ ରଖି ସାମ୍ବାଦିକ ଭବନର ଉନ୍ନତିକରଣ ପାଇଁ ପଦକ୍ଷେପ ନେବାକୁ ପୌରାଧ୍ୟକ୍ଷାଙ୍କୁ ଅନୁରୋଧ କରିଥିଲେ। ସଂଘ ପକ୍ଷରୁ ଶରତ ମହାକୁର, ପ୍ରଦୀପ୍ତ ମିଶ୍ର, ବିଶ୍ୱଜିତ ଦାଶ ପୌରାଧ୍ୟକ୍ଷାଙ୍କୁ ସଂଘର ସମସ୍ୟା ଅବଗତ କରିବା ସହ ଯଥାସମ୍ଭବ ପୌରପାଳିକା ଯାହା ସହାୟତା କରିପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

## ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ଟିଟିଲାଗଡ, ୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଶିଶକେଲା ଗ୍ରାମ ପଞ୍ଚାୟତର ସିଙ୍ଗବହାଲି ଗ୍ରାମକୁ ରାଜସ୍ୱ ଗାଁ ମାନ୍ୟତା ଦାବି ହୋଇଛି। ହେଲେ ଏହାକୁ ବିରୋଧ କରି ଶିଶକେଲା ଜୟ ଜଗନ୍ନାଥ ଗ୍ରାମ୍ୟ କମିଟି ସଭାପତି ତ୍ରିଲୋଚନ ରଣାଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଟିଟିଲାଗଡ ଉପଜିଲାପାଳଙ୍କୁ ଶନିବାର ପ୍ରଦାନ କରିଛନ୍ତି। ଶିଶକେଲା ଗ୍ରାମର ଜମି, ଉଠା ଜଳସେଚନ, ମଣ୍ଡି, ମଶାଣି ଭୂମି, ଖେଳ ପଡିଆ, ୨ଟି ବନ୍ଧ ଓ ଗୋଚର ଜମିକୁ ଦର୍ଶାଇ ସିଙ୍ଗବାହିଲି ପଡ଼ା ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଗ୍ରାମବାସୀ ସରକାରଙ୍କଠାରେ ନିୟମିତ ଦାବି କରିଆସୁଛନ୍ତି।

## ଦନ୍ତାରୀବାହାଲ ଓ ବୃନ୍ଦାବନପୁରରେ ଘର ଭାଙ୍ଗିଲା ଦନ୍ତା

ଦେବଗଡ଼, ୬।୫(ଡି.ଏନ.ଏ.)

ଏକ ଜଙ୍ଗଲୀ ଦନ୍ତାହାତୀ ବାରକୋଟ ବନାଞ୍ଚଳ ଦନ୍ତାରୀବାହାଲ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଦନ୍ତାରୀବାହାଲ ଓ ବୃନ୍ଦାବନପୁର ଗ୍ରାମରେ ପଶି ବହୁ ବାଡିବଗିଚା ନଷ୍ଟ କରିବା ସହ ୨ଟି ଘର ଭାଙ୍ଗି ଦେଇଥିବା ଜଣାପଡିଛି। ଖବରମୁତାବକ ଶୁକ୍ରବାର ରାତିରେ ଉକ୍ତ ହାତୀଟି ପ୍ରଥମେ ଦନ୍ତାରୀବାହାଲ ଗ୍ରାମରେ ପଶି ରେଙ୍ଗଟୁ ପଟ୍ଟାଙ୍କ ଘର ଭାଙ୍ଗି ଦେଇଥିଲା। ତେବେ ଶବ୍ଦ ଶୁଣି ରେଙ୍ଗଟୁ ଓ ତାଙ୍କ ସ୍ତ୍ରୀ ଘରୁ ବାହାରି ଧାଇଁ ପଳାଇ ଥିଲେ। ଏହା ପରେ ଉକ୍ତ ଦନ୍ତା ତାଙ୍କ ବାଡିରେ ଥିବା କଦଳୀ ଓ ଅମୃତ ଭଣ୍ଡା ଗଛ ଖାଇଦେବା ସହ ମାଡିଦଳି ନଷ୍ଟ କରିଥିଲା। ସୂଚନା ପାଇ ଦନ୍ତାରୀବାହାଲ ଫରେଷ୍ଟର କିରଣବାଳା ନନ୍ଦ ସେଠାରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ହାତୀକୁ



ଜଙ୍ଗଲକୁ ଘଉଡାଇବା ବେଳେ ହାତୀଟି ନିକଟସ୍ଥ ବୃନ୍ଦାବନପୁର ଗ୍ରାମରେ ପଶି ଉକ୍ତ ଗ୍ରାମର ଧରଣୀଧର ଦୀପଙ୍କ ଘର ମଧ ଭାଙ୍ଗି ଦେଇଥିଲା। ତେବେ ବିଳମ୍ବିତ ରାତିରେ ଛୁରିଆବାହାଲ ନିକଟସ୍ଥ ଜଙ୍ଗଲକୁ ଫେରିଯାଇଥିଲା। ଶନିବାର ଦନ୍ତାରୀବାହାଲ ଫରେଷ୍ଟର କ୍ଷତିଗ୍ରସ୍ତ ରେଙ୍ଗଟୁ ଓ ଧରଣୀଧରଙ୍କ ଘରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଥିବା ଜଣାପଡିଛି। ଦନ୍ତାଟି ଆଖପାଖ ଅଞ୍ଚଳରେ ଥିବାରୁ ରାତିରେ ଅଧିକ କ୍ଷୟକ୍ଷତି ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି।

## ପୌର କାର୍ଯ୍ୟାଳୟକୁ ଆସୁନାହାନ୍ତି ବହୁ କର୍ମଚାରୀ

- ଉନ୍ନତିମୂଳକ କାର୍ଯ୍ୟରେ ବାଧା ସୃଷ୍ଟି
- କାର୍ଯ୍ୟାଳୟରେ ତାଲା ମାରିବାକୁ ଉପାଧ୍ୟକ୍ଷଙ୍କ ଚେତାବନୀ

ଦେବଗଡ଼,୬।୫(ଡି.ଏନ.ଏ)

ଦେବଗଡ଼ ପୌର ପରିଷଦର ବହୁ କର୍ମଚାରୀ ନିୟମିତ ଭାବେ କାର୍ଯ୍ୟାଳୟକୁ ଆସୁ ନ ଥିବା ଦର୍ଶାଇ ଏହାର ପ୍ରତିବାଦରେ ପୌର ପରିଷଦ କାର୍ଯ୍ୟାଳୟରେ ତାଲା ମାରିବାକୁ ଖୋଦ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ (ଝୁନୁ) ଚେତାବନୀ ଦେଇଥିବା ଜଣାପଡିଛି। ପୌର ପରିଷଦ ଉପାଧ୍ୟକ୍ଷ ଭୋଜ ପୌର ନିର୍ବାହୀ ଅଧିକାରୀଙ୍କ ସମେତ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଏ ସମ୍ପର୍କରେ ଦେବଗଡ଼ ଜିଲାପାଳଙ୍କୁ ଏକ ଚେତାବନୀ ପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଏହାର ସମାଧାନ ନ ହେଲେ ଉପାଧ୍ୟକ୍ଷ ଓ ଅନ୍ୟ ୬ଜଣ କାଉନସିଲର ପୌର କାର୍ଯ୍ୟାଳୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ତାଲା ମାରିବେ ବୋଲି ଚେତାବନୀ


ଦାବିପତ୍ର ଦେବାକୁ ଆସିଥିବା ପୌର ଉପାଧ୍ୟକ୍ଷ ଓ ଅନ୍ୟମାନେ।

ଦେଇଛନ୍ତି। ଉପାଧ୍ୟକ୍ଷ ଭୋଜଙ୍କ ଅଭିଯୋଗ ଅନୁଯାୟୀ ଗତ କିଛି ମାସ ହେଲା ଦେବଗଡ଼ ପୌର ପରିଷଦର ବହୁ କର୍ମଚାରୀ ନିୟମିତ ଭାବେ କାର୍ଯ୍ୟାଳୟକୁ ଆସୁନାହାନ୍ତି। ଫଳରେ ପୌର ପରିଷଦ ଉପରେ ନିର୍ଭର କରୁଥିବା ଗରିବ ଜନସାଧାରଣ ନାହିଁ ନ ଥିବା ହଇରାଣର ସମ୍ମୁଖିନ ହେଉଛନ୍ତି। ଏଥିସହ କୌଣସି ଗୁରୁତ୍ୱପୂର୍ଣ୍ଣ ଏବଂ ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ। ଏଣୁ ଏହି ସମସ୍ୟାର ସମାଧାନ ପାଇଁ ଉକ୍ତ ଚେତାବନୀପତ୍ର ଜରିଆରେ ଦାବି କରାଯାଇଛି। ଏହାର ଅବିକଳ ନକଲ କପି ଦେବଗଡ଼ ଏସ୍‌ପି, ଥାନା ଅଧିକାରୀଙ୍କୁ ମଧ ଦେଇଥିବା ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ଦୟାଶଙ୍କର ଦ୍ୱିବେଦୀ, ସୁମନ୍ତ ଭୋଜ, ଜିତେନ ମୁଖୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମୃତ ଡ୍ରାଇଭରଙ୍କ ମିଳିଲା ପରିଚୟ

ଦେଓଗାଁ,୬।୫(ଡି.ଏନ.ଏ.) : ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଆମ୍ବ ବୋଝେଇ ପିକ୍‌ଅପ ଓ ଟ୍ରାକ୍ଟର ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ପିକ୍‌ଅପ ସହ ଡ୍ରାଇଭର ଜଳି ଯାଇଥଲେ। ହେଲେ ଡ୍ରାଇଭରଙ୍କ ପରିଚୟ ମିଳି ପାରି ନ ଥିଲା। ଶନିବାର ଡ୍ରାଇଭରଙ୍କ ପରିଚୟ ମିଳିଛି। ସେ ହେଲେ ଦେବଗଡ ଜିଲା ତିଲେଇବଣି ଗାଁର ଜଗନ୍ନାଥ ମୁଣ୍ଡା(୩୦)। ତାଙ୍କ ପରିବାର ଲୋକେ ଏଠାକୁ ଆସି ସମ୍ପୃକ୍ତ ଟ୍ରାକ୍ଟର ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଟ୍ରାକ୍ଟର ଦେଓଗାଁ ପଟରୁ ବଲାଙ୍ଗୀର ଯାଉଥିବାବେଳେ ଆମ୍ବ ବୋଝେଇ ପିକ୍‌ଅପ କେସିଙ୍ଗାରୁ ଆମ୍ବ ନେଇ ସମ୍ବଲପୁର ଯାଉଥିଲା। ଦେଓଗାଁ ହାଇସ୍କୁଲ ନିକଟରେ ଭାରସାମ୍ୟ ହରାଇ ଟ୍ରାକ୍ଟର ସହ ଧକ୍କା ହୋଇଥିଲା । ପିକ୍‌ଅପ୍‌ର ଆଗପଟ ଚୁରମାର ହୋଇଯାଇ ଜଳିଯାଇଥିଲା । ଡ୍ରାଇଭର ବାହାରକୁ ବାହାରି ନପାରି ନିଆଁରେ ପୋଡିଯାଇ ମୃତ୍ୟୁ ଘଟିଥିଲା।

### ବେକରେ ରଶିଦେଇ ଯୁବକଙ୍କ ଆତ୍ମହତ୍ୟା

ଲାଠୋର, ୬।୫(ଡି.ଏନ.ଏ.) : ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଜାମଚୁଆଁ ଗ୍ରାମର ଜଣେ ଯୁବକ ବେକରେ ରଶିଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମଳୟ ରଞ୍ଜନ ପଣ୍ଡା(୨୮)। କୌଣସି କାରଣକୁ ନେଇ କିଛିବର୍ଷ ହେଲା ମାନସିକ ଚାପରେ ଥିଲେ ମଳୟ। ଏପରିକି ଦୁଇ ଥର ସେ ଘରୁ କୁଆଡ଼େ ଚାଲି ଯାଇଥିଲେ। ପରବର୍ତ୍ତୀ ସମୟରେ ପୁଣି ଘରକୁ ଫେରିଥିଲେ ହେଁ ସବୁବେଳେ ଚୁପ୍‌ଚାପ ରହୁଥିଲେ। ଶୁକ୍ରବାର ରାତିରେ ଖାଇ ସରିଲା ପରେ ସାନଭାଇ ସୌମ୍ୟଙ୍କ ସହ ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ ପାଖରେ ଥିବା ବଡ଼ ବାପାଙ୍କ ଘରକୁ ଯାଇ ଭିତର ପଟୁ କବାଟ ବନ୍ଦ କରି ସିଲିଙ୍ଗ ଫ୍ୟାନରେ ରଶିଦେଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ଲାଠୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲା। ମଳୟଙ୍କ ବେକରେ ରଶିବନ୍ଧା ହୋଇଥିଲେ ହେଁ ସେ ଖଟରେ ଛିଡ଼ା ହେବା ଅବସ୍ଥାରେ ଥିବା ଦେଖାଯାଇଥିଲା। ଲାଠୋର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(୧/୨୩)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଲାଠୋର ଏସଆଇ ଜନାର୍ଦ୍ଦନ ମିର୍ଦ୍ଧା କହିଛନ୍ତି।

### ୧୬୫ଜଣ ଚକ୍ଷୁ ପରୀକ୍ଷା କଲେ

ମୁରିବାହାଲ, ୬।୫(ଡି.ଏନ.ଏ.) : ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିଜେଡି ଓ ଜୟ ପ୍ରକାଶ ଚାରିଟେବୁଲ ଟ୍ରଷ୍ଟ ରାଉରକେଲାର ମିଳିତ ଉଦ୍ୟମରେ ଗୁଡିଘାଟ ଗ୍ରାମରେ ଶନିବାର ମେଗା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଦିବସରେ ୧୬୫ଜଣ ରୋଗୀ ଚକ୍ଷୁ ଚିକିତ୍ସା କରାଇଥିଲେ। ତନ୍ମଧ୍ୟରୁ ୧୦୧ ରୋଗୀଙ୍କୁ ଚଷମା ପ୍ରଦାନ କରାଯାଇଥିବା ବେଳେ ୧୬ଜଣଙ୍କୁ ଅଧିକ ଚିକିତ୍ସା ସହ ଅସ୍ତ୍ରୋପଚାର ପାଇଁ ଚୟନ କରାଯାଇଥିଲା। ଚକ୍ଷୁ ଚିକିତ୍ସା ଶିବିରକୁ ବଲାଙ୍ଗୀର ଜିଲ୍ଲା ପରିଷଦ ଉପାଧକ୍ଷ ମିଥିଳା ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ମୁରିବାହାଲ ବ୍ଲକର ପୂର୍ବତନ ଉପାଧକ୍ଷ ମହେଶ ପୁଟେଲ, ସୁନ୍ଦରମତୀ ବାଗ, ନରେନ୍ଦ୍ର ସିଂ ମାଝି, ସରାଜ କୁମାର ମେହେର, ଗିରିଧାରୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଦେବାଶିଷ ସାହୁ, ଟେକିନିସିଆନ ସୁନୀଲ କୁମାର ଦାସ ରୋଗୀଙ୍କ ଚିକିତ୍ସା କରିଥିଲେ। ବିଜେଡି ରାଜ୍ୟ ସମ୍ପାଦକ ହଂସରାଜ ଜୈନଙ୍କ ଆବାହକତ୍ୱର ଚାଲିଥିବା ଶିବିର ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବା କାର୍ଯ୍ୟକ୍ରମ ରହିଛି।

### ମିଳିନି ହରିଶ୍ଚନ୍ଦ୍ର ଯୋଜନା ସହାୟତା

ଲୋଇସିଂହା, ୬।୩(ଡି.ଏନ.ଏ) : ଶବଦାହ ପାଇଁ ସରକାର ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନିକଟରେ ଏହି ସହାୟତା ରାଶିକୁ ବୃଦ୍ଧି କରାଯାଇଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତରେ ଏକ ମୃତକଙ୍କ ପରିବାର ବର୍ଗଙ୍କୁ ଏହି ସହାୟତା ରାଶି ମିଳି ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତ ଅଧୀନ କଦଳୀପାଲି ଗ୍ରାମର ମୃତା ସୁମିତ୍ରା ଡାଙ୍ଗ(୬୩)ଙ୍କ ପରିବାର ବର୍ଗଙ୍କୁ ୩ ମାସ ପରେ ମଧ୍ୟ ହରିଶ୍ଚନ୍ଦ୍ର ସହାୟତା ରାଶି ମିଳି ନାହିଁ। କଦଳୀପାଲି ଗ୍ରାମର ବାମନ ଡାଙ୍ଗ ସ୍ତ୍ରୀ ସୁମିତ୍ରାଙ୍କର ଗତ ଫେବୃୟାରୀ ୨୪ତାରିଖରେ ମୃତ୍ୟୁ ଘଟିଥିଲା। ସୁମିତ୍ରାଙ୍କ ପୁଅ ରଞ୍ଜିତ ହରିଶ୍ଚନ୍ଦ୍ର ଯୋଜନା ସହାୟତା ପାଇଁ ଲିଖିତ ଭାବେ ଆବେଦନ କରି ମଧ୍ୟ ନିରାଶ ହେବାକୁ ପଡିଥିବା କହିଛନ୍ତି। ଏଦିଗରେ ବ୍ଲକ ଓ ପଞ୍ଚାୟତ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

# କୂଅଖୋଳାରେ ସୀମିତ ଜଳପ୍ରକଳ୍ପ

- କିଡ୍‌ନୀ ପ୍ରଭାବିତ କଦଳୀପାଲି ଗାଁ
- ଉତ୍କଟ ହୋଇଛି ପାନୀୟ ଜଳ ସମସ୍ୟା
- ଗ୍ରାମବାସୀ କହିଲେ ପିଉଛୁ ଫ୍ଲୋରାଇଡଯୁକ୍ତ ନଳକୂପ ପାଣି

ଲୋଇସିଂହା, ୬।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ କଦଳୀପାଲି ଗାଁ। କିଡ଼ନୀ ରୋଗରେ ଏହି ଗାଁର ବହୁ ଲୋକଙ୍କ ଜୀବନ ଗଲାଣି। ଆଉ କେତେକ ଆକ୍ରାନ୍ତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହା ଜଣାପଡିଲା ପରେ ପ୍ରଶାସନ ପକ୍ଷରୁ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦିଗରେ ପଦକ୍ଷେପ ନିଆଯାଇଥିଲା। ଜନସ୍ୱାସ୍ଥ୍ୟ ଓ ପରିମଳ ବିଭାଗ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ପାଇଁ ଗ୍ରାମରେ ଏକ କୂଅ ଖୋଳାଯାଇଛି। ହେଲେ ୨ ବର୍ଷ ହେଲା ପ୍ରକଳ୍ପ କାମ ଅଗ୍ରଗତି ହେଉନାହିଁ। କୂଅ ଖୋଳାରେ ପ୍ରକଳ୍ପ ସୀମିତ ରହିଛି। ତେଣୁ ନଳକୂପରୁ ବାହାରୁଥିବା ଫ୍ଲୋରାଇଡଯୁକ୍ତ ପାଣି ପିଇ ବିପଦମୁହଁକୁ ଠେଲି ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୁବର୍ଣ୍ଣପୁର ଜିଲା ଛକୋରମାଲ ପଞ୍ଚାୟତ ସୀମାନ୍ତକୁ ଲାଗି ରହିଛି ୧ ୱାର୍ଡ ବିଶିଷ୍ଟ କଦଳୀପାଲି ଗାଁ। ଗ୍ରାମରେ ଡୁମାଲ, ଆଦିବାସୀ, ଦଳିତ ଆଦି ୧୩୦ପରିବାର ବାସ କରୁଛନ୍ତି। କିଛିବର୍ଷ ପୂର୍ବରୁ ଗ୍ରାମରେ କିଡନୀ ରୋଗ ରୋଗ ଆତଙ୍କ ଦେଖା ଦେଇଥିଲା। ଏହାର ପ୍ରଭାବରେ ବିଗତ କିଛି ବର୍ଷ ମଧ୍ୟରେ ୧୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏବେବି କେତେକ ଆକ୍ରାନ୍ତ ହୋଇ ଔଷଧ ଖାଉଛନ୍ତି। କିଡ଼ନୀ ଆତଙ୍କ ସମ୍ପର୍କରେ ଗଣମାଧ୍ୟରେ ଖବର ପ୍ରକାଶ ପରେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଥିଲା। ଗ୍ରାମରେ ସ୍ୱାସ୍ଥ୍ୟମେଳା ଆୟୋଜନ କରିବା ସହ ଗ୍ରାମର ନଳକୂପ ପାଣି ପରୀକ୍ଷଣ ପାଇଁ ପଠାଯାଇଥିଲା। ଗ୍ରାମର ସ୍କୁଲ ଏବଂ ବସ୍ତି ତଳିମୁଣ୍ଡରେ ଗୋଟିଏ ଲେଖାଏ ନଳକୂପ ଥିବାବେଳେ ଦଳିତ ବସ୍ତିରେ ଥିବା ୨ଟି ନଳକୂପ ପାଣି ପରୀକ୍ଷଣ ପାଇଁ ପଠାଯାଇଥିଲା। ସ୍କୁଲ ନିକଟ ଏବଂ କେତେକ ନଳକୂପରୁ ଫ୍ଲୋରାଇଡଯୁକ୍ତ ପାଣି ବାହାରୁଥିବା ଜଣାପଡିଥିଲା। ଫ୍ଲୋରାଇଡଯୁକ୍ତ ପାଣି ବାହାରୁ ଥିବା ନଳକୂପ ପାଣି ବ୍ୟବହାର ପାଇଁ ପ୍ରଶାସନ ତରଫରୁ ଗ୍ରାମବାସୀଙ୍କୁ ବାରଣ କରାଯାଇଥିଲା। ପ୍ରଶାସନ ତରଫରୁ ଗ୍ରାମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଗାଁ ପୋଖରୀ ଉପରମୁଣ୍ଡାରେ ଏକ କୂଅ ଖୋଳାଯାଇଛି। ଇତିମଧ୍ୟରେ ୨ ବର୍ଷ ବିତି ଯାଇଥିଲେ ମଧ ପ୍ରଶାସନ ପାନୀୟ ଜଳଯୋଗାଣ ଦିଗରେ ଆନ୍ତରିକତା ଦେଖାଉନାହିଁ। ଏହି ନିଦାଘ ଗ୍ରୀଷ୍ମରେ ପିଇବା ପାଣି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଅନ୍ୟନୋପାୟ ହୋଇ କଟକଣା ଲଗାଯାଇଥିବା ଫ୍ଲୋରାଇଡଯୁକ୍ତ ନଳକୂପ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଥିବା ଗ୍ରାମବାସୀ କହିଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରସାଦ ସାମନ୍ତରା କହିଛନ୍ତି ବାରମ୍ବାର ତାଗିଦ୍ ପରେ ମଧ୍ୟ ଠିକାଦାରଙ୍କ ଅବହେଳାରୁ କାମ ଆଗଉନାହିଁ। ସପ୍ତାହକ ମଧ୍ୟରେ କାମ ଆରମ୍ଭ ହେବ ସେ କହିଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ସମିତି ସଭ୍ୟାସଭ୍ୟ


ସମିତିସଭ୍ୟାସଭ୍ୟ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି।

### ବିଡିଓଙ୍କ ମନମୁଖୀ କାର୍ଯ୍ୟ ଅଭିଯୋଗ

ଭବାନୀପାଟଣା,୬।୫(ସ୍ୱ.ପ୍ର)

କଳାହାଣ୍ଡି ଜିଲା ଜୁନାଗଡ଼ ବିଡିଓଙ୍କ ମନମୁଖୀ କାର୍ଯ୍ୟାକଳାପକୁ ନେଇ ଶନିବାର ସ୍ଥାନୀୟ ସମିତି ସଭ୍ୟାସଭ୍ୟ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏହାସହ ସେମାନେ ଜିଲାପାଳଙ୍କୁ ଏକ ଲିଖିତ ଅଭିଯୋଗପତ୍ର ମଧ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡି ଦୀର୍ଘବର୍ଷ ଧରି ବ୍ଲକରେ କାର୍ଯ୍ୟରତ ଅଛନ୍ତି। ଗତ ଜାନୁୟାରୀ ୧୯ରେ ତାଙ୍କର ବଦଳି ହୋଇଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ସେ ଅନ୍ୟ ସ୍ଥାନକୁ ନ ଯାଇ ଏଠାରେ କାର୍ଯ୍ୟ କରୁଛନ୍ତି। ଏହାସହ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଏକଚାଟିଆ ଭାବେ ହସ୍ତକ୍ଷେପ କରୁଛନ୍ତି। ଏପରିକି ଜନପ୍ରତିନିଧି, ସମିତି ସଭ୍ୟାସଭ୍ୟଙ୍କୁ ମଧ ସେ ଅଣଦେଖା କରୁଛନ୍ତି। ଫଳରେ ଜନପ୍ରତିନିଧିଙ୍କ ଦ୍ୱାରା କୌଣସି କାର୍ଯ୍ୟ ହୋଇପାରୁନାହିଁ। ତେଣୁ ତାଙ୍କୁ ଅନ୍ୟତ୍ର ବଦଳି କରି ନୂତନ ବିଡିଓଙ୍କୁ ଏଠାରେ ନିଯୁକ୍ତିଦେବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଜନପ୍ରତିନିଧିଙ୍କୁ ଅଣଦେଖା କଥାକୁ ଅସ୍ୱୀକାର କରିବା ସହ ସରକାରୀ ସ୍ତରରେ ଉନ୍ନୟନ କାମ ଠିକ୍ ଚାଲିଛି ବୋଲି ସେ କହିଛନ୍ତି।

# ସଙ୍ଗୀତ, ନୃତ୍ୟ ଜୀବନକୁ ସରସସୁନ୍ଦର କରେ


ପଞ୍ଚମର ବାର୍ଷିକ ଉତ୍ସବରେ ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

### ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ବାର୍ଷିକ ଉତ୍ସବ

ବଲାଙ୍ଗୀର ଅଫିସ, ୬।୫

ବଲାଙ୍ଗୀରର ଅଗ୍ରଣୀ ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ୨୮ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ୍ ହଲରେ ଅନୁଷ୍ଠିତ ହୋଇଛି। ପଞ୍ଚମ ଅଧକ୍ଷ ମୁରଲୀଧାରୀ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପୌରାଧକ୍ଷା ଲିକା ସାହୁ, ସୂଚନା ଓ ଲୋକସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଜୟଦେବ ପାଣିଗ୍ରାହୀ, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଯୋଗଦାନ କରିଥିଲେ। ଅତିଥିମାନେ ପଞ୍ଚମର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଙ୍ଗୀତ ଓ ନୃତ୍ୟ ଜୀବନକୁ ସରସ ଓ ସୁନ୍ଦର କରେ ବୋଲି କହିଥିଲେ। ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲୀଳା ନାଟ୍ୟ ଗୁରୁ ବାଳମୁକୁନ୍ଦ ବେହେରାଙ୍କ ଗୁରୁଶ୍ରୀ ଚିତ୍ତରଞ୍ଜନ ସାହାଣୀ ସ୍ମୃତି ସମ୍ମାନ, ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀକାନ୍ତ ଦାଶଙ୍କୁ ଗୁରୁଶ୍ରୀ ପ୍ରଫୁଲ୍ଲ ପ୍ରଧାନ ସ୍ମୃତି ସମ୍ମାନ, ଅଭିନେତ୍ରୀ ଚନ୍ଦନା ସିଂଙ୍କୁ ମୁରଲୀଧର ବେହେରା ସ୍ମୃତି ଯୁବ ପ୍ରତିଭା ସମ୍ମାନ ଏବଂ କବୟତ୍ରୀ ନିରୁପମା ଉଦ୍‌ଗାତା ଶତପଥୀଙ୍କୁ ଭଗବାନ ପତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭିକ ସଙ୍ଗୀତ ପରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଛୋଟ ପିଲାଙ୍କ ଦେଶାତ୍ମବୋଧକ ନୃତ୍ୟ ଓ ଗୀତ ମନଛୁଆଁ ହୋଇଥିଲା। କାର୍ଯ୍ୟକ୍ରମରେ ସହସ୍ରାଧିକ ଅଭିଭାବକ, ଛାତ୍ରୀଛାତ୍ର, ମାନ୍ୟଗଣ୍ୟ ବ୍ୟକ୍ତି, ସଙ୍ଗୀତ ପ୍ରେମୀ ଓ କଳାକାର ଯୋଗଦାନ କରି ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଗୌରକିଶୋର ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା କାମ ସାମଗ୍ରୀ ସ୍ଥାନାନ୍ତରକୁ ନେଇ ଅସନ୍ତୋଷ

ଲୋଇସିଂହା,୬।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସରଗାଡ ପଞ୍ଚାୟତ ଅନ୍ତର୍ଗତ ଠାକୁରପାଲି ଗ୍ରାମର ଗିରିଗୋବର୍ଦ୍ଧନ ପୀଠ ରାସ୍ତା ଉନ୍ନତୀକରଣ ପାଇଁ ପକାଯାଇଥିବା ସାମଗ୍ରୀ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଉଛି। କୁଆଡେ ରାସ୍ତାକାମ ଡାଇଭଟ କରାଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଗିରିଗୋବର୍ଦ୍ଧନ ପୂଜାପୀଠ ଅସ୍ଥା ଓ ବିଶ୍ୱାସର ପୀଠ। ପୀଠ ରାସ୍ତା ଉନ୍ନତୀକରଣ ପାଇଁ ପ୍ରସ୍ତାବ ରହିଛି। ପଡୋଶୀ ପଞ୍ଚାୟତର ଜଣେ ଜାତୀୟ ଦଳ ନେତା ରାସ୍ତା କଙ୍କ୍ରିଟକରଣ ପାଇଁ କେତେକ ସ୍ଥାନରେ ବାଲି ଓ ମେଟାଲ ପକାଇଥିଲେ। ହେଲେ ଏବେ ଉକ୍ତ ବାଲି ଏବଂ ମେଟାଲକୁ ସେଠାରୁ ଉଠାଇ ନିଆଯାଉଛି। ଗତବର୍ଷ ପ୍ରାୟ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଏବଂ ବ୍ଲକ ପାଣ୍ଠିରୁ ଉକ୍ତ ରାସ୍ତା ଉନ୍ନତୀକରଣ କରାଯାଇଛି। ପୂଜାପୀଠ ସ୍ଥଳକୁ ବାକ ରହିଥିବା ରାସ୍ତା ସମ୍ପୂର୍ଣ୍ଣ ପାଇଁ ଗତ ବର୍ଷ ଗରିଗୋବର୍ଦ୍ଧନ ପୂଜା ବେଳେ ଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଗତ ମାର୍ଚ୍ଚ ମାସରେ ଉକ୍ତ ରାସ୍ତାରେ ପ୍ରାୟ ୧୫ ଟ୍ରିପ ବାଲି ଏବଂ ୮ ଟ୍ରିପ ମେଟାଲ ପକାଯିବା ପରେ ବିଧାୟକଙ୍କ ପ୍ରତିଶ୍ରୁତି ରଖିଥିବା ଜାଣି ଖୁସିବ୍ୟକ୍ତ କରିଥିଲେ ଗ୍ରାମବାସୀ। ହେଲେ କୌଣସି କାରଣକୁ ନେଇ ଏବେ ଠିକାଦାର ସାଜିଥିବା ସମ୍ପୃକ୍ତ ନେତା ରାସ୍ତା କାମ ସାମଗ୍ରୀକୁ ଉଠାଇ ନେବା ଅସନ୍ତୋଷ କାରଣ ସାଜିଛନ। ସେହିପରି ପ୍ରଧାନମନ୍ତ୍ରୀ ସଡକ ରାସ୍ତାରୁ ଠାକୁରପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ରାସ୍ତା ନିର୍ମାଣ କରାଯାଇଛି। ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ଏବଂ ନିମ୍ନମାନର କାମ ଯୋଗୁ ଅଳ୍ପଦିନରେ ରାସ୍ତା ଫାଟି ଶୋଚନୀୟ ହୋଇ ପଡିଛି।

# ବେଆଇନ ମୋରମ ଚାଲାଣ ଉପରେ ଚଢ଼ାଉ

ସିନାପାଲି,୬।୫(ଡିଏନଏ)

ନୂଆପଡା ଜିଲା ସିନାପାଲି ତହସିଲ ଅନ୍ତର୍ଗତ ହାତିବନ୍ଧା ସର୍କଲ ଚଲନା ଶିବ ମନ୍ଦିର ନିକଟ ଜଙ୍ଗଲ ଜମିରୁ ବେଆଇନ ମୋରାମ ଚୋରାଚାଲାଣ ଉପରେ ରାଜସ୍ୱ ପ୍ରଶାସନ ଚଢ଼ାଉ କରିଥିଲା। ଜରିମାନା ବାବଦକୁ ତିନି ହଜାର ଟଙ୍କା ଆଦାୟ କରାଯାଇଛି। ଚଲନା ଜଙ୍ଗଲ ନିକଟ ଏକ ଜଙ୍ଗଲ ଜମି ପ୍ଲଟରୁ ଦୁଇଟି ଟ୍ରାକ୍ଟର ଯୋଗେ ଏକ ଜେସିବି ସାହାଯ୍ୟରେ ଉଠାଣ କରି ଚାଲାଣ କରାଯାଉଥିଲା। ଖବର ପାଇ ହାତିବନ୍ଧା ରାଜସ୍ୱ ନିରୀକ୍ଷକ ଲିଙ୍ଗରାଜ ସମରଥା ଉକ୍ତ ଚୋରା ଚାଲାଣ ଉପରେ ଚଢ଼ାଉ କରିଥିଲେ। ଦୁଇଟି ଟ୍ରାକ୍ଟର ଓ ଜେସିବିକୁ ଜବତ କରିବା ସହ ଜରିମାନା ଆଦାୟ କରାଯାଇଥିଲା। ପରେ ଟ୍ରାକ୍ଟର ଓ ଜେସିବିକୁ ଛାଡି ଦିଆଯାଇଥିଲା।

# ଚନ୍ଦନଯାତ୍ରା ମହୋତ୍ସବ ଉଦ୍‌ଯାପିତ

ମୁରିବାହାଲ, ୬।୫(ଡ଼ି.ଏନ.ଏ.)


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହୁକୁମାର କ୍ଷେଶନପଡା, ଯମୁନା ଓ ବନବାହାଲ ଗ୍ରାମରେ ପାଞ୍ଚଦିନ ଧରି ଚାଲିଥିବା ଚନ୍ଦନ ଯାତ୍ରା ମହୋତ୍ସବ ବୁଦ୍ଧ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଛି। ଏଥିସହ ବୈଶାଖ ବ୍ରତ ଶନିବାର ସମାପ୍ତ ହୋଇଯାଇଛି। ଏହି ମହୋତ୍ସବରେ ପ୍ରତିଦିନ ମହାଭାରତର ବିରାଟ ପର୍ବ ପୁରାଣ ପଠନ ସାଙ୍ଗକୁ ଗୁପ୍ତ ବନବାସ, କୀଚକ ବଧ, ଗୋଧନ ହରଣ, ଅଭିମନ୍ୟୁ ବିବାହ ଆଦି ପୌରାଣିକ କଥାବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା। ଯମୁନା ଗ୍ରାମରେ ଗାନ୍ଧୀଲାଲ ମହାକୁର ଓ ପତ୍ନୀ ସୌରୀ ମହାକୁର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ହୃଦାନନ୍ଦ କର୍ଣ୍ଣ, ସୁଶୀଲ ମେର୍ଲି, ବ୍ରଜମୋହନ ମହାକୁର, ମଲିଆ ପଧାନ, ମାର୍କଣ୍ଡ ମହାକୁର, ଭିକାରୀ ପାତ୍ର, ପରମାନନ୍ଦ ମହାକୁର, ଉଦ୍ଧାଧର ମହାକୁର, ନଟବର ମେର୍ଲି, ବୁଡୁ ଡାଙ୍ଗ, ଚୈତନ୍ୟ ଶିକାଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସେହିପରି ବନବାହାଲ ଗ୍ରାମରେ ରଘୁନାଥ ବେହେରା ଓ ତାଙ୍କ ପତ୍ନୀ ଚଞ୍ଚଳା ବେହେରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗୁଣନିଧି ପାଣିଗ୍ରାହୀ ଓ ସଦାଶିବ ଦାସ ପୂଜକ ଥିଲେ। ପୂଜା କମିଟି ସଭାପତି ସୁଧୀର ବେହେରା, ଉପସଭାପତି ଗୋପବନ୍ଧୁ ଭୋଇ, ସମ୍ପାଦକ ସୁରେଶ ଧରୁଆ ଓ କୋଷାଧକ୍ଷ ପରମାନନ୍ଦ କୁଅଁରଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ମୁରିବାହାଲ କ୍ଷେଶନପଡାରେ ଅନୁଷ୍ଠିତ ଦ୍ୱିତୀୟ ବର୍ଷ ଚନ୍ଦନ ଯାତ୍ରାରେ ଦନାର ସାହୁ ଓ ତାଙ୍କ ପତ୍ନୀ ଅହଲ୍ୟା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର


ଅନୁଷ୍ଠିତ ଶିବିରରେ ଡାକ୍ତର ଜଣେ ବାଳିକାର ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

ବଲାଙ୍ଗୀର ଅଫିସ, ୬।୫

ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ୪୮ ତମ ପ୍ରତଷ୍ଠା ଦିବସ ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଲେଜ ଅଧକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସ ପ୍ରଥମେ ପତାକା ଉତ୍ତୋଳନ କରିଥିଲେ। ପରେ ଅନୁଷ୍ଠାନ ପରିସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଜନସାଧାରଣଙ୍କ ନିମନ୍ତେ ଉଦ୍‌ଘାଟିତ ହୋଇଥିଲା। ଏହି ଶିବିରରେ ସମସ୍ତ ପ୍ରକାର ରୋଗର ନିଶୁଳ୍କ ନିଦାନ, ପରାମର୍ଶ, ଚିକିତ୍ସା ତଥା ଔଷଧ ବିତରଣ ହୋଇଥିଲା। ବିଶେଷ ଭାବେ ଜନ୍ମରୁ ୧୬ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କର ଶାରିରୀକ ମାନସିକ ଓ ବୌଦ୍ଧିକ ବିକାଶ ନିମନ୍ତେ ସ୍ୱପ୍ରଶନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏତଦ୍‌ବ୍ୟତୀତ ମଧୁମେୟ ରୋଗର ନିଦାନ ନିମନ୍ତେ ରକ୍ତସର୍କରା ନିରୂପଣ କରାଯାଇଥିଲା। ୪୦ରୁ ଊର୍ଦ୍ଧ୍ୱ ବୟସର ୧୨୦ଜଣ ବ୍ୟକ୍ତି ଅସ୍ଥିଗତ ରୋଗ ନିରୂପଣ ନିମନ୍ତେ ଅସ୍ଥିସାନ୍ଦ୍ରତା ପରୀକ୍ଷା କରାଯାଇଥିଲା। ଅପରାହ୍ନରେ ଅନୁଷ୍ଠାନ ନିମନ୍ତ୍ରଣରେ ପୁରାତନ ଛାତ୍ର ପରିଷଦ,ବଲାଙ୍ଗୀର ନାଗରିକ କମିଟି ଏବଂ ଅନ୍ୟ ନିମନ୍ତ୍ରିଣ ଅତିଥିମାନଙ୍କ ଉପସ୍ଥିତିରେ ଏକ ମିଳିତ ସଭା ଆୟୋଜନ କରାଯାଇଛି। ଅନୁଷ୍ଠାନ ବିଭିନ୍ନ ପ୍ରତିଷ୍ଠାତା ସଦସ୍ୟମାନଙ୍କୁ ସମ୍ମାନୀଥତ କରାଯିବ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧାପକ, ସ୍ନାତକୋତ୍ତର ଛାତ୍ରୀଛାତ୍ର ତଥା ସମସ୍ତ ଗୃହ ଚିକିତ୍ସକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଜନ୍ମତିଥିରେ ଗୌତମ ବୁଦ୍ଧ, ଭୀମ ଭୋଇଙ୍କ ସ୍ମୃତିଚାରଣ

ଖଡ଼ିଆଲ,୬।୫(ଡି.ଏନ.ଏ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ କୁଶମାଲ ଗ୍ରାମରେ ଉମ୍ଯଗଣା ସମାଜ ପକ୍ଷରୁ ଗୌତମ ବୁଦ୍ଧ ଏବଂ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ଜିଏସଟିର ସହକାରୀ କମିଶନର ହୃଷୀକେଶ ଦୀପ ଯୋଗଦେଇ ଗୌତମ ବୁଦ୍ଧଙ୍କ ଜୀବନୀ ଓ ନୀତି ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଫକୀରମୋହନ ଜଗତ, ସମ୍ମାନୀତ ଅତିଥି ନିମାଇଁ ଚରଣ ତାଣ୍ଡି ଗୌତମ ବୁଦ୍ଧ ଓ ସନ୍ଥ କବି ଭୀମ ଭୋଇଙ୍କ ତ୍ୟାଗପୂତ ଜୀବନୀ ଓ ସମାଜ ଗଠନରେ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଗୌତମ ତାଣ୍ଡି, ପୁଷ୍ପାଞ୍ଜଳି ପାଣ୍ଡେ, ମନ୍ଦାକିନୀ ବଘେଲ, ତୁକାରମ ହିଆଲ, ଜିତୁ କୁମ୍ଭାର, ବସୁମତୀ ଶଗରିଆ, ଛବି ସାଗର, ରୁଦ୍ର ବାଗ, ସୁରେନ୍ଦ୍ର କୁମ୍ଭାର, ଜ୍ୟୋତିଲାଲ ବଂଜାରେ, ରଞ୍ଜିତା କାଣ୍ଡ, ଯୋଗେନ୍ଦ୍ର ପାଣ୍ଡେ ମଞ୍ଚାସୀନ ଥିଲେ। ମନୋଜ କୁମାର ଶଗରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋବର୍ଦ୍ଧନ ଶଗରିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରେମାନନ୍ଦ ଶଗରିଆ, ମହେନ୍ଦ୍ର ମହାନନ୍ଦ, ଡୁଡୁରାମ ଶଗରିଆ, ଗୋବିନ୍ଦ ନାଗ, ସୁରଥ ଶଗରିଆ, ବାସୁଦେବ ଶଗରିଆ, ଦେବରାଜ ଶଗରିଆ, ଧନେଶ୍ୱର ଶଗରିଆ, ଶଶୀଭୂଷଣ ଶଗରିଆ, ଗୋସିଙ୍ଗ ନାଗ, ପ୍ରଦୀପ ମହାନନ୍ଦ, ଗଣପତି ଶଗରିଆ, ନେତରାନନ୍ଦ ଶଗରିଆ, ଦୟାନିଧି ଶଗରିଆ, ଭୋଦେବ ଶଗରିଆ, ଚିତୃ ଶଗରିଆ, କିଶୋର ଶଗରିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୧୨ବର୍ଷରେ ଶିକ୍ଷା ମହାସ୍ରୋତରେ ସାମିଲ ହେଲେ ହରିଓଁ

ଦେଓଗାଁ,୬।୫(ଡି.ଏନ.ଏ.)


ସ୍କୁଲରେ ନାମ ଲେଖାଇବା ପରେ ହରିଓଁଙ୍କୁ ବହି ପ୍ରଦାନ କରାଯାଉଛି।

ସମସ୍ତ ପିଲା ସ୍କୁଲ ଯାଇ କିଭଳି ପାଠ ପଢ଼ିବେ ସରକାର ତାହା ଉପରେ ଗୁରୁତ୍ୱ ଦେଉଛନ୍ତି। ଶିକ୍ଷାରଥ ଗାଁ ଗାଁ ବୁଲୁଛି। ହେଲେ ପ୍ରଶାସନର କେତେକ ତଳିଆ କର୍ମଚାରୀଙ୍କ ନିଷ୍କ୍ରିୟ ମନୋଭାବ ଯୋଗୁଁ ସରକାରୀ ଯୋଜନା ବାଟବଣା ହେବାରେ ଲାଗିଛି। ୧୨ବର୍ଷ ବୟସ ପର୍ଯ୍ୟନ୍ତ ପିଲା ସ୍କୁଲ ନ ଯାଇ ଘରେ ରହିଯାଉଛି। ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ମାଲିପାଲି ଗାଁରେ ଏହାର ଏକ ଚିତ୍ର ଦେଖିବାକୁ ମିଳିଛି। ଗାଁର ହରିଓଁ ସା। ୧୨ବର୍ଷର ହୋଇଥିଲେ ବି ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହୋଇ ରହିଥିଲେ। ବାପା ଛେଉଣ୍ଡ ଏହି ପିଲା ପାଖରେ କେହି ପହଞ୍ଚି ନ ଥିଲେ। ଜନ୍ମକଲା ମା’ ତାଙ୍କ ପାଠପଢା ବିଷୟରେ ସଚେତନ ହୋଇ ସ୍କୁଲରେ ନାମ ବି ଲେଖାଇ ନ ଥିଲେ। ଖବର ପାଇ ଶିରାବାହାଲ ପ୍ରାଥମିକ ସ୍କୁଲ ପ୍ରଧାନଶିକ୍ଷକ ଆଶିଷ ବାରିକ, ସ୍କୁଲ ପରିଚାଳନା କମିଟି ସଭାପତି କାଳିଆ ଭୁଏ, ଏନଏଫଆଇଡି ପ୍ରତିଷ୍ଠାତା ପ୍ରଭାତ କୁମାର ମହାନନ୍ଦ ସମ୍ପୃକ୍ତ ମହିଳାଙ୍କ ଘରକୁ ଯାଇ ସରକାରୀ ସୁବିଧାରେ ମାଗଣାରେ ପିଲା ପାଠ ପଢ଼ିପାରିବ ବୋଲି ବୁଝାଶୁଝା କରିଥିଲେ। ହରିଓଁ ସ୍କୁଲ ଯିବାପାଇଁ ମା’ ତିଳୋତ୍ତମା ରାଜି ହୋଇଥିଲା। ଶନିବାର ଶିରାବାହାଲ ପ୍ରାଥମିକ ସ୍କୁଲରେ ହରିଓଁର ନାମ ଲେଖାଇବା ପରେ ଆବଶ୍ୟକ ବହି ଯୋଗାଇ ଦିଆଯାଇଛି। ଏ ନେଇ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅଜିତ କୁମାର ମିଶ୍ରଙ୍କୁ ପଚାରିବାରୁ ସମ୍ପୃକ୍ତ ମହିଳାଙ୍କ ପାରିବାରିକ ଅସୁବିଧା ରହିଥିଲା। ଫଳରେ ପିଲାର ବାପା ପରିଚୟ ପାଇଁ ପାଠ ପଢ଼ିପାରୁ ନ ଥିଲା। ଏବେ ଉକ୍ତ ପିଲାର ଶିକ୍ଷାଗ୍ରହଣ ପାଇଁ ସମସ୍ତ ସୁବିଧା କରାଯିବ ବୋଲି କହିଥିଲେ।

ହରିଓଁଙ୍କ ମା’ ତିଳୋତ୍ତମା ସ୍ୱାମୀଙ୍କ ସହ ମାଲିପାଲି ଛକ ନିକଟରେ ରହୁଥିଲେ। ପ୍ରେମ ବିବାହ କରିଥିବାରୁ ପରିବାର ଲୋକଙ୍କ ସହ ସେମାନଙ୍କର ମିଳାମିଶା ନ ଥିଲା। ପୁଅ ଜନ୍ମର କିଛିବର୍ଷ ପରେ ସ୍ୱାମୀ ଆରପାରିକୁ ଚାଲିଗଲେ। ପରଘରେ ମୂଲ ଲାଗି ପେଟ ପୋଷୁଥିବା ତିଳେତ୍ତମା ପୁଅର ପାଠ ଉପରେ ଗୁରୁତ୍ୱ ଦେଇ ପାରି ନ ଥିଲେ। ପାଠପଢା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଥିବା କଥା ମଧ ସେ ଭାବୁଥିଲେ। ମା’ ପୁଅଙ୍କର ଆଧାର କାର୍ଡ ନାହିଁ। ଏପରିକି ପୁଅ ଅଙ୍ଗନୱାଡି କେନ୍ଦ୍ର ଯାଇ ନ ଥିବାରୁ ସେଠାରେ ତା’ର ନାମ ପଞ୍ଜିକରଣ ହୋଇନାହିଁ। ତେବେ ଏବେ ପୁଅ ପଠାପଢା ଆରମ୍ଭ କରିଥିବାରୁ ସେ ଖୁସି ବୋଲି କହିଛନ୍ତି ତିଳୋତ୍ତମା। ଏଠାରେ ପ୍ରଶ୍ନ ଉଠେ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରୁଥିବା ବେଳେ ଏହି ପିଲାଟି କିଭଳି ଅଙ୍ଗନୱାଡି ଓ ପ୍ରାଥମିକ ଶିକ୍ଷାରୁ ଏ ଯାଏ ବଞ୍ଚିତ ଥିଲା ଓ ସ୍ଥାନୀୟ ପ୍ରଶାସନ ଜାଣି ପାରିଲାନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଂକ୍ଷେପରେ

### ୬ ନକଲି ଶିକ୍ଷକଙ୍କ ନାମରେ ଥାନାରେ ଏତଲା

**ବୌଦ୍ଧ,୬।୫(ସ୍ୱ.ପ୍ର.):** ବୌଦ୍ଧ ଜିଲାର ୬ ଜଣ ନକଲି ଶିକ୍ଷକଙ୍କ ନାମରେ ଏତଲା ଦିଆଯାଇଛି । ଏ ନେଇ ଗତ ୩ ତାରିଖରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ବୌଦ୍ଧ ଆଦର୍ଶ ଥାନାରେ ଏତଲା ଦେଇଥିବା ଜଣାପଡିଛି । ଶିକ୍ଷକ ସୁବାଷ ଚନ୍ଦ୍ର ଡାକୁଆ, କୁମରମଣି ଖିଲାର, ସୁଶାନ୍ତ କୁମାର ପ୍ରଧାନ, ବିଦ୍ୟାଧର ପଲାଇ , କାର୍ତ୍ତିକ ଚନ୍ଦ୍ର ଦଳେଇ ଓ ଜୟାନନ୍ଦ ବାଗଙ୍କ ନାମରେ ଏତଲା ଦିଆଯାଇଛି । ଅଭିଯୋଗ ପରେ ପୋଲିସ ନଂ ୧୯୪/୨୩ ରେ ଏକ ମାମଲା ରୁଜୁ କରିଛି । ଏହି ନକଲି ଶିକ୍ଷକଙ୍କ ମଧ୍ୟରୁ ୫ ଜଣ ଜିଲା ବାହାରର ହୋଇଥିବା ବେଳେ ବୌଦ୍ଧ ଜିଲାର ଜଣେ ଶିକ୍ଷକ ଥିବା ଜଣାପଡିଛି । ଏନେଇ ଶିକ୍ଷକ ମହଲରେ ଭୟ ଦେଖାଦେଇଛି । ସୂଚନାଯୋଗ୍ୟ, ଜାଲ୍ ପ୍ରମାଣପତ୍ର ଦେଇ ଜିଲାରେ କେତେଜଣ ଶିକ୍ଷକ ଶିକ୍ଷକତା କରୁଥିବା ନଜରକୁ ଆସିବା ପରେ ମଧ ନକଲି ଶିକ୍ଷକଙ୍କ ସଂଖ୍ୟା କମିବାର ନାଁ ନେଉନାହିଁ । ଜିଲାରେ ପୂର୍ବରୁ ବହୁ ସଂଖ୍ୟକ ନକଲି ଶିକ୍ଷକଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି । ବହୁ ଶିକ୍ଷକ ଜାମିନରେ ଆସିଛନ୍ତି । ଜଣେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନିଶାଙ୍କ ଗିରଫ ହୋଇ ଜେଲ ଯାଇଥିଲେ। ପୋଲିସ ପୂର୍ବରୁ ନକଲି ଶିକ୍ଷକମାନଙ୍କୁ ଗିରଫ କରି ନ ଥିବା ବେଳେ ବର୍ତ୍ତମାନ ପୁଣି ନକଲି ଶିକ୍ଷକଙ୍କୁ ଗିରଫ କରୁଛି ନା ଜାମିନ ପାଇଁ ସୁଯୋଗ ଦେଉଛି ତା ଉପରେ ସମସ୍ତଙ୍କ ନଜର ରହିଛି ।

### ଲୁହା ଚୋରି ଘଟଣାରେ ଜଣେ ଗିରଫ

ଉଲୁଣ୍ଡା,୬।୫(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ କପାସିରାସ୍ଥିତ ମେଗା ପ୍ରୋଜେକ୍ଟ ପମ୍ପ ହାଉସରୁ ଲୁହା ଚୋରି କରିବା ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ କପାସିରା ଗ୍ରାମର ଆକାଶ ବିଶି। ସୂଚନା ଅନୁଯାୟୀ, ମେଗା ପ୍ରୋଜେକ୍ଟ ପମ୍ପ ହାଉସରୁ ୫ଟି ଲୁହା ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ଶୁକ୍ରବାର ସେଠାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ପୋଲିସ ସନ୍ଦେହରେ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିଲା । ତେବେ ଉକ୍ତ ଘଟଣାରେ ସମ୍ପୃକ୍ତି ଥିବା ଜଣାପଡିବା ପରେ ଅଭିଯୁକ୍ତ ଆକାଶଙ୍କୁ ଗିରଫ କରିଥିଲା ।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଅମରପାଲି,୬।୫(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ କାନପୁର ମାହେଶ୍ୱରୀ ମନ୍ଦିର ନିକଟରେ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ କଳସ ଯାତ୍ରା, ନାମ ଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାନପୁର ସମେତ ମହୁରିଆପାଲି, ବିକଳପାଲି, ଡୁମୁରି, କୁଡ଼ାପଡ଼ା, ଜଉଁରାଭଉଁରା, ଡିକୁଡା, ବ୍ରାହ୍ମଣୀପାଲି, ଖମ୍ଭେଶ୍ୱରୀପାଲି ଓ ଷଣ୍ଢା ଆଦି ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଏଥିରେ ଭାଗ ନେଇଥିଲେ । ବଶିଷ୍ଠ ଖମାରୀ ଓ ଝରଣା ଖମାରୀ ଏଥିରେ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ଆୟୋଜକ କମିଟି ସଭାପତି ସୁଦର୍ଶନ ମହାକୁର, ସମ୍ପାଦକ କଷ୍ଟେଶ୍ୱର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ । ସ୍ଥାନୀୟ ସରପଞ୍ଚ ଶ୍ରୀୟା କର୍ମୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### କ୍ରୀଡ଼ା ସଙ୍ଗଠକଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୬।୫:** ସମ୍ବଲପୁର ନିବାସୀ କ୍ରୀଡ଼ା ସଙ୍ଗଠକ ତଥା ସୁନ୍ଦର ସ୍ୱାସ୍ଥ୍ୟ, ଭାରୋତ୍ତଳନ, କୁସ୍ତି ଆଦିର ପୃଷ୍ଠପୋଷକ ବିଶ୍ୱମ୍ଭର ବହିଦାରଙ୍କ ପରଲୋକରେ ବରଗଡ଼ ଜିଲା ବଡ଼ି ବିଲ୍‌ଡିଂ ଆସୋସିଏଶନ ପକ୍ଷରୁ ଶନିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ କିଶୋର ମିଶ୍ର, ନନ୍ଦ ମିଶ୍ର, ଲକ୍ଷ୍ମୀ ମିଶ୍ର, ସୁଜିତ ମହାନ୍ତି, ବେଣୁ ପ୍ରଧାନ, ଡୋଲାମଣି ମେହେର, କବି ମହାରଣା, ସନ୍ତୋଷ ବିଶୋଇ, କିରଣ ସିନ୍ଧେରିଆ, କନ୍ତଲା ଝଗ୍ରା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବହିଦାରଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ।

# ମିଳିଲା ଜାମିନ, ମିଳିନି ବୀମା କ୍ଷତିପୂରଣ

ବରଗଡ଼ ଅଫିସ୍,୬।୫



କୋର୍ଟରେ ହାଜର ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ ।

ଫସଲବୀମା କ୍ଷତିପୂରଣ ଦାବିରେ ବୀମା କମ୍ପାନୀ ଏବଂ ସରକାରୀ କଳର ଅବହେଳା ପ୍ରତିବାଦରେ ୨୦୨୨ ଅଗଷ୍ଟ ୧୪ତାରିଖରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ବରଗଡ଼ ରେଳଷ୍ଟେଶନ ନିକଟରେ ରେଳରୋକୋ ଆନ୍ଦୋଳନ କରିଥିଲେ। ଫଳରେ ରେଲୱେ ପୋଲିସ ଚାଷୀ ସଙ୍ଗଠନର ୫୬ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ତେବେ ସେମାନଙ୍କ ମଧ୍ୟରୁ ପୂର୍ବରୁ ୨୪ଜଣ ଏବଂ ଶନିବାର ଆଉ ୨୯ଜଣଙ୍କୁ କୋର୍ଟରେ ଜାମିନ ମିଳିଥିବା ଜଣାପଡ଼ିଛି। ସେହିପରି ଅନ୍ୟ ୩ଜଣ ବିଭିନ୍ନ କାରଣରୁ କୋର୍ଟରେ ହାଜର ହୋଇ ପାରି ନ ଥିବା ସୂଚନା ମିଳିଛି। ଚାଷୀଙ୍କ ପକ୍ଷରୁ ଆଡ଼ଭୋକେଟ୍ ହରିହର ପ୍ରଧାନ, ଆଦିତ୍ୟ ପାଢ଼ୀ ମୋକଦ୍ଦମା ପରିଚାଳନା କରୁଛନ୍ତି । ଅନ୍ୟପକ୍ଷେ ଚାଷୀଙ୍କୁ ଫସଲ ବୀମା କ୍ଷତିପୂରଣ ରାଶି ମିଳିପାରିନାହିଁ।

ପ୍ରକାଶ ଯେ, ବରଗଡ଼ ଜିଲାର ପଦ୍ମପୁର ତଥା ଅଣଜଳସେଚିତ ଅଞ୍ଚଳରେ ୨୦୨୦-୨୧ ଖରିଫ ଋତୁରେ ଅଭାବୀ ବର୍ଷା ଯୋଗୁ ମରୁଡ଼ି ସ୍ଥିତି ଉପୁଜିଥିଲା। ଏଥିଯୋଗୁ ଚାଷ ଉଜୁଡ଼ି ଯାଇଥିବାବେଳେ ଚାଷୀମାନେ କ୍ଷତିଗ୍ରସ୍ତ ହୋଇଥିଲେ। ସେତେବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସରଜମିନ ତଦନ୍ତ କରାଯାଇ ୭୨ହଜାର ହେକ୍ଟର ଜମିର ଫସଲକ୍ଷତି ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଥିଲା। ସେହିପରି ଯୁଗ୍ମ ତଦନ୍ତ କରି ଜିଲାର ୧୨୪ ପଞ୍ଚାୟତରେ ୪୨୪ କୋଟି କ୍ଷତିପୂରଣ ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଚାଷୀମାନେ ନିର୍ଦ୍ଧାରିତ ସମୟରେ ବୀମା ପ୍ରିମିୟମ ଜମା କରିଥିଲେ ସୁଦ୍ଧା ବୀମା କ୍ଷତିପୂରଣ ପାଇ ନ ଥିଲେ। ବୀମା କ୍ଷତିପୂରଣ ଦାବିରେ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ଦାବିପତ୍ର, ଚେତାବନୀ, ବାରମ୍ବାର ଅଫିସ ସମ୍ମୁଖରେ ଧାରଣା, ରାସ୍ତା ଅବରୋଧ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତଥାପି ସେତେବେଳେ ଚାଷୀଙ୍କୁ କିଛି ସୁଫଳ ମିଳି ନ ଥିଲା।

ଏହାର ପ୍ରତିବାଦରେ ୨୦୨୨ ଅଗଷ୍ଟ ୧୪ତାରିଖରେ ଚାଷୀ ସଙ୍ଗଠନ ପକ୍ଷରୁ ବରଗଡ଼ରେ ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନରେ ସାମିଲ ହୋଇଥିବା ଶତାଧିକ ଚାଷୀଙ୍କ ଆକ୍ରୋଶକୁ ଦେଖି ସେତେବେଳେ ୧୦ଦିନ ମଧ୍ୟରେ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ

**ଚାଷୀଙ୍କ ରେଳରୋକୋ ଆନ୍ଦୋଳନ ଘଟଣା**

ବୋଲି ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଫଳରେ ଚାଷୀମାନେ ଆନ୍ଦୋଳନରୁ ଓହରିଯାଇଥିଲେ। କିନ୍ତୁ କ୍ଷତିପୂରଣ ମିଳିବା ତ ଦୂରର କଥା ଚାଷୀ ସଙ୍ଗଠନର ୫୬ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଅନ୍ୟପଟେ ଏପର୍ଯ୍ୟନ୍ତ ଜିଲାର ୩ପଞ୍ଚାୟତର ଚାଷୀମାନେ ବୀମା କ୍ଷତିପୂରଣ ପାଇପାରି ନ ଥିବାବେଳେ ୭୭ ପଞ୍ଚାୟତର ଚାଷୀ କ୍ଷତି ଅନୁପାତରେ ବହୁ କମ୍ କ୍ଷତିପୂରଣ ପାଇଛନ୍ତି। ଏହାକୁ ନେଇ ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପଦ୍ମପୁର ଉପଜିଲାପାଳଙ୍କ ଅଫିସ ଆଗରେ ଧାରଣା ଜାରି ରଖିଛି। ଧାରଣା ୧୮୭ ଦିନରେ ପହଞ୍ଚିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା ଚାଷୀମାନେ କହିଛନ୍ତି। ସେହିପରି ପଦ୍ମପୁର ଉପନିର୍ବାଚନ ସମୟରେ ଶାସକ, ବିରୋଧୀ ଦଳ ନେତାମାନେ ଏ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ମଧ୍ୟ ପାଣିର ଗାର ପାଲଟିଛି।

## ରାଧାକୃଷ୍ଣ ଭାଗବତ ମନ୍ଦିର ପ୍ରତିଷ୍ଠା ଉତ୍ସବ

ତରଭା,୬।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ରଥପଡାରେ ନବନିର୍ମିତ ଶ୍ରୀ ଶ୍ରୀ ରାଧାକୃଷ୍ଣ ଭାଗବତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଧୁମଧାମ୍‌ରେ ପାଳିତ ହୋଇଯାଇଛି । ମଙ୍ଗଳବାର ରତ୍ନମୁଦ ପରେ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ବୁଧବାର ବିଗ୍ରହ ମହାସ୍ନାନ, ଯଜ୍ଞ ଆରମ୍ଭ ହେବା ସହ ଗୋପଲୀଳା ମଞ୍ଚସ୍ଥ ହୋଇଥିଲା। ସନ୍ଧ୍ୟାରେ ଗ୍ରୀଣ୍ଡୋଲାର ଗୁରୁ ମନୋଜ ସାହୁ ଓ ପଞ୍ଚଧାରାର ଗୁରୁ ତିଳକ ଦାସଙ୍କ ମଧରେ ବୈଠକୀ କୀର୍ତ୍ତନ୍ୟ ଆୟୋଜିତ ହୋଇଥିଲା। ଗୁରୁବାର ସକାଳେ ଅଷ୍ଟପ୍ରହରୀ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟା ୭ଟାରୁ ଗୀତାଯଜ୍ଞ ଓ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥଲା । ଶୁକ୍ରବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। । ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ ପବିତ୍ର ଶତପଥୀ ଓ ଗୋପାଳକୃଷ୍ଣ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ମିଳନ ମେହେର, ପରେଶ ମେହେର, ଅନନ୍ତ ମେହେର, ସଞ୍ଜୀବ ମେହେର, ସୁରଜ ମେହେର, ବିନୀତ ମେହେର, ଅମର ଚୌହାନ ଓ ମନୋଜ ଅଗ୍ରୱାଲ ସପତ୍ନୀକ କର୍ତ୍ତାର ଦାୟିତ୍ୱ ତୁଲାଇଥିଲେ ।

# ରବି ଧାନ ସଂଗ୍ରହ ପାଇଁ ପ୍ରଶିକ୍ଷଣ



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀବୃନ୍ଦ ।

ବରଗଡ଼ ଅଫିସ୍,୬।୫

ବରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ରବିଧାନ ସଂଗ୍ରହ ପ୍ରକ୍ରିୟା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଧାନ ବିକ୍ରି ସମୟରେ ଜିଲାର ସମସ୍ତ ଚାଷୀ ଯେଭଳି କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ନ ହେବେ ଏବଂ ସରକାରୀ ସହାୟକ ଦରରେ ଧାନ ବିକ୍ରି କରିପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା। ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ସମସ୍ତ ଚାଷୀ ଚଳିତ ରବି ଋତୁ ୨୦୨୨-୨୩ରେ ନିଜ ଉତ୍ପାଦିତ ଏଫଏକ୍ୟୁ ମାନର ଧାନକୁ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଧୀନ ସ୍ଥାୟୀ ବଜାର ପ୍ରାଙ୍ଗଣ, ଅସ୍ଥାୟୀ ଧାନକ୍ରୟ କେନ୍ଦ୍ର ଏବଂ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଦ୍ୱାରା ସ୍ଥାପିତ ଓ ପରିଚାଳିତ ଧାନ କ୍ରୟକେନ୍ଦ୍ର ଗୁଡ଼ିକରେ ସରକାରୀ ଧାର୍ଯ୍ୟ ସର୍ବନିମ୍ନ ସହାୟକ ଦରରେ ବିକ୍ରି କରିପାରିବେ ବୋଲି ଜିଲା ଯୋଗାଣ ଅଧିକାରୀ ଦାଶରଥୀ ସୋରେନ ସୂଚନା ଦେଇଥିଲେ। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସାଧାରଣ ଧାନକୁ ଚାଷୀମାନେ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଏବଂ କ ଶ୍ରେଣୀ ଧାନକୁ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କାରେ ବିକ୍ରି କରିପାରିବେ ବୋଲି ସେ ସୂଚନା ଦେଇଥିଲେ। ପ୍ରଶିକ୍ଷଣ ଶିବିରରେ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ, ଡିଆର୍‌ଏସିଏସ୍ ତୃପ୍ତି କଲ୍ୟାଣ ଦାଶ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାମୟୀ କର୍ଣ୍ଣ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଅନିଲ ବାହାଙ୍ଗାଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଇକମାଳ, ୬।୫(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଇତିହାସ ବିଭାଗ ଛାତ୍ରୀଛାତ୍ରଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧକ୍ଷ ବିନୟ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ଡିଗ୍ରୀ କଲେଜ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି, ଝାରବନ୍ଧ ଡିଗ୍ରୀ କଲେଜ ଇତିହାସ ବିଭାଗ ଅଧାପିକା ରଶ୍ମି ମହାଲିଙ୍ଗ ଓ ଅଧାପକ ସୁମିତାବ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧାପକ କୃଷ୍ଣଚନ୍ଦ୍ର ଦେବତା, ବିଜୟ କୁମାର ମେହେର ଓ ଅଧାପିକା ବବିତା ମଲ୍ଲିକ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ କ୍ଷୁଦ୍ର ଏକାଙ୍କିକା ମଞ୍ଚସ୍ଥ ହୋଇଥିଲା। ସେହିପରି ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଷଷ୍ଠ ଏକକ ପରୀକ୍ଷା ଛାତ୍ରୀଛାତ୍ରମାନଙ୍କର ପ୍ରକଳ୍ପ ମୂଲ୍ୟାୟନ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଷୟ ବିଶେଷଜ୍ଞ ଭାବେ ବିନ୍ଧ୍ୟବାସିନୀ ଡିଗ୍ରୀ କଲେଜର ଓଡ଼ିଆ ଅଧାପକ ଦେବରାଜ ସାହୁ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ଓ ସାହିତ୍ୟ ଉପରେ ପ୍ରକଳ୍ପ ପର୍ଯ୍ୟବେସିତ ଥିଲା। ଲୋକ କାହାଣୀ, ଲୋକ ନୃତ୍ୟ, ଲୋକ ଗୀତ, ପର୍ବପର୍ବାଣୀ, ଶକ୍ତିପୀଠ ଆଦି ପ୍ରକଳ୍ପ ଗୁଡ଼ିକ ଛାତ୍ରୀଛାତ୍ରମାନେ ପ୍ରସ୍ତୁତ କରିଥିଲେ। ଅଧକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଅଧାପକ ଦେବରାଜ ସାହୁ ଓ ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅଧାପକ ସନ୍ତୋଷ ସିଂ ଠାକୁର, ଅମରେଶ ଠାକୁର ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଇମ୍ପେରିୟଲ କଲେଜରେ ବୁଦ୍ଧ ପୂର୍ଣ୍ଣିମା

ବରଗଡ଼ ଅଫିସ୍,୬।୫

ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାର ସ୍ଥିତ ଇମ୍ପେରିୟଲ କଲେଜ ପରିସରରେ ଶୁକ୍ରବାର ବୁଦ୍ଧ ପୂର୍ଣ୍ଣିମା ଉତ୍ସବ ସମାରୋହରେ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଝରଣା ମିଶ୍ର ସଂଯୋଜନା କରିଥିଲେ। ବୁଦ୍ଧ ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱରେ ରହିଥିବା ସପ୍ତତତ୍ତ୍ୱ ଉପରେ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ପରିକ୍ରମା କରିଥିଲେ। କଲେଜ ଚେୟାରମ୍ୟାନ ଦୀପକ ଗୋୟଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥି ଏବଂ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ବୁଦ୍ଧ ଦର୍ଶନ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ମଧ୍ୟ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବୁଦ୍ଧଙ୍କ ଜୀବନୀ ଉପରେ ଆଲୋଚନା କରି ଏହାକୁ ନିଜ ଜୀବନରେ ବିନିଯୋଗ କରିବା ସହ ସତ୍‌ପଥରେ ଅଗ୍ରସର ହେବାକୁ ବକ୍ତାମାନେ କହିଥିଲେ। ଏହି ଅବସରରେ କଲେଜ ପରିସରରେ ଥିବା ବୁଦ୍ଧ ବନମ୍‌କୁ ସଜ୍ଜିତ କରାଯାଇଥିଲା।



ଜଣେ ବକ୍ତା ବୁଦ୍ଧ ଦର୍ଶନ ଉପରେ ବକ୍ତବ୍ୟ ରଖୁଛନ୍ତି ।

## ଅସ୍ଥାୟୀ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି ଦାବି

ପଦ୍ମପୁର ୬।୫ (ଡି.ଏନ.ଏ.)

ପଦ୍ମପୁର ଜନସ୍ୱାସ୍ଥ୍ୟ ଅନୁଖଣ୍ଡରେ ବିଗତ ଦିନରୁ ଅସ୍ଥାୟୀ ସିଏଲ୍‌ଆର କର୍ମଚାରୀମାନେ ଫିଟର ମିସ୍ତ୍ରୀ, ପମ୍ପଚାଳକ, ଅପରେଟର, ଭଲ୍‌କମ୍ୟାନ, ନଳକୂପ ଓ ପାଇପ୍ ଲାଇନ ମରାମତି, କମ୍ପ୍ୟୁଟର ଅପରେଟର ଭାବେ ଦୀର୍ଘ ୧୮ ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। ଉକ୍ତ ଅସ୍ଥାୟୀ ସିଏଲଆର କର୍ମଚାରୀଙ୍କୁ ଦରମା ବୃଦ୍ଧି ବା ସର୍ବନିମ୍ନ ମଜୁରୀ ଦେବା ପାଇଁ ଶନିବାର ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ୍ମନାଭ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଦଳ ସୁନା, ଅଶୋକ ଗୁଗୁଲ, ସତ୍ୟାନନ୍ଦ କରେଇ, ଉମେଶ ଭୋଇ, ବାବୁଲାଲ ସାହୁ, ହେମନ୍ତ ଦୀପ, ମୁକୁନ୍ଦ ବର୍ଗତି, ଘନଶ୍ୟାମ ମେହେର, ମଦନ ସାହୁ, ଯଶୋବନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗିରଫ

ଭେଡ଼େନ,୬।୫(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଥୁଆପାଲି ଛକରେ ଜଣେ ଯୁବକଙ୍କୁ ରାତିରେ ମରଣାନ୍ତକ ଆକ୍ରମଣ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏମ୍‌ଡ଼ି. ମୁନାବେଗ ନାମକ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୩୯/୨୩) ରୁଜୁ ହୋଇଛି। ପ୍ରକାଶ ଯେ, ଗୁରୁବାର ଅତାବିରା ଥାନା ପତ୍ରାପାଲି ଗ୍ରାମର ବି. ଶେଖର ଓରଫ୍ ଗୁଡ୍ଡୁ (୩୫) କୌଣସି କାମରେ ବିନିକା ଯାଇ ଫେରୁଥିବା ବେଳେ ମୁନାବେଗ ଏବଂ ଅନ୍ୟ ଜଣେ ତାଙ୍କୁ ଭୁଜାଲି ଓ ବ୍ଲେଡ଼ରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଗୁଡ୍ଡୁଙ୍କ ପେଟ, ବେକ ଓ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ବର୍ତ୍ତମାନ ସେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତ ଫେରାର ଅଛନ୍ତି।

## ବରଗଡ଼ ଜିଲାର ୬୨ ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ

ପଦ୍ମପୁର,୬।୫(ଡି.ଏନ.ଏ.)

ବରଗଡ଼ ଜିଲାର ୬୨ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭିଡ଼ିଓ କନଫରେନ୍ସ ଜରିଆରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ପଦ୍ମପୁର କନ୍ୟାଶ୍ରମ ପଡିଆରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ ସହ ୫-ଟିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସରକାରୀ ବାଳିକା ବିଦ୍ୟାଳୟର ଛାତ୍ରୀ ଚଞ୍ଚଳା ଧରୁଆ ମୁଖ୍ୟମନ୍ତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବରଗଡ଼ ଡିଇଓ ଆଦିତ୍ୟ ଗୋଏଲ, ଉପଜିଲାପାଳ ସଦାକାର କୁମ୍ଭାର, ବିଡ଼ିଓ ବିଶ୍ୱନାଥ ସାହୁ ,ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ, ପଞ୍ଚାୟତ ସମିତି ସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ହାଇସ୍କୁଲ ଲୋକାର୍ପଣ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

# ଜାତି ବିହୀନ ସମାଜ ଗଠନ ଆହ୍ୱାନ



ଗୌତମ ବୁଦ୍ଧ, ଭୀମ ଭୋଇ ଜୟନ୍ତୀ ସମାରୋହରେ ଅତିଥିବୃନ୍ଦ ।



ବଗେଇବିରା ଡୁଙ୍ଗୁରିରେ ଅନୁଷ୍ଠିତ ଗୌତମ ବୁଦ୍ଧ, ଭୀମ ଭୋଇ ଜୟନ୍ତୀ ସମାରୋହ ।

ବରଗଡ଼ ଅଫିସ୍,୬।୫

ବରଗଡ଼ ଜିଲା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ଶନିବାର ମହାମାନବ ଗୌତମ ବୁଦ୍ଧ ଏବଂ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବିଏସ୍‌ପିର ସମ୍ବଲପୁର ସେକ୍ଟର କୋର୍ଡ଼ିନେଟର ରାଜୁ ନନ୍ଦ ମୁଖ୍ୟ ଅତିଥି, ବରଗଡ଼ ଜିଲା ପ୍ରଭାରୀ ଟଙ୍କଧର କଣ୍ଟା ସମ୍ମାନିତ ଅତିଥି, ଜିଲା ସଭାପତି ଜୟରାମ ବାଘ ମୁଖ୍ୟବକ୍ତା, ଜିଲା ସାଧାରଣ ସମ୍ପାଦକ ଧବଳେଶ୍ୱର ମହାନନ୍ଦ ସମ୍ମାନିତ ବକ୍ତା ଭାବେ ଯୋଗଦାନ କରିଥିଲେ। ଭଟଲି ବିଧାନସଭା ପ୍ରଭାରୀ ସରୋଜ କୁମ୍ଭାର ସଭା ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିବୃନ୍ଦ ଗୌତମ ବୁଦ୍ଧ ଏବଂ ସନ୍ଥ ଭୀମ ଭୋଇଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଉଭୟ ମହାପୁରୁଷଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଜାତି ବିହୀନ ସମାଜ ଗଠନ ପାଇଁ ଗୌତମ ବୁଦ୍ଧ ଏବଂ ଭୀମ ଭୋଇଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମୁଖ୍ୟବକ୍ତା ବାଘ କହିଥିଲେ। ଅଜୟ ବାବୁ, ଦେବାନନ୍ଦ ଲୁହା, ଦେବ କୁମାର, ଦିଲ୍ଲୀପ ବାଘ, ସୁଦାମ ଦୀପ, ଦୁର୍ଗେଶିନୀ ବାଗ ପ୍ରମୁଖ ସହଯୋଗ କରିଥିଲେ। ଜୟଶଙ୍କର ସିହ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

**ଗୌତମ ବୁଦ୍ଧ, ଭୀମ ଭୋଇ ଜୟନ୍ତୀ ସମାରୋହ**

ବଗେଇବିରା ଡୁଙ୍ଗୁରିଠାରେ ନାଗାର୍ଜୁନ ବୁଦ୍ଧ ବିହାର କମିଟି ପକ୍ଷରୁ ଗୌତମ ବୁଦ୍ଧ ଏବଂ ଭୀମ ଭୋଇଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ବୁଦ୍ଧପ୍ରେମୀମାନେ ଯୋଗଦାନ କରିଥିଲେ। ଗୌତମ ବୁଦ୍ଧ ଏବଂ ଭୀମ ଭୋଇଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ବୁଦ୍ଧଙ୍କ ବିଚାରାଧାରା ଉପରେ ଆଲୋଚନା ହୋଇଥିଲା। ବରଗଡ଼ ତପୋବନ ପରିସରରେ ତପୋବନ ପରିବାର ଏବଂ ମିତ୍ର ସଙ୍ଗଠନର ମିଳିତ ଆନୁକୂଲ୍ୟରେ ମଧ୍ୟ ଗୌତମ ବୁଦ୍ଧ ଏବଂ ଭୀମ ଭୋଇ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତରଣୀସେନ ସୁନା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ତପୋବନର ଦିଗ୍‌ଦର୍ଶକ ସ୍ୱାମୀ ନିତ୍ୟ ବୋଧାନନ୍ଦ ବୁଦ୍ଧଙ୍କ ନୀତିବାଣୀ ଆଜିର ଆହ୍ୱାନ ବୋଲି କହିଥିଲେ। ଗୌରାଙ୍ଗ ନାୟକ, ଧର୍ମେନ୍ଦ୍ର ପ୍ରଧାନ, ନରେନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଭୋଇ, ନିରଞ୍ଜନ ବାଦି, କଳ୍ପନା ମିଶ୍ର, ବବି ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରୀତମ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଦୁର୍ଘଟଣା, ବର୍ତ୍ତିଲେ ଚାଳକ



ବ୍ରଜରାଜନଗର,୬।୫(ଡି.ଏନ.ଏ.): ବ୍ରଜରଜନଗର ସହରାଞ୍ଚଳର ବିଜୁ ପଟ୍ଟନାୟକ ଛକଠାରେ ଶନିବାର ଅପରାହ୍ନରେ ଏକ ଟ୍ରାକ୍ଟର ଦୁର୍ଘଟଣ ଗ୍ରସ୍ତ ହୋଇଛି। ଏଥିରେ ଚାଳକ ଗୁରୁତର ହୋଇଥିବାରୁ ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଟ୍ରାକ୍ଟରଟି ତେଲେଙ୍ଗପାଲି ପଟୁ ଆସୁଥିବାବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ବିଜୁ ପଟ୍ଟନାୟକ ଛକ ପାଚେରିରେ ଧକ୍କା ଦେଇ ଭିତରକୁ ପଶିଯାଇଥିଲା।

### ରେଢ଼ାଖୋଲ ସହରରୁ ୩୦ହଜାର ଲୁଟ୍

ରେଢାଖୋଲ,୬।୫(ଡି.ଏନ.ଏ.): ରେଢାଖୋଲ ସହରରେ ଶନିବାର ଦିନ ଦ୍ୱିପ୍ରହରରେ ୨ଜଣ ଲୁଟେରା ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ୩୦ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ସୂଚନାକ୍ରମେ ଅପରାହ୍ନ ପ୍ରାୟ ୧ଟା ବେଳେ ଓଡ଼ିଶା ବନ ଉନ୍ନୟନ ନିଗମର ଅବସରପ୍ରାପ୍ତ କର୍ମଚାରୀ ନିରାକାର ପ୍ରଧାନ ରେଢାଖୋଲ ଏସ୍‌ବିଆଇ ଶାଖାରୁ ୩୦ହଜାର ଟଙ୍କା ଉଠାଇ ଜଣେ ସହଯୋଗୀଙ୍କ ସହ ବାଇକ୍ ଯୋଗେ ଆସୁଥିଲେ। ବସ୍‌ଷ୍ଟାଣ୍ଡ ନିକଟ ୟୁନିୟନ ବ୍ୟାଙ୍କ ସମ୍ମୁଖରେ ୨ଜଣ ଲୁଟେରା ଏକ ବାଇକ୍ ଯୋଗେ ଆସି ହଠାତ୍. ନିରାକାର ଧରିଥିବା ବ୍ୟାଗ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏ ନେଇ ନିରାକାର ରେଢାଖୋଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କୋର୍ଟ ନିର୍ଦ୍ଦେଶ ପାଳନ ନ ହେବାରୁ ଅସନ୍ତୋଷ

ସମ୍ବଲପୁର,୬।୫(ବ୍ୟୁରୋ): ଏନ୍‌ଏମ୍‌ଆର୍ କର୍ମଚାରୀଙ୍କୁ ନେଇ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସମ୍ବଲପୁର ମହାନଗର ନିଗମ ପାଳନ କରୁ ନାହିଁ। ଏହାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେମାନେ କୋର୍ଟ ଅବମାନନାକୁ ନେଇ ପୁଣି ରିଭ୍ୟୁ ପିଟିସନ କରିବାକୁ ମତ ପ୍ରକାଶ କରିଛନ୍ତି। ମିଳିଥିବା ରିପୋର୍ଟ ଅନୁସାରେ ଦୀର୍ଘ ୨୫ବର୍ଷରୁ ଅଧିକ ସମୟ ଧରି ସେମାନେ ଏସ୍‌ଏମ୍‌ସି ଅଧୀନରେ କାମ କରୁଛନ୍ତି। ଚାକରୀ ନିୟମିତ କରିବାକୁ କର୍ମଚାରୀମାନେ କମିଶନରଙ୍କ ପଖରେ ବାରମ୍ବାର ଅନୁରୋଧ କରିଆସୁଥିଲେ। ସୁଫଳ ନ ମିଳିବାରୁ ଶେଷରେ କୋର୍ଟରେ ଅଶ୍ରୟ ନେଇଥିଲେ। କୋର୍ଟ ୮ ସପ୍ତାହ ମଧ୍ୟରେ ବିଚାରକୁ ନେଇ ଚାକିରୀ ନିୟମିତ କରିବାକୁ କହିଥିଲେ। ହେଲେ ୮ ସପ୍ତାହ ବିତିଯାଇଥିଲେ ମଧ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

### ମୃତ ଡ୍ରାଇଭରଙ୍କ ମିଳିଲା ପରିଚୟ

ଦେଓଗାଁ,୬।୫(ଡି.ଏନ.ଏ.) : ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ୨୬ନଂ ଜାତୀୟ ରାଜପଥର ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଆମ୍ବ ବୋଝେଇ ପିକ୍‌ଅପ ଓ ଟ୍ରାକ୍ଟର ମଧ୍ୟରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ପିକ୍‌ଅପ ସହ ଡ୍ରାଇଭର ଜଳି ଯାଇଥଲେ। ହେଲେ ଡ୍ରାଇଭରଙ୍କ ପରିଚୟ ମିଳି ପାରି ନ ଥିଲା। ଶନିବାର ଡ୍ରାଇଭରଙ୍କ ପରିଚୟ ମିଳିଛି।

# ବନ୍ୟା ପୂର୍ବ, ପରବର୍ତ୍ତୀ ପଦକ୍ଷେପକୁ ଗୁରୁତ୍ୱ

### ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ସମ୍ବଲପୁର,୬।୫(ବ୍ୟୁରୋ)



ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ।

ସମ୍ବଲପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ଉମାକାନ୍ତ ରାଜ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି, ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଉନ୍ନୟନ ଅଧିକାରୀ ରମେଶ ହାଁସଦା, ସଦର ଉପଜିଲାପାଳ ପ୍ରଭାସ ଦଣ୍ଡସେନା, ରେଢ଼ାଖୋଲ ଉପଜିଲାପାଳ ପବିତ୍ର ବେହେରା, ଡେପୁଟି କଲେକ୍ଟର ମିତାଲି ମଧୁସ୍ମିତା ଦଳାଇ, ଏମ୍‌ପିଙ୍କ ପ୍ରତିନିଧି ରାଧେଶ୍ୟାମ ବାରିକଙ୍କ ସମେତ ଜିଲାର ସମସ୍ତ ବିଡ଼ିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦ ଇଓ, ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

ପୌରାଞ୍ଚଳର ତଳି ଅଞ୍ଚଳ ପରିଦର୍ଶନ କରି ସମସ୍ତ ନାଳନର୍ଦ୍ଦମା ପରିଷ୍କାର ରଖିବାକୁ କମିଶନର ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ରିଂରୋଡ଼ ଡ୍ରେନ୍ ସଫେଇ କରିବାକୁ କୁହାଯାଇଥିଲା। ଦେଶୀ ଡ଼ଙ୍ଗା ସହ ଶକ୍ତିଚାଳିତ ଡ଼ଙ୍ଗା ପ୍ରସ୍ତୁତ ରଖିବା, ଅପହଞ୍ଚ ଅଞ୍ଚଳରେ କିରୋସିନ, ମହମବତୀ, ଦିଆସିଲି, ଶୁଖିଲା ଖାଦ୍ୟ ଆଦି ମହଜୁଦ ରଖିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଡେଙ୍ଗୁ ରୋଗକୁ ପ୍ରତିରୋଧ କରିବା ପାଇଁ ଗୋଟିଏ ସ୍ଥାନରେ ଜଳକୁ ଅଧିକ ଦିନ ଧରି ଜମା ନ ରଖିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଆବଶ୍ୟକ କ୍ଷେତ୍ରରେ ଆଶା, ଅଙ୍ଗନୱାଡି, ସ୍ୱୟଂସହାୟିକା ଗୋଷ୍ଠୀ ତଥା ଏନ୍‌ଜିଓଙ୍କ ସହାୟତା ନେବାକୁ ମତପ୍ରକାଶ ପାଇଥିଲା। ଗୃହପାଳିତ ପ୍ରାଣୀ ନିମନ୍ତେ ଟୀକା ଓ ଔଷଧ ମହଜୁଦ ରଖିବା ପାଇଁ ପ୍ରାଣୀ ସମ୍ପଦ ବିଭାଗକୁ କୁହାଯାଇଥିଲା। ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ବିଭାଗ, ଅଗ୍ନିଶମ, ଓଡ୍ରାଫ୍ଟ ଟିମ୍ ସଜାଗ ରହିବାକୁ ଆଲୋଚନା ହୋଇଥିଲା। ବ୍ଲକ, ତହସିଲ ସ୍ତରରେ ପ୍ରଚୁର ପରିମାଣରେ ରିଲିଫ ସାମଗ୍ରୀ, ବନ୍ୟା ସମୟରେ ପ୍ରସୂତିମାନଙ୍କୁ ସ୍ଥାନାନ୍ତରଣ ଓ ଚିକିତ୍ସା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବାଲିବନ୍ଧା, ବିନାଖଣ୍ଡୀ, କେଉଟପଡା ପମ୍ପିଂ ଷ୍ଟେସନ୍ ସ୍ଥିତି ସମ୍ପର୍କରେ ଜିଲାପାଳ ପଚାରି ବୁଝିଥିଲେ। ଜିଲା ବିପର୍ଯ୍ୟୟ ପରିଚାଳନା ପ୍ଲାନ ୨୦୨୩ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଆଗୁଆ ପଦକ୍ଷେପ ନେବା ସହ ବନ୍ୟା ପୂର୍ବ ଓ ପରବର୍ତ୍ତୀ ପଦକ୍ଷେପ ନେଇ ଜିଲାପାଳ ବିଭିନ୍ନ ବିଭାଗ ସହ ଆଲୋଚନା କରିଥିଲେ। ବିପର୍ଯ୍ୟୟ ଘଟିଲେ ତୁରନ୍ତ ମେସେଜ ପାସ୍ କରିବା ସହ ତୁରନ୍ତ ପ୍ରତିକାର କରିବା ନିତ୍ୟାନ୍ତ ଜରୁରୀ ବୋଲି ଜିଲାପାଳ ରାଜ କହିଥିଲେ। ପୋର୍ଟାଲ ଅପ୍‌ଡେଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନା କିମ୍ବା ସହାୟତା ପାଇଁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଥିବାବେଳେ ଫୋନ ନମ୍ବର ୦୬୬୩-୨୪୧୨୪୦୭ ଜାରି କରାଯାଇଛି ବୋଲି କୁହାଯାଇଥିଲା।

# ୩ ପ୍ରମୁଖ ଦଳର ମାରାଥନ ପ୍ରଚାର

### ଝାରସୁଗୁଡ଼ା ଉପନିର୍ବାଚନ

ସମ୍ବଲପୁର,୬।୫(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଶନିବାର ୩ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋରଦାର କରାଯାଇଥିଲା। ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ପାଇଁ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରଚାର କରିଥିଲେ। ଏହା ସହ ସନ୍ଧ୍ୟାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ପ୍ରଚାର ପାଇଁ ପହଞ୍ଚିଛନ୍ତି। ଏମ୍‌ପି ପ୍ରତାପ ଷଡଙ୍ଗୀ ମଧ ପ୍ରଚାର କରିଥିଲେ। କରତିକେଲା, ବୁରୋମାଲ, ରାମପୁର, ଡୁମେରମୁଣ୍ଡା, ମାଲଦା, ପତରାପାଲିର ମୁଣ୍ଡାପଡା, ଭୁଶୁଙ୍ଗ୍, ବିଶାଳପଡା, ଡୁମ୍ବେକେଲା, କବାଡି, ହେରମା, ରୁଟୁବାହାଲ ଆଦି ଗ୍ରାମରେ ପଦଯାତ୍ରା ହୋଇଥିଲା। ଅଭିନେତ୍ରୀ ପିଙ୍କି ପ୍ରଧାନ, ଏମ୍‌ପି ଜୁଏଲ ଓରାମ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, କେବି ସିଂହଦେଓ, ବିଧାୟକ ନାଉରୀ ନାଏକ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ବୁଲି ବୁଲି ଭୋଟ ଭିକ୍ଷା କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେଙ୍କ ପାଇଁ ବିଧାୟକ ସୁର ରାଉତରାୟଙ୍କ ସମେତ ଅନ୍ୟାନ୍ୟ ନେତୃତ୍ୱ ପ୍ରଚାର କରିଥିଲେ। ବିଜେଡି ପ୍ରାର୍ଥିନୀ ଦୀପାଳି ଦାସଙ୍କ ପାଇଁ ଦଳୀୟ ନେତୃତ୍ୱ ପ୍ରଚାର କରିଥିଲେ। ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗସ୍ତ କରି ଦୀପାଳିଙ୍କ ପାଇଁ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି ।

# ପ୍ରାଥମିକ ଶିକ୍ଷକ ସଂଘର ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ସମ୍ବଲପୁର,୬।୫(ବ୍ୟୁରୋ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସମ୍ବଲପୁର ଶାଖା ପକ୍ଷରୁ ଆଲୋଚନା ଚକ୍ର ଶନିବାର ଜିଲା ସମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶାଖା ସଭାନେତ୍ରୀ ଜ୍ୟୋସ୍ନାମୟୀ ଦାଶଙ୍କ ଅଧ୍ୟକ୍ଷତାରେ ଶିକ୍ଷାର ବିକାଶ ବିନା ସାମାଜିକ ବିକାଶର ପରିକଳ୍ପନା ଅବାସ୍ତବ ଶୀର୍ଷକ ଆଲୋଚନା ଚକ୍ର ହୋଇଥିଲା। ଶିକ୍ଷାବିତ୍ ଦିଲୀପ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ରଙ୍କ ମାଆବାପା ଅଟନ୍ତି। ତେଣୁ ଏମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିବା ଆବଶ୍ୟକ। ସରକାର ପ୍ରାଥମିକ ବିଦ୍ୟାଳୟକୁ ମଧ ୫-ଟିରେ ସାମିଲ କରିବା ଉଚିତ। ଏହାଦ୍ୱାରା ଶିକ୍ଷା ସହ ସାମାଜିକ ବିକାଶ ହୋଇପାରିବ ବୋଲି ସେ କହିଥିଲେ । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ବଭ୍ରୁବାହାନ ଭୋଇ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଶିକ୍ଷକମାନଙ୍କ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଜିଲା ଶାଖା ସାଧାରଣ ସମ୍ପାଦିକା ଝରଣା ହରିପାଲ ସୂଚନା ପ୍ରଦାନ ଦେଇଥିଲେ। ଧନକଉଡା ବ୍ଲକ ସଭାପତି ବି. ମେହେର ଓ ସାଧାରଣ ସମ୍ପାଦିକା ରଞ୍ଜୁରାଣୀ ପଟ୍ଟନାୟକ ଆଲୋଚନାରେ ଭାଗ ନେଇଥିଲେ ।

# ବେଦାନ୍ତ ଆଲୁମିନିୟମର ଜଳସେବା ଶିବିର

### ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଦକ୍ଷେପ

ସମ୍ବଲପୁର,୬।୫(ବ୍ୟୁରୋ)



ଜଳସେବା ଶିବିର ଉଦ୍‌ଘାଟନ କରାଯାଉଛି।

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି । ଜନସାଧାରଣ ଓ ପଥଚାରୀଙ୍କୁ ଜଳଦାନ କରିବା ପାଇଁ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜଳ ସେବା ଶିବିର ଶୁଭାରମ୍ଭ ହୋଇଛି। ଝାରସୁଗୁଡା ଭର୍କାମୁଣ୍ଡା ଗ୍ରାମ, ସରବାହାଲ ଛକ, ପ୍ରସନ୍ନ ପଣ୍ଡା ଛକ, ବଦହାଇମୁଣ୍ଡା ଛକ, ରେଳ ଷ୍ଟେଶନ ଓ ବସଷ୍ଟାଣ୍ଡରେ ଜଳ ଦାନ ଶିବିର ସ୍ଥାପନ କରାଯାଇଛି। ଝାରସୁଗୁଡାରେ ୧୧ ୱାର୍ଡର ୧୭ ସ୍ଥାନରେ ପାନୀୟଜଳ ଯୋଗାଇବା ପାଇଁ ଟ୍ୟାଙ୍କର ନିୟୋଜିତ ହୋଇଛି। ଟ୍ୟାଙ୍କର ଜରିଆରେ ପ୍ରାୟ ୨୫ ହଜାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯାଉଛି। ଏହାପୂର୍ବରୁ କମ୍ପାନୀ ପୋଖରୀ ତଥା ଅନ୍ୟାନ୍ୟ ଜଳସ୍ରୋତକୁ ସଫା କରିବା କାର୍ଯ୍ୟ କରିଛି। ଝାରସୁଗୁଡା ବେଦାନ୍ତ ଲିମିଟେଡର ସିଇଓ ସୁନୀଲ ଗୁପ୍ତା ଜଳ ସେବା ଆରମ୍ଭ କରି କହିଥିଲେ, ଜଳ ଆମ ପରିବେଶ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ଦକ୍ଷ ଜଳ ପରିଚାଳନା ମାଧ୍ୟମରେ ଝାରସୁଗୁଡାରେ ଏକ ସ୍ଥାୟୀ ଜଳ ପାଦଚିହ୍ନ ସୃଷ୍ଟି କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଝାରସୁଗୁଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡି ଯୋଗ ଦେଇ ବେଦାନ୍ତ ଆଲୁମିନିୟମ୍ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାରେ ସହଯୋଗ କରୁଛି ବୋଲି କହିଥିଲେ।

### ବେକରେ ରଶିଦେଇ ଯୁବକଙ୍କ ଆତ୍ମହତ୍ୟା

ଲାଠୋର, ୬।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ ଜାମତୁଆଁ ଗ୍ରାମର ଜଣେ ଯୁବକ ବେକରେ ରଶିଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମଳୟ ରଞ୍ଜନ ପଣ୍ଡା(୨୮)। କୌଣସି କାରଣକୁ ନେଇ କିଛିବର୍ଷ ହେଲା ମାନସିକ ଚାପରେ ଥିଲେ ମଳୟ। ଏପରିକି ଦୁଇ ଥର ସେ ଘରୁ କୁଆଡ଼େ ଚାଲି ଯାଇଥିଲେ। ପରବର୍ତ୍ତୀ ସମୟରେ ପୁଣି ଘରକୁ ଫେରିଥିଲେ ହେଁ ସବୁବେଳେ ଚୁପ୍‌ଚାପ ରହୁଥିଲେ। ଶୁକ୍ରବାର ରାତିରେ ଖାଇ ସରିଲା ପରେ ସାନଭାଇ ସୌମ୍ୟଙ୍କ ସହ ଶୋଇବାକୁ ଯାଇଥିଲେ। ବିଳମ୍ବିତ ରାତିରେ ପାଖରେ ଥିବା ବଡ଼ ବାପାଙ୍କ ଘରକୁ ଯାଇ ଭିତର ପଟୁ କବାଟ ବନ୍ଦ କରି ସିଲିଙ୍ଗ ଫ୍ୟାନରେ ରଶିଦେଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ଲାଠୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲା। ମଳୟଙ୍କ ବେକରେ ରଶିବନ୍ଧା ହୋଇଥିଲେ ହେଁ ସେ ଖଟରେ ଛିଡ଼ା ହେବା ଅବସ୍ଥାରେ ଥିବା ଦେଖାଯାଇଥିଲା। ଲାଠୋର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(୧/୨୩)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଲାଠୋର ଏସଆଇ ଜନାର୍ଦ୍ଦନ ମିର୍ଦ୍ଧା କହିଛନ୍ତି।

### ମିଳିନି ହରିଶ୍ଚନ୍ଦ୍ର ଯୋଜନା ସହାୟତା

ଲୋଇସିଂହା, ୬।୫(ଡି.ଏନ.ଏ)

ଶବଦାହ ପାଇଁ ସରକାର ହରିଶ୍ଚନ୍ଦ୍ର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନିକଟରେ ଏହି ସହାୟତା ରାଶିକୁ ବୃଦ୍ଧି କରାଯାଇଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତରେ ଏକ ମୃତକଙ୍କ ପରିବାର ବର୍ଗଙ୍କୁ ଏହି ସହାୟତା ରାଶି ମିଳି ନ ଥିବା ଅଭିଯୋଗ ହେଉଛି। ପଞ୍ଚାୟତ ଅଧୀନ କଦଳୀପାଲି ଗ୍ରାମର ମୃତା ସୁମିତ୍ରା ଡାଙ୍ଗ(୬୩)ଙ୍କ ପରିବାର ବର୍ଗଙ୍କୁ ୩ ମାସ ପରେ ମଧ୍ୟ ହରିଶ୍ଚନ୍ଦ୍ର ସହାୟତା ରାଶି ମିଳି ନାହିଁ।

# ଜିଲାସ୍ତରୀୟ ନାରଦ ଜୟନ୍ତୀ ପାଳିତ



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ନାକଟିଦେଉଳ,୬।୫(ଡି.ଏନ.ଏ.)

ଓୟୁଜେ ସମ୍ବଲପୁର ଜିଲା ଶାଖା ପକ୍ଷରୁ ନାକ୍ଟିଦେଉଳ ସ୍ନାତକ ମହାବିଦ୍ୟାଳୟଠାରେ ଶନିବାର ଶ୍ରେଷ୍ଠ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ସରୋଜ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ନାକ୍ଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଅଧିକାରୀ ଡା. ଅମୂଲ୍ୟ ରତ୍ନ ମହନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଉପସଭାପତି ସନ୍ତୋଷ ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାକ୍ଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଓଡିଆ ବିଭାଗ ଅଧାପିକା ପୁଷ୍ପାଞ୍ଜଳି ରବଣା ନାରଦଙ୍କ ସମ୍ପର୍କରେ ପୌରାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁ, ଅବସରପ୍ରାପ୍ତ ଅଧାପକ ଡ. ଦୀପେନ କୁମାର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ଓଡିଶା ସାମ୍ବାଦିକ ସଂଘ ରାଜ୍ୟ ଉପସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ସୁଧାଂଶୁ ଶେଖର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କାୟା କଳ୍ପ ପୁରସ୍କାର ପାଇଁ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ନାକ୍ଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଚିକିତ୍ସା ଅଧିକାରୀ ଡ. ମହନ୍ତଙ୍କୁ ସଂଘ ପକ୍ଷରୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦନଯାତ୍ରା ମହୋତ୍ସବ ଉଦ୍‌ଯାପିତ



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ମୁରିବାହାଲ, ୬।୫(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ସଦର ମହୁକୁମାର ଷ୍ଟେଶନପଡା, ଯମୁନା ଓ ବନବାହାଲ ଗ୍ରାମରେ ପାଞ୍ଚଦିନ ଧରି ଚାଲିଥିବା ଚନ୍ଦନ ଯାତ୍ରା ମହୋତ୍ସବ ବୁଦ୍ଧ ପୂର୍ଣ୍ଣିମାରେ ଉଦ୍‌ଯାପିତ ହୋଇଛି। ଏଥିସହ ବୈଶାଖ ବ୍ରତ ଶନିବାର ସମାପ୍ତ ହୋଇଯାଇଛି। ଏହି ମହୋତ୍ସବରେ ପ୍ରତିଦିନ ମହାଭାରତର ବିରାଟ ପର୍ବ ପୁରାଣ ପଠନ ସାଙ୍ଗକୁ ଗୁପ୍ତ ବନବାସ, କୀଚକ ବଧ, ଗୋଧନ ହରଣ, ଅଭିମନ୍ୟୁ ବିବାହ ଆଦି ପୌରାଣିକ କଥାବସ୍ତୁ ଉପରେ ନାଟକ ମଞ୍ଚସ୍ଥ ହୋଇଥିଲା। ଯମୁନା ଗ୍ରାମରେ ଗାନ୍ଧୀଲାଲ ମହାକୁର ଓ ପତ୍ନୀ ସୌରୀ ମହାକୁର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ହୃଦାନନ୍ଦ କର୍ଣ୍ଣ, ସୁଶୀଲ ମେର୍ଲି, ବ୍ରଜମୋହନ ମହାକୁର, ମଳିଆ ପଧାନ, ମାର୍କଣ୍ଡ ମହାକୁର, ଭିକାରୀ ପାତ୍ର, ପରମାନନ୍ଦ ମହାକୁର, ଉଦ୍ରାଧର ମହାକୁର, ନଟବର ମେର୍ଲି, ବୁଡୁ ଡାଙ୍ଗ, ଚୈତନ୍ୟ ଶିକାଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସେହିପରି ବନବାହାଲ ଗ୍ରାମରେ ରଘୁନାଥ ବେହେରା ଓ ତାଙ୍କ ପତ୍ନୀ ଚଞ୍ଚଳା ବେହେରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗୁଣନିଧି ପାଣିଗ୍ରାହୀ ଓ ସଦାଶିବ ଦାସ ପୂଜକ ଥିଲେ। ପୂଜା କମିଟି ସଭାପତି ସୁଧୀର ବେହେରା, ଉପସଭାପତି ଗୋପବନ୍ଧୁ ଭୋଇ, ସମ୍ପାଦକ ସୁରେଶ ଧରୁଆ ଓ କୋଷାଧକ୍ଷ ପରମାନନ୍ଦ କୁଅଁରଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ମୁରିବାହାଲ ଷ୍ଟେଶନପଡାରେ ଅନୁଷ୍ଠିତ ଦ୍ୱିତୀୟ ବର୍ଷ ଚନ୍ଦନ ଯାତ୍ରାରେ ଦନାର ସାହୁ ଓ ତାଙ୍କ ପତ୍ନୀ ଅହଲ୍ୟା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ଭୀମ ଭୋଇ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ସମ୍ବଲପୁର,୬।୫(ବ୍ୟୁରୋ)

ଭୀମ ଭୋଇ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଓ ସନ୍ଥ କବି ଭୀମ ଭୋଇ ଜୟନ୍ତୀ ପାଳିତ ହୋଇଯାଇଛି। ଭୀମ ଭୋଇ ନଗରସ୍ଥିତ ସଂସଦର ସଭାକକ୍ଷରେ ଉତ୍ସବ ହୋଇଥିଲା। ସଭାପତି ଡ. ନୌବିହାରୀ ପ୍ରଧାନ ଅଧକ୍ଷତା କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର ମୁଖ୍ୟଅତିଥି, ପ୍ରଫେସର କାଳିଦାସ ମିଶ୍ର ସମ୍ମାନିତ ଓ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ମୁଖ୍ୟବକ୍ତ ଭାବେ ଯୋଗଦେଇ ସନ୍ଥକବିଙ୍କ ସାହିତ୍ୟ ସୃଷ୍ଟି ଉପରେ ଆଲୋକପାତ କରିଥିଲେ। ପ୍ରକୃତରେ ସନ୍ଥକବି ଭୀମ ଭୋଇ ଆତ୍ମ ଚିନ୍ତନ କରି ନିରାକାରଙ୍କ ସତ୍ତା ପାଇଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆୟୁଷ ପ୍ରଧାନଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସାଧାରଣ ସମ୍ପାଦକ ସରୋଜ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସଭ୍ୟ ଅଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




ଉତ୍ସବରେ ଅତିଥିମାନେ।

# ଦିଲ୍ଲୀରେ ଆଇଆଇଏମ୍ ସମ୍ବଲପୁର ଶାଖା

### ଚାକିରିଆଙ୍କୁ ମିଳିବ ସୁବିଧା

ସମ୍ବଲପୁର,୬।୫(ବ୍ୟୁରୋ)




ଦିଲ୍ଲୀରେ ଆଇଆଇଏମ୍ ଶାଖା ଉଦ୍‌ଘାଟନ କରାଯାଉଛି।

ଦିଲ୍ଲୀ ବସନ୍ତପୁରଠାରେ ସମ୍ବଲପୁର ଆଇଆଇଏମ୍‌ର ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ଏଥିରେ ବିଶେଷକରି ଚାକିରିରେ ଥିବା ବ୍ୟକ୍ତି ଲାଭ ପାଇପାରିବେ। ଦେଶ ସହିତ ବିଦେଶର ଅଧାପକମାନେ ଶିକ୍ଷାଦାନ କରିବେ। ଏହି କ୍ୟାମ୍ପସରେ ଛାତ୍ର, ଉଦ୍ୟୋଗୀ ଓ ବୃତ୍ତିଗତମାନଙ୍କ ପାଇଁ ବିଶେଷ ଲାଭ ଦାୟକ ହେବ ବୋଲି ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି। ସେ ଆହୁରି କହିଥିଲେ, ନୂତନ ଦୁଇବର୍ଷର ହାଇବ୍ରିଡ୍ ପାଠ୍ୟକ୍ରମ ରହିଛି। ପ୍ରତି ସପ୍ତାହ ଶନିବାର ଓ ରବିବାର ଦୁଇଦିନ ଧରି କ୍ଲାସ ହେବ। ଅନ୍‌ଲାଇନ ଓ ଅଫ ଲାଇନରେ କ୍ଲାସ କରିବା ସୁବିଧା ରହିଛି। ବକ୍ତୃତା, ପ୍ରୋଜେକ୍ଟ କାର୍ଯ୍ୟ, ଟର୍ମ ପେପର, ରୋଲ୍ ପ୍ଲେ, ସେମିନାର ଉପସ୍ଥାପନା, ଆସାଇନ୍‌ମେଣ୍ଟ, ମ୍ୟାନେଜମେଣ୍ଟ ଗେମ୍ ମିଶ୍ରଣରେ ଶିକ୍ଷା ପ୍ରଦାନ କରାଯିବ। ଦେଶରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସମର୍ଥନ କରିବା ପାଇଁ ଆଇଆଇଏମ୍‌ର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କାର୍ଯ୍ୟନିର୍ବାହୀ ଏମ୍‌ବିଏ କାର୍ଯ୍ୟକ୍ରମ ଦେଶକୁ ଭବିଷ୍ୟତର ଅନେକ ନେତାଙ୍କୁ ବିଶ୍ୱ ଦୃଷ୍ଟିକୋଣ ଓ ସମସ୍ୟାର ସମାଧାନ ପାଇଁ ଗତିଶୀଳ ଆଭିମୁଖ୍ୟ ପ୍ରଦାନ କରିବ ବୋଲି ନିର୍ଦ୍ଦେଶକ ଜୟସ୍ୱାଲ କହିଥିଲେ ।




ଶ୍ୟାମ୍ ଷ୍ଟିଲ୍ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏ ମିଟ୍ ଆଣ୍ଡ ଗ୍ରୀଟ୍ ସେସନ'ର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଟାଟା ଆଇପିଏଲ୍ ୨୩ର ଅନ୍ୟତମ ପ୍ରମୁଖ ଦଳ ଲକ୍ଷ୍ନୌ ସୁପରଜାଏଣ୍ଟସ ରବି ବିଷ୍ଣୋଇ, କାଏଲ ମେୟର୍ସ, କୃନାଲ ପାଣ୍ଡ୍ୟା ଏବଂ ଆଭେଶ ଖାନ୍ ପ୍ରମୁଖ ଯୋଗଦେଇ ଉଭୟ ଶ୍ୟାମ୍ ଷ୍ଟିଲ୍ ଓ କମ୍ପାନୀ ଚ୍ୟାନେଲ ପାର୍ଟନରମାନଙ୍କ ସହ ଭାବ ବିନିମୟ କରୁଛନ୍ତି।

# ନାଏକାର ପିଙ୍କ୍ ସମର ସେଲ୍

**ନୂଆଦିଲ୍ଲୀ,୬।୫**

ଦେଶର ପ୍ରମୁଖ ଅନ୍‌ଲାଇନ ମଲ୍ଟି ବ୍ରାଣ୍ଡ୍ ନାଏକା ଫ୍ୟାଶନ ପକ୍ଷରୁ ପ୍ରଥମ ଥର ପାଇଁ ଏକ ଅଭିନବ ସେଲ୍ 'ପିଙ୍କ୍ ସମର ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହି ସେଲ୍ ଜରିଆରେ ଗ୍ରାହକମାନେ ୫ ଲକ୍ଷରୁ ଅଧିକ ଷ୍ଟାଇଲ୍ ଓ ୨୫୦୦ରୁ ଅଧିକ ଷ୍ଟାଇଲିଶ ବ୍ରାଣ୍ଡ୍ ମଧ୍ୟରୁ ପସନ୍ଦର ଜିନିଷ ଚୟନ କରିବା ସହ ୮୦% ପର୍ଯ୍ୟନ୍ତ ରିହାତି ମଧ୍ୟ ପାଇପାରିବେ। ଏପରିକି ପ୍ରଥମ ଥର ଶପିଙ୍ଗ୍ କରୁଥିବା ଗ୍ରାହକମାନଙ୍କୁ ୨୦୦ ଟଙ୍କାର ରିହାତି ମିଳିବ। ସେହିଭଳି ଗ୍ରାହକମାନଙ୍କ ଲାଗି ସକାଳ ୯ ଟାରେ ମେଗା ମର୍ନିଂ ଅଫର, ଅପରାହ୍ନ ୧ଟାରେ ମିଡ୍-ଡେ ପ୍ରାଇସ୍ ଡ୍ରପ୍ ଏବଂ ସନ୍ଧ୍ୟା ୬ଟାରେ ଲାଇଟିଂ ପ୍ଲସ୍ ଡିଲ୍ ଓ ରାତି ୧୦ଟାରେ ମିଡ୍‌ନାଇଟ୍ ବୋନାଞ୍ଜା ଅଫରର ସୁବିଧା ଦିଆଯାଉଛି। ଏହି ସେଲ୍‌ରେ ପୋଷାକ, ଫୁଟ୍‌ଓ୍ୱାର, ଆସେସୋରିଜ, ଲ୍ୟୁକ୍ସ, ପ୍ରଯୁକ୍ତି ଆଦିରେ ପ୍ରମୁଖ ବ୍ରାଣ୍ଡ୍ ଅନ୍ତର୍ଭୁକ୍ତ ରହିଛି। ସେହିପରି ବ୍ରାଣ୍ଡର ଗ୍ଲୋବାଲ ଷ୍ଟୋରରୁ ମହିଳା, ପୁରୁଷ ଓ ଶିଶୁଙ୍କ ପାଇଁ ବ୍ୟାପକ ଜିନିଷ କିଣିହେବ।

# ଲରେନ୍ସ ଆଣ୍ଡ ମାୟୋ ପକ୍ଷରୁ ସନ୍‌ଗ୍ଲାସ୍ ମେଳା

**ଭୁବନେଶ୍ୱର,୬।୫**

ଦେଶର ପ୍ରମୁଖ ଅପ୍ଟିକାଲ ବ୍ରାଣ୍ଡ୍ 'ଲରେନ୍ସ ଆଣ୍ଡ ମାୟୋ' ପକ୍ଷରୁ ସନ୍‌ଗ୍ଲାସ୍ ମେଳାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ମେଳା ୨୦୨୩ ମେ ୩୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ବ୍ରାଣ୍ଡ୍ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଲରେନ୍ସ ଆଣ୍ଡ ମାୟୋର ସମସ୍ତ ଷ୍ଟୋରରେ ଏହି ମେଳା ଜାରି ରହିଛି। ବିଶେଷକରି 'ଲରେନ୍ସ ଆଣ୍ଡ ମାୟୋ'ର ଏକ୍ସକ୍ଲୁସିଭ ଷ୍ଟୋରଗୁଡ଼ିକରେ ଏହି ମେଳାର ଆୟୋଜନ କରାଯାଇଛି। ସେହିଭଳି ବ୍ରାଣ୍ଡ୍‌ର ଭୁବନେଶ୍ୱର ଷ୍ଟୋର ଉଭୟ ବାଣୀବିହାର ଛକ ନିକଟସ୍ଥ ମେଟ୍ରୋ ହାଉସ ଏବଂ ଆମ୍ରି ହସ୍ପିଟାଲଠାରେ ଥିବା ଷ୍ଟୋରରେ ମଧ୍ୟ ସନ୍‌ଗ୍ଲାସ୍ ମେଳା ଜାରି ରହିଛି। ଏ ସମ୍ପର୍କରେ ବ୍ରାଣ୍ଡ୍‌ର ନିର୍ଦ୍ଦେଶକ ଅମିତାଭ ମେଣ୍ଡୋଜା କହିଥିଲେ, ଚଳିତ ବର୍ଷର ଗ୍ରୀଷ୍ମଋତୁ ଓ ଯୁବବର୍ଗଙ୍କ ଚାହିଦା ମୁତାବକ ବିଭିନ୍ନ ବ୍ରାଣ୍ଡ୍‌ର ସନ୍‌ଗ୍ଲାସ୍ ଓ ସ୍ମାର୍ଟ ଏବଂ ଡିଜାଇନ ଗ୍ଲାସ୍ ଆଦି ଉକ୍ତ ମେଳା ଜରିଆରେ ଉପଲବ୍ଧ କରାଉଛୁ। ସେହିଭଳି ବ୍ରାଣ୍ଡ୍‌ର ରିଟେଲ ହେଡ୍ ଇଣ୍ଡିଆ ଶୁବ୍ରମଣ୍ୟମ ହେଗେଡ୍ କହିଛନ୍ତି,




ବର୍ତ୍ତମାନ ସମୟର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ଏଭଳି ଏକ ମେଳାର ଆୟୋଜନ କରାଯାଇଛି। ସେହିଭଳି ବ୍ରାଣ୍ଡ୍‌ର ଭୁବନେଶ୍ୱର ଷ୍ଟୋର ଦ୍ୱୟରେ କାରେରା, ରେବେନ୍, ଟମି ହିଲ୍‌ଫିଗର, ସିଲୁଏଟ୍, ଭୋଗ୍, ଏମ୍ପୋରିଓ ଅରମାନି, ଓକଲି, ଏଲେ, ବୁର୍ବେରି, ମଣ୍ଟ ବ୍ଲାଙ୍କ ଭଳି ୫୦ରୁ ଅଧିକ ବ୍ରାଣ୍ଡ୍‌ର ଡିଜାଇନ ଚଷମା ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ବ୍ରାଣ୍ଡ୍‌ର ୨ୟ ଏକ୍ସକ୍ଲୁସିଭ ଷ୍ଟୋର ନିକଟରେ ବାଣୀବିହାର ଛକ ନିକଟସ୍ଥ ମେଟ୍ରୋ ହାଉସଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।

# ଗୋଲ୍ଡ କଏନ ଜିତିଲେ ଘଡ଼ି ଗ୍ରାହକ

**ନୂଆଦିଲ୍ଲୀ,୬।୫**

ଦେଶର ପ୍ରମୁଖ ଘରୋଇ ଡିଟରଜେଣ୍ଟ ଉତ୍ପାଦକ ଘଡ଼ି ପକ୍ଷରୁ ଆକର୍ଷଣୀୟ ଅଫର ' ଘଡ଼ି ମେ ସୁନା' ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ଅଫର ଜରିଆରେ ଏକ ଗୋଲ୍ଡ କଏନ ଘଡ଼ି ଗ୍ରାହକ ଜିତିଛନ୍ତି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ମକନପୁର ନିବାସୀ ଆଲୋକ ଗୁପ୍ତା କମ୍ପାନୀର ଉକ୍ତ ଅଫର ଜରିଆରେ ବିଜେତା ହେବାର ସୌଭାଗ୍ୟ ଲାଭ କରିଛନ୍ତି । ସେହିଭଳି ଉକ୍ତ ଅଫର ଜରିଆରେ ମଧ୍ୟ ଘଡ଼ି କେକ୍ ଓ ପେଟି ମଧ୍ୟରେ ଦିଆଯାଇଥିବା କୁପନ ସ୍କାନ୍ କରି ୨୦ ରୁ ୫୦୦ ଟଙ୍କା ଯାଏ ନଗଦ ରାଶି ଜିତିହେବ। ଏପରିକି ଗୁପ୍ତାଙ୍କ ଭଳି ସୁନା କଏନ ମଧ୍ୟ ଗ୍ରାହକ ଜିତିବାର ସୌଭାଗ୍ୟ ପାଇବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗୁପ୍ତା ବିତରକଙ୍କୁ ସ୍କାନ୍ ହୋଇଥିବା



କୁପନ ଦେଖାଇ ଏହି କଏନ ନେଇଛନ୍ତି। ଏହି କୁପନ ଦେଖି ପ୍ରେମ ନାରାୟଣ କହିଛନ୍ତି, ଷ୍ଟୋରରେ ଘଡ଼ି ଭଳି କେବଳ ସର୍ବୋତ୍ତମ ଉତ୍ପାଦ ପ୍ରଦାନ ଉପରେ ବିଶ୍ୱାସ ରଖୁଛୁ । ଷ୍ଟୋର ମାଲିକ ହେବା ସହ ଘଡ଼ିର ଉପଭୋକ୍ତା ହିସାବରେ ମଧ୍ୟ ପାୱାର କ୍ଲିନିଂ ଫର୍ମୁଲାର ଲାଭ ସମ୍ପର୍କରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି।

# 'ଦିବ୍ୟ ୱେଟ୍-ଗୋ'ରୁ ମୋଟାପଣ ମୁକ୍ତି ସମ୍ଭବ

**ନୂଆଦିଲ୍ଲୀ,୬।୫**

ବର୍ତ୍ତମାନ ସମୟରେ ମୋଟାପଣ ଏକ ବଡ଼ ସମସ୍ୟା ଭାବେ ସମାଜରେ ଉଭା ହୋଇଛି। ଉଲ୍ଲେଖଯୋଗ୍ୟ, ମୋଟା ହେବା ସହଜ କିନ୍ତୁ ତାହାକୁ କମାଇବା ଅତ୍ୟନ୍ତ କଠିନ ବ୍ୟାପାର। ଏପରିକି ମୋଟାପଣରୁ ମୁକ୍ତି ପାଇଁ ଆଚାର୍ଯ୍ୟ ବାଲକ୍ରିଷ୍ଣାଙ୍କ ନେତୃତ୍ୱରେ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ବୈଜ୍ଞାନିକମାନେ କଠିନ ପରିଶ୍ରମକରି ଏକ ମୂଲ୍ୟବାନ୍ ଆୟୁର୍ବେଦ ଔଷଧ 'ଦିବ୍ୟ ୱେଟ୍-ଗୋ' ନାମକ ଔଷଧ ପ୍ରସ୍ତୁତ କରିଛନ୍ତି। ଏହି ଔଷଧ ସମ୍ପୂର୍ଣ୍ଣ ଭାବେ ବୈଜ୍ଞାନିକ ମାନଦଣ୍ଡ ଅନୁଯାୟୀ ପ୍ରସ୍ତୁତି ହୋଇଥିବା ବେଳେ ନାନା ପରୀକ୍ଷା ନିରୀକ୍ଷା ମଧ୍ୟ କରାଯାଇଛି। ସେହିଭଳି ପତଞ୍ଜଳିର ଏହି ଗବେଷଣାଭିତ୍ତିକ ଔଷଧ ବିଶେଷକରି ମେଦବହୁଳତା ସମସ୍ୟାର ସାମ୍ନା କରୁଥିବା ଲୋକଙ୍କ ପାଇଁ ବରଦାନ ସଦୃଶ ବୋଲି ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ପକ୍ଷରୁ କୁହାଯାଇଛି।

PATANJALI®
Prakriti ka Aashirwad

ଏ ସମ୍ପର୍କରେ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନର ପ୍ରମୁଖ ଆଚାର୍ଯ୍ୟ ବାଲକ୍ରିଷ୍ଣା କହିଛନ୍ତି, ପ୍ରତିଦିନ ବ୍ୟାୟାମ ସହିତ 'ଦିବ୍ୟ ୱେଟ୍-ଗୋ'କୁ ସେବନକଲେ ବ୍ୟକ୍ତିଙ୍କର ମୋଟାପଣ ଅତିଶୀଘ୍ର କମିଥାଏ। ଶରୀର ଉପରେ ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ପଡ଼ି ନ ଥାଏ। ସେହିଭଳି ଜଣେ ବ୍ୟକ୍ତି ବିନା ବ୍ୟାୟାମରେ ମଧ୍ୟ 'ଦିବ୍ୟ ୱେଟ୍-ଗୋ' ନେଇପାରିବେ। ସେଥିରେ ମଧ୍ୟ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଉକ୍ତ ଔଷଧର ସେବନ ଠିକ୍ ଭାବେ କଲେ ବ୍ୟକ୍ତିର ଓଜନ କମିଥାଏ। ଅପରପକ୍ଷରେ ଉକ୍ତ ଔଷଧ ସେବନ ଫଳରେ ଓଜନ କମ୍ ହେବା ସହ କୋଲେଷ୍ଟରଲ, ଗ୍ଳୁକୋଜ, ସେନ୍‌ସିଟିଭିଟି ମଧ୍ୟ କମ୍ ହୋଇ ଇନ୍‌ସୁଲିନ୍ ରେଜିଷ୍ଟାନ୍ସ ବି ଠିକ୍ ହୋଇଯାଇଥାଏ। ଏହି ଅନୁସନ୍ଧାନ ଆମେରିକାର ବିଶ୍ୱ ପ୍ରସିଦ୍ଧ ରିସର୍ଚ୍ଚ ଜର୍ନାଲ 'ବାୟୋମେଡିସିନ୍ ଆଣ୍ଡ ଫାର୍ମାକୋଥେରାପି'ରେ ମଧ୍ୟ ପ୍ରକାଶିତ ହୋଇଥିବା ବାଲକ୍ରିଷ୍ଣା ମତପ୍ରକାଶ କରିଛନ୍ତି।

# ଅନ୍‌ଏକାଡେମିରେ ଯୋଗଦେଲେ ଅଭେଦ

**ନୂଆଦିଲ୍ଲୀ,୬।୫**

ଦେଶର ସର୍ବବୃହତ୍ ଲର୍ନି ପ୍ଲାଟ୍‌ଫର୍ମ ଅନ୍‌ଏକାଡେମିରେ ବରିଷ୍ଠ ଏବଂ ଅଭିଜ୍ଞ ୟୁପିଏସ୍‌ସି ଶିକ୍ଷାବିତ୍ ଅଭାଦ୍ ଓଝା ନିକଟରେ ଉପସଭାପତି ୟୁପିଏସ୍‌ସି ପରୀକ୍ଷା ଭାବେ ପ୍ଲାଟ୍‌ଫର୍ମରେ ଯୋଗଦେଇଛନ୍ତି। ଏପରିକି ନୂଆଦିଲ୍ଲୀର ଅନ୍‌ଏକାଡେମି ସେଣ୍ଟରଠାରେ ଅଭାଦ୍ ୟୁପିଏସ୍‌ସି ପାଇଁ ଶିକ୍ଷାଦାନ କରିବେ। ବିଶେଷକରି ଅନ୍‌ଲାଇନ କ୍ଲାସ୍‌ରେ ତାଙ୍କର କ୍ଲାସ୍ ମଧ୍ୟ ଲାଇଭ୍ ହେବ ବୋଲି ପ୍ଲାଟ୍‌ଫର୍ମ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ସେ ଅନ୍‌ଏକାଡେମି କେନ୍ଦ୍ର ଏବଂ ଅନ୍‌ଲାଇନ ଅନ୍‌ଏକାଡେମି ପ୍ଲାଟ୍‌ଫର୍ମରେ ୟୁପିଏସ୍‌ସି ଶିକ୍ଷାର୍ଥୀମାନଙ୍କୁ ଇତିହାସ ବିଷୟର ଶିକ୍ଷାଦାନ କରିବେ।

ଏ ସମ୍ପର୍କରେ ଅନ୍‌ଏକାଡେମିର ସିଓଓ ବିବେକ ସିହ୍ନା କହିଛନ୍ତି, ପ୍ରାୟ ୨ ଦଶନ୍ଧି ଧରି ଚାଲିଥିବା ଏକ ଏକାଡେମିକ୍ ଅଭିଜ୍ଞତା ସହ ଅଭାଦ୍ ୟୁପିଏସ୍‌ସି ଶିକ୍ଷାର୍ଥୀମାନଙ୍କୁ ତାଙ୍କର ଅଭିଜ୍ଞତା ଓ ପ୍ରତିଷ୍ଠିତ ପଦ୍ଧତି ଦ୍ୱାରା ଶିକ୍ଷା ପ୍ରଦାନ କରିବେ। ସେହିଭଳି ଅଭାଦ୍ କହିଥିଲେ, ଯେତେବେଳେ ପ୍ରତିଯୋଗିତା ଏହାର ସାମର୍ଥ୍ୟକୁ ପରୀକ୍ଷା କରିବା ପାଇଁ ଚେଷ୍ଟା କରିଥାଏ ସେତେବେଳେ ଶିକ୍ଷା ମନକୁ ମନ ଜାଗ୍ରତ ହୋଇଥାଏ। ମୁଁ ଆଶାକରେ ଉଭୟ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସେହି ଆଶା ବୃଦ୍ଧି କରିବାକୁ ମୁଁ ସମର୍ଥ ହେବି। ସୂଚନାଯୋଗ୍ୟ, ଅଭାଦ୍ ଓଝା ୫,୦୦,୦୦୦ ରୁ ଅଧିକ ୟୁପିଏସ୍‌ସି ଆଶାୟୀଙ୍କୁ ପରାମର୍ଶ ଦେଇଛନ୍ତି ଏବଂ ଶହ ଶହ ଆଶାୟୀଙ୍କୁ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତ କରିଛନ୍ତି। ଇତିହାସ ପ୍ରତି ତାଙ୍କର ଗଭୀର ଆଗ୍ରହ ତାଙ୍କୁ ସମସ୍ତ ସ୍ତରର ଶିକ୍ଷାର୍ଥୀମାନଙ୍କ ସହିତ ନିଜର ଜ୍ଞାନ ବାଣ୍ଟିବାକୁ ଉତ୍ସାହିତ କରିଛି। ଉଲ୍ଲେଖଯୋଗ୍ୟ, ଅଭାଦ୍‌ଙ୍କ ଦ୍ୱାରା ପରିଚାଳିତ ବ୍ୟାଚ୍ ମେ' ୧୫ରୁ ଅନ୍‌ଏକାଡେମି କେନ୍ଦ୍ର ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମ (ଅନ୍‌ଏକାଡେମି ଆପ୍ ଏବଂ ୱେବ୍‌ସାଇଟ୍) ରେ ଆରମ୍ଭ ହେବ।

## ଫୁରସତ୍

# ୨୫୪ ଦେଶର ପତାକା ଚିହ୍ନି ୱାର୍ଲ୍ଡ ରେକର୍ଡ

**କୁଆଲାଲମ୍ପୁର**

କୌଣସି ଦେଶ ପାଇଁ ତା' ରାଷ୍ଟ୍ରୀୟ ପତାକା ସବୁଠୁ ମୂଲ୍ୟବାନ ହୋଇଥାଏ, ଯାହା ଦ୍ୱାରା ସେ ପୂରା ବିଶ୍ୱରେ ପରିଚିତ ହୋଇଥାଏ। ଲୋକେ ସବୁ ସ୍ଥାନରେ ନିଜ ଦେଶର ପତାକାକୁ ଆଗରେ ଦେଖିବାକୁ ପସନ୍ଦ କରିବା ସହ ତାକୁ ସହଜରେ ଚିହ୍ନି ଦିଅନ୍ତି। ଏହାଛଡ଼ା କିଛି ଦେଶ ରହିଛି, ଯାହାର ପତାକା ଲୋକଙ୍କୁ ଜଣାଥିବ। ହେଲେ ମାଲେସିଆର ପେନାଙ୍ଗର ଜଣେ ୮ ବର୍ଷର ଝିଅ, ଯିଏକି ନିଜ ମୁଖରେ ପୂରା ବିଶ୍ୱରେ ଥିବା ସମସ୍ତ ଦେଶର ପତାକା ବାବଦରେ ସବିଶେଷ ଜ୍ଞାନ ରହିଛି। ସେ ନିକଟରେ ୨୫୦ରୁ ଅଧିକ ଦେଶର ପତାକାକୁ ଚିହ୍ନି ୱାର୍ଲ୍ଡ ରେକର୍ଡ




କରିଛନ୍ତି। ତାହା ପୁଣି ବହୁତ କମ୍ ସମୟରେ। ଅମ୍ରିଥା ମତିୱାନାନ୍ ୨୫୪ ଦେଶର ପତାକାକୁ ୪ ମିନିଟ୍ ୨୧ ସେକେଣ୍ଡରେ ଚିହ୍ନଟ କରି ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏହି ରେକର୍ଡକୁ କଲାମ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଛି। ଏହାଛଡ଼ା କାନାଡାର କିଡ୍‌ସ ୱାର୍ଲ୍ଡ ରେକର୍ଡ୍ସ, ଇଣ୍ଟରନ୍ୟାଶନାଲ ବୁକ୍‌ସ ଅଫ୍ ରେକର୍ଡ୍ସ, ଜ୍ୟାକି ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ ଆଦି ୩ ଅର୍ଗାନାଇଜେଶନରୁ ମଧ୍ୟ ତାଙ୍କୁ ସାର୍ଟିଫିକେଟ୍ ମିଳିଛି। ତାଙ୍କ ମା' କହିଛନ୍ତି, ଅମ୍ରିଥାଙ୍କୁ ଆଗରୁ ପତାକା ବିଷୟରେ ସେପରି କିଛି ଆଗ୍ରହ ନ ଥିଲା। ମାର୍ଚ୍ଚ ମାସରେ ସ୍କୁଲ ଛୁଟି ସମୟରେ ତାଙ୍କର ପତାକା ପ୍ରତି ଆଗ୍ରହ ବଢ଼ିଥିଲା। ସେ ସମସ୍ତ ଦେଶର ପତାକା ବିଷୟରେ ଜାଣିବାକୁ ଆରମ୍ଭ କଲେ ଏବଂ ଏପ୍ରିଲ ଶେଷ ଆଡ଼କୁ ୱାର୍ଲ୍ଡ ରେକର୍ଡ କଲେ। ଏବେ ଅମ୍ରିଥାଙ୍କୁ ଆହୁରି ଅନେକ ରେକର୍ଡ କରିବାକୁ ବାକି ଅଛି ବୋଲି ତାଙ୍କ ମା' କହିଛନ୍ତି।

# ସାମନ୍ଥାଙ୍କୁ ପ୍ରଶଂସା କଲେ ନାଗା

**ମୁମ୍ବାଇ**

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ଏବଂ ନାଗା ଚୈତନ୍ୟ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ପପୁଲାର କପଲ୍ ଭାବେ ପରିଚିତ। ହେଲେ ଦୁହେଁ ଅଲଗା ହେବା ପରେ ଏବେ ଉଭୟ ସେମାନଙ୍କ କ୍ୟାରିୟରକୁ ନେଇ ବ୍ୟସ୍ତ ରହୁଛନ୍ତି। ତେବେ ନିକଟରେ ନାଗା ଏକ ସାକ୍ଷାତକାରରେ ସାମନ୍ଥାଙ୍କ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି। ସେ କହିଛନ୍ତି, ସାମନ୍ଥା ଜଣେ ଭଲ ଏବଂ ସୁନ୍ଦର ମଣିଷ। ସେ ସମସ୍ତ ଖୁସି ପାଇବାକୁ ହକଦାର। ତେବେ ଦୁହିଁଙ୍କ ପ୍ରେମ ୨୦୧୦ରେ ଗୌତମ ବାସୁଦେବ ମେନନଙ୍କ ଫିଲ୍ମ 'ମାୟା ଚେସାବେ' ସମୟରୁ ଆରମ୍ଭ ହୋଇଥିଲା। ପରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇ ୨୦୨୧ରେ ସେମାନେ ଅଲଗା ହୋଇଯାଇଥିଲେ। ନାଗା ଏବେ ତାଙ୍କ ସାଉଥ୍ ଫିଲ୍ମକୁ ନେଇ ବ୍ୟସ୍ତ ଥିବାବେଳେ ସାମନ୍ଥା ବଲିଉଡ୍ ଏବଂ ଓଟିଟି ସ୍ପେସ୍‌ରେ ବ୍ୟସ୍ତ ରହିଛନ୍ତି।



ନାଗା ଚୈତନ୍ୟ

# ବିବାହ ନ କରି ଏକାଠି ୩୫ ବର୍ଷ



**ଲଣ୍ଡନ:** ସୋସିଆଲ ମିଡିଆରେ ବର୍ତ୍ତମାନ ୨ ବୟସାଧିକ କପଲଙ୍କ କାହାଣୀ ଚର୍ଚ୍ଚାରେ ରହିଛି। ଦୀର୍ଘ ୩୫ ବର୍ଷ ପରେ ସେମାନେ ଏବେ ବିବାହ କରିବାକୁ ଯାଉଛନ୍ତି। ପରିଣତ ବୟସରେ ବି ଦୁହିଁଙ୍କର ଭଲ ପାଇବା କେବେ କମିନି, ତାକୁ ଦର୍ଶାଇବାକୁ ଦୁହେଁ ବିବାହ କରିବେ। ନିକଟରେ ବ୍ରିଟେନର ୫୮ ବର୍ଷୀୟା ଗ୍ରାହମ ମାର୍ଟିନ ୬୦ ବର୍ଷୀୟ ଆଣ୍ଡ୍ରିଆ ମୁରେଙ୍କୁ ପ୍ରପୋଜ କରିଛନ୍ତି। ଦୁହେଁ ସ୍କଟଲାଣ୍ଡର ସମୁଦ୍ରକୂଳରେ ଚାଲୁଥିଲେ। ସେତେବେଳେ ଆଣ୍ଡ୍ରିଆଙ୍କ ସମ୍ମୁଖରେ ମାର୍ଟିନ ଆଣ୍ଠୁମାଡ଼ି ବସି ବିବାହ ପାଇଁ ପ୍ରପୋଜ କରିଥିଲେ। ତାଙ୍କ କଥାରେ ଆଣ୍ଡ୍ରିଆ ହଁ ଭରିବା ସହ ଭାବବିହ୍ୱଳ ହୋଇପଡିଥିଲେ। ପ୍ରକୃତରେ ଆଣ୍ଡ୍ରିଆଙ୍କୁ ମାର୍ଟିନ ଭଲ ପାଇବା ପରେ ମାର୍ଟିନ ବିବାହ ନ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁହେଁ ଦୁହିଁଙ୍କ ସହ ଏକାଠି ରହିବା ହିଁ ସେମାନଙ୍କ ପାଇଁ ଯଥେଷ୍ଟ ଭଲପାଇବା ବୋଲି ମାନିଥିଲେ। ହେଲେ ଉଭୟଙ୍କ ଏନ୍‌ଗେଜମେଣ୍ଟ ସରିଥିଲା। ବର୍ତ୍ତମାନ ସମୟରେ ତାଙ୍କ ପିଲାଙ୍କର ବି ପିଲା ହୋଇସାରିଲେଣି। କିନ୍ତୁ ଏବେ ମାର୍ଟିନ ତାଙ୍କ ମନ ବଦଳାଇଛନ୍ତି। ନାତି-ନାତୁଣୀ ଥିବା ମାର୍ଟିନ ଏବେ ଆଣ୍ଡ୍ରିଆଙ୍କୁ ବିବାହ କରିବାକୁ ରାଜି ହୋଇଛନ୍ତି। ତେବେ ୧୯୮୮ରେ ଦୁହିଁଙ୍କ ସମ୍ପର୍କ ଆରମ୍ଭ ହୋଇଥିଲା। ହେଲେ ୩୫ ବର୍ଷ ପରେ ମାର୍ଟିନଙ୍କ ମନରେ ପରିବର୍ତ୍ତନ ଦେଖି ଆଣ୍ଡ୍ରିଆଙ୍କୁ ଖୁବ୍ ଆଶ୍ଚର୍ଯ୍ୟ ଲାଗିଥିଲା। ମାର୍ଟିନଙ୍କ ଭିତରେ ଏବେ ବି ରୋମାନ୍ସ ଥିବା ଦେଖି ସେ ବହୁତ ଖୁସି ହୋଇଥିଲେ। ଆଣ୍ଡ୍ରିଆଙ୍କ ୮୮ ବର୍ଷୀୟା ବାପାଙ୍କ ମତାମତ ନେଇ ମାର୍ଟିନ ତାଙ୍କୁ ପ୍ରପୋଜ କରିଥିବା ସେ କହିଛନ୍ତି।

# ବାଥ୍‌ରୁମ୍ ଯିବାକୁ ଦେଖାଇବାକୁ ପଡ଼ିଲା ଆଇଡି କାର୍ଡ

**ୱାଶିଂଟନ**

ବାହାରକୁ ଯାଇଥିବାବେଳେ ଆମେ ସେଠାରେ ଥିବା ବାଥ୍‌ରୁମ୍‌କୁ ବ୍ୟବହାର କରୁ। ସେଥିରେ ଆମକୁ କାହାର ଅନୁମତି ନେବାକୁ ମଧ୍ୟ ପଡ଼ି ନ ଥାଏ। ହେଲେ ନିକଟରେ ଜଣେ ମହିଳାଙ୍କୁ ବାଥ୍‌ରୁମ୍ ଯିବାକୁ ତାଙ୍କ ଆଇଡି କାର୍ଡ ଦେଖାଇବାକୁ ପଡିଛି। ଏହା ଆଶ୍ଚର୍ଯ୍ୟକର କଥା ହୋଇଥିଲେ ବି ସତ। ରିପୋର୍ଟ ମୁତାବକ, ୱାଶିଂଟନର ୨୨ ବର୍ଷୀୟା ତାଙ୍କ ବୟଫ୍ରେଣ୍ଡଙ୍କ ସହିତ କୌଣସି ସ୍ଥାନକୁ ଯାଉଥିଲେ। ହେଲେ ବାଟରେ ସେ ବାଥ୍‌ରୁମ୍ ଯିବାକୁ ସୁପର ମାର୍କେଟ୍‌ରେ ଅଟକି ଥିଲେ। ମହିଳା ଦୋକାନର ଷ୍ଟାଫ୍‌ଙ୍କୁ ବାଥ୍‌ରୁମ୍‌ର କୋଡ୍ ପଚାରିବାରୁ ତାଙ୍କୁ ଆଇଡି କାର୍ଡ ମାଗିଥିଲେ। ଫଳରେ ବାଥ୍‌ରୁମ୍ ଯିବା ପାଇଁ ତାଙ୍କର ବୟସ ହୋଇଛି କି ନାହିଁ ତାହା ଜଣାପଡ଼ିବ। ପ୍ରକୃତରେ ସେହି ଷ୍ଟୋର ନିୟମ ଅନୁସାରେ, ଏକାଥରେ କେବଳ ୨୫ ଜଣଙ୍କୁ ହିଁ ସେଠାକୁ ଯିବାକୁ ଅନୁମତି ଥିଲା। ଯେଉଁଥିରେ କି ସେମାନଙ୍କ ଏଣ୍ଟ୍ରି ପାଇଁ ବୟସ ପଚରା ଯାଉଥିଲା। ପରେ ମହିଳା ଜଣକ ତାଙ୍କ ଆଇଡି କାର୍ଡ ଦେଖାଇବାରୁ ତାଙ୍କୁ ବାଥ୍‌ରୁମ୍ ଯିବାକୁ ଅନୁମତି ମିଳିଥିଲା। ଏହାକୁ ନେଇ ମହିଳା ଜଣକ ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଥିଲେ। ସେଥିରେ ଲେଖିଥିଲେ, ତାଙ୍କୁ ବର୍ତ୍ତମାନ ୨୨ ବର୍ଷ, ହେଲେ ବି ତାଙ୍କୁ ଆଇଡି କାର୍ଡ ଦେଖାଇବାକୁ ପଡିଲା। ଏହା ସେଠାକାର ନିୟମ ହେଲେ ମଧ୍ୟ ତାକୁ ଏତେ କଡ଼ା ଭାବେ ପାଳନ କରିବା ଉଚିତ ନୁହେଁ।

# ନବଜାତ ଶିଶୁକୁ ନୋଟ୍‌ରେ ସ୍ୱାଗତ

**ଲଣ୍ଡନ:** ସାଧାରଣତଃ ପରିବାରରେ ଶିଶୁ ଜନ୍ମ ହେଲେ ଖୁସିର ମାହୋଲ ଖେଳିଯାଏ। ଘରେ ଭୋଜିଭାତ ଆୟୋଜନ କରାଯିବା ସହ ମହୋତ୍ସବ ପାଳନ କରାଯାଏ। ନିକଟରେ ଜଣେ ଦମ୍ପତି ତାଙ୍କ ଛୁଆ ଜନ୍ମରେ ତାକୁ ଭିନ୍ନ ଧରଣରେ ସ୍ୱାଗତ କରିଛନ୍ତି, ଯାହା ବେଶ୍ ଭାଇରାଲ ହେବାରେ ଲାଗିଛି। ହେଲେ ଲୋକେ ଏଥିରେ ସେ ଦମ୍ପତିଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ରିଟେନର ଦମ୍ପତି ତାଙ୍କ ପିଲା ଜନ୍ମ ହେବା ପରେ ସେମାନେ ପିଲା ଉପରେ ୧୦୦ ଡଲାର ନୋଟ୍ ଗଦା କରିଦେଇଛନ୍ତି। ଯେଉଁଥିରେ କେବଳ ପିଲା ମୁହଁ ଦେଖାଯାଉଛି। ଏଥିରେ ଅନେକ ୟୁଜର୍ସ ପିଲା ପ୍ରତି ମା'-ବାପା ସତର୍କତା ଅବଲମ୍ବନ କରି ନ ଥିବା କହିଛନ୍ତି, ଯାହା ନବଜାତ ଶିଶୁ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ।

## ସଂକ୍ଷେପରେ

### ରେଡକ୍ରସ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ

ଅମରପାଲି,୬।୫(ଡି.ଏନ.ଏ.)- ସୁବର୍ଣ୍ଣପୁର ଜିଲ୍ଲା ଜୁନିୟର ରେଡକ୍ରସର ପରାମର୍ଶ କ୍ରମେ ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡକ୍ରସ ୟୁନିଟ ତରଫରୁ ମୁଖ୍ୟଛକଠାରେ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ରବିନ୍ଦ୍ର ପଶାୟତ ଏଥିରେ ଅତିଥି ଭାବେ ଯୋଗଦେଇ ରେଡକ୍ରସ କର୍ମୀଙ୍କୁ ଉତ୍ସାହିତ କରିଥିଲେ।

### ତେରେସିଂହାରେ ଆର୍ଥିକ ସାକ୍ଷରତା ଶିବିର

କର୍ଲାମୁଣ୍ଡା: ୬।୫( ଡି.ଏନ୍.ଏ) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମର ମିଶନ ଶକ୍ତି ଗୃହରେ ଆର୍ଥିକ ସାକ୍ଷରତା ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଥିଲା। ଉତ୍କଳ ଗ୍ରାମୀଣ ବ୍ୟାଙ୍କ ତେରେସିଂହା ଶାଖା ପକ୍ଷରୁ ଆୟୋଜିତ ଏହି ଶିବିରରେ ଶାଖା ପରିଚାଳକ ଦିନମଣି ନାୟକ ଯୋଗଦେଇ ବ୍ୟାଙ୍କର ବିଭିନ୍ନ ଯୋଜନା ଯଥା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନ୍‌ସନ ଇତ୍ୟାଦି ଯୋଜନା ସମ୍ପର୍କରେ ଉପସ୍ଥିତ ସଦସ୍ୟାଙ୍କୁ ଅବଗତ କରାଇଥିଲେ। ପଞ୍ଚାୟତସ୍ତରୀୟ ସଂଘ ସଭାନେତ୍ରୀ ପଦ୍ମିନୀ ବାଗ, ସିଆରପି ଜମ୍ବୁବତୀ ନାୟକ, ତେରେସିଂହା ଆଞ୍ଚଳିକ ମଞ୍ଚ ସମ୍ପାଦିକା ଭାଗ୍ୟବତୀ ବାଗ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ଭୀମ ଭୋଇ ଜୟନ୍ତୀ

ଭବାନୀପାଟଣା,୬।୫(ସ୍ୱ.ପ୍ର.): ବୈଶାଖ ତ୍ରୟୋଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଭବାନୀପାଟଣା ଗୋଦାମପଡ଼ା ମହିମା ଆଶ୍ରମରେ ବିଶ୍ୱଶାନ୍ତି ମହିମା ବ୍ରହ୍ମଯଜ୍ଞ ସହ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଠାଧିଶ ତଥା ମହିମା ଗାଦିଲତା ଆଶ୍ରମ ପରିଚାଳନା ସମିତି ସଭାପତି ବ୍ରହ୍ମ ଅବଧୂତ ଭଗବାନ ବାବା, କପିଳେନ୍ଦ୍ର ବାବା, କିଶୋର ଚନ୍ଦ୍ର ବାବା, ମଦନ ବାବା ଓ ସୁରେଶ ବାବାଙ୍କ ସମେତ ଅନେକ ସାଧୁ ସନ୍ଥ ବୈରାଗୀ ତଥା ଭକ୍ତ, ମାତା ପିତା ଓ ଜନସାଧାରଣ ଯୋଗଦେଇଥିଲେ। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଭକ୍ତ ଚରଣ ଦାସ ଯୋଗଦେଇ ଆଶ୍ରମ ବିକାଶ ଓ ଉନ୍ନତି ନିମନ୍ତେ ତାଙ୍କ ଚେଷ୍ଟା ଜାରି ରହିଥିବା ପ୍ରତିଶ୍ରୁତି ଦେଇଥିଲେ। ବିଶିଷ୍ଟ ଅତିଥି କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳ ସଚିବ ପିତାମ୍ବର ଭୋଇ ଯୋଗଦେଇ ଭୀମ ଭୋଇଙ୍କ ଜୀବନ ଦର୍ଶନ ଉପରେ କହିଥିଲେ। ମୁଖ୍ୟବକ୍ତାଭାବେ ବ୍ରହ୍ମ ଅବଧୂତ କପିଳେନ୍ଦ୍ର ବାବା ଯୋଗଦେଇ ମହିମା ଧର୍ମ ଓ ଭୀମ ଭୋଇଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝୀ, ବ୍ଲକ ଆଦିବାସୀ ସଂଘ ସଭାପତି ଶେଷଦେବ ମାଝୀ, ଉପସଭାପତି ଭୁବନେଶ୍ୱର ମାଝୀ, ନର୍ଲା ବ୍ଲକ ଆଦିବାସୀ ସଂଘ ହରିଶଙ୍କର ମାଝୀ, କନ୍ଧ ସାଂସ୍କୃତିକ ଗବେଷକ ମେଦିନୀ ଧର ମାଝୀ, ମନୋଜ ସାହୁ ଯୋଗଦେଇଥିଲେ। ବ୍ରହ୍ମ ଅବଧୂତ ଭଗବାନ ବାବାଙ୍କ ସଭାପତିତ୍ୱରେ ଆଶ୍ରମର ସର୍ବବିଧ ଉନ୍ନତି ପାଇଁ କାମନା କରିଥିଲେ।

# ଏକ ହୋଇ ଲଢ଼ିବାକୁ ଆହ୍ୱାନ

## ନବନିର୍ମାଣ କୃଷକ ସଂଗଠନର ଲୋକସମ୍ପର୍କ ଯାତ୍ରା

ସୋନପୁର,୬।୫(ନି.ପ୍ର.)


ଲୋକସମ୍ପର୍କ ଯାତ୍ରାରେ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ।

ସୁବର୍ଣ୍ଣପୁରରେ ନବନିର୍ମାଣ କୃଷକ ସଂଗଠନର ଲୋକସମ୍ପର୍କ ଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି । ସୋନପୁର ଏନଜିଓସିସି ସଭାଗୃହରେ ଏହି ଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଯୋଗଦାନ କରି ଆଜି ସବୁଠୁ ଅବହେଳିତ ବର୍ଗ କୃଷକ ବୋଲି କହିଥିଲେ। ଦୀର୍ଘ ୧୨ ବର୍ଷ ହେଲା ସଂଗଠନ ଚାଷୀଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ ଦାବିରେ ଓଡିଶାରେ ଜନଜାଗରଣ ସୃଷ୍ଟି କରି ଆସୁଛି । ମାତ୍ର ସରକାର ଏହି ଦାବି ପ୍ରତି ଅଣଦେଖା କରି ଆସୁଛନ୍ତି । ତେଣୁ ଜିଲାରେ ସକ୍ରିୟ ଥିବା ସମସ୍ତ କୃଷକ ସଂଗଠନଗୁଡିକ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ଏକତ୍ରିତ ହୋଇ ଲଢେଇ କରିବାକୁ ଅକ୍ଷୟ କୁମାର ଆହ୍ୱାନ ଦେଇଥିଲେ। ପବିତ୍ର ଅକ୍ଷୟ ତୃତୀୟାରୁ ପୁରୀରୁ ବାହାରି ଥିବା ଏହି ଲୋକସମ୍ପର୍କ ଯାତ୍ରା ୨୬ ନମ୍ବର ଜିଲା ଭାବେ ଶନିବାର ସୁବର୍ଣ୍ଣପୁରରେ ପହଞ୍ଚିଛି। ୮ ତାରିଖରେ ଭୁବନେଶ୍ୱରରେ ଏହି ଯାତ୍ରା ସମାପ୍ତ ହେବ ବୋଲି ସଂଗଠନର ରାଷ୍ଟ୍ରୀୟ ସଂଯୋଜକ କୁମାର କହିଥିଲେ। ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ ଚାଷୀ ଓ ସାଧାରଣ ଜନତାର ସ୍ୱରକୁ ମଜବୁତ କରିବା ପାଇଁ ରାଜ୍ୟରେ ଏକ ସଶକ୍ତ ଚାଷୀ ସରକାର ଆବଶ୍ୟକ । ଏଥିପାଇଁ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବାକୁ ପଡିବ । ସଂଗଠନର ପ୍ରାଥମିକ ମାର୍ଗଦର୍ଶନରେ ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ଓ ନ୍ୟାୟିକ ଆନ୍ଦୋଳନର ଅଗ୍ରଣୀ ସଂଗଠନଗୁଡିକୁ ନେଇ ଏହି ଯାତ୍ରା ଆରମ୍ଭ ହୋଇଥିବା ନନ୍ଦ କହିଥିଲେ । ରାଜ୍ୟ ସହ ସଂଯୋଜକ ନିମାଇଁ ରାୟ, ଉମାକାନ୍ତ ଭାରତ, ରଶ୍ମିରଞ୍ଜନ ସ୍ୱାଇଁ, ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନୱର ଅଲ୍ଲୀ, ସଂଗଠନର ରାଜ୍ୟ କମିଟି ସଦସ୍ୟ ଡ. କୁଳମଣି, ଦେବୀ ପ୍ରସାଦ ମହାରଣା, ସୁବର୍ଣ୍ଣପୁର ଜିଲାର ବରିଷ୍ଠ ଚାଷୀନେତା ରାଜେନ୍ଦ୍ର ମିଶ୍ର, ରାଜେନ୍ଦ୍ର ସା ଓ ବ୍ରଜ କୁମାର ବିଶି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁବର୍ଣ୍ଣପୁର ଜିଲାର ବିଭିନ୍ନ କୃଷକ ସଂଗଠନରୁ ଚାଷୀ ନେତା ବୈକୁଣ୍ଠନାଥ ଶତପଥୀ, ପ୍ରଦୀପ ସ୍ୱାଇଁ, ଦେବାଶିଷ ଦାସ, ରମେଶ ଦାସ, ସୁଧୀର ବଘାର ଓ ପୂର୍ଣ୍ଣ ଧଳ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଜିଲାର ଚାଷୀ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ମୌସମ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବ୍ଲକ କାର୍ଯ୍ୟାଳୟ ଘେରିଲେ ହିତାଧିକାରୀ

## ରାଶନ ଚାଉଳ ହଡ଼ପ ଅଭିଯୋଗ

ନୂଆପଡା ଅଫିସ, ୬।୫


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନୂଆପଡା ଜିଲ କୋମନା ବ୍ଲକ ଅନ୍ତର୍ଗତ ରଜନା ଓ ଆଗ୍ରେନ ପଞ୍ଚାୟତରେ ହିତାଧିକାରୀଙ୍କ ପିଡିଏସ୍ ଚାଉଳ ହଡପ ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ହିତାଧିକାରୀମାନେ ଶନିବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଗରିବ ସେନା ସଭାପତି ରବି ମଙ୍ଗରାଜଙ୍କ ନେତୃତ୍ୱରେ ଦୁଇ ପଞ୍ଚାୟତର ହିତାଧିକାରୀ କୋମନା ପୁରୁଣା ବ୍ଲକ ଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୫ଦଫା ସମ୍ବଳିତ ଦାବିପତ୍ର ବିଡିଓ ସୁଶାନ୍ତ ରଣାଙ୍କୁ ପ୍ରଦାନ କରିଥିଲେ। ପ୍ରମୁଖ ଦାବିଗୁଡିକ ମଧ୍ୟରେ ରଜନା ଓ ଆଗ୍ରେନ ପଞ୍ଚାୟତରେ ହଡପ ହୋଇଥିବା ୬ ମାସର ଚାଉଳ ଶୀଘ୍ର ପ୍ରଦାନ, ହଡପ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ହଡପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରିଥିବା ଶ୍ରମିକମାନଙ୍କୁ ଶୀଘ୍ର ପାଉଣା ପ୍ରଦାନ, ଯୋଗ୍ୟବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଘର ପ୍ରଦାନ, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ଘରେ ଯାଇ ଦେବାକୁ ଦାବି କରାଯାଇଛି। ବିଡିଓ ରଣା ଧାରଣାକାରୀଙ୍କୁ ଜିଲାପାଳ ସହିତ ଆଲୋଚନା କରି ତିନି ମାସର ଚାଉଳ ଶୀଘ୍ର ଦେବାର ବ୍ୟବସ୍ଥା କରାଯିବ ବୋଲି ଲିଖିତ ପତିଶ୍ରୁତି ଦେଲାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଧାରଣରେ ଗଦାଧର ମାଝି,ପ୍ରଭାସ ଚିନ୍ଦା, ସୁବାଷ ଟା, ସୁନ୍ଦର ଚିନ୍ଦା, ସାଗର କରୁଆ, ନାଥୁରାମ ମାଝି, ଦୁରେନ୍ଦ୍ର ରଣା, ଧରମ ରାଉତ, ସଦାନନ୍ଦ ଶଗରିଆ ପ୍ରମୁଖ ଉପସ୍ଥିତ ଥିଲେ ।

### ରେଢାଖୋଲ ସହରରୁ ୩୦ହଜାର ଲୁଟ୍

ରେଢାଖୋଲ,୬।୫(ଡି.ଏନ.ଏ.)

ରେଢାଖୋଲ ସହରରେ ଶନିବାର ଦିନ ଦ୍ୱିପ୍ରହରରେ ୨ଜଣ ଲୁଟେରା ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ୩୦ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ସୂଚନାକ୍ରମେ ଅପରାହ୍ନ ପ୍ରାୟ ୧ଟା ବେଳେ ଓଡ଼ିଶା ବନ ଉନ୍ନୟନ ନିଗମର ଅବସରପ୍ରାପ୍ତ କର୍ମଚାରୀ ନିରାକାର ପ୍ରଧାନ ରେଢାଖୋଲ ଏସ୍‌ବିଆଇ ଶାଖାରୁ ୩୦ହଜାର ଟଙ୍କା ଉଠାଇ ଜଣେ ସହଯୋଗୀଙ୍କ ସହ ବାଇକ୍ ଯୋଗେ ଆସୁଥିଲେ। ବସ୍‌ଷ୍ଟାଣ୍ଡ ନିକଟ ୟୁନିୟନ ବ୍ୟାଙ୍କ ସମ୍ମୁଖରେ ୨ଜଣ ଲୁଟେରା ଏକ ବାଇକ୍ ଯୋଗେ ଆସି ହଠାତ୍ ନିରାକାର ଧରିଥିବା ବ୍ୟାଗ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏ ନେଇ ନିରାକାର ରେଢାଖୋଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ୬ ମାସ ବିତିଲା, ଜବରଦଖଲ ଉଚ୍ଛେଦ ହେଉନି

ବାଉଁଶୁଣୀ,୬।୫(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀରେ ଜବରଦଖଲ ଉଚ୍ଛେଦ ଅଭିଯାନ ଅଧାରେ ଅଟକି ରହିଛି। ବୌଦ୍ଧ ଜିଲାପାଳ ସତ୍ୟରଞ୍ଜନ ସାହୁ ଗତ ଅକ୍ଟୋବର ୧୭ ତାରିଖରେ ଗୋଟିଏ ସପ୍ତାହ ମଧ୍ୟରେ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଏହି ସମୟ ମଧ୍ୟରେ ଚା’ ଦୋକାନ ଓ ଛୋଟ ଫଳ ଦୋକାନ କରି ପରିବାର ଚଳାଉଥିବା ଦୋକାନୀ ଜାଗା ଛାଡିଲେ । କିନ୍ତୁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସମୟ ଅବଧିର ୬ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ ପ୍ରଶାସନର ନିର୍ଦ୍ଦେଶକୁ ଫୁ କଲା ଭଳି ଜାଗା ଛାଡୁନାହାନ୍ତି ବଡବଡ଼ିଆ ଲୋକେ । ଗତ ଅକ୍ଟୋବର ୨୦ ତାରିଖରେ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସୁନାଙ୍କ ସହ ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ସାହୁ, ଗୁନ୍ଦୁଲିଆ ରାଜସ୍ୱ ନିରୀକ୍ଷକ ହାମିଦ ମଲ୍ଲିକ ଏବଂ ବାଉଁଶୁଣୀ ପୋଲିସର ଉପସ୍ଥିତିରେ ମାପ କରାଯାଇ ସରକାରୀ ସ୍ଥାନକୁ ଚିହ୍ନଟ କରି କାନ୍ଥଗୁଡିକରେ ଦିଆଯାଇଥିବା ନାଲିଗାରକୁ କେତେଜଣ ବଡ଼ବଡ଼ିଆ, ପ୍ରଭାବଶାଳୀ ଲୋକ ସିମେଣ୍ଟ ଘସି ଲିଭେଇ ଦେଇଥିବା ନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ହୋଇଥିଲା । ଏହାପରେ ଜିଲାପାଳ ସାହୁଙ୍କ ନିର୍ଦ୍ଦେଶ କ୍ରମେ ପୁଣି ଜବରଦଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମାଜିଷ୍ଟ୍ରେଟ ପାୱାରରେ ଥିବା ମନୋରଞ୍ଜନ ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ମହମ୍ମଦ ରଜା ରସୁଲ ଖାଁ, ବାଉଁଶୁଣୀ ରାଜସ୍ୱ ନିରୀକ୍ଷକ ସୁଜିତ ସାହୁ, ଗୁନ୍ଦୁଲିଆ ରାଜସ୍ୱ ନିରୀକ୍ଷକ ହମିତ ମଲିକ, ବାଉଁଶୁଣୀ ଥାନା ଅଧିକାରୀ ଅରୁଣ କୁମାର ସିଂହ ମନମୁଣ୍ଡା ପୋଲିସର ମିଳିତ ସହଯୋଗରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତ ସମ୍ମୁଖରେ ଜବରଦଖଲରେ ଥିବା ଘରଗୁଡିକୁ ବୁଲଡୋଜର ସାହାଯ୍ୟରେ ଭଙ୍ଗା ଆରମ୍ଭ ହୋଇଥିଲା। ହେଲେ ଏହା ଭଙ୍ଗା ହେବାର ଏକ ମାସ ବିତିଯାଇଥିଲେ ମଧ ବାଉଁଶୁଣୀରେ ଥିବା ଆହୁରି ଅନେକ ଜବରଦଖଲ ଗୃହ କାହିଁକି ଭଙ୍ଗା ଯାଉନାହିଁ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାସହିତ କେତେଜଣ ଅସାଧୁ ବ୍ୟକ୍ତି ସରକାରୀ କୂଅ ଉପରେ ଘର ତିଆରି କରି ରହୁଛନ୍ତି । ଏଥିରେ କୌଣସି ଅଦୃଶ୍ୟ ଶକ୍ତିର ହାତ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ଛୋଟ ଲୋକଙ୍କ ପାଇଁ ଆଇନ ଥିବା ବେଳେ ବଡବଡିଆଙ୍କୁ ଏହା କାଟୁ କରୁନାହିଁ। ଯେଉଁ ଛୋଟ ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି ସେମାନେ ଘୋର ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ସେମାନଙ୍କୁ ତୁରନ୍ତ ଥଇଥାନ କରାଯିବାର ଆବଶ୍ୟକତା ରହିଛି। ବୌଦ୍ଧ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଘର ଘର ବୁଲି ପଛୁଆବର୍ଗ ସର୍ଭେ କରିବାକୁ ଭାଜପାର ଦାବିପତ୍ର


ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କର୍ଲାମୁଣ୍ଡା: ୬।୫(ଡି.ଏନ୍.ଏ.)

ପଛୁଆବର୍ଗ ସର୍ଭେରେ କର୍ମଚାରୀମାନେ ଘରକୁ ଘର ନ ଯାଇ ସ୍ୱତନ୍ତ୍ର ଅଫିସ ଖୋଲି ତାଲିକା ପ୍ରସ୍ତୁତ କରୁଛନ୍ତି। ଏହା ଦ୍ୱାରା ରାଜ୍ୟରେ ଥିବା ୫୪ ପ୍ରତିଶତ ପଛୁଆବର୍ଗଙ୍କ ଠିକ ତଥ୍ୟ ମିଳିପାରିବ ନାହିଁ। ତେଣୁ ଘର ଘର ବୁଲି ଠିକ ଭାବେ ସର୍ଭେ କରାଯାଉ ବୋଲି ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଶନିବାର ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କର୍ଲାମୁଣ୍ଡା ବିଡିଓ ସୁଚରିତା ମୁଗ୍ରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ମଣ୍ଡଳ ସଭାପତି ସଞ୍ଜୟ ଜୈନ ଓ ଦଶରଥ ସାହୁ, ପ୍ରଭାରୀ ଘନଶ୍ୟାମ ଗହୀର, ଭାଜପା ନେତା ଅନିରୁଦ୍ଧ ପ୍ରଧାନ, ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ରଣା ଓ ଶିଶିର ସାହୁ, ମିଡିଆ ସେଲ ପ୍ରମୁଖ ବିସିକେଶନ ସେଠୀ, ନାରୀ ନେତ୍ରୀ ସୁଷମା ରଣା, ଜୟନ୍ତୀ ସାହୁ, ଗୋବିନ୍ଦ ସାହୁ, କ୍ଷମାସାଗର ରଣା, ରଶ୍ମିରଞ୍ଜନ ମିଶ୍ର, ଶୁଭ୍ରାଂଶୁ ସାହୁ ପ୍ରମୁଖ ସାମିଲ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ସିଲୁ ପ୍ରଧାନ


@ ସ୍ୱାଗତ ତ୍ରିପାଠୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବ୍ଲକସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା



ବୀରମହାରାଜପୁର ବ୍ଲକ ସଭାଗୃହରେ ମଞ୍ଚାସୀନ ଅଧିକାରୀ ।

## ମାନସିକ ରୋଗୀଙ୍କୁ ଚିହ୍ନଟ କରି ଚିକିତ୍ସା କରାଯିବ

ଅମରପାଲି,୬।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ବ୍ଲକସ୍ତରୀୟ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବେସିକ ନିଡସ ଇଣ୍ଡିଆ ଓ ଜିଲା ସ୍ୱାସ୍ଥ୍ୟ ସମିତି ସହାୟତାରେ ରେଆର ସୋନପୁର ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା । ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋତିଲାଲ ସୁଲିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବୀରମହାରାଜପୁର ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଗୋଷ୍ଠୀ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଫଳ ରୂପାୟନ ବିଷୟରେ ଆଲୋଚନା କରାଯାଇ ମାନସିକ ଅସୁସ୍ଥ ବ୍ୟକ୍ତି ଚିହ୍ନଟ, ସେମାନଙ୍କ ଚିକିତ୍ସା ଓ ଜୀବନ ଜୀବିକା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିରେ ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସ୍ୱାଇଁ, ବେସିକ ନିଡସ ଇଣ୍ଡିଆର ରାଜ୍ୟ ସଂଯୋଜକ ରାଜୀବ କର୍ମୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅଞ୍ଜୁଲତା ମିଶ୍ର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଜ୍ୟୋସ୍ନାମୟୀ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାଞ୍ଛାନିଧି ମିଶ୍ର, ବ୍ଲକ ସରପଞ୍ଚ ସଂଘ ସମ୍ପାଦକ ସୂର୍ଯ୍ୟ କୁମାର ନନ୍ଦ,ଉପଖଣ୍ଡ ଚିକିତ୍ସା ଅଧିକାରୀ ରବୀନ୍ଦ୍ର ବଡ଼ପଣ୍ଡା, ଓଡ଼ିଆ ଜୀବିକା ମିଶନର ମନୋଜ ସାହୁ, ଆଶା ସଭାପତି ଜୟନ୍ତୀ ପଣ୍ଡା, ନିଶା ନିବାରଣ କେନ୍ଦ୍ର ମାଟୁପାଲିର ସଂଯୋଜକ ବିନୋଦ ବେହେରା, ଶମ୍ଭୁନାଥ କର୍ଣ୍ଣ ଯୋଗଦେଇ ମତାମତ ଦେଇଥିଲେ । ଏହାଛଡା ସିୟା ପରିବାର ପକ୍ଷରୁ ଦୁର୍ଯ୍ୟୋଧନ ମେହେର, ଯୁଗଳ କିଶୋର ମିଶ୍ର, କିଶୋର ହୋତା, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଜ୍ଞାନଜିତ୍ ଶତପଥୀ, ଶିବ କର୍ମୀ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବିଶମ୍ଭର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରେଆର ପ୍ରତିନିଧି ମିତ୍ରଭାନୁ ମଲ୍ଲିକ, ସୁଦାମ ଗାଇଗରିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ତୃତୀୟ ପର୍ଯ୍ୟାୟରେ ସାମିଲ ହେଲା ୨୩ ଉଚ୍ଚ ବିଦ୍ୟାଳୟ

## ଆଭାସି ମାଧ୍ୟମରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ବୌଦ୍ଧ,୬।୫(ସ୍ୱ.ପ୍ର.)


୫ ଟି ସ୍କୁଲ ଲୋକାପର୍ଣ ଉତ୍ସବ ।

ବୌଦ୍ଧ ଜିଲାରେ ତୃତୀୟ ପର୍ଯ୍ୟାୟରେ ୨୩ ଗୋଟି ଉଚ୍ଚ ବିଦ୍ୟାଳୟ ୫ ଟି ମାଧ୍ୟମରେ ରୂପାନ୍ତରିତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶନିବାର ଦିନ ଲୋକାର୍ପଣ କରାଯାଇଛି। ଭିଡିଓ କନଫରେନ୍ସି (ଆଭାସି) ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସହିତ ୫ ଟି ସଚିବ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ତୃତୀୟ ପର୍ଯ୍ୟାୟରେ ଜିଲାର ୨୩ ହାଇସ୍କୁଲକୁ ସାମିଲ କରାଯାଇଛି ଏବଂ ୪ର୍ଥ ପର୍ଯ୍ୟାୟରେ ୬୨ ଉଚ୍ଚ ବିଦ୍ୟାଳୟକୁ ସାମିଲ କରାଯିବ ବୋଲି ସଚିବ କହିଥିଲେ। ହରଭଙ୍ଗା ବ୍ଲକ ଲୁଣିବାହାଲ ପଞ୍ଚାୟତ ବଡବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏଥିରେ ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ମୁଖ୍ୟଅତିଥି, କନ୍ଧମାଳ ବିଧାୟକ ମହିଧର ରଣା, ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ୫ ଟିର ସଫଳ ରୂପାୟନ ଦ୍ୱାରା ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷା, ସ୍ମାର୍ଟ କ୍ଲାସ, ଇ ଲାଇବ୍ରେରୀ, ଅତ୍ୟାଧୁନିକ ବିଜ୍ଞାନଗାର ସୁବିଧା ନିଜ ବିଦ୍ୟାଳୟରେ ପାଇ ପାରୁଛନ୍ତି । ସରକାର ଶିକ୍ଷା କ୍ଷେତ୍ରକୁ ଅଭିଭାବକଙ୍କ ପରି ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି ମନ୍ତ୍ରୀ ଅମାତ ବକ୍ତବ୍ୟରେ କହିଥିଲେ । ଦଧିବାମନ ଉଚ୍ଚ ବିଦ୍ୟାଳୟ ବାଦିକଟା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବହିରା, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ବୁଢ଼ିପଦର, ମୁଣ୍ଡାପଡା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଣ୍ଡିମାଳ, ଲାଲ ବାହାଦୂର ଉଚ୍ଚ ବିଦ୍ୟାପୀଠ ତିଳେଶ୍ୱର, ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ତଳଗାଁ, ନାରାୟଣ ଉଚ୍ଚ ବିଦ୍ୟାଳୟ ଛତ୍ରଙ୍ଗ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବନ୍ଧାପଥର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଡବନ୍ଧ, ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ ଦପଲା, ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଉମା, ଦଧିବାମନ ଉଚ୍ଚ ବିଦ୍ୟାଳୟ ରୁଣ୍ଡିମହୁଲ, ସରକାରୀ ଉଚ୍ଚ ବିଦ୍ୟାଳୟ ଯୋଗିନ୍ଦ୍ରପୁର, ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ସୁଣ୍ଡିପଦର, ମଥୁରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କେଳାକଟା, ରାଧାମାଧବ ଉଚ୍ଚ ବିଦ୍ୟାଳୟ ଲମ୍ବସରି, ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ଶଗଡା, ପଲ୍ଲୀ ବିକାଶ ଉଚ୍ଚ ବିଦ୍ୟାଳୟ ଲୁଣିବାହାଲ, ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ଜଗତି, ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସଙ୍କୁଲେଇ, ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ସାମ୍ପୋଚ, ଓଡିଶା ଆଦର୍ଶ ବିଦ୍ୟାଳୟ ତେତେଲେଙ୍ଗା ଆଦି ୨୩ ଟି ଉଚ୍ଚ ବିଦ୍ୟାଳୟ ଲୋକାର୍ପିତ ହୋଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ବ୍ଲକର ସମସ୍ତ ସରକାରୀ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଟ୍ରେନ୍‌ରେ ଯୁବକଙ୍କ ମୃତ୍ୟୁ

**ରାଉରକେଲା ଅଫିସ,୬।୫:** ।ଉରକେଲା ଜିଆରପି ପୋଲିସ ଟ୍ରେନରୁ ଜଣେ ଯୁବକଙ୍କ ମୃତଦେହକୁ ଜବତ କରିଛି। ମୃତ ଯୁବକ ବୋକାରୋ ଅଞ୍ଚଳର ଦୁରେଶ କୁମାର ସାଗର(୩୨) ବୋଲି ଜଣାପଡିଛି। ଏ ନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୪।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ବୋକାରୋ ରେଳ ଷ୍ଟେଶନରେ ଦୁରେଶ ସୁଇପର କାମ କରନ୍ତି। ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ପରିବାର ଲୋକଙ୍କ ସହ ଚିକିତ୍ସା ଲାଗି ସେ ଟାଟା-ଏଲେପି ଟ୍ରେନ ଯୋଗ ଶୁକ୍ରବାର ରାତିରେ ବିଶାଖାପାଟନା ଯାଉଥିଲେ। ରାଉରକେଲା ଷ୍ଟେଶନରେ ଟ୍ରେନ ପହଞ୍ଚିବା ପରେ ହଠାତ ତାଙ୍କର ମୃତ୍ୟୁ ହୋଇଥିଲା।

### ହାଇୱା ଧକ୍କାରେ ଡ୍ରାଇଭର ମୃତ

**ରାଉରକେଲା ଅଫିସ,୬।୫:** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଭାଲୁପତ୍ରା ଅଞ୍ଚଳରେ ଗାଡ଼ି ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରାଜକିଶୋର କୁମାର। ପୋଲିସ ଏ ନେଇ ଏକ ମାମଲା (ନଂ୧୦୨।୨୩) ରୁଜୁ କରି ହେଲପର ସଚିନ କୁମାର(୨୦)ଙ୍କୁ ଗିରଫ କରିଛି। ପୋଲିସ କହିବା ଅନୁଯାୟୀ, ଝାଡ଼ଖଣ୍ଡ ଅଞ୍ଚଳର ରାଜକିଶୋର ଡ୍ରାଇଭର ଭାବେ କାମ କରନ୍ତି। ଶୁକ୍ରବାର ସେ ସଚିନଙ୍କୁ ଧରି ଭାଲୁପତ୍ରା ଅଞ୍ଚଳରେ ଥିବା ବିପି ରୋଲିଂ ମିଲ୍‌କୁ ହାଇୱା (ନଂ.ଓଡି୧୪ଆର/୪୮୪୪) ଯୋଗେ ଲୁହା ରଡ୍ ଲୋଡିଂ କରିବା ପାଇଁ ଯାଇଥିଲେ। ରାତି ସାଢେ ୧୦ଟାରେ ମିଲ୍ ଭିତରେ ଗାଡି ପାର୍କିଂ କରି ରଡ୍ ଲୋଡିଂ କରୁଥିବା ବେଳେ ସଚିନ ଗାଡିକୁ ଚାଲୁ କରିଦେଇଥିଲେ। ରାଜିକିଶୋର ଗାଡି ସମ୍ମୁଖକୁ ଆସି ମନା କରୁଥିବା ବେଳେ ହାଇୱା ତାଙ୍କ ଉପରେ ଚଢିଯାଇଥିଲା । ସ୍ଥାନୀୟ ଲୋକେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହାଇୱା ଧକ୍କାରେ ବାଇକ୍ ଆରୋହୀ ମୃତ

**ଲହୁଣୀପଡ଼ା, ୬।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଗୁଢିଆଲି ଉଚ୍ଚ ବିଦ୍ୟାଳୟ ନିକଟରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ହାଇୱା ଓ ବାଇକ୍ ମୁହାଁମୁହିଁ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ମିଶରପାଲିରେ ଘର ଭଡା ନେଇ ରହୁଥିବା କୃଷ୍ଣ ବଗର୍ତ୍ତି(୩୬) ଓଡ଼ି ୧୪ଜେ -୨୩୬୬ ବାଇକ୍ ଯୋଗେ ବାଇପାସ ପଟୁ ରାଜାମୁଣ୍ଡା ପଟେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଲୁହାପଥର ବୋଝେଇ ହାଇୱା ଓଡ଼ି୧୯ କ୍ୟୁ - ୩୧୬୨ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କୃଷ୍ଣ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ଲହୁଣୀପଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଓ ହାଇୱାକୁ ଜବତ କରିଛି। ପୋଲିସ ମୃତଦେହ ଜବତ କରି ଶନିବାର ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ୨୫ ଜଳସାଥୀ ସମ୍ମାନିତ

## ଜଳକର ଆଦାୟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ

**ରାଉରକେଲା ଅଫିସ,୬।୫**

ରାଉରକେଲାରେ ଜଳକର ଆଦାୟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ମହିଳା ଜଳସାଥୀଙ୍କୁ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ରାଉରକେଲା ୱାଟ୍‌କୋ ଡିଭିଜନ ଜେନେରାଲ ମ୍ୟାନେଜର ଆଦିଲ ଅହମ୍ମଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାକାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ମୁଖ୍ୟଅତିଥି ରାଜ୍ୟରେ ଜଳକର ଆଦାୟରେ ରାଉରକେଲା ଜଳସାଥୀଙ୍କ ପ୍ରଦର୍ଶନ ସର୍ବଶ୍ରେଷ୍ଠ


ମୁଖ୍ୟ ଅତିଥି ଜଳସାଥୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ବୋଲି କହିଥିଲେ। ରାଉରକେଲା ସହରରେ ଜଳଜନିତ ସମସ୍ୟା ତଥା ଗଣ୍ଡଗୋଳ ଆଦିକୁ ଆଗଧାଡିରେ ରହି ମହିଳା ଜଳସାଥୀ ସମାଧାନ କରୁଛନ୍ତି। ସେମାନଙ୍କ ଏଭଳି ପ୍ରୟାସ ଆଗକୁ ବଳବତ୍ତର ରଖିବାକୁ ମୁଖ୍ୟ ଅତିଥି ଜଳସାଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାଉରକେଲା ୱାଟ୍‌କୋ ଡିଭିଜନ ଜେନେରାଲ ମ୍ୟାନେଜର ଅହମ୍ମଦ କହିଥିଲେ, ରାଉରକେଲାର ୩୦ହଜାର ଉପଭୋକ୍ତା ଜଳକର ପ୍ରଦାନ କରୁଛନ୍ତି। ଚଳିତ ଆର୍ଥିକ ବର୍ଷରେ ସର୍ବଶ୍ରେଷ୍ଠ ୭୮ଲକ୍ଷ ଟଙ୍କା ଜଳକର ଆଦାୟ ହୋଇଛି। ରାଉରକେଲାର ସବିତା ରଥ ଗତ ଏପ୍ରିଲ ମାସ ଶେଷ ସୁଦ୍ଧା ୧୦ଲକ୍ଷ ୪୭ହଜାର ୧୩୭ଟଙ୍କା ଜଳକର ଆଦାୟ କରି ରାଜ୍ୟରେ ସର୍ବଶ୍ରେଷ୍ଠ ଜଳସାଥୀ ହୋଇ ରାଉରକେଲାକୁ ଗର୍ବିତ କରିଥିବା ସେ କହିଥିଲେ। ସୁନ୍ଦରଗଡ ୱାଟ୍‌କୋ ଜିଏମ୍ ପ୍ରତାପ କେଶରୀ ମହାନ୍ତି, ରାଜଗାଙ୍ଗପୁର ପୌର ଅଧିକାରୀ ଗୋବିନ୍ଦ ଦଣ୍ଡସେନା, ବୀରମିତ୍ରପୁର ପୌର ଅଧିକାରୀ ସମୀର ଦାଶ, ଆରଏନ୍‌ବି ବିଭାଗ ଯନ୍ତ୍ରୀ ମନୋଜ ମହାନନ୍ଦିଆ, ପାନପୋଷ ୱାଟ୍‌କୋ ଉପନିବନ୍ଧକ ସୁବାଷ ଚନ୍ଦ୍ର ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶ୍ରୀକାନ୍ତ ଚୌଧୁରୀ ଓ ସିଟି ମିଶନ ପରିଚାଳକ ସନ୍ତୋଷ କୁମାର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ରାଉରକେଲା ୫ଜଣ ଜଳସାଥୀ ସବିତା ରଥ, ଲିଲି ଜେନା, ରାଜଶ୍ରୀ ମିଶ୍ର, ରଶ୍ମୀରେଖା ପାଣି ଓ ଲକ୍ଷ୍ମୀ ରାଉତଙ୍କ ସମେତ ୨୫ ଜଳସାଥୀଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ୱାଟ୍‌କୋ ଜେନେରାଲ ମ୍ୟାନେଜର ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ସିଲୁ


@ ସ୍ୱାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଯୋଗ କଲେ ଶିକ୍ଷକ

## ପ୍ରଧାନମନ୍ତ୍ରୀ କୁସୁମ ଯୋଜନାରେ ଠକେଇ

**ରାଉରକେଲା ଅଫିସ,୬।୫**

ପ୍ରଧାନମନ୍ତ୍ରୀ କୁସୁମ ଯୋଜନାରେ ଜଣେ ଶିକ୍ଷକଙ୍କଠାରୁ ୪୫ହଜାର ଟଙ୍କା ଠକେଇ ହୋଇଥିବା ଶନିବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ତଦନ୍ତ କରୁଥିବା ଜଣାପଡିଛି। ଅଭିଯୋଗ ଅନୁସାରେ, ବଣେଇ ସ୍ଥିତ ଟିକାୟତପାଲ୍ଲୀ ଥାନା ଅଞ୍ଚଳର ଶିକ୍ଷକ ଶ୍ୟାମସୁନ୍ଦର ବାନ୍ଦ୍ରା(୪୪) ଏକ ବୋରୱେଲ ପାଇଁ ଗତ ୨ତାରିଖରେ ସ୍ଥାନୀୟ ଅନଲାଇନ୍ କେନ୍ଦ୍ରରେ ପଞ୍ଜୀକରଣ କରିସାରିବା ପରେ ତାଙ୍କ ପାଖକୁ ଦିଲ୍ଲୀରୁ ଏକ ଫୋନ ଆସିଥିଲା। ଫୋନରେ କେହି ଜଣେ ମୁ ପ୍ରଧାନମନ୍ତ୍ରୀ କୁସୁମ ଯୋଜନା କାର୍ଯ୍ୟାଳୟରୁ କହୁଛି, ଆପଣଙ୍କ ବୋରୱେଲ ଅନୁମୋଦନ ହୋଇଯାଇଛି। ପଞ୍ଜୀକରଣ ପାଇଁ ୫ହଜାର ୬ଶହ ଟଙ୍କା ଲାଗିବ, ଶୀଘ୍ର ପଠାନ୍ତୁ କହି ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କର


ଥାନା ସମ୍ମୁଖରେ ଠକେଇର ଶିକାର ହୋଇଥିବା ଶ୍ୟାମସୁନ୍ଦର ।

ସଂଖ୍ୟା-୧୫୮୭୯୭୪୦୦୪୯୯ ପଠାଇଲେ। ପରେ ୨ଲକ୍ଷ ଟଙ୍କାର ପ୍ରୋଜେକ୍ଟରେ ୧୦ପ୍ରତିଶତ ରିହାତି ରହିଛି। ଏଣୁ ୧୦ପ୍ରତିଶତ ନଗଦ ରାଶି ସହ ୨୦ବର୍ଷର ଏଗ୍ରିମେଣ୍ଟ ପାଇଁ ଟଙ୍କା ଲାଗିବ। ତେଣୁ ତୁରନ୍ତ ଟଙ୍କା ପଠାନ୍ତୁ ବୋଲି ଉକ୍ତ ବ୍ୟକ୍ତି ଜଣଙ୍କ ଫୋନରେ ପୁଣି କହିଥିଲେ। ଶ୍ୟାମସୁନ୍ଦର ଉକ୍ତ ଆକାଉଣ୍ଟ ନମ୍ବରରେ ମୋଟ ୪୦ହଜାର ଟଙ୍କା ପଠାଇବା ପରେ ସେ ଆଉ ଫୋନ ରିସିଭ କରୁନାହାନ୍ତି। କି ପ୍ରଧାନମନ୍ତ୍ରୀ କୁସୁମ ଯୋଜନା ପୋର୍ଟାଲ ବି ଆଉ ଖୋଲୁନାହିଁ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ରାଉରକେଲା ସାଇବର ଥାନା ଆଇଆଇସି ସିରୋଫିନା ଖେସ ଠକାମୀକୁ ନେଇ ଟିକାୟତପାଲ୍ଲୀ ଥାନାରେ ଅଭିଯୋଗ କଲେ ତଦନ୍ତ କରାଯିବ ବୋଲି କହିଛନ୍ତି। ଶ୍ୟାମସୁନ୍ଦର ଟିକାୟତପାଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ରାଉରକେଲା ଅଫିସ,୬।୫**

ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନାଲାରୋଡ୍ ମହତାବରୋଡ ଅଞ୍ଚଳର ଏମ୍‌ଡି ଫେଜିଆନ ଆଲାମ(୨୪)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ଫେଜିଆନ ରାଉରକେଲା ଗୋପବନ୍ଧୁପାଲି ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ତାଙ୍କ ପରିବାର ଲୋକେ ୨୦୨୨ ମାର୍ଚ୍ଚ ୨୪ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୯୨।୨୧) ରୁଜୁ କରି ଘଟଣା ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଶନିବାର ରାଜଗାଙ୍ଗପୁରରୁ ଗିରଫ କରିଥିଲା।

### ଅଷ୍ଟପ୍ରହର ନାମଯଜ୍ଞ

**ଲହୁଣୀପଡ଼ା, ୬।୫(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁରୁ ଗ୍ରାମରେ ବୁଦ୍ଧ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଅପରାହ୍ନରେ ଗ୍ରାମର ମହିଳାମାନେ ବ୍ରାହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ଧରି ଯଜ୍ଞସ୍ଥଳରେ ସ୍ଥାପନ କରିବା ପରେ ଯଜ୍ଞ ହୋଇଥିଲା। ଶୁକ୍ରବାର ନାମଯଜ୍ଞ କରାଯାଇଥିବାବେଳେ ଶନିବାର ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ନାମଯଜ୍ଞରେ ଗମଲେଇ, ସୁଆରପାଲି, ଗଦାପାଲି, କେନାପାଲି, ରାଜାମୁଣ୍ଡ, ଲହୁଣୀପଡା, ଦର୍ଜାଂ ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ଏଥିରେ ଡିଲେଶ୍ୱର ମାହାନ୍ତ, ବିବେକାନନ୍ଦ ମାହାନ୍ତ, କବିଚନ୍ଦ୍ର ମାହାନ୍ତ, ଚିକେଶ୍ୱର ମାହାନ୍ତ ଓ ତାଙ୍କ ସହ ଧର୍ମିଣୀମାନେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବୀରେନ୍ଦ୍ର ପତି ପୂଜାର୍ଚ୍ଚନା କରିଥିଲେ। ରାଜକିଶୋର ମାହାନ୍ତ, କିଶୋର ଚନ୍ଦ୍ର ମାହାନ୍ତ, ଶାନ୍ତନୁ ମାହାନ୍ତ, ସୁମନ୍ତ ସାହୁ, ହରିହର ମାହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଣ୍ଟେଳ ସେବା ସମିତିରେ ଋଣ ବିତରଣ କାର୍ଯ୍ୟକ୍ରମ


ଚାଷୀଙ୍କୁ ଋଣ ପ୍ରଦାନ କରାଯାଉଛି।

**ଦେବଗଡ଼, ୬।୫(ଡି.ଏନ୍.ଏ.)**

୨୦୨୩ ଖରିଫ ଋତୁରେ ଧାନ ଚାଷ ପାଇଁ ବାରକୋଟ ବ୍ଲକ କଣ୍ଟେଳ ସେବା ସମବାୟ ସମିତି କାର୍ଯ୍ୟାଳୟରେ ଶନିବାର ଏକ ଋଣ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୮ ଚାଷୀଙ୍କୁ ଋଣ ପ୍ରଦାନ କରାଯାଇଛି। କଣ୍ଟେଳ ସେବା ସମବାୟ ସମିତିର ସଭାପତି ତଥା ବାରକୋଟ ବ୍ଲକର ପୂର୍ବତନ ଅଧକ୍ଷ ଦେବେନ୍ଦ୍ର କୁମାର ବେହେରା କଣ୍ଟେଳ ସେବା ସମିତି ଅଧିନରେ ପଞ୍ଜିକୃତ ହୋଇଥିବା ବିଭିନ୍ନ ଗ୍ରାମର ଉପରୋକ୍ତ ୩୮ଚାଷୀଙ୍କୁ କୃଷି ଋଣ ବାବଦକୁ ମୋଟ ୩୨ଲକ୍ଷ ୫୫ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟେଳ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରସନ୍ନ କୁମାର ନାୟକ, କଣ୍ଟେଳ ସେବା ସମିତିର ସମ୍ପାଦକ ରମେଶ ଚନ୍ଦ୍ର କୁଣ୍ଡ ଓ କର୍ମଚାରୀ ଧିରେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାବଲମ୍ବୀ ଭାରତ ଅଭିଯାନ ଆଲୋଚନାଚକ୍ର



ସ୍ୱାବଲମ୍ବୀ ଭାରତ ଅଭିଯାନ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା ଅଫିସ,୬।୫**

ସ୍ୱଦେଶୀ ଜାଗରଣ ମଞ୍ଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନର ମିଳିତ ଆନୁକୂଲ୍ୟରେ ଶନିବାର ରାଉରକେଲା ଅଗ୍ରସେନ ଭବନରେ ଏକ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପଶ୍ଚିମ ଓଡ଼ିଶାର ୧୪ ଜିଲାର ୧୫୦ଜଣ ପ୍ରତିନିଧି ସାମିଲ ହୋଇ ସ୍ୱଦେଶୀ ସ୍ୱରୋଜଗାର ବିଷୟରେ ଜ୍ଞାନ ଆହରଣ କରିଥିଲେ। ଅଖିଳ ଭାରତୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସେବା ପ୍ରମୁଖ ଦୀପକ ରାଉତ କର୍ମଶାଳା ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ପ୍ରାନ୍ତ ସମନ୍ୱୟକ ପ୍ରଭାସ ପାଣିଗ୍ରାହୀ ପୂର୍ବ କାର୍ଯ୍ୟ ବିବରଣୀ ଉପସ୍ଥାପନ କରିଥିଲେ। କ୍ଷେତ୍ର-ସମନ୍ୱୟକ ଶାରଦା ପ୍ରସାଦ ଶତପଥୀ ଜିଲା ସ୍ୱରୋଜଗାର କେନ୍ଦ୍ର କାର୍ଯ୍ୟ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ଖଦୀ ଓ ଗ୍ରାମୋଦ୍ୟୋଗ ପୂର୍ବ କ୍ଷେତ୍ରର ଅଧକ୍ଷ ମନୋଜ ସିଂ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଦିଗ୍‌ଦର୍ଶନ ଦେଇଥିଲେ। ଓର୍‌ମାସ୍‌ର ପୂର୍ବ ନିର୍ଦ୍ଦେଶିକା ସଂଘମିତ୍ରା ନାୟକ ଦକ୍ଷ ଓ ଦକ୍ଷତା ପ୍ରକଳ୍ପ ସମ୍ବନ୍ଧରେ ତଥ୍ୟ ଦେଇଥିଲେ। ଜୈବିକ କୃଷି ଓ ଗ୍ରାମ୍ୟ ବିକାଶ ସମ୍ବନ୍ଧରେ ପି. କବିନ୍ଦ୍ର ପାତ୍ର ଏବଂ ଟ୍ରାଇଫେଡ୍‌ର ନିର୍ଦ୍ଦେଶକ ଆଦିବାସୀ ଉତ୍ପାଦର ବାଣିଜ୍ୟକରଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଏନ୍‌ଏସ୍‌ଆରସିର ପ୍ରବନ୍ଧକ ଦୁର୍ଗାମାଧବ ନାୟକ ବିଭିନ୍ନ ଉତ୍କୃଷ୍ଟ ଉଦ୍ୟୋଗିକ ପ୍ରଶିକ୍ଷଣ ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ପ୍ରାନ୍ତ ସଂଯୋଜକ ମନୋରଞ୍ଜନ ରାଉତରାୟ, ରବିନ୍ଦ୍ର ମିଶ୍ର, ବିରଞ୍ଚି ନାରାୟଣ ପଣ୍ଡା ଏବଂ ଅନୀତା ମେହେରା ପରିଚାଳନା କାର୍ଯ୍ୟକ୍ରମ କରିଥିଲେ।

## ଆର୍‌ଏସ୍‌ପି ଅଧିକାରୀଙ୍କ ପାଇଁ ଏକଦିବସୀୟ ସମର୍ଥ କର୍ମଶାଳା

**ରାଉରକେଲା ଅଫିସ,୬।୫**

ଆର୍‌ଏସ୍‌ପିରେ ସଂସ୍ଥାଗତ ପ୍ରସଙ୍ଗ ଏବଂ କଣ୍ଟ୍ରାକ୍ଟ ପ୍ରବନ୍ଧନରେ ପ୍ରଭାବଶାଳୀ ନିଷ୍ପତ୍ତି ଗ୍ରହଣ ସୁଗମ ନିମନ୍ତେ ଶୁକ୍ରବାର ଏଚ୍‌ଆରଡି କେନ୍ଦ୍ରରେ ଅଧିକାରୀଙ୍କ ପାଇଁ ଏକଦିବସୀୟ ସମର୍ଥ କର୍ମଶାଳା ଆୟୋଜିତ ହୋଇଯାଇଛି। ଉଦ୍‌ଯାପନୀ ଅଧିବେଶନରେ ଆର୍‌ଏମ୍‌ଏଚ୍‌ପି ବିଭାଗର ସିଜିଏମ ଏସ୍. ଏସ୍. ରାୟ ଚୌଧୁରୀ ଅଧକ୍ଷତା କରିଥିଲେ। ଏହି ଅବସରରେ ଏଚ୍‌ଆର୍‌ଡି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଓ କଣ୍ଟ୍ରାକ୍ଟ ସେଲ ୱାର୍କ ବିଭାଗର ଜିଏମ୍ ଇନ୍‌ଚାର୍ଜ ଦେବଦତ୍ତ ଶତପଥି ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ବିଭାଗର ୫୭ଜଣ ଅଧିକାରୀ ଯୋଗ ଦେଇଥିଲେ। କର୍ମଶାଳାରେ ଅଂଶଗ୍ରହଣକାରୀଙ୍କୁ ବିଭିନ୍ନ ମହତ୍ୱପୂର୍ଣ୍ଣ ବିଷୟାବଳୀ ଯଥା କଣ୍ଟ୍ରାକ୍ଟ ସେଲ୍ ଆକାଂକ୍ଷା ଓ ସାଧାରଣ ଅସୁବିଧା, ଠିକା ଶ୍ରମିକଙ୍କ ସମ୍ବନ୍ଧୀୟ ବିଭିନ୍ନ ବିଧିଗତ ନିୟମ ଅନୁପାଳନ ଯେପରି ମୁଖ୍ୟ ନିଯୁକ୍ତିଦାତା କିମ୍ବା ସେମାନଙ୍କ ପ୍ରତିନିଧିମାନଙ୍କ ଦାୟିତ୍ୱ ଓ ଭୂମିକା, ବିଧି ବ୍ୟବସ୍ଥା ଓ ଏହାର ଅନୁକରଣ ଆଦି ଆର୍ଥିକ ଦୃଷ୍ଟିକୋଣ ମଧ୍ୟରେ ବଜେଟ୍ ପ୍ରଭେଦ ଏବଂ ଠିକ ବଜେଟ ଆବଣ୍ଟନ ଓ ବିତରଣ ପାଇଁ ଅପରେଟିଂ କର୍ତ୍ତୃପକ୍ଷ, ସାଧାରଣ ଆର୍ଥିକ ଅସୁବିଧା ଏବଂ ବିଲ୍ ପ୍ରକ୍ରିୟାକରଣ, ଭିଜିଲାନ୍ସ ଦୃଷ୍ଟିକୋଣ ଉପରେ ଅଧିକ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି କର୍ମଶାଳାରେ ରିସୋର୍ସ ପର୍ସନ ଭାବେ ଅର୍ଥ ବିଭାଗର ଜିଏମ୍ ଅଶ୍ୱିନୀ କୁମାର ସାହୁ, ସିସିଡବ୍ଲ୍ୟୁ ବିଭାଗର ଏଜିଏମ୍ ପି. ଭି. ରାଓ, ଭିଜିଲାନ୍ସ ବିଭାଗର ଏଜିଏମ ସନ୍ଦୀପ ବଂଶଲ ଓ କାର୍ମିକ ସିଏଲସି ବିଭାଗର ସିନିୟର ମ୍ୟାନେଜର ଅବିନାଶ ଯୋଗ ଦେଇଥିଲେ। ଏଚ୍‌ଆର୍‌ଡି ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଅନ୍ନପୂର୍ଣ୍ଣା ବେହେରା ଓ ଓସିଟି ଡି. ପୂରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


କର୍ମଶାଳାରେ ମଞ୍ଚାସୀନ ଅତିଥିଗଣ।

## ସଡ଼କ ସୁରକ୍ଷାକୁ ସୁନିଶ୍ଚିତ କରିବ ଆର୍‌ଏଲ୍‌ଭିଡି ସିଷ୍ଟମ

**ରାଉରକେଲା ଅଫିସ,୬।୫**

ଆରଏସପି ପରିସରରେ ସଡକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ନୂତନ ପ୍ରଯୁକ୍ତି କୌଶଳଯୁକ୍ତ ପଦକ୍ଷେପ ସ୍ୱରୂପ ଇଡି (ୱାର୍କସ) ବିଲ୍ଡିଂ ନିକଟ ଚତୁଃ ରୋଡ୍ କ୍ରସିଂରେ ଶୁକ୍ରବାର ଏକ ଅତ୍ୟାଧୁନିକ ରେଡ୍ ଲାଇଟ ଉଲ୍ଲଂଘନ ଚିହ୍ନଟ (ଆର୍‌ଏଲ୍‌ଭିଡି) ସିଷ୍ଟମ ଉଦ୍‌ଘାଟିତ ହୋଇଛି। ଏହାକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେବା ବିଭାଗର ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ, ସିଜିଏମ (ଷ୍ଟିଲ) ରାମକୃଷ୍ଣ ପାତ୍ର, ଡିଜାଇନ ଓ ଶପ୍‌ସ ବିଭାଗର ସିଜିଏମ ରବି ରଞ୍ଜନ, ଇଲେକ୍ଟ୍ରିକାଲ ବିଭାଗର ସିଜିଏମ ଏମ୍. କେ. ମହାନ୍ତି, ଇନଷ୍ଟ୍ରୁମେଣ୍ଟେଶନ ଓ ଅଟୋମେଶନ ବିଭାଗର ସିଜିଏମ ସୁଦୀପ ପାଲ ଚୌଧୁରୀଙ୍କ ସମେତ ଅଟୋମେଶନ, ସଞ୍ଚାର ଏବଂ ସୁରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ନୂତନ ପ୍ରଯୁକ୍ତିବିଦ୍ୟା ସଡ଼କ ସୁରକ୍ଷାରେ ଉନ୍ନତି ସାଧନ ତଥା କାରଖାନା



ଆର୍‌ଏସ୍‌ପିରେ ନୂତନ ସିଷ୍ଟମକୁ ଉଦ୍‌ଘାଟନ କରାଯାଉଛି।

ମଧ୍ୟରେ ଥିବା ବ୍ୟସ୍ତବହୁଳ ଛକ ମଧ୍ୟରେ ଟ୍ରାଫିକ ଉଲ୍ଲଂଘନକୁ ହ୍ରାସ କରିବାରେ ସହାୟକ ହେବ। ଏହି ପ୍ରଣାଳୀ ହେଉଛି ଏକ ଉନ୍ନତ ଟ୍ରାଫିକ ମନିଟରିଂ ସିଷ୍ଟମ ଯାହା ଇଡି (ୱାର୍କସ) ବିଲ୍ଡିଂ କ୍ରସିଂର ରେଡ୍ ଲାଇଟ୍ ଉଲ୍ଲଂଘନ କରୁଥିବା ଯାନଗୁଡିକୁ ଚିହ୍ନଟ କରିବା ନିମନ୍ତେ ହାଇ ରିଜୋଲେଶନ କ୍ୟାମେରା ଏବଂ ସେନ୍‌ସର ବ୍ୟବହାର କରୁଛି। ଯାନବାହାନର ଲାଇସେନ୍ସ ପ୍ଲେଟକୁ କ୍ୟାପ୍‌ଚର କରିବା ଏବଂ ଗାଡିର ପଞ୍ଜୀକୃତ ମାଲିକଙ୍କୁ ସ୍ୱୟଂଚାଳିତ ଭାବେ ଚିହ୍ନଟ କରିବା ପାଇଁ ଏହି ସିଷ୍ଟମକୁ ଡିଜାଇନ କରାଯାଇଛି। ଏହାର ପ୍ରଭାବ ଏବଂ ନିର୍ଭରଯୋଗ୍ୟତା ନିଶ୍ଚିତ କରିବାକୁ ଏହି ବ୍ୟବସ୍ଥାକୁ କଠୋର ରୂପେ ପରୀକ୍ଷଣ କରାଯାଉଛି। ଉକ୍ତ ବ୍ୟବସ୍ଥାରେ ବ୍ୟବହୃତ ଟେକ୍ନୋଲୋଜି ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତା ଆଲଗୋରିଦମ ଉପରେ ଆଧାରିତ ଏବଂ ସାଧାରଣ ଟ୍ରାଫିକ ଉଲ୍ଲଂଘନକୁ ମଧ ଠିକ୍ ଭାବେ ଚିହ୍ନଟ କରିବାରେ ଏହା ସକ୍ଷମ। ଇ ଏବଂ ଏ ସୁରକ୍ଷା ଏବଂ ଯୋଗାଯୋଗ ବିଭାଗ, ଆରଏସପି ଦ୍ୱାରା ନିଆଯାଇଥିବା ଏଭଳି ପଦକ୍ଷେପ ସଡକ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ସହ କାରଖାନାରେ ଟ୍ରାଫିକ ନିୟମ ଉଲ୍ଲଂଘନ ହ୍ରାସ କରିବା ଦିଗରେ ରାଉରକେଲା କାରଖାନାର ପ୍ରତିବଦ୍ଧତାର ଏକ ଅଂଶବିଶେଷ। ଅଟୋମେଟିକ ନମ୍ବର ପ୍ଲେଟ୍ ସ୍ୱୀକୃତି ପ୍ରଣାଳୀ ସହିତ ଏହା ପୂର୍ବରୁ କାର୍ଯ୍ୟ କରୁଛି। ରେଡ୍ ଲାଇଟ ଉଲ୍ଲଂଘନ ଚିହ୍ନଟ ସିଷ୍ଟମ କେବଳ ରୋଡ କ୍ରସିଂରେ ଦୁର୍ଘଟଣା ହ୍ରାସ କରିବାରେ ସାହାଯ୍ୟ କରିବ ନାହିଁ ବରଂ ସମ୍ଭାବ୍ୟ ଉଲ୍ଲଂଘନକାରୀଙ୍କ ପାଇଁ ଏକ ପ୍ରତିରୋଧକ ଭାବେ କାର୍ଯ୍ୟ କରିବ। ଏହାଦ୍ୱାରା ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ପାଇଁ ଏହି ଛକ ସୁରକ୍ଷିତ ହୋଇପାରିବ ବୋଲି ଆର୍‌ଏସ୍‌ପି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................


ସାଇସୌମ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ଢେଙ୍କାନାଳ ଅଫିସ,୬।୫:** ଶୌଚ ପାଇଁ ଯାଇଥିବା ଜଣେ ବୃଦ୍ଧଙ୍କ ହାତୀ ଆକ୍ରମଣରେ ଶନିବାର ମୃତ୍ୟୁ ହୋଇଛି। ଘଟଣା ଘଟିଛି ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ନେଉଳପୋଇ ଗ୍ରାମରେ। ମୃତ ବୃଦ୍ଧ ହେଲେ ନୋଉଳପୋଇର କ୍ଷୀରୋଦ ସାମଲ(୭୫)।

ସୂଚନା ଅନୁଯାୟୀ, ପୂର୍ବାହ୍ନ ୮ଟାରେ କ୍ଷୀରୋଦ ପଞ୍ଚାୟତ କାର୍ଯ୍ୟାଳୟ ପଛପାଖ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ସେଠାରେ ଥିବା ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ କ୍ଷୀରୋଦଙ୍କ ମୃତ୍ୟୁ ହୋଇଯାଇଥିଲା। କପିଳାସ ରେଞ୍ଜ ଅଧିକାରୀ ଓ କର୍ମଚାରୀମ ପହଞ୍ଚି ତଦନ୍ତ କରିଛନ୍ତି। ଗଁଦିଆ ଥାନା ଓ ଯୋରନ୍ଦା ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଗଦିଁଆ ଥାନାରେ ନଂ. ୧୧।୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଟ୍ରେନ୍ ଡଷ୍ଟବିନ୍‌ରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ଜଟଣୀ,୬।୫(ଡି.ଏନ୍.ଏ.)** ଖୋର୍ଦ୍ଧାରୋଡ୍ ରେଳ ସୁରକ୍ଷା କର୍ମଚାରୀ ଶନିବାର ସତ୍ୟସାଇ ପ୍ରଶାନ୍ତି ନିଳୟମ୍ ଏକ୍ସପ୍ରେସ ଟ୍ରେନ୍‌ର ଜେନେରାଲ ବଗି ଡଷ୍ଟବିନ୍‌ରୁ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରିଛନ୍ତି। ଶିଶୁପୁତ୍ରକୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଏହି ଟ୍ରେନ୍ ହାଓଡା ଅଭିମୁଖେ ଯାଉଥିବା ବେଳେ ଜେନେରାଲ ବଗିର ଡଷ୍ଟବିନରେ ଏକ ଶିଶୁପୁତ୍ର ପଡ଼ିଥିବା କେତେଜଣ ଯାତ୍ରୀ ଦେଖିଥିଲେ। ଏନେଇ କେହି ଜଣେ ଯାତ୍ରୀ ଆର୍‌ପିଏଫ୍ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ଶନିବାର ସକାଳ ୬ଟା ୪୦ରେ ଖୋର୍ଦ୍ଧାରୋଡ୍ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍ ପହଞ୍ଚିବା ପରେ ରେଳ ସୁରକ୍ଷା କର୍ମଚାରୀ ଶିଶୁଟିକୁ ଉଦ୍ଧାର କରିଥିଲେ ବୋଲି ଥାନା ଅଧିକାରୀ ମୁନୁ କୁମାର ଶର୍ମା କହିଛନ୍ତି। ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୋଚ'କୁ ଖବର ଦେଇଥିଲେ। ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଶିଶୁପୁତ୍ରକୁ ଖୋର୍ଦ୍ଧାରୋଡ ରେଲୱେ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଜନ୍ମ ପରେ ଶିଶୁଙ୍କୁ ଦିଆଯାଉଥିବା ପ୍ରତିଶେଧମୂଳକ ଟିକାକରଣ ପାଇଁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଟିକାକରଣ ପରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ରେଳ ସୁରକ୍ଷା କର୍ମୀଙ୍କ ଉପସ୍ଥିତିରେ ଖୋର୍ଦ୍ଧା ସିଡବ୍ଲୁସିକୁ ଶିଶୁଟିକୁ ହସ୍ତାନ୍ତର କରିଥିଲେ। ତେବେ ଶିଶୁଟିର ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଶିକ୍ଷକଙ୍କ ଗଳାକାଟି ହତ୍ୟା, ବାପାଙ୍କୁ ହାଣିଲେ ପୁଅ

## କୁଚିଣ୍ଡାରେ ପୃଥକ୍ ହତ୍ୟାକାଣ୍ଡ


ମୃତକଙ୍କ ଫାଇଲ ଫଟୋ

**କୁଚିଣ୍ଡା,୬।୫(ଡି.ଏନ.ଏ.)** ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଞ୍ଚଳରେ ଶନିବାର ପୃଥକ୍ ହତ୍ୟା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୋଟିଏ ଘଟଣାରେ ଜଣେ ଶିକ୍ଷକଙ୍କ ଗଳାକାଟି ହତ୍ୟା କରାଯାଇଥିବାବେଳେ ଅନ୍ୟ ଏକ ଘଟଣାରେ ବିବାହ ପାଇଁ ଜିଦ୍ ଧରି ପୁଅ କୋଡି ସାହାଯ୍ୟରେ ବାପାଙ୍କୁ ହତ୍ୟା କରିଛନ୍ତି। ଉଭୟ ଘଟଣାକୁ ପୋଲିସ ଗୁରୁତର ସହ ନେଇ ଛାନ୍‌ଭିନ୍ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କୁଚିଣ୍ଡା ଥାନା ୪୯ନଂ. ଜାତୀୟ ରାଜପଥର କୁଚିଣ୍ଡା ବାଇପାସ୍ ଖର୍ଲା ପୋଲ ପାର୍ଶ୍ୱରୁ ସକାଳେ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। କେହି ତାଙ୍କୁ ଗଳାକାଟି ହତ୍ୟା କରିବା ପରେ ଫିଙ୍ଗି ଦେଇଥିବା ପୋଲିସ ଅନୁମାନ କରୁଛି। ମୃତକ ହେଲେ ମହୁଲପାଲି ଥାନା କୁଚିଲାପାଲି ଗ୍ରାମର ପୃଥୀରାଜ ମହାନନ୍ଦ(୪୩) ଓରଫ ମଣ୍ଟୁ। ସେ କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୮ ମନ୍ତ୍ରୀମୁଣ୍ଡା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଥାନା ଓ ପରିବାରକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି କେସ୍ ନଂ.୯୦/୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ସମ୍ବଲପୁରରୁ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା ଚଳାଇଛି। କୁଚିଣ୍ଡା ମେଡିକାଲରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମଣ୍ଟୁ ଦୀର୍ଘବର୍ଷ ହେବ କୁଚିଣ୍ଡାରେ ଘର ଭଡା ନେଇ ରହୁଥିଲେ। ତାଙ୍କ ସ୍ତ୍ରୀ ଓ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି। ଶୁକ୍ରବାର ଅପରାହ୍ନରେ ମଣ୍ଟୁ ସ୍କୁଟି ଧରି ଘରୁ ବାହାରିଥିଲେ। ହେଲେ ରାତିରେ ଆଉ ଘରକୁ ଫେରି ନ ଥିଲେ। ଶନିବାର ସକାଳୁ ସ୍ୱାମୀଙ୍କ ହତ୍ୟା ଖବର ଶୁଣି ସ୍ତ୍ରୀଙ୍କ ହୋସ ଉଡିଯାଇଥିଲା। ଘଟଣାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଥିବା କୁଚିଣ୍ଡା ଆଇଆଇସି ଶୋଭାକର ସେଠ କହିଛନ୍ତି।

ସେହିପରି କୁଚିଣ୍ଡା ଥାନା ଅନ୍ତର୍ଗତ ଚନ୍ଦନିମାଲ ପଞ୍ଚାୟତ ତିହାଡିପାଲି ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ମଧ୍ୟାହ୍ନରେ ପରମାନନ୍ଦ ନାୟକ (୬୨)ଙ୍କୁ ନିଜ ବଡ ପୁଅ ବିକାଶ ନାୟକ(୩୦)କୋଡି ଦ୍ୱାରା ହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ହତ୍ୟାକାରୀ ପୁଅ ବିକାଶଙ୍କୁ ଗିରଫ କରିଛି। ଏ ନେଇ ଥାନାରେ କେସ୍ ନଂ.୯୧/୨୩ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଦୀର୍ଘ ଦିନ ହେବ ପୁଅ ବିକାଶ ବିବାହ ପାଇଁ ବାପା ପାଖରେ ଜିଦ ଧରି ଗଣ୍ଡଗୋଳ କରିଆସୁଥିଲେ। ଶନିବାର ମଧ ସମାନ ଘଟଣା ନେଇ ସେ ବାପାଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ବାପାଙ୍କୁ କୋଡିରେ ହାଣି ହତ୍ୟା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇ ହତ୍ୟାରେ ବ୍ୟବହୃତ କୋଡି ଜବତ କରି ଅଧିକ ତଦନ୍ତ ଜାରି ରଖିଛି।


## CLASSIFIED DISPLAY

ALL EDITION - B/W (Everyday)

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

for Booking Contact:
0674-2580385
8637280816,
7894447167, 9338226625

## ଜନ୍ମଦିନ ଶୁଭେଚ୍ଛା



ସତ୍ୟକାମ (ଗୁଲୁ), ସମାପିକା(ଟିକୁ)
ଆଜି ତୁମର ଜନ୍ମତିଥିର ଶୁଭ ଅବସରରେ ତୁମ ଦୁହିଁଙ୍କର ଦୀର୍ଘାୟୁ, ଉଜ୍ଜ୍ୱଳ ଭବିଷ୍ୟତ, ପାରିବାରିକ ସୁଖଶାନ୍ତି ପାଇଁ ଜଗନ୍ନାଥଙ୍କ ପାଦ ପଙ୍କଜରେ ପ୍ରାର୍ଥନା କରୁଛୁ।
ବୋଉ, ବାପା, ଭଉଣୀ,ଭିଣୋଇମାନଙ୍କର ଆଶୀର୍ବାଦ ସହ
ଧ-୦୨୭୩

## ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

## OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପାଠକଙ୍କ ପାଇଁ ସୂଚନା
 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଗାଁ ନିକଟରୁ ଭାଲୁ ମୃତଦେହ ଜବତ



**ଆନନ୍ଦପୁର,୬।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବନଖଣ୍ଡ ଅଧୀନ ବରାଙ୍ଗ ଜଙ୍ଗଲ ପାର୍ଶ୍ୱ କଡ଼ରାମାଳ ଗାଁ ନିକଟ ପୋଖରୀ କୂଳରୁ ଏକ ଭାଲୁର ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ଭାଲୁର ମୃତଦେହ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ରେଞ୍ଜ ଅଫିସକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡିଏଫ୍‌ଓ ଅଭୟ କୁମାର ଦଳେଇ ସୂଚନା ଦେଇଛନ୍ତି।

# ଖରାଛୁଟିରେ ଆଦର୍ଶ ବିଦ୍ୟାଳୟ ପିଲାଙ୍କୁ ଅନ୍‌ଲାଇନ ପାଠପଢ଼ା

**ଭୁବନେଶ୍ୱର,୬।୫(ବ୍ୟୁରୋ)** ଚଳିତବର୍ଷ ବିଦ୍ୟାଳୟଗୁଡ଼ିକରେ ଆଗୁଆ ଖରାଛୁଟି ହୋଇଛି। ଛାତ୍ରୀଛାତ୍ରମାନେ ଲମ୍ବା ଛୁଟି ପାଉଥିବାରୁ ଏଥିଯୋଗୁ ଯେପରି ସେମାନଙ୍କ ପାଠପଢ଼ା ବ୍ୟାହତ ନ ହେବ ସେଥିପାଇଁ ଅନ୍‌ଲାଇନ୍ କ୍ଲାସ୍‌କୁ ଗୁରୁତ୍ୱ ଦିଆଯାଇଛି। ଓଡ଼ିଆ ମାଧ୍ୟମ ପିଲାଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଗୁଣାତ୍ମକ ଶିକ୍ଷା ଦେବାକୁ ରାଜ୍ୟ ସରକାର ବ୍ଲକସ୍ତରରେ ଖୋଲିଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ରେ ଅନ୍‌ଲାଇନ୍ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ପୂର୍ବାହ୍ନରେ ଏହି କ୍ଲାସ୍ ଅନୁଷ୍ଠିତ ହେବ ଓ ଏଥିପାଇଁ ଅନ୍‌ଲାଇନ୍ ଶିକ୍ଷାଦାନ ସାରଣୀ ପ୍ରସ୍ତୁତ କରାଯିବ। ଏ ସଂକ୍ରାନ୍ତରେ ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ସମସ୍ତ ବିଦ୍ୟାଳୟକୁ ପଠାଯାଇଛି। ସେହିପରି ଜେଇଇ, ନିଟ୍ ଓ ପ୍ରତିରକ୍ଷା ଭଳି ବିଭିନ୍ନ ଜାତୀୟସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଆଇକନିକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍ କୋଚିଂ ପ୍ରଦାନ କରାଯାଉଥିବା ସୂଚନା ଦିଆଯାଇଛି।


# Classified Everyday
0674-2580101, 2549949


MATRIMONIAL

GROOM WANTED

54 ବୟସ୍କା ବିଧବା ସରକାରୀ ଚାକିରିଆ ନିଃସନ୍ତାନ, କରଣ ଝିଅଙ୍କୁ ଯେକୌଣସି ଜାତିର ଯୋଗ୍ୟ ବରପାତ୍ର ଆବଶ୍ୟକ। ଯୋଗାଯୋଗ- 7326057574. D-0249

45 ବୟସ୍କା ସୁନ୍ଦର Divorced ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ବଣିଆ, ନିଃସନ୍ତାନ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8093860535. D-0250

50 ବୟସ୍କା Divorced Bank Manager 60,000/- ଦରମା ପାଉଥିବା ଖଣ୍ଡାୟତ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 7606067313. D-0248

Wanted a groom (preferred Doctor, CA, Aeronautical Engineer) for a girl, age 29+, Ht.- 5'6", fair complexion, doctor in AIIMS Bhubaneswar. With condition, no to (caste/religion/dowry/horoscope.). Contact: 9437012201, 9776350320. D-73762

Pension Holder, କେନ୍ଦ୍ରାପଡ଼ାସ୍ଥିତ Retd. Govt. Nurse, 61ବୟସ୍କା କରଣ Widow ଝିଅଙ୍କୁ Anycaste ଘରଜ୍ୱାଇଁ ଦରକାର। 6371586968. D-0279

34 ବୟସ୍କା Govt. ଚାକିରିଆ Unmarried ଖଣ୍ଡାୟତ ଜାତିର ଅନାଥ ଝିଅଙ୍କୁ ବିବାହିତ/ ଅବିବାହିତ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8327715036. D-0278

47 ବର୍ଷର ମହିଳା PNB Bankରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-0280


REAL ESTATE

SALE

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-0263

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ନିକଟରେ ଘରବାରି, ପାଚେରି, ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-0262

1BHK flat for sale near Sundarpada, Bhubaneswar at minimum price- 9776088188. D-74856

Apartment sale near Sum Hospital Bhubaneswar. @ 4200/sqft.- Contact- 9777433701. D-74853

Land for sale near Samantarapur Bhubaneswar. Area: 2650sqft. Contact: 9090030068. D-0114

Premium 3BHK Flat for Sale with 3 Balconies, BMC approved at N1/285, IRC Village, Nayapalli, Bhubaneswar. Contact - 7978145499. D-0266

ଜାଗା ବିକ୍ରି- ଢେଙ୍କାନାଳ ସହର ବୋରାପଦାରେ ପିଚୁ ରାସ୍ତାକୁ ଲାଗି ଘରବାରି ୬୫ ଗୁଣ୍ଠ ଜାଗା ପାଚେରି ସହିତ ବିକ୍ରି ହେବ। Mob- 9438533557, 9437146868 D-74061

ବରମୁଣ୍ଡାରୁ ୧୫କି.ମି. ଦୂରରେ 30' ଫୁଟ ରୋଡ୍‌ଥାଇ ୧୦ଟି ପ୍ଲଟ୍ ବିକ୍ରିହେବ- 9938016295. D-74854

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

Gharabari Plot near CDA Bypass NH 55 Chowk, Mouza Kuspangi@399 & Baula@699/ sqft. 9178727577, 7855816205. D-0235

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74678

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849


BUSINESS

ଆତ୍ମନିର୍ଭରଶୀଳ ରୋଜଗାରକ୍ଷମ ହେବାକୁ ଚାହାନ୍ତି କି? ଫୋନ୍- 9437230026 ଭୁବନେଶ୍ୱର। D-71679

ଭୁବନେଶ୍ୱରରେ ଘରରଙ୍ଗ ଏବଂ ଘର Shifting Service ପାଇଁ ଯୋଗାଯୋଗ କରନ୍ତୁ। 9777097322. D-0225

House Colouring & Packers Movers for service at Bhubaneswar. 9777097322. D-0224


CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856. D-0206

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork-SNV Construction. 9439295469. D-74842

Construct your dream home with competitive rate and for sharing projects. Contact Besco Developers, Bhubaneswar, 7735330028, 9778855101. D-0082

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


FOR RENT

Office space 2175sqft. fully furnished office alongwith at 5, Janpath, Unit-3, Kharabela nagar behind Kalsi Petrolpump, Bhubaneswar -751001. Facilities available 12 split AC, 36 workstations, toilet, pantry, server room, lift, parking for 2wheelers. Security deposite for 6months rent at 4th floor. Contact- 9437001845. D-73378

3BHK flat available at 122A, Satyanagar for family. 9825315882, 7567765305. D-0270

4 Bedrooms, Drawing Room, Kitchen, Dining with attached Bath Rooms, Puja and Store Room (1750sqft.) with Garage. (Plot No.- 216/12), Lane- 9, Aerodrome Area, @ Rs.-30,000/- Ideal for Corporate Office/ Guest House and Residential House on long term agreement. Contact Owner- 9437837859, 9437294485, 9437689393. D-0281


Healthcare

Newly open SPA positively health benefit with expert. Contact: 7751083098. D-74537

Spa full body Massage best Therapist Gents & ladies @799/- Bhubaneswar. Kajal-9337672475. D-0260

Relax, Refresh your body, Mind at Saikrupa Spa with best therapies. 8984068077. D-0282

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

Newly open health benefits SPA special offer @ 799 Jaydev Vihar. 8018429809. D-75105

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74677


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଠରାଜକିଶୋର ଧଳ
ନିଜିଗଡକୁରୁଖି, ଜଟଣୀ, ପିପିଲି
ଆବିର୍ଭାବ-୦୧।୦୭।୧୯୪୨
ତିରୋଧାନ- ୨୮।୦୫।୨୦୨୧
ବାପା, ଚାହୁଁ ଚାହୁଁ ଆମକୁ ଛାଡି ଚାଲି ଯିବାର ଦୁଇବର୍ଷ ବିତିଗଲା। ଆପଣଙ୍କର ସେହି ସ୍ନେହ, ଶ୍ରଦ୍ଧା, ଓ ଭଲପାଇବାକୁ ପାଥେୟ କରି ଆମେ ଜୀବନର ଚଳାପଥରେ ଆଗେଇ ଚାଲିଛୁ, ସବୁଦିନ ଆପଣ ଆମ ସ୍ମୃତିରେ ରହିଛନ୍ତି ଓ ରହିଥିବେ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା
ଶୋକସନ୍ତପ୍ତ:- ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୦୨୭୪

### ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଠବଟକୃଷ୍ଣ ଚୌଧୁରୀ
ଗ୍ରାମ- ଅଲଣା, ଜିଲ୍ଲା- କଟକ
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୭୧୪୬୦

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୭ ମେ, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ର୍ୟାବିଟ୍ ହିମୋରାଜିକ୍ ଡିଜିଜ୍ ପ୍ରଥମଥର ପାଇଁ............ ଦେଶରେ ବ୍ୟାପିଥିଲା ?
୨– ରାୟାନା ବର୍ଣ୍ଣାୱି ............. ଦେଶର ପ୍ରଥମ ମହିଳା ମହାକାଶଚାରୀ ?
୩– ଭାଇବ୍ରାଣ୍ଟ ଭିଲେଜେସ୍ ପ୍ରୋଗ୍ରାମ୍............... ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି ?
୪– ୟୁଏନ୍ ଡେମୋକ୍ରାସି ଫଣ୍ଡ ............. ବର୍ଷରେ ଆରମ୍ଭ ହୋଇଥିଲା ?
୫– ଉର୍ଜା ଗଙ୍ଗା ପାଇପ୍‌ଲାଇନ୍ସ ପ୍ରୋଜେକ୍ଟ ..........ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ?

## ଗତ ଥରର ଉତ୍ତର

୧ କର୍ନାଟକ
୨ କୋନେରୁ ହମ୍ପି
୩ ଗୋଆ
୪ ବ୍ରାଜିଲ୍
୫ ସାବିତ୍ରୀ ବାଇ ଫୁଲେ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଦିବ୍ୟାଂଶୁ ସାହୁ, ନୟାଗଡ଼

## ଟପ୍ ୧୦

### ବଡ଼ ଖେଳନା କମ୍ପାନୀ




୧. ଲିଗୋ........ ଡେନ୍‌ମାର୍କ
୨. ବାଣ୍ଡାଇ ନାମ୍‌କୋ........ ଆମେରିକା
୩. ଫିଶର୍ ପ୍ରାଇସ୍........ ଆମେରିକା
୪. ବାର୍ବି ........ ଆମେରିକା
୫. ନେର୍ଫ ........ ଆମେରିକା
୬. ଡ୍ରାଗନ୍ ବଲ୍ ........ ଜାପାନ
୭. ହାସ୍‌ବ୍ରୋ........ ରୋଡେ ଆଇସ୍‌ଲାଣ୍ଡ, ଆମେରିକା
୮. ହଟ୍ ହ୍ୱିଲ୍ସ ........ ଆମେରିକା
୯. ପପ୍ ........ ଆମେରିକା
୧୦. ମାଇଁ ଲିଟଲ୍ ପୋନୀ ........ ଆମେରିକା

### ୟୁଥ୍ ଆଲର୍ଟ

# ରାତିରେ ମନା ଏହି ଖାଦ୍ୟ

ଖାଦ୍ୟ ସମସ୍ତଙ୍କ ଜୀବନର ଆଧାର। ହେଲେ ଜାଣନ୍ତି କି, ଯେକୌଣସି ଖାଦ୍ୟ ପ୍ରତ୍ୟେକ ସମୟରେ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ନୁହେଁ। କାରଣ ଏମିତି କିଛି ଖାଦ୍ୟ ରହିଛି, ଯାହାକୁ ରାତିରେ ଖାଇଲେ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ। ଜାଣିବା ରାତିରେ କ'ଣ ନ ଖାଇବା ଆବଶ୍ୟକ...



**ତେଲ ମସଲାଯୁକ୍ତ ଖାଦ୍ୟ:** ରାତ୍ର ଭୋଜନରେ ଏଭଳି ଖାଦ୍ୟକୁ ସାମିଲ କରିବା ଦ୍ୱାରା ସହଜରେ ଖାଦ୍ୟ ହଜମ ନ ହୋଇପାରି ଏସିଡିଟି, ଗ୍ୟାସ୍ ଏବଂ ଛାତି ଜଳିବା ଭଳି ସମସ୍ୟା ଉପୁଜିଥାଏ। ଏଣୁ ନିଦ୍ରାରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଏଭଳି ଖାଦ୍ୟ ରାତିରେ ଆଦୌ ଖାଆନ୍ତୁ ନାହିଁ ଏବଂ ଅନ୍ୟ ସମୟରେ ମଧ୍ୟ କମ୍ ଖାଆନ୍ତୁ। ଏହା ବଦଳରେ ଆପଣ ଅଳ୍ପ ତେଲ ମସଲାଯୁକ୍ତ ସୁଷମ ଖାଦ୍ୟ ଖାଇଲେ ସ୍ୱାସ୍ଥ୍ୟ ପ୍ରତି ହିତକର।

**ଫଳ:** କାହାକୁ ବା ପସନ୍ଦ ନୁହେଁ ଫଳ! ତେବେ ଫଳ ମଧ୍ୟରେ ବର୍ଷର ସବୁ ସମୟରେ ସହଜରେ ମିଳୁଥିବା କଦଳି ଖାଇବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ଏଥିରେ ଅନେକ ପୋଷକତତ୍ତ୍ୱ ମଧ୍ୟ ଭରି ରହିଛି। ହେଲେ ଏହାକୁ ରାତିରେ ଖାଇଲେ ହଜମ ହେବାରେ କଷ୍ଟ ହୋଇଥାଏ। ତା'ଛଡ଼ା ଏହାଦ୍ୱାରା ଛାତିରେ କଫ ଜମା ହେବାର ବି ଆଶଙ୍କା ଥାଏ।

**ଚା କିମ୍ବା କଫି:** ଅନେକଙ୍କର ସକାଳୁ ଉଠିଲେ ଏବଂ ଶୋଇବା ପୂର୍ବରୁ ଚା କିମ୍ବା କଫି ପିଇବାର ଅଭ୍ୟାସ ରହିଛି। ହେଲେ ଆପଣ ଜାଣନ୍ତି କି ଏକ ରିସର୍ଚ୍ଚ ରିପୋର୍ଟ ମୁତାବକ ରାତିରେ ଏକ କପ୍ ଷ୍ଟ୍ରଙ୍ଗ୍ କଫି ପିଇବା ଦ୍ୱାରା ଏଥିରେ ଥିବା କ୍ୟାଫିନ୍ ଯୋଗୁ ୨ ଘଣ୍ଟାର ନିଦ୍ରା ନଷ୍ଟ ହୋଇଥାଏ। ତେଣୁ ଭଲ ନିଦ୍ରା ପାଇଁ ରାତିରେ ଏସବୁ ପିଇବା ଆଦୌ ହିତକର ନୁହେଁ।

**ଚକୋଲେଟ୍:** ଖାଇ ସାରିବା ପରେ କିଛି ମିଠା କିମ୍ବା ଚକୋଲେଟ୍ ଖାଇବାକୁ ଅନେକେ ପସନ୍ଦ କରନ୍ତି। ହେଲେ ରାତିରେ ଚକୋଲେଟ୍ ଖାଇଲେ ଏଥିରେ ଥିବା କ୍ୟାଫିନ୍ ନିଦ୍ରାହୀନତାର କାରଣ ସାଜିଥାଏ। ଏହା ବ୍ୟତୀତ ଏଥିରେ ଅଧିକ ମାତ୍ରାରେ ଥିବା ଚିନି ବା ସୁଗାର ମଣିଷଠାରେ ମେଦବହୁଳତା ସମସ୍ୟା ସୃଷ୍ଟି କରିଥାଏ।



## ସ୍ୱାସ୍ଥ୍ୟ ପାଇଁ ମହୌଷଧି

# ହସ



ମୁହଁରେ ହସ ଏକ ପ୍ରଫୁଲ୍ଲ ମନର ପରିପ୍ରକାଶ, ଯାହାକି ମଣିଷ ସ୍ୱାସ୍ଥ୍ୟର ପରମ ଶତ୍ରୁ ବିଷାଦ, ମାନସିକ ଚିନ୍ତା, କ୍ରୋଧ ଆଦିକୁ ଦୂର କରେ। ଏହା ଏମିତି ଏକ ମହୌଷଧି, ଯାହା ରୋଗ ବିନାଶକାରୀ ଔଷଧଠାରୁ ବି ଅଧିକ ଉପକାରୀ...

ହସର କୌଣସି ଭାଷା ନାହିଁ। ଧନୀଠୁ ଗରିବ, ପିଲାଠୁ ବୃଦ୍ଧ ସମସ୍ତଙ୍କ ପାଇଁ ଏହା ସମାନ। ତେବେ ଏହା କେବଳ ମନର ଖୁସିକୁ ପରିପ୍ରକାଶ କରିବାର ଏକ ମାଧ୍ୟମ ନୁହେଁ, ଏହା ହେଉଛି ଏମିତି ଏକ ପ୍ରାକୃତିକ ବ୍ୟାୟାମ, ଯାହା ମଣିଷକୁ ସୁସ୍ଥ ରଖିବାରେ ବେଶ୍ ସାହାଯ୍ୟ କରେ। ତେବେ ବର୍ତ୍ତମାନ ବ୍ୟସ୍ତବହୁଳ ଜୀବନଶୈଳୀ ଭିତରେ ଖୁସି ବଦଳରେ ଚିନ୍ତା ଏବଂ ଅବସାଦରେ ଅନେକ ରହୁଥିବା ଦେଖିବାକୁ ମିଳୁଛି। ଫଳରେ ବିଭିନ୍ନ ରୋଗ ମଧ୍ୟ ବୃଦ୍ଧି ପାଉଛି, ଯାହାକୁ ଦୂର କରିବା ଲାଗି ହସ କେତେ ଉପକାରୀ ସେ ଦିଗରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ପ୍ରଥମ ରବିବାରକୁ ବିଶ୍ୱ ହାସ୍ୟ ଦିବସ ଭାବେ ପାଳନ କରାଯାଉଛି। ସର୍ବପ୍ରଥମେ ୧୯୯୮ ମସିହାରେ ଭାରତର ମୁମ୍ବାଇଠାରେ ଡା. ମଦନ କାତାରିଆଙ୍କ ତତ୍ତ୍ୱାବଧାନରେ ମେ ୧୦ ତାରିଖ ଦିନ ଏହି ଦିବସ ପାଳନ କରାଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ସମଗ୍ର ପୃଥିବୀର ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଦେଶରେ ଏହି ଦିବସ ପାଳନ କରାଯାଇଆସୁଅଛି। ଚଳିତବର୍ଷ ଏହି ଦିବସ ଅବସରରେ ଥିମ୍ ରହିଛି 'ହସ ଏବଂ ଖୁସିରେ ସମଗ୍ର ପୃଥିବୀକୁ ବଦଳାଇବାର ଶକ୍ତି ରହିଛି'।

– ପୌର୍ଣ୍ଣମାସୀ

## ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ହସ



ବର୍ତ୍ତମାନ ବିଷାଦ, ମାନସିକ ଚିନ୍ତା, କ୍ରୋଧ ଆଦି ମଣିଷ ସ୍ୱାସ୍ଥ୍ୟର ପରମ ଶତ୍ରୁ ପାଲଟିଛି। ଆଉ ଏଥିପାଇଁ ସାରା ପୃଥିବୀରେ ହୃଦ୍‌ରୋଗ ଓ ହୃଦ୍‌ଘାତ ସବୁଠୁ ବଡ଼ ଘାତକ ବ୍ୟାଧି ପାଲଟିଛି ଏବଂ ଏଥିରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ହେଲେ ଯେଉଁମାନେ ସର୍ବଦା ପ୍ରଫୁଲ୍ଲ ରହିଥା'ନ୍ତି, ସେମାନଙ୍କୁ ଚିନ୍ତା ଓ ଦୁଃଖ ଗ୍ରାସ କରେନାହିଁ। ସେମାନଙ୍କ ହୃତ୍‌ପିଣ୍ଡ ଠିକ୍ ରହିଥାଏ। କାରଣ ହୃତ୍‌ପିଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ମଣିଷର ମନ ଓ ଭାବପ୍ରବଣତା ସହ ଓତପ୍ରୋତ ଭାବେ ଜଡ଼ିତ ହୋଇଥିବାରୁ ମଣିଷ ବିଷାଦରେ ବା' ଦୁଃଖରେ ରହିଲେ ମଧ୍ୟ ତା'ର ସମଗ୍ର ଦେହ ଭାରାକ୍ରାନ୍ତ ହୋଇଥାଏ। ଏହି ପ୍ରକ୍ରିୟାରେ ହୃତ୍‌ପିଣ୍ଡରୁ ଏବଂ ହୃତ୍‌ପିଣ୍ଡକୁ ରକ୍ତ ନେବାଆଣିବା କରୁଥିବା ରକ୍ତନଳୀ ଏବଂ ରକ୍ତନଳୀର ଆଭ୍ୟନ୍ତରୀଣ ଝିଲ୍ଲୀ ମଧ୍ୟ ଆକ୍ରାନ୍ତ ହୋଇଥା'ନ୍ତି। ଭୟ, ବିଷାଦରେ ହୃତ୍‌ପିଣ୍ଡ ପ୍ରକ୍ରିୟା ବଢ଼ିବା ସହିତ ରକ୍ତନଳୀଗୁଡ଼ିକ ସଂକୁଚିତ ହୋଇଯା'ନ୍ତି ଏବଂ ରକ୍ତପ୍ରବାହରେ ବାଧା ସୃଷ୍ଟି ହୋଇଥାଏ। ଫଳରେ ମସ୍ତିଷ୍କ, ବୃକ୍କ ଆଦି ମୁଖ୍ୟ ଅଙ୍ଗଗୁଡ଼ିକ ଆବଶ୍ୟକ ପରିମାଣରେ ରକ୍ତ ପାଇପାରନ୍ତି ନାହିଁ। ଫଳରେ ହୃଦ୍‌ଘାତ ଆଶଙ୍କା ବୃଦ୍ଧିପାଏ। ହେଲେ ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ଯେଉଁମାନେ ହସିହସି ଜୀବନ ବିତାଇଥା'ନ୍ତି, ସେମାନଙ୍କଠାରେ ହୃତ୍‌ପିଣ୍ଡଜନିତ ରୋଗ, ମାନସିକ ରୋଗ କମିଯାଏ। ଯଦି ଜଣେ ଲୋକ ଦିନକୁ ୧୦–୧୫ ମିନିଟ୍ ଯାଏ ହସେ, ତେବେ ୪୦ କ୍ୟାଲୋରି ଖର୍ଚ୍ଚ ହୋଇଯାଏ। ଏହା ନିୟମିତ ଭାବରେ କଲେ ମେଦବହୁଳତା ବି ହ୍ରାସ ହୁଏ। ଥରେ ହସିଲେ ହାରାହାରି ୩୫ ମିନିଟ୍‌ଯାଏ ଦେହ ହାଲୁକା ହୋଇଯାଇଥାଏ। ଏହାଛଡ଼ା ମଣିଷର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢ଼ିଥାଏ। ହସିଲେ 'ଏଣ୍ଡୋର୍ଫିନ୍' ନାମକ ହର୍‌ମୋନ୍ ଶରୀରରୁ ନିର୍ଗତ କରାଇଥାଏ, ଯାହା ମାନସିକ ଅବସାଦକୁ ଦୂରେଇ ଦେଇଥାଏ ଏବଂ ଷ୍ଟ୍ରେସ୍ ହରମୋନ୍ କମାଇଦିଏ। ହସ ରକ୍ତଚାପ କମାଏ ଏବଂ ଶରୀରକୁ ବିଶୁଦ୍ଧ ରକ୍ତ ସଂଚାଳିତ ହୋଇଥାଏ। ଫଳରେ ହୃଦ୍‌ଘାତ ଆଶଙ୍କା କମିଥାଏ। ଏଇ ଚମତ୍କାରିତା କିଛି ମିନିଟ୍ ପାଇଁ ହୋଇଥାଏ ସତ ହେଲେ ଏହାର ସୁପ୍ରଭାବ ଘଣ୍ଟା ଘଣ୍ଟା ଧରି ରହିଥାଏ। ଏମିତିକି ଗୋଟିଏ ଘଣ୍ଟାର ହାସ୍ୟ ରସାତ୍ମକ ଚଳଚ୍ଚିତ୍ରର ଭଲ ପ୍ରଭାବ ପ୍ରାୟ ୧୨ରୁ ୨୪ ଘଣ୍ଟା ଯାଏ ରହିଥାଏ। ତେଣୁ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଔଷଧ ଖାଇବା ବଦଳରେ କିଛି ସମୟ ହୃଦୟ ଖୋଲି ହସିଲେ ମଣିଷ ସୁସ୍ଥ ରହିବ ସେଥିରେ ସନ୍ଦେହ ନାହିଁ।

– ଡା. ରମାରମଣ ଷଡ଼ଙ୍ଗୀ
ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ, କଟକ



## ଅନ୍ୟକୁ ହସାଇବାରେ ମିଳେ ଆତ୍ମସନ୍ତୋଷ



**ଆଶିଷ କୁମାର ଦାସ** (ହାସ୍ୟ ଅଭିନେତା)– ହସରେ ଏମିତି ଏକ ଯାଦୁ ରହିଛି, ଯାହା ଭାରାକ୍ରାନ୍ତ ମନକୁ ତତ୍‌କ୍ଷଣାତ୍ ରିଲାକ୍ସ କରିଦିଏ। ଏହା ଅଙ୍ଗେନିଭା ଅନୁଭୂତିରୁ କହିପାରୁଛି। ତେବେ ନିଜେ ହସିଲେ ଯେତିକି ଖୁସି ନ ଲାଗେ, ଅନ୍ୟ କାହାର ହସିବାର କାରଣ ସାଜିପାରିଲେ ତା'ଠୁ ଢେର୍ ଅଧିକ ଆତ୍ମସନ୍ତୋଷ ମିଳେ। ପିଲାବେଳୁ ହିଁ ସାଙ୍ଗସାଥୀଙ୍କଠୁ ଆରମ୍ଭ କରି ପରିବାର ସଦସ୍ୟଙ୍କ ପର୍ଯ୍ୟନ୍ତ ସଭିଙ୍କୁ ହସାଏ, ହେଲେ ଏହା ଯେ କେବେ ମୋର ପ୍ରଫେସନ୍ ପାଲଟିଯିବ ଭାବି ନ ଥିଲି। ୟୁଟ୍ୟୁବ୍‌ରେ ମିଷ୍ଟର ଗୁଲୁଆ ଭାବେ ମୋର କମେଡି ଭିଡିଓ ଦେଖି ଯେବେ ଦର୍ଶକ ହସନ୍ତି, ମୋତେ କମେଣ୍ଟ କରନ୍ତି ଅବା ଦେଖା ହେଲେ ପ୍ରଶଂସା କରନ୍ତି ଶ୍ରମ ସାର୍ଥକ ହୋଇଗଲା ଭଳି ମନେହୁଏ। ନିଜର କିଛି ସମୟ ଅଭିନୟରେ କାହାକୁ ହସାଇବା ଓ କାହା ମନରେ ଖୁସି ଆଣିଦେବାର ଆନନ୍ଦ ଅବର୍ଣ୍ଣନୀୟ। ଦର୍ଶକଙ୍କ ଭଲପାଇବା ହିଁ ମୋ ପାଇଁ ସବୁଠୁ ବଡ଼ ପୁରସ୍କାର। ମୋ ମତରେ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବା ଲାଗି ହସିବା ନିହାତି ଦରକାର। ତେଣୁ ଆଜି ବିଶ୍ୱ ହାସ୍ୟ ଦିବସରେ ସଭିଙ୍କୁ ଏହି ବାର୍ତ୍ତା ଦେବାକୁ ଚାହିଁବି ଯେ– ନିଜ ହସନ୍ତୁ, ଅନ୍ୟକୁ ହସାଇବାର କାରଣ ସାଜନ୍ତୁ ଏବଂ ସୁସ୍ଥ ରୁହନ୍ତୁ।

## ହସ ସବୁଠୁ ଭଲ ବ୍ୟାୟାମ



**ମାନସ ସାହୁ**(ଆନ୍ତର୍ଜାତିକ ବାଲୁକା ଶିଳ୍ପୀ, ପୁରୀ)– କର୍ମମୟ ଜଞ୍ଜାଳ ମଧ୍ୟରେ ଆମେ ଯେମିତି ହସିବା ଭୁଲିଗଲୁଣି। ଏହା ଏକ ଉତ୍ତମ ବ୍ୟାୟାମ। ହସିବା ସମୟରେ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗ ଚଳପ୍ରଚଳ ହୋଇ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ମନ ପ୍ରଫୁଲ୍ଲିତ ରହିଥାଏ। ବିଶ୍ୱ ହାସ୍ୟ ଦିବସ ଅବସରରେ ସମସ୍ତଙ୍କୁ ଅନୁରୋଧ ପ୍ରତିଦିନ କିଛି ସମୟ ପାଇଁ ମନ ଖୋଲି ହସନ୍ତୁ। ଜଣେ ସ୍ୟାଣ୍ଡ ଆର୍ଟିଷ୍ଟ ଭାବେ ବାଲୁକା କଳାରେ ଲୋକମାନଙ୍କର କିପରି ମନୋରଞ୍ଜନ ହେବ ସେଥିପ୍ରତି ଗୁରୁତ୍ୱ ଦେଇଥାଏ। ବେଳେ ବେଳେ ନିଜ କଳାକୃତି ମାଧ୍ୟମରେ ଅନ୍ୟକୁ ହସାଇବାର ପ୍ରୟାସ କରେ। ଅନେକ ସ୍ଥାନରେ ଫନି ଥିମ୍ ନେଇ ସ୍ୟାଣ୍ଡ ଆର୍ଟ କରେ, ବେଳେ ବେଳେ ପୁରୀ ବେଳାଭୂମିରେ ମଧ୍ୟ ମଜାଳିଆ ବାଲୁକା କାର୍ଟୁନ କରେ। ଆଉ ଯେତେବେଳେ ପର୍ଯ୍ୟଟକ ବୁଲିବା ସମୟରେ ଏହାର ମଜା ନିଅନ୍ତି, ସେଠାରେ କିଛି ସମୟ ଠିଆ ହୋଇ ହସନ୍ତି, ଏହାର ଫଟୋ ଉଠାନ୍ତି ଏବଂ ସୋସିଆଲ୍ ମିଡିଆରେ ଶେୟାର କରନ୍ତି ବହୁତ ଖୁସି ଲାଗେ।

### ଜାଣନ୍ତୁ ଦୁନିଆ

# ୟୁରୋପର ଅଜବ ପ୍ରଥା



ପୃଥିବୀର ବିଭିନ୍ନ ପ୍ରାନ୍ତରେ ଥିବା ଜନସାଧାରଣଙ୍କର ଚାଲିଚଳଣ, କଥାବାର୍ତ୍ତା ଏବଂ ପ୍ରଥା ପରସ୍ପରଠାରୁ ଭିନ୍ନ। ତେବେ ୟୁରୋପରେ ଏବେବି ଏମିତି କିଛି ପ୍ରଥାର ପ୍ରଚଳନ ରହିଛି, ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଜାଣିବା ଏଭଳି ବିଚିତ୍ର ପ୍ରଥା ସମ୍ପର୍କରେ...

**ଟମାଟିନୋ ଫେଷ୍ଟିଭାଲ:** ସ୍ପେନ୍‌ର ଭ୍ୟାଲେନ୍ସିଆନ୍ ନାମକ ଏକ ଛୋଟ ଟାଉନ୍‌ରେ ଅଗଷ୍ଟ ମାସ ତୃତୀୟ ବୁଧବାର ଦିନ ପାଳନ ହୋଇଥାଏ ଟମାଟିନୋ ଫେଷ୍ଟିଭାଲ୍, ଯେଉଁଥିରେ ପ୍ରତିବର୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଭାଗ ନେଉଥିବା ବେଳେ ପ୍ରାୟ ୪୦ ମେଟ୍ରିକ୍ ଟନ୍ ଟମାଟୋ ବ୍ୟବହାର କରାଯାଇଥାଏ। ଖୁବ୍ କମ୍ ସମୟ ପାଇଁ ଆୟୋଜିତ ଏହି ଫେଷ୍ଟିଭାଲ୍‌ରେ ମାତ୍ର ଏକ ଘଣ୍ଟା ମଧ୍ୟରେ ପରସ୍ପରକୁ ଏତେ ସଂଖ୍ୟାରେ ଟମାଟୋ ଫିଙ୍ଗିଥା'ନ୍ତି ଯେ ସହର ମଧ୍ୟରେ ଏକ ଟମାଟୋ ରସର ବନ୍ୟା ଭଳି ଦେଖାଯାଇଥାଏ।

**ଇଷ୍ଟରରେ ମହିଳାଙ୍କୁ ହୁଏ ମାଡ଼:** ଗୋଟିଏ ପର୍ବରେ ସମସ୍ତେ ମିଳିମିଶି ଖୁସି ମନାଇବା ବଦଳରେ ମହିଳାଙ୍କୁ ମାଡ଼ କାହିଁକି ହୁଏ, ଏକଥା ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚୟ। ହେଲେ ୟୁରୋପର ଜେଚ୍ ରିପବ୍ଲିକ୍‌ରେ ରହିଛି ଏଭଳି ଏକ ଅଜବ ପରମ୍ପରା। ଇଷ୍ଟର ପାଳନ ଅବସରରେ ସେଠାକାର ପୁରୁଷମାନେ ମହିଳାମାନଙ୍କୁ ଦେଖିବା ମାତ୍ରେ ଗଛର ଡାଳରେ ମାଡ଼ ମାରିଥା'ନ୍ତି। ଏହାଦ୍ୱାରା ମହିଳାଙ୍କ ପ୍ରଜନନ କ୍ଷମତା ବୃଦ୍ଧି ହେବା ସହ ପରିବାରକୁ ସୁଖ ସମୃଦ୍ଧି ଆସିଥାଏ ବୋଲି ସେଠାକାର ଲୋକେ ବିଶ୍ୱାସ ରଖନ୍ତି। ତେବେ ଏହି ମାଡ଼ ବଦଳରେ ମହିଳାମାନେ ଯୁବକମାନଙ୍କୁ ରଙ୍ଗିନ ଅଣ୍ଡା ଦେଉଥିବା ବେଳେ ମଧ୍ୟବୟସ୍କମାନଙ୍କୁ ମଦ ଉପହାର ଦେଇଥା'ନ୍ତି।



**କାଗା ଟିଓ:** ସ୍ପେନ୍‌ର କାଟାଲୋନିଆଠାରେ ଖ୍ରୀଷ୍ଟମାସ୍ ବେଳେ ଏକ ଅଜବ ପରମ୍ପରା ପାଳନ ହେଉଥିବାର ଦେଖାଯାଏ। ସେଠାକାର ଲୋକେ ଡିସେମ୍ବର ମାସ ଆରମ୍ଭରେ ଏକ ଛୋଟ କାଠଗଣ୍ଡିରେ ମୁହଁ ଭଳି ଆକୃତି ପ୍ରସ୍ତୁତ କରି ଘର ସମ୍ମୁଖରେ ରଖନ୍ତି, ଯାହାକୁ କାଗାଟିଓ କୁହାଯାଏ। ପିଲାମାନେ ଏହାର ଯତ୍ନ ନିଅନ୍ତି ଏବଂ ଖାଇବାକୁ ଦିଅନ୍ତି, ପ୍ରତିବଦଳରେ ସେ ତାଙ୍କୁ ଉପହାର ଦେବ ବୋଲି ସେମାନଙ୍କର ବିଶ୍ୱାସ ରହିଥାଏ। ଖ୍ରୀଷ୍ଟମାସ ଦିନ ପିଲାମାନେ ଏକ ସ୍ୱତନ୍ତ୍ର ଗୀତ ଗାଇ ବାଡ଼ି ସାହାଯ୍ୟରେ ଏହାକୁ ମାରିଥା'ନ୍ତି। ଶେଷରେ ସେମାନଙ୍କୁ ସେଥିରୁ ପରିବାର ସଦସ୍ୟଙ୍କ ଦ୍ୱାରା ପୂର୍ବରୁ ଲୁଚାଇ ରଖାଯାଇଥିବା ଛୋଟ ଛୋଟ ଉପହାର ଚକୋଲେଟ୍ ଆଦି ମିଳିଥାଏ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ମେ ୭/୨୦୨୩ | Bhubaneswar, Sunday, May 7/ 2023

# ଚେନ୍ନାଇର ସହଜ ବିଜୟ

ଚେନ୍ନାଇ,୬।୫(ପି.ଟି.)

ପେସ୍ ବୋଲରଙ୍କ ଘାତକ ବୋଲିଂ ଓ ଓପନିଙ୍ଗ ବ୍ୟାଟରଙ୍କ ଦୃଢ ବ୍ୟାଟିଂ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚକୁ ୬ ଉଇକେଟରେ ଜିତି ନେଇଛି ଚେନ୍ନାଇ ସୁପର କିଙ୍ଗ୍ସ। ଚେନ୍ନାଇର ତିନି ପେସ୍ ବୋଲର ଦୀପକ ଚହର, ତୁଷାର ଦେଶପାଣ୍ଡେ ଏବଂ ମଥିଶା ପଥିରାନା ନିଜ ମଧ୍ୟରେ ୭ ଉଇକେଟ ବାଣ୍ଟି ନେବାରୁ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ଜବାବରେ ଡେଭନ କନୱେଙ୍କ ୪୪ ରନ୍ ବଳରେ ଚେନ୍ନାଇ ୪ ଉଇକେଟ ହରାଇ ୧୪ ବଲ୍ ବାକିଥାଇ ମ୍ୟାଚ୍‌କୁ ଜିତି ନେଇଥିଲା। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ରାଘବ ଗୋୟଲ ଓ ମହୀଷ ଥିକ୍ସାନାଙ୍କ ସ୍ଥାନରେ ଅମ୍ବାତି ରାୟୁଡୁ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ଭାବରେ ସାମିଲ ହୋଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସର ଆରମ୍ଭ ଭଲ ରହି ନ ଥିଲା। ରୋହିତ ଶର୍ମାଙ୍କ ସ୍ଥାନରେ କାମେରନ୍ ଗ୍ରୀନ୍ ଓପନ କରିଥିବା ବେଳେ ମାତ୍ର ୬ ରନ୍ କରି ସେ ଦ୍ୱିତୀୟ ଓଭରରେ ଆଉଟ ହୋଇଥିଲେ। ତୃତୀୟ ଓଭର ବୋଲିଂ କରିଥିବା ଦୀପକ ଚହର ମାତ୍ର ୨ ରନ୍ ଦେଇ ଇଶାନ କିଶନ(୭) ଓ ରୋହିତ ଶର୍ମା(୦)ଙ୍କୁ ଆଉଟ କରିଥିଲେ। ୧୪ ରନ୍‌ରେ ୩ ଉଇକେଟ ପଡିବା ପରେ ସୂର୍ଯ୍ୟକୁମାର ଯାଦବ(୨୬) ଓ ନେହାଲ ୱଧେରା (୬୪) ଚତୁର୍ଥ ଉଇକେଟରେ ୫୫ ରନ୍ ଯୋଡିଥିଲେ। ଉଭୟ ଖେଳାଳି ୪୯ ବଲ୍ ଖେଳିଥିବା ବେଳେ ରବୀନ୍ଦ୍ର ଜାଡେଜା ଏହି ଯୋଡି ଭାଙ୍ଗିଥିଲେ। ପରବର୍ତ୍ତୀ ବ୍ୟାଟର ଟ୍ରିଷ୍ଟାନ୍ ଷ୍ଟବ୍ସ(୨୦)ଙ୍କ ସହିତ ନେହାଲ ୫୪ ରନ୍ ଯୋଡିଥିଲେ। ୧୮ ତମ ଓଭରରେ ନେହାଲଙ୍କୁ ବୋଲ୍ଡ କରି ପଥିରାନା ମୁମ୍ବାଇର ରନ୍ ହାର ଉପରେ ରୋକ୍ ଲଗାଇଥିଲେ। ୫୧ ବଲ୍ ଖେଳିଥିବା ନେହାଲ ୮ ଚୌକା ଓ ୧ ଛକା ମାରିଥିଲେ। ଏହି ୩ ଖେଳାଳିଙ୍କୁ ବାଦ ଦେଲେ ମୁମ୍ବାଇର କୌଣସି ଖେଳାଳି ଦୁଇ ଅଙ୍କ ସ୍କୋର ଛୁଇଁ ପାରି ନ ଥିଲେ। ଚେନ୍ନାଇ ପକ୍ଷରୁ ମଥିଶା ପଥିରାନା ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଦୀପକ ଚହର ଓ ତୁଷାର ଦେଶପାଣ୍ଡେ ଦୁଇଟି ଲେଖାଏ ଉଇକେଟ ନେଇଥଲେ।

୧୪୦ ରନ୍ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଜଣେ ବି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ। ସମସ୍ତ ଟପ୍ ଅର୍ଡର ଖେଳାଳିଙ୍କ ଉପଯୋଗୀ ଅବଦାନ ଫଳରେ ଦଳ ୬ ଉଇକେଟରେ ମ୍ୟାଚକୁ ଜିତି ନେଇଥିଲେ। ଦୁଇ ଓପନର ଋତୁରାଜ ଗାଏକ୍ୱାଡ(୩୦)ଓ ଡେଭନ୍ କନ୍‌ୱେ(୪୪) ପ୍ରଥମ ଉଇକେଟରେ ୪୬ ରନ୍ ଯୋଡିଥିଲେ। ଏହାପରେ ଅଜିଙ୍କ୍ୟ ରାହାନେ ୨୧ ରନ୍ କରିଥିଲେ। ଦଳୀୟ ସ୍କୋର ୮୧ ରନରେ ରାହାନେ ଆଉଟ ହୋଇଥିଲେ। ଅମ୍ବାତି ରାୟୁଡୁ ୧୨ ରନ୍ କରି ଆଉଟ ହେବା ସହ ଆଉଥରେ ବିଫଳ ହୋଇଥିଲେ। ବିଜୟ ପାଇଁ ୯ ରନ୍ ଆବଶ୍ୟକ ଥିବା ବେଳେ ଟପ୍ ସ୍କୋରର ଡେଭନ୍ କନ୍‌ୱେ ୪୪ ରନ୍ କରି ଆଉଟ ହୋଇଥିଲେ। ଶିବମ୍ ଦୁବେ ୨୬ ଓ ମହେନ୍ଦ୍ର ସିଂ ଧୋନୀ ୨ରନ୍‌ରେ ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ମୁମ୍ବାଇ ପକ୍ଷରୁ ପୀୟୁଷ ଚାୱଲା ୨ ଉଇକେଟ ନେଇଥିବା ବେଳେ ଆକାଶ ମାଧୱାଲ ଓ ଟ୍ରିଷ୍ଟାନ ଷ୍ଟବ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପଥିରାନାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ବୋଲିଂ ଆକ୍ସନରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଚେନ୍ନାଇ ସୁପର କିଙ୍ଗ୍ସର ମଥିଶା ପଥିରାନା।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୩୯/୮ (ସୂର୍ଯ୍ୟକୁମାର ଯାଦବ-୨୬, ନେହାଲ ୱଧେରା -୬୪, ଟ୍ରିଷ୍ଟାନ ଷ୍ଟବ୍ସ-୨୦, ମଥିଶା ପଥିରାନା-୩/୧୫, ତୁଷାର ଦେଶପାଣ୍ଡେ-୨/୨୬, ଦୀପକ ଚହର-୨/୧୮)।

ଚେନ୍ନାଇ ସୁପର୍ କିଙ୍ଗ୍ସ ୧୭.୪ ଓଭରରେ ୧୪୦/୪ (ଡେଭନ୍ କନ୍‌ୱେ-୪୪, ଋତୁରାଜ ଗାଏକ୍ୱାଡ-୩୦, ଶିବମ ଦୁବେ-୨୬*, ପୀୟୁଷ ଚାୱଲା-୨/୨୪, ଆକାଶ ମାଧୱାଲ-୧/୪, ଟ୍ରିଷ୍ଟାନ ଷ୍ଟବ୍ସ-୧/୧୪)।

# ସଲ୍ଟଙ୍କ ଅର୍ଦ୍ଧଶତକରେ ଜିତିଲା ଦିଲ୍ଲୀ

ନୂଆଦିଲ୍ଲୀ,୬।୫

ଅରୁଣ ଜେଟ୍‌ଲୀ କ୍ରିକେଟ ଷ୍ଟାଡିୟମରେ ଆଇପିଏଲ୍‌ର ୫୦ତମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି)କୁ ୭ ଉଇକେଟରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ବିରାଟ କୋହଲି ଓ ମହିପାଲ ଲୋମରୋର୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ଆର୍‌ସିବି ୨୦ ଓଭରରେ ୪ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ଜବାବରେ ଦିଲ୍ଲୀ ୧୬.୪ ଓଭରରେ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା। ଇଶାନ୍ତ ଶର୍ମାଙ୍କ ସ୍ଥାନରେ ରିପଲ ପଟେଲ ଓ କେଦାର ଯାଦବଙ୍କ ସ୍ଥାନରେ ହର୍ଷଲ ପଟେଲ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ ରହିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ପକ୍ଷରୁ ଡୁ ପ୍ଲେସି ୩୨ ବଲ୍‌ରୁ ୪୫ ରନ୍ କରିଥିବା ବେଳେ କୋହଲି ୪୬ ବଲ୍ ଖେଳି ୫୫ ରନ୍ କରିଥିଲେ। ପ୍ରଥମ ଉଇକେଟରେ ୮୨ ରନ୍ ଯୋଡ଼ିଥିଲେ। ଡୁ ପ୍ଲେସିଙ୍କ ଇନିଂସରେ ୫ ଚୌକା ସାମିଲ ଥିବା ବେଳେ କୋହଲି ୫ ଚୌକା ଓ ୧ ଛକା ମାରିଥିଲେ। ଲୋମରୋର ଶେଷ ଯାଏ ଅପରାଜିତ ରହି ସେ ୬ଚୌକା ଓ ୩ ଛକା ସହ ୨୯ ବଲରୁ ୫୪ ରନ୍ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମିଚେଲ ମାର୍ଶ ୨, ମୁକେଶ କୁମାର ଓ ଖଲିଲ ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଫିଲିପ୍ ସଲ୍ଟଙ୍କ ୪୫ ବଲ୍ ୮୭ ରନ୍ ବଳରେ ଦିଲ୍ଲୀ ସହଜ ବିଜୟ ହାସଲ କରିଥିଲା। ଅନ୍ୟ ଖେଳାଳିଙ୍କ ମଧ୍ୟରେ ରିଲି ରୋଷୋ ୩୫*, ମିଚେଲ ମାର୍ଶ ୨୬ ଓ ଡେଭିଡ୍ ୱାର୍ନର ୨୨ ରନ୍ କରିଥିଲେ। ଆର୍‌ସିବି ପକ୍ଷରୁ ହାଜେଲଉଡ୍, ହର୍ଷଲ ପଟେଲ ଓ କର୍ନ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୧/୪ (ମହିପାଲ ଲୋମରୋର-୫୪*, ବିରାଟ କୋହଲି-୫୫, ଫାଫ୍ ଡୁ ପ୍ଲେସି-୪୫, ମିଚେଲ ମାର୍ଶ-୨/୨୧, ମୁକେଶ କୁମାର-୧/୩୦, ଖଲିଲ ଅହମଦ-୧/୪୫)।

ଦିଲ୍ଲୀ କ୍ୟାପିଟାଲ୍ସ ୧୬.୪ ଓଭରରେ ୧୮୭/୩ (ଫିଲିପ୍ ସଲ୍ଟ-୮୭, ରିଲି ରୋଷୋ-୩୫*, ମିଚେଲ ମାର୍ଶ-୨୬, ଜୋଶ ହାଜେଲଉଡ-୧/୨୯, ହର୍ଷଲ ପଟେଲ-୧/୩୨, କର୍ନ ଶର୍ମା-୧/୩୩)।



## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଗୁଜରାଟ ବନାମ ଲକ୍ଷ୍ନୌ**
ସ୍ଥାନ: ଦିଲ୍ଲୀ,
ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ ହାଇଦ୍ରାବାଦ**
ସ୍ଥାନ: ଜୟପୁର,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୧୪ | +୦.୭୫୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୪ | ୧୩ | +୦.୪୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୪ | ୧୧ | +୦.୬୩୯ |
| ରାଜସ୍ଥାନ ରୟାଲ୍ସ | ୧୦ | ୫ | ୫ | ୧୦ | +୦.୪୪୮ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୦ | ୫ | ୫ | ୧୦ | -୦.୨୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୫ | ୫ | ୧୦ | -୦.୪୫୪ |
| ପଞ୍ଜାବ କିଙ୍ଗ୍ସ | ୧୦ | ୫ | ୫ | ୧୦ | -୦.୪୭୨ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୬ | ୬ | -୦.୧୪୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୪ | ୬ | ୮ | -୦.୫୨୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୩ | ୫ | ୬ | -୦.୫୭୭ |

# ଫେୟାର ପ୍ଲେ କମିଟିର ସଦସ୍ୟ ଅପରାଜିତା



ଭୁବନେଶ୍ୱର,୬।୫(ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ଚେସ୍ ସଂଘ ଫେୟାର ପ୍ଲେ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ଓଡ଼ିଆ ଝିଅ ତଥା ଅନ୍ତର୍ଜାତୀୟ ଚେସ୍ ଖେଳାଳି ଓ ଆର୍ବିଟର ଅପରାଜିତା ଗୋଛିକାର। ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ ଗଠିତ ଏହି କମିଟିରେ ଅପରାଜିତାଙ୍କ ସମେତ ଚାରିଜଣ ସଦସ୍ୟ ରହିଛନ୍ତି। ୪୪ତମ ଫିଡେ ଚେସ୍ ଅଲିମ୍ପିଆଡ୍‌ରେ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଫେୟାର ପ୍ଲେ ଏକ୍ସପର୍ଟ ନର୍ମ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ବିନ୍ଧ୍ୟାରାଣୀ ଦେବୀ ଜିତିଲେ ରୌପ୍ୟ

ଜିନ୍‌ହୁ (କୋରିଆ),୬।୫(ପି.ଟି.)

**ଏସୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍**

ଭାରତୀୟ ଭାରୋତ୍ତୋଳିକା ମଣିପୁରର ବିନ୍ଧ୍ୟାରାଣୀ ଦେବୀ ଏଠାରେ ଚାଲିଥିବା ଏସୀୟ ଚାମ୍ପିୟନଶିପ୍ ମହିଳା ୫୫ କେଜି ପ୍ରତିଯୋଗିତାରେ ରୌପ୍ୟ ପଦକ ଲାଭ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା ଟୋଟାଲ ଇଫୋର୍ଟରେ ୧୯୪ କେଜି (୮୩କେଜି+୧୧୧କେଜି) ଉଠାଇ ଚାମ୍ପିୟନଶିପ୍‌ର ଏହି ସଂସ୍କରଣର ପଦକ ତାଲିକାରେ ଭାରତର ଖାତା ଖୋଲିଛନ୍ତି। ସେ କ୍ଲିନ ଓ ଜର୍କ ବିଭାଗରେ ମଧ୍ୟ ରୌପ୍ୟ ଜିତିଛନ୍ତି, ହେଲେ ସେ ଅଣଅଲିମ୍ପିକ ୱେଟ୍ କାଟେଗୋରିରେ ଏହି ସବୁ ପଦକ ଜିତିଛନ୍ତି। ଚାଇନିଜ ତାଇପେର ଚେନ୍ ଗୁଆନ୍ ଲିଙ୍ଗ୍ ଟୋଟାଲ ଇଫୋର୍ଟରେ ୨୦୪କେଜି (୯୦କେଜି+୧୧୪କେଜି) ଓଜନ ଉଠାଇ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଭିଏତ୍‌ନାମର ଭୋ ଥି କ୍ୱିନ୍ ଏନ୍‌ହୁ ୧୯୨କେଜି ଓଜନ (୮୮କେଜି+୧୦୪କେଜି) ଉତ୍ତୋଳନ କରି ବ୍ରୋଞ୍ଜ ପାଇଛନ୍ତି। ୨୦୨୪ ଅଲିମ୍ପିକ କ୍ୱାଲିଫିକେଶନ ନିୟମାନୁସାରେ ଜଣେ ଲିଫ୍ଟରଙ୍କୁ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୪ ବିଶ୍ୱକପ୍‌ରେ ଅଂଶଗ୍ରହଣ ବାଧ୍ୟତାମୂଳକ। ଉପରୋକ୍ତ ଦୁଇ ଇଭେଣ୍ଟ ବ୍ୟତୀତ ଜଣେ ଲିଫ୍ଟରଙ୍କୁ ନିମ୍ନ ଉଲ୍ଲେଖିତ ପ୍ରତିଯୋଗିତାଗୁଡ଼ିକ ମଧ୍ୟରୁ ଅତିକମ୍‌ରେ ୩ଟିରେ ଭାଗ ନେବାକୁ ହେବ। ସେଗୁଡ଼ିକ ହେଲା ୨୦୨୨ ବିଶ୍ୱ ଚାମ୍ପିୟନଶିପ୍, ୨୦୨୩ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍, ୨୦୨୩ ଗ୍ରାଁ ପ୍ରି-୧, ୨୦୨୩ ଗ୍ରାଁ ପ୍ରି-୨ ଏବଂ ୨୦୨୪ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍। ଏଠାରେ ୪୯ କେଜି କାଟେଗୋରିରେ ୬ଷ୍ଠ ସ୍ଥାନ ଅଧିକାର କରିଥିବା ମୀରାବାଈ ଚାନୁ ଓ ବିନ୍ଧ୍ୟାରାଣୀ ଗତ ବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ଏହି ଦୁଇ ଜଣଙ୍କୁ ବର୍ତ୍ତମାନ ବାଧ୍ୟତାମୂଳକ ଦୁଇ ପ୍ରତିଯୋଗିତା ବ୍ୟତୀତ ଅନ୍ୟ ଏକ ଅତିରିକ୍ତ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ପଡ଼ିବ।

**କବାଡ଼ି ମହାସଂଘ ନିର୍ବାଚନ**

# ହାଇକୋର୍ଟଙ୍କ ରହିତାଦେଶ

ନୂଆଦିଲ୍ଲୀ,୬।୫(ପି.ଟି.)

ଭାରତୀୟ ଆମେଚର କବାଡି ମହାସଂଘ(ଏକେଏଫ୍‌ଆଇ)ର ନିର୍ବାଚନ ବିଜ୍ଞପ୍ତି ଉପରେ ଦିଲ୍ଲୀ ହାଇକୋର୍ଟ ରହିତାଦେଶ ଦେଇଛନ୍ତି। କବାଡି ସହ ଜଡିତ ନ ଥିବା ଅଧିକାରୀମାନଙ୍କ ଭୋଟଦାନ ଅଧିକାର ଖାରଜ ହେବାକୁ ନେଇ ଅଗତ ଯାଚିକା ଉପରେ ଶୁଣାଣି କରି କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ଖେଳ ସହ ସମ୍ପୃକ୍ତ ନ ଥିବା କାରଣରୁ ୧୩ ଜଣଙ୍କ ଭୋଟଦାନ ଅଧିକାର ଉପରେ ରୋକ ଲାଗିଥିଲା। ଜାତୀୟ ସ୍ପୋର୍ଟ୍ସ ମଡେଲ ଓ ଆଇନ ଲାଗୁ କରିବା ପରଠାରୁ ଏହି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବା ବେଳେ କୋର୍ଟଙ୍କ ପକ୍ଷରୁ ଏକେଏଫ୍‌ଆଇ ଓ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରାଯାଇଛି।

# ଭଦ୍ରକରେ ଓସିଏ ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ

ଭୁବନେଶ୍ୱର, ୬।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଭଦ୍ରକ ରେଲୱେ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ ଶନିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାର ଜୋନାଲ ଭେନ୍ୟୁ ଭଦ୍ରକରେ ୯୭ଜଣ ସ୍ପିନ ବୋଲର ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଓଡ଼ିଶା ସିନିୟର ପୁରୁଷ ଦଳ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ବ୍ୟତୀତ ଓସିଏର ଜୁନିୟର ଓ ସିନିୟର ଚୟନକର୍ତ୍ତାଗଣ, ଅମିୟ ରାୟ, ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା ଓ ଶୁଭ୍ରଜିତ୍ ସାହୁ ପ୍ରମୁଖ ପ୍ରତିଭା ଚିହ୍ନଟ କରିଥିଲେ। ଏହି କ୍ୟାମ୍ପର ଉଦ୍‌ଘାଟନ ବେଳେ ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତାଗଣ ଯଥା ସଭାପତି ଉପେନ୍ଦ୍ର ବାରିକ, ଉପସଭାପତି ଭବତୋଷ ଦାସ, ସାଧାରଣ ସମ୍ପାଦକ ଧୀରେନ ପଲାଇ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଜ୍ୟୋତିକାନ୍ତ ନାୟକ, ପଵନ ଶର୍ମା, ନରେନ ପଲାଇ ଏବଂ ଉପଦେଷ୍ଟା କମିଟି ସଦସ୍ୟ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ଦୀନେଶ ମୋଙ୍ଗିଆଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଧୀରେନ ପଲାଇ ଓ ଉପେନ୍ଦ୍ର ବାରିକ।

# କଟକ, କନ୍ଧମାଳର ସହଜ ବିଜୟ

ଭୁବନେଶ୍ୱର,୬।୫ (ସ୍ପୋର୍ଟ୍ସ ବ୍ୟୁରୋ)

**ସାହାଣୀ କପ୍ ଫୁଟ୍‌ବଲ**

୬୨ତମ ଜାତୀୟ ପୁରୁଷ ସିନିୟର ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର କ୍ୱାର୍ଟରଫାଇନାଲ ଲିଗ୍ ପର୍ଯ୍ୟାୟରେ ଶନିବାର ଖେଳାଯାଇଥିବା ଦୁଇଟି ମ୍ୟାଚରେ କଟକ ଓ କନ୍ଧମାଳ ସେମାନଙ୍କ ମ୍ୟାଚରେ ସହଜ ବିଜୟ ହାସଲ କରିଛନ୍ତି। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ଫୁଟ୍‌ବଲ ଆରେନାଠାରେ ଅନୁଷ୍ଠିତ ମ୍ୟାଚରେ କଟକ ୪-୦ ଗୋଲରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି)କୁ ହରାଇ ଦେଇଛି। ଦଳ ପକ୍ଷରୁ ପ୍ରକାଶ ନାୟକ ହ୍ୟାଟ୍ରିକ୍ ଗୋଲ୍ (୪୫ତମ, ୬୬ତମ, ୭୩ତମ ମିନିଟ) ସ୍କୋର କରିଥିବା ବେଳେ ଦୀନବନ୍ଧୁ ଦାସ ୩୩ତମ ମିନିଟରେ ଦଳ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ।

ଶିବଶଙ୍କର ପଣ୍ଡା, ଚନ୍ଦ୍ରକାନ୍ତ ବାରିକ୍, ଦୁର୍ଗା ମାଧବ ଆଚାର୍ଯ୍ୟ ଓ ଦେବରାଜ ସ୍ୱାଇଁ ମ୍ୟାଚ ଅଫିସିଆଲ ଦାୟିତ୍ୱ ତୁଲାଇଥିବା ବେଳେ ଦୁର୍ଗାମାଧବ ନାୟକ ମ୍ୟାଚ କମିଶନର ରହିଥିଲେ। କଟକସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଖୋର୍ଦ୍ଧା ବିପକ୍ଷରେ କନ୍ଧମାଳ ୩-୦ ଗୋଲ୍‌ରେ ବିଜୟୀ ହୋଇଛି। ଦଳ ପକ୍ଷରୁ ସଞ୍ଜୀବ ଓରାମ (୩୨ତମ ମିନିଟ), ରମେଶ ଓରାମ (୪୦ତମ) ଓ ରାହୁଲ ମୁଖୀ (୭୨ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏଥିରେ ଶ୍ରୀକାନ୍ତ ବହିଦାର, ସୁବ୍ରତ ପୁରୋହିତ, ବିପୁଲ ବିଦ୍ୟାଧର ଓ ଶଶିକାନ୍ତ ଦାସିଆ ମ୍ୟାଚ ଅଫସିଆଲ ଏବଂ ଯୁଗଳ କିଶୋର ଦାସ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।




ଖୋର୍ଦ୍ଧା ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍

# ଆଜି ବିଶ୍ୱ ଆଥ୍‌ଲେଟିକ୍ସ ଦିବସ

ପ୍ରତି ବର୍ଷ ମେ' ୭ ତାରିଖକୁ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ଭାବରେ ପାଳନ କରାଯାଇଥାଏ। ସମଗ୍ର ବିଶ୍ୱର କ୍ରୀଡାବିତ୍‌ଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ଏହା ସହିତ ଶିଶୁ ଓ ଯୁବକମାନଙ୍କ ମଧ୍ୟରେ ଫିଟ୍‌ନେସ୍‌କୁ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ୧୯୯୬ ମସିହାରେ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପ୍ରଥମ ଥର ପାଳନ କରାଯାଇଥିଲା। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସର ପ୍ରଚଳନ କରାଯାଇଥିଲା। ୧୯୧୨ରେ ଆଇଏଏଏଫ୍ ସ୍ଥାପନ କରାଯାଇଥିଲା। ୨୦୧୯ରେ ଏହାର ନାମ ୱାର୍ଲ୍ଡ ଆଥ୍‌ଲେଟିକ୍ସକୁ ପରିବର୍ତ୍ତନ କରାଯାଇଥିଲା। ୧୭ଟି ଦେଶର ଫେଡେରେଶନକୁ ନେଇ ସମଗ୍ର ବିଶ୍ୱରେ ଶିଶୁ ଓ ଆଥ୍‌ଲେଟମାନଙ୍କୁ ସଚେତନ କରିବା ଦିଗରେ ଆରମ୍ଭ ହୋଇଥିବା ମିଶନରେ ଏହା ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା। ତେବେ ଯୁବ ସମାଜକୁ ଅଧିକରୁ ଅଧିକ ଆକୃଷ୍ଟ କରିବା ପାଇଁ ୧୯୯୬ରେ ପ୍ରଥମ ଥର ପାଇଁ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପାଳନ କରାଯିବା ପାଇଁ ଯୋଜନା କରାଯାଇଥିଲା। ବିଭିନ୍ନ କ୍ରୀଡା ଇଭେଣ୍ଟ ଓ ସେମିନାର ଦ୍ୱାରା ସଚେତନତା ପାଇଁ ପ୍ରୟାସ କରାଯାଏ। ସମଗ୍ର ବିଶ୍ୱର ସ୍କୁଲ ଓ କଲେଜଗୁଡିକରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଏ। ଆଥଲେଟ୍‌ମାନଙ୍କୁ ଡୋପିଂ ସମ୍ପର୍କରେ ସଚେତନ କରିବା ମଧ୍ୟ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ୨୦୧୩ରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ ସ୍ଥାପନ କରାଯାଇଥିଲା।

**ନଜରରେ ଭାରତୀୟ ଆଥ୍‌ଲେଟ**




ନୀରଜ ଚୋପ୍ରା

ବିଗତ ବର୍ଷରେ ଭାରତୀୟ ଆଥ୍‌ଲେଟଙ୍କ ପ୍ରଦର୍ଶନରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇଛି। ନୀରଜ ଚୋପ୍ରା ପ୍ରଥମ ଭାରତୀୟ ଆଥ୍‌ଲେଟ ଭାବରେ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଡାଇମଣ୍ଡ ଲିଗ୍‌ରେ ମଧ୍ୟ ଏକମାତ୍ର ଭାରତୀୟ ଭାବେ ଦୁଇ ଦୁଇ ଥର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ସହିତ ଅଞ୍ଜୁ ବବି ଜର୍ଜଙ୍କ ପରେ ଦ୍ୱିତୀୟ ଭାରତୀୟ ଆଥ୍‌ଲେଟ ଭାବରେ ନୀରଜ ଏକ ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିଥିଲେ। ମୁରଲୀ ଶ୍ରୀଶଙ୍କର, ଏଲଧୋଶ ପଲ ଓ ଅବଦୁଲ ଆବୁ ବକରଙ୍କ ପରି ଖେଳାଳି ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ମହିଳା ଆଥ୍‌ଲେଟଙ୍କ ମଧ୍ୟରେ ରେସ୍ ୱାକର ପ୍ରିୟଙ୍କା ଗୋସ୍ୱାମୀ ଏବଂ ଜାଭେଲିନ୍ ଥ୍ରୋୟର ଅନୁ ରାଣୀଙ୍କ ପ୍ରଦର୍ଶନରେ ଆଖିଦୃଶିଆ ଉନ୍ନତି ଘଟିଛି। ପ୍ରିୟଙ୍କା ରେସ୍ ୱାକିଂରେ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ବିଜୟୀ ହୋଇଥିବା ବେଳେ ଅନୁ ରାଣୀ କ୍ରମାଗତ ୩ ବର୍ଷ ଧରି ବିଶ୍ୱ ମାନ୍ୟତାର ଶ୍ରେଷ୍ଠ ୫ରେ ସାମିଲ ଅଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡାରେ ସ୍ୱର୍ଣ୍ଣ ହାସଲ କରିଥିବା ଅନୁ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ